ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୨୧/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 21/2022 Page 16 ₹ 7.00 ★★★★

୪୮ଶ ଭାଗ ୧୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-


# ମିଛ ଏନ୍‌କାଉଣ୍ଟର ଧରାପଡ଼ିଲା



ପୋଲିସ ଏନ୍‌କାଉଣ୍ଟରରେ ନିହତ ୪ ଅଭିଯୁକ୍ତ। ଘଟଣାସ୍ଥଳରେ ଦେଖଣାହାରୀଙ୍କ ଭିଡ଼ । (ଫାଇଲ ଫଟୋ)

**ନୂଆଦିଲ୍ଲୀ/ହାଇଦ୍ରାବାଦ,୨୦।୫**

୨୦୧୯ ଡିସେମ୍ବର ୬ ସକାଳେ ଲୋକଙ୍କ ନିଦ ଭାଙ୍ଗି ନ ଥିବାବେଳେ ହାଇଦ୍ରାବାଦ ପୋଲିସ ଗୁଳିରେ ମରିସାରିଥିଲେ ୪ ଅଭିଯୁକ୍ତ। ଜଣେ ମହିଳା ପ୍ରାଣୀ ଚିକିତ୍ସକଙ୍କୁ କିପରି ଅପହରଣ, ଗଣବଳାତ୍କାର ପରେ ହତ୍ୟା କରି ଜାଳି ଦେଇଥିଲେ ତାହାର ରହର୍ସାଲ ପାଇଁ ପୋଲିସ ଅଭିଯୁକ୍ତମାନଙ୍କୁ ଅପରାଧସ୍ଥଳକୁ ନେଇ ଏନ୍‌କାଉଣ୍ଟର କରିଥିଲା। ପୋଲିସ ଅଧିକାରୀଙ୍କ ଗୁଳିମାଡ଼ରେ ୪ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା। ଏହି ବହୁଚର୍ଚ୍ଚିତ ତଥା ବିବାଦୀୟ ଏନ୍‌କାଉଣ୍ଟର ଫେକ୍ ଥିଲା। ପୋଲିସ ନିଜେ ମନଗଢ଼ା ତଥା ଅବିଶ୍ୱସନୀୟ କାହାଣୀ ଲେଖି ଆତ୍ମରକ୍ଷା ପାଇଁ କାର୍ଯ୍ୟାନୁଷ୍ଠାନ ନେଇଥିବା ଦର୍ଶାଇଥିଲା ବୋଲି ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତଦନ୍ତ କମିଶନ ରିପୋର୍ଟ ଦାଖଲ କରିଛନ୍ତି। ଏଥିସହ ଫେକ୍ ଏନ୍‌କାଉଣ୍ଟରରେ ସାମିଲ ଥିବା ସମସ୍ତ ୧୦ ପୋଲିସ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ପାଇଁ ସୁପାରିସ କରିଛନ୍ତି। ଉକ୍ତ ରିପୋର୍ଟକୁ ଶୁକ୍ରବାର ସାର୍ବଜନୀନ କରାଯାଇଛି।

## ■ ୧୦ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

ହାଇଦ୍ରାବାଦ ଫେକ୍ ଏନ୍‌କାଉଣ୍ଟରକୁ ନେଇ ପୋଲିସ ଅଧିକାରୀମାନଙ୍କ ବିରୋଧରେ ନିରପେକ୍ଷ ତଦନ୍ତ ପାଇଁ ସୁପ୍ରିମକୋର୍ଟରେ ଦୁଇଟି ପିଟିଶନ ଦାଖଲ କରାଯାଇଥିଲା। ଗୋଟିଏ ପିଟିଶନ ଆଇନଜୀବୀ ଜି.ଏସ୍. ମଣି ଓ ପ୍ରଦୀପ କୁମାର ଯାଦବ ଏବଂ ଅନ୍ୟଟି ଓକିଲ ଏମ୍.ଏଲ୍. ଶର୍ମା ଦାଖଲ କରିଥିଲେ। ମଣି ଓ ଯାଦବ ଏହାକୁ ଫେକ୍ ଏନ୍‌କାଉଣ୍ଟର ଦର୍ଶାଇ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର୍ କରିବାକୁ ଅନୁରୋଧ କରିଥିଲେ। ହାଇଦ୍ରାବାଦ ପୋଲିସ କେଉଁ ପରିସ୍ଥିତିରେ ଏନ୍‌କାଉଣ୍ଟର କରିଥିଲା ତାହାର ତଦନ୍ତ ପାଇଁ ୨୦୧୯ ଡିସେମ୍ବର ୧୨ରେ ସିରପୁରକର କମିଶନ ଗଠନ ☞ପୃଷ୍ଠା-୪

## ପୋଲିସ କହିଥିଲା ମନଗଢ଼ା କାହାଣୀ

୨୦୧୯ ନଭେମ୍ବର ୨୭ ସନ୍ଧ୍ୟା ୬ଟା ୧୫ରେ ହାଇଦ୍ରାବାଦର ଜଣେ ୨୭ ବର୍ଷୀୟା ମହିଳା ଭେଟେରିନାରି ଡାକ୍ତର ତାଙ୍କ ସ୍କୁଟିକୁ ଶମ୍‌ଶାବାଦ ଟୋଲ୍ ପ୍ଲାଜାରେ ରଖିବା ପରେ କ୍ୟାବ୍ ଭଡ଼ା କରି ଗାଚିବୋଲି କ୍ଲିନିକ୍‌କୁ ଯାଇଥିଲେ। ସେ ରାତି ୯ଟାରେ ଟୋଲ୍ ଗେଟ୍‌କୁ ଫେରି ସ୍କୁଟିର ଟାୟାର ପଙ୍କଚର ହୋଇଯାଇଥିବା ଦେଖିଥିଲେ। ସେଠାରେ ତାଙ୍କୁ ସାହାଯ୍ୟ କରିବା ପାଇଁ ୪ ଯୁବକ ଆଗେଇ ଆସିଥିଲେ। ଭୟରେ ପୀଡ଼ିତା ନିଜ ସାନଭଉଣୀଙ୍କୁ ଫୋନ୍ କରି ତାଙ୍କ ସହ କଥା ଜାରି ରଖିବାକୁ କହିଥିଲେ। କିନ୍ତୁ କିଛି ସମୟ ପରେ ହଠାତ୍ ପୀଡ଼ିତାଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ଥାନାରେ ନିଖୋଜ ଏତଲା ଦେଇଥିଲେ। ପରଦିନ ଟୋଲ୍ ପ୍ଲାଜା ନିକଟ ଏକ ନିର୍ମାଣାଧୀନ ବ୍ରିଜ୍ ତଳେ ପୀଡ଼ିତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଠାବ ହୋଇଥିଲା। ୨୯ ତାରିଖରେ ପୋଲିସ ୪ ଅଭିଯୁକ୍ତ ମହମ୍ମଦ ଆରିଫ (ଟ୍ରକ୍ ଡ୍ରାଇଭର), ଜୋଲୁ ଶିବା, ଜୋଲୁ ନବୀନ ଓ ଚିନ୍ତାକୁଣ୍ଟା ଚେନ୍ନାକେଶବୁଲୁଙ୍କୁ ଗିରଫ କରିଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ବଡ଼ ବିତର୍କ ଲୋଡ଼ା

# କିଏ ବା କହିବ

ତେଲଙ୍ଗାନାର ମହିଳା ପ୍ରାଣୀ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ଘଟଣାର ୪ ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟର କରି ୬ ଡିସେମ୍ବରରେ ମାରିଦେବା ବିଷୟ ପ୍ରଘଟ ହେବା ପରେ ଦେଶବ୍ୟାପୀ ଏକ ଉତ୍ସବ ପାଲଟିଯାଇଥିଲା। ଏ ବିଷୟ ପ୍ରାୟ ସବୁ ଗଣମାଧ୍ୟମରେ ବିସ୍ତୃତ ଆଲୋଚନା ହୋଇସାରିଛି। ଅନେକ ମତ ପ୍ରକାଶ ମଧ୍ୟ ପାଇଛି। ବ୍ୟବସ୍ଥା ବିରୋଧରେ କ୍ରୋଧ, ଲୋକଙ୍କୁ ନିଜ ହାତରେ ଆଇନକୁ ନେବାକୁ ଆକର୍ଷିତ କରୁଛି। ଏହାର ମୂଳ କାରଣ ଅନେକ ଥାଇପାରେ। କିନ୍ତୁ ମୁଖ୍ୟତଃ ଏହା ଲୋକଙ୍କୁ ହିଂସା ଘଟାଇବା ପାଇଁ ଏକ ଲାଇସେନ୍ସ ଯୋଗାଇ ଦେଇଛି। ଭାରତୀୟ ନ୍ୟାୟ ବ୍ୟବସ୍ଥା ଉପରେ ତଥାକଥିତ କ୍ରୋଧ ପ୍ରକାଶ କରୁଥିବା ବ୍ୟକ୍ତି ଏବେ ହାଇଦ୍ରାବାଦର ପୋଲିସ ଗୁଳିରେ ଅଭିଯୁକ୍ତ ୪ ବଳାତ୍କାରୀଙ୍କୁ ହତ୍ୟା କରିବା ବିଷୟକୁ ସ୍ୱାଗତ କରୁଛନ୍ତି। ଏପରିକି ଅନେକ ଶିକ୍ଷିତ ବ୍ୟକ୍ତି ଏହି ଘଟଣାକୁ ଉଚିତ ଜବାବ କହି ଉତ୍‌ଫୁଲ୍ଲିତ ହେଉଛନ୍ତି। ଚିନ୍ତାର ବିଷୟ ହେଉଛି ଯେ, ଗୋଟିଏ ପଟେ ପ୍ରତିଶୋଧର ନିଆଁରେ ଉଡ଼ିଯାଉଥିବା ସମାଜ ତାହାର ଖୁସି ବ୍ୟକ୍ତ କରୁଥିବା ବେଳେ ଅନ୍ୟପଟେ ବାସ୍ତବ ସ୍ଥିତିକୁ ପ୍ରଶ୍ନ କରିବାକୁ ଭୁଲିଯାଉଛି।

ଏହା ସ୍ୱୀକାର କରିବାକୁ ହେବ ଯେ, ପୃଥିବୀର ଅଧିକାଂଶ ଗରିବ ଦେଶ ଭଳି ଭାରତର ଅସଂଖ୍ୟ ଦରିଦ୍ରଙ୍କ ପାଇଁ ସାମାଜିକ ବ୍ୟବସ୍ଥା ଓ ନ୍ୟାୟ ଏକ ଭିନ୍ନ ରୂପ ଧାରଣ କରିଥାଏ। କେବଳ ସହରାଞ୍ଚଳର ବସ୍ତି ନୁହେଁ, ଅନେକ ଗ୍ରାମାଞ୍ଚଳରେ ମଧ୍ୟ ମହିଳା ଏବଂ ଅପ୍ରାପ୍ତ ବୟସ୍କ ପିଲାଙ୍କୁ ଯୌନ ନିର୍ଯାତନା ଓ ଆକ୍ରମଣ କରାଯାଉଛି। ଗୋଟିଏ ଝିଅ ତା'ର ନିଜ ପରିବାର ଭିତରେ ମଧ୍ୟ ଅସୁରକ୍ଷିତ ରହୁଛି। ସେଭଳି ପରିସ୍ଥିତିରେ ସମର୍ଥନ ଦେବା ପାଇଁ ଭଉଣୀ କିମ୍ବା ମା' ମଧ୍ୟ ଆଗେଇ ଆସନ୍ତି ନାହିଁ। ଏଭଳି ପରିସ୍ଥିତି ଅଧିକାଂଶ ପରିବାରରେ ଦେଖିବାକୁ ମିଳିଥାଏ। ଅପରପଟେ ଯୁବ ମରଦଙ୍କୁ ସାମାଜିକ ଶିକ୍ଷା ମିଳେ ନାହିଁ। ସେଥିପାଇଁ ପଡ଼ୋଶୀର ଝିଅ କିମ୍ବା ସ୍ତ୍ରୀକୁ ଆକ୍ରମଣ କଲା ପରେ କୌଣସି ପ୍ରତିକ୍ରିୟା ପରିବାର କିମ୍ବା ସାହି ପଡ଼ିଶାରୁ ଉଠେନାହିଁ। ଅର୍ଥାତ୍ ସେହିଭଳି ଯୌନ ଆକ୍ରମଣ କରୁଥିବା ଯୁବକ ଭାବିନିଏ ଯେ, ଏଭଳି କାର୍ଯ୍ୟ କରିବା ସତ୍ତ୍ୱେ କୌଣସି ଦଣ୍ଡ ମିଳେନାହିଁ। ଅନ୍ୟ ଭାଷାରେ କହିବାକୁ ଗଲେ ବଳାତ୍କାର କରିବା ପାଇଁ ସେଇ ଯୁବକର ମନରେ ସାହସ ବଢ଼ିଯାଏ। ଦାରିଦ୍ର୍ୟରେ ରହୁଥିବା ସମାଜର ଏଭଳି ପରିସ୍ଥିତି କେବଳ ଭାରତରେ ନୁହେଁ, ମେକ୍ସିକୋ, ଚିଲି, ବ୍ରାଜିଲ୍ ଏବଂ ଆଫ୍ରିକା ମହାଦେଶର ଅନେକ ଦେଶରେ ଦେଖିବାକୁ ମିଳୁଛି। ଅନ୍ୟ ରାଷ୍ଟ୍ରଗୁଡ଼ିକର ଏଭଳି ମନସ୍ତାତ୍ତ୍ୱିକ ଆକ୍ରମଣ ସମ୍ପର୍କରେ ଅନେକ ଗବେଷଣା କରାଯାଉଥିବା ବେଳେ ଭାରତୀୟ ସମାଜର ବିଭିନ୍ନ ସ୍ତରରେ ଏଥିପ୍ରତି ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି। ସେହି ଗରିବ ଯୁବକ ତା' ନିଜ ସମାଜରେ ବଳାତ୍କାର କରି ଚଲାବୁଲା କରୁଥିବା ବେଳେ ଯଦି ଗୋଟିଏ ମଧ୍ୟବିତ୍ତ ବର୍ଗର ନାରୀ ଉପରେ ଅତ୍ୟାଚାର କରିଦେଉଛି, ତେବେ ଗଣମାଧ୍ୟମର ଦୃଷ୍ଟି ଯୋଗୁ ଦେଶବ୍ୟାପୀ ଅଗ୍ନିକାଣ୍ଡ ଘଟିଯାଉଛି। ଭାରତର ଗ୍ରାମାଞ୍ଚଳରେ ଓ ସହରର ବସ୍ତି ଅଞ୍ଚଳରେ ବଳାତ୍କାର ଏକ ଦୈନନ୍ଦିନ ବ୍ୟାପାର ପାଲଟି ଗଲାଣି। ହାଇଦ୍ରାବାଦ ଭଳି ବଡ଼ ସହରଠାରୁ ଆରମ୍ଭ କରି ଉନ୍ନାଓ ପର୍ଯ୍ୟନ୍ତ ଭାରତୀୟ ସମାଜର ଯେଉଁ ଇନ୍ଦ୍ରଧନୁ ଦୃଶ୍ୟମାନ ହେଉଛି, ସେଥିରେ ସବୁ ଶ୍ରେଣୀର ମିଶ୍ରଣ ହୋଇ ଯାଉଥିବା ଭଳି ମନେହେଉଛି। ପରିସ୍ଥିତି ଏମିତି ହୋଇଗଲାଣି ଯେ, କ୍ୱଚିତ୍ ବନ୍ଧୁ ବା ପରିବାର ନିକଟରେ ନିଜ ପରିବାରର ମହିଳାଙ୍କୁ ଛାଡ଼ିବା ପ୍ରାୟ ସମସ୍ତଙ୍କ ପାଇଁ କଷ୍ଟକର ହୋଇପଡ଼ିଲାଣି, ଯାହାକି ପୂର୍ବରୁ ଭାରତୀୟ ପରିବାରରେ ଅତି ସାଧାରଣ ଘଟଣା ଥିଲା। ଏଠାରେ ସଂସ୍କାର, ଧର୍ମ କିମ୍ବା ନୈତିକତାର ପ୍ରଶ୍ନ ଉଠାଯାଇପାରିବ ନାହିଁ। ମଧ୍ୟବିତ୍ତ ପରିବାର ଯେଉଁ କେତୋଟି ବିଶ୍ୱାସକୁ ଧରିବସିଛି, ତାହା ଅରାଜକତାର ସମୁଦ୍ରରେ ଛୋଟିଆ ଦ୍ୱୀପ ଭଳି ମନେହେଉଛି। କେବଳ ସ୍କୁଲ, କଲେଜ ଶିକ୍ଷା ଲାଭ କରି ଶିକ୍ଷିତ ହୋଇଥିବା ବ୍ୟକ୍ତିଙ୍କୁ ପ୍ରକୃତ ଶିକ୍ଷିତ କହିବା ଅସମ୍ଭବ। ପାଠପଢ଼ାରୁ ନୁହେଁ, ପରିବାର ଏବଂ ଚତୁଃପାର୍ଶ୍ୱରେ ଘଟୁଥିବା ଅବିଚାର ଅଧିକାଂଶ ଲୋକଙ୍କ ଉପରେ ପ୍ରଭାବ ପକାଇଥାଏ। ☞ପୃଷ୍ଠା-୪

**୯ ଡିସେମ୍ବର ୨୦୧୯ରେ ଧରିତ୍ରୀ ସମ୍ପାଦକୀୟ ପୃଷ୍ଠାରେ ଏହି ସମ୍ପାଦକୀୟ ପ୍ରକାଶ ପାଇଥିଲା। ଯେତେବେଳେ ହାଇଦ୍ରାବାଦ ଏନ୍‌କାଉଣ୍ଟରକୁ ନେଇ ସମଗ୍ର ଦେଶରେ ଉତ୍‌ଫୁଲ୍ଲତା ପ୍ରକାଶ ପାଉଥିଲା, ସେତେବେଳେ ଏହି ସମ୍ପାଦକୀୟରେ ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ କଠୋର ଭାଷାରେ ସମାଲୋଚନା କରିଥିଲୁ। ଆଜି ସେହି ସମ୍ପାଦକୀୟକୁ ପୁନଃ ପ୍ରକାଶ କରୁଛୁ।**




**ଉଡ଼ାଣ ବେଳେ ଏୟାର ଇଣ୍ଡିଆ ବିମାନ ଇଞ୍ଜିନ ଅଚଳ**

ଏୟାର ଇଣ୍ଡିଆର ଏକ ବିମାନ ଗୁରୁବାର ବେଙ୍ଗାଲୁରୁ ଅଭିମୁଖେ ଉଡ଼ାଣ ଆରମ୍ଭ କରିବାର ୨୭ ମିନିଟ ପରେ ଏହାର ଗୋଟିଏ ଇଞ୍ଜିନ ଅକାମୀ ହୋଇଯିବାରୁ ମୁମ୍ବାଇ ବିମାନବନ୍ଦରକୁ ଫେରିଆସିବାକୁ ପଡ଼ିଛି। ଘଟଣାର ତଦନ୍ତ ଲାଗି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଦୁଇ ଇଞ୍ଜିନ ବିଶିଷ୍ଟ ଏୟାରବସ୍ ଏ୩୨୦ର ଗୋଟିଏ ଇଞ୍ଜିନ ଖରାପ ହୋଇଯିବାରୁ ଜରୁରୀ ଅବତରଣ ଲାଗି ପାଇଲଟ୍ ନିଷ୍ପତ୍ତି ନେଇଥିଲେ।



## ସଂକ୍ଷେପରେ

### ଲାଲୁଙ୍କ ଘରେ ସିବିଆଇ ଚଢ଼ାଉ

**ନିଯୁକ୍ତି ବଦଳରେ ଜମି ଦୁର୍ନୀତି**

**ନୂଆଦିଲ୍ଲୀ,୨୦।୫ :** ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ଝିଅ ମିସା ଭାରତୀଙ୍କର ୧୭ଟି ସ୍ଥାନରେ ଥିବା ଘର ଉପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶୁକ୍ରବାର ଚଢ଼ାଉ କରିଛି। ଲାଲୁ ରେଳମନ୍ତ୍ରୀ ଥିବାବେଳେ ପ୍ରାର୍ଥୀମାନଙ୍କୁ ଜମି ବଦଳରେ ନିଯୁକ୍ତି ଦିଆଯାଇଥିଲା। ଯାଦବ ପରିବାର ସମ୍ପୃକ୍ତ ଥିବା ବିଭିନ୍ନ କମ୍ପାନୀ ବିହାରର ବିଭିନ୍ନ ଅଞ୍ଚଳରୁ ମୂଲ୍ୟବାନ ସମ୍ପତ୍ତି ସଂଗ୍ରହ କରିଥିଲେ। ସିବିଆଇ କେତେଜଣ ପ୍ରାର୍ଥୀଙ୍କ ବୟାନ ରେକର୍ଡ କରିଛି। ସିବିଆଇର ପ୍ରାଥମିକ ତଦନ୍ତ ଆଧାରରେ ଲାଲୁ ଓ ମିସା ଭାରତୀଙ୍କ ନାଁରେ ଏତଲା ଦାଏର ହୋଇଛି। ଗୋଖାଦ୍ୟ ଦୁର୍ନୀତି ମାମଲାରେ ଲାଲୁ ଜାମିନ ପାଇବାର କିଛି ସପ୍ତାହ ପରେ ସେ ପୁଣି ଏକ ଦୁର୍ନୀତିରେ ଛନ୍ଦିହୋଇ ପଡ଼ିଛନ୍ତି। ସେ ୫ଟି ଗୋଖାଦ୍ୟ ଦୁର୍ନୀତି ମାମଲାରୁ ୪ଟିରେ ଦୋଷୀସାବ୍ୟସ୍ତ ହୋଇସାରିଛନ୍ତି।

### ଜେଲ ଗଲେ ସିଦ୍ଧୁ

**ପଟିଆଲା,୨୦।୫ :** ଦୀର୍ଘ ୩୪ ବର୍ଷ ତଳର ଏକ ସଡ଼କ ହିଂସା ମାମଲାରେ ସୁପ୍ରିମକୋର୍ଟ କଂଗ୍ରେସ ନେତା ନବଜ୍ୟୋତ ସିଂ ସିଦ୍ଧୁଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଦେବାର ଦିନକ ପରେ ସେ ଶୁକ୍ରବାର ପଟିଆଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍) ଅମିତ ମଲ୍ହାନଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ବିଚାରପତି ତାଙ୍କ ଦୋଷୀସାବ୍ୟସ୍ତ ୱାରେଣ୍ଟରେ ସ୍ୱାକ୍ଷର କରିବା ସହ ପଟିଆଲା କେନ୍ଦ୍ରୀୟ ଜେଲକୁ ପଠାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ ଚେକ୍‌ଅପ୍ ପରେ ସିଦ୍ଧୁଙ୍କୁ ଜେଲ ପଠାଇଦିଆଯାଇଛି। ନିକଟରେ ଅସ୍ତ୍ରୋପଚାର କରାଇ ଚିକିତ୍ସାଧୀନ ଥିବା ୫୮ ବର୍ଷୀୟ ସିଦ୍ଧୁଙ୍କୁ ସ୍ୱତନ୍ତ୍ର ଖାଦ୍ୟ ଓ ଔଷଧର ଆବଶ୍ୟକତା ରହିଛି ବୋଲି ତାଙ୍କ ଓକିଲ ଏଚ୍.ପି.ଏସ୍. ବର୍ମା କୋର୍ଟଙ୍କୁ କହିଥିଲେ। ଅଦାଲତ ତାଙ୍କ ଅନୁରୋଧ ରକ୍ଷା କରିବେ ବୋଲି ଆଇନଜୀବୀ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ୧୯୮୮ରେ ରାସ୍ତାରେ ଗାଡ଼ି ପାର୍କିଂକୁ ନେଇ ବଚସାରୁ ସିଦ୍ଧୁ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିଥିଲେ। ପରେ ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା।

### ମୁକୁଳିଲେ ଇନ୍ଦ୍ରାଣୀ ମୁଖାର୍ଜୀ

**ମୁମ୍ବାଇ,୨୦।୫**

ଝିଅ ଶିନା ବୋରା ହତ୍ୟା ମାମଲାରେ ଅଭିଯୁକ୍ତ ପୂର୍ବତନ ଗଣମାଧ୍ୟମ କାର୍ଯ୍ୟନିର୍ବାହୀ ଇନ୍ଦ୍ରାଣୀ ମୁଖାର୍ଜୀ ଶୁକ୍ରବାର ମୁମ୍ବାଇର ବାଇକୁଲା ମହିଳା ଜେଲରୁ ମୁକ୍ତ ହୋଇଛନ୍ତି।



ସୁପ୍ରିମକୋର୍ଟ ବୁଧବାର ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ୨୦୧୨ ଏପ୍ରିଲରେ ଶିନା ବୋରା (୨୪)ଙ୍କୁ ହତ୍ୟା କରାଯାଇଥିଲା। ଏହାର ୩ ବର୍ଷ ପରେ ଇନ୍ଦ୍ରାଣୀଙ୍କ ପୂର୍ବତନ ଡ୍ରାଇଭର ଶ୍ୟାମବର ରାୟ ଗିରଫ ହେବା ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା। ଇନ୍ଦ୍ରାଣୀ ତାଙ୍କ ପୂର୍ବତନ ସ୍ୱାମୀ ସଞ୍ଜୀବ ଖାନ୍ନାଙ୍କ ସହାୟତାରେ ଏକ କାର ମଧ୍ୟରେ ଶିନାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ ବୋଲି ଡ୍ରାଇଭର ଜେରା ବେଳେ ପୋଲିସକୁ କହିଥିଲା। ଏହାର ୪ ଦିନ ପରେ ପୋଲିସ ଇନ୍ଦ୍ରାଣୀଙ୍କୁ ଗିରଫ କରିଥିଲା।



ଫ୍ଲୋରିଡାର ଜୁପିଟର ଇନ୍‌ଲେଟ୍ ଉପକୂଳ ଗଭୀର ଜଳରେ ସ୍କୁବା କମ୍ପାନୀ ଏମେରାଲ୍ଡ ଚାର୍ଟର୍ସର ଜଣେ ଡାଇଭର ଫଟୋ ଉଠାଉଥିବାବେଳେ ତାଙ୍କ କ୍ୟାମେରା ଲେନ୍ସର ନିକଟତର ହୋଇଛି ଏକ ସାର୍କ ।

## ପେଗାସସ୍ ତଦନ୍ତ ରିପୋର୍ଟ ଦାଖଲ ସୀମା ବଢ଼ିଲା

**ନୂଆଦିଲ୍ଲୀ,୨୦।୫(ପି.ଟି.)**

ସୁପ୍ରିମକୋର୍ଟ ଶୁକ୍ରବାର ଇସ୍ରାଏଲୀ ସ୍ପାଏୱେର ପେଗାସସ୍‌ର ଅପବ୍ୟବହାର ମାମଲାର ତଦନ୍ତ ରିପୋର୍ଟ ଦାଖଲ ସମୟସୀମା ବଢ଼ାଇଛନ୍ତି। ରିପୋର୍ଟ ଦାଖଲ ପରେ ଜୁଲାଇରେ ପରବର୍ତ୍ତୀ ଶୁଣାଣି ହେବ। ପେଗାସସ୍ ପ୍ରଭାବିତ ୨୯ ମୋବାଇଲ୍ ଫୋନ୍‌ର ଯାଞ୍ଚ କରାଯାଉଛି। ଏଥିପାଇଁ ଆଉ ୪ ସପ୍ତାହ ସମୟ ଲାଗିବ ବୋଲି ପେଗାସସ୍ ବିବାଦର ତଦନ୍ତ କରୁଥିବା ସୁପ୍ରିମକୋର୍ଟ ନିଯୁକ୍ତ ଟେକ୍‌ନିକାଲ ଓ ସୁପରଭାଇଜରି କମିଟି କହିଥିଲା। ପ୍ରଧାନ ବିଚାରପତି (ସିଜେଆଇ) ଏନ.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, କମିଟି ସ୍ପାଏୱେର ଯାଞ୍ଚ କରିବା ଲାଗି ୨୯ଟି ମୋବାଇଲ ଫୋନ ଗ୍ରହଣ କରିଛି। ଏଥିପାଇଁ ଏକ ସଫ୍ଟୱେରର ବିକାଶ କରାଯିବା ସହ କେତେକ ସରକାରୀ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ନୋଟିସ କରାଯାଇଛି। ଭାରତର କେତେଜଣ ରାଜନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ ଗୋପନ ତଥ୍ୟ ସଂଗ୍ରହ କରିବା ଲାଗି ପେଗାସସ୍ ସ୍ପାଏୱେର ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର, ଅଶୋକ ଲାଭାସା, କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ପଟେଲ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୋବାଇଲ ଫୋନ୍ ନମ୍ବର ରହିଥିବା ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ କନ୍‌ସୋର୍ଟିୟମ ରିପୋର୍ଟ ପ୍ରକାଶ କରିବା ପରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ୨୦୨୧ ଅକ୍ଟୋବର ୨୭ରେ ସର୍ବୋଚ୍ଚ ଅଦାଲତ ଏହାର ତଦନ୍ତ ଲାଗି ଏକ କମିଟି ଗଠନ କରିଥିଲେ।

# ମସ୍କଙ୍କ ନାଁରେ ଯୌନ ଉତ୍ପୀଡ଼ନ ଅଭିଯୋଗ

**ଓକ୍‌ଲାଣ୍ଡ,୨୦।୫**

■କର୍ପୋରେଟ୍ ଜେଟ୍‌ରେ ମହିଳା ଆଟେଣ୍ଡାଣ୍ଟଙ୍କୁ ମାଗିଥିଲେ ଅନୁଗ୍ରହ

■ରଫାଦଫା ପାଇଁ ସ୍ପେସେକ୍ସ ଦେଇଥିଲା ୨୫୦,୦୦୦ ଡଲାର

ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ତଥା ଟେସ୍‌ଲା ସିଇଓ ଏଲନ୍ ମସ୍କଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ୨୦୧୬ରେ ସ୍ପେସେକ୍ସ ମାଲିକ ମସ୍କ ନିଜ କମ୍ପାନୀର ଏକ ପ୍ରାଇଭେଟ୍ ଜେଟ୍‌ରେ ଯାତ୍ରାବେଳେ ଜଣେ ମହିଳା କର୍ମଚାରୀଙ୍କୁ ଯୌନ ଉତ୍ପୀଡ଼ନ କରିଥିବା ଅଭିଯୋଗ ହୋଇଛି। ଏପରି କି ଏହି ମାମଲାକୁ ରଫାଦଫା କରିବା ପାଇଁ ସ୍ପେସେକ୍ସ ୨୦୧୮ରେ ତାଙ୍କୁ ୨୫୦,୦୦୦ ଡଲାର ଦେଇଥିବା ସମ୍ପୃକ୍ତ ଆଟେଣ୍ଡାଣ୍ଟଙ୍କ ଜଣେ ବାନ୍ଧବୀ ପ୍ରଘଟ କରିଛନ୍ତି। ଏନେଇ ମସ୍କ ନିଜ ପ୍ରତିକ୍ରିୟାରେ ଅଭିଯୋଗ ଆଣିଥିବା ବାନ୍ଧବୀଙ୍କୁ ମିଛୁଆ ଅଭିହିତ କରି ଏପରି କୌଣସି ଘଟଣା ଘଟି ନ ଥିବା କହିଛନ୍ତି।

'ବିଜ୍‌ନେସ୍ ଇନ୍‌ସାଇଡର'ରେ ପ୍ରକାଶିତ ରିପୋର୍ଟ ଅନୁସାରେ ମସ୍କ କୁଆଡେ ଲଣ୍ଡନ ଯାତ୍ରା ବେଳେ ଫ୍ଲାଇଟ୍‌ର ମହିଳା ଆଟେଣ୍ଡାଣ୍ଟଙ୍କ ପଛପଟେ ଘଷି ହୋଇଥିଲେ। ଏଥିସହ ଫ୍ଲାଇଟ୍‌ରେ ମସାଜ୍ ବେଳେ ତାଙ୍କୁ ଅଧିକ ଯୌନ ଅନୁଗ୍ରହ ଦେଖାଇଲେ ଆଟେଣ୍ଡାଣ୍ଟଙ୍କ ପାଇଁ ଏକ ଘୋଡ଼ା କିଣିଦେବେ ବୋଲି କହିଥିଲେ। ମହିଳା ଜଣକ ପ୍ରଥମେ ମସ୍କଙ୍କ ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ। ତେବେ ସେ ଚାକିରିରୁ ବିଦା ହୋଇପାରନ୍ତି ବୋଲି ଆଶଙ୍କା କରି ରାଜି ହୋଇଥିଲେ। ୨୦୧୮ରେ ମହିଳାଙ୍କୁ ମୁହଁ ନ ଖୋଲିବା ପାଇଁ ମସ୍କଙ୍କ କମ୍ପାନୀ ସ୍ପେସେକ୍ସ ୨୫୦,୦୦୦ ଡଲାର ଦେଇଥିଲେ। ବାନ୍ଧବୀ ଆହୁରି କହିଛନ୍ତି, ମସ୍କ ହେଉଛନ୍ତି ବିଶ୍ୱର ସବୁଠୁ ଧନୀ। ସେ ଏତେ ଶକ୍ତିଶାଳୀ ଯେ, କାହାରି ବି କ୍ଷତି କରିପାରିବେ ଏବଂ ଅର୍ଥ ଦେଇ ମାମଲା ରଫାଦଫା କରିପାରିବେ, ଯାହାକି ଦାୟିତ୍ୱହୀନ। ଏପରି ମାମଲାରେ ଆପଣ ନୀରବ ରହିଲେ ସେହି ବ୍ୟବସ୍ଥାର ଅଂଶ ପାଲଟିଯାଆନ୍ତି, ଯାହା ମସ୍କଙ୍କ ଭଳି ଲୋକଙ୍କୁ ଭୁଲ୍ କାର୍ଯ୍ୟ ଭିଆଇବାକୁ ପ୍ରେରିତ କରିଥାଏ। ରିପୋର୍ଟ ଅନୁସାରେ ଏହା ଉପରେ ମସ୍କଙ୍କ ମତାମତ ଲୋଡ଼ାଯାଇଥିଲା। ଉତ୍ତର ଦେବା ପାଇଁ ସେ ପ୍ରଥମେ ସମୟ ମାଗିଥିଲେ। ପରେ ମସ୍କ ଟୁଇଟ୍ କରିଥିଲେ, ଷ୍ଟୋରିରେ ଆହୁରି ବହୁତ କଥା ଅଛି। ଯଦି ସେ ଯୌନ ଶୋଷଣରେ ଲିପ୍ତ ଥାଆନ୍ତେ ତେବେ ତାଙ୍କର ୩୦ ବର୍ଷର କ୍ୟାରିୟରରେ ପୂର୍ବରୁ ଏଭଳି ଅଭିଯୋଗ କାହିଁକି ଆସିନାହିଁ। ତାଙ୍କ ବିରୋଧରେ



ହୋଇଥିବା ଏହି ଆକ୍ରମଣକୁ ରାଜନୈତିକ ଦୃଷ୍ଟିରୁ ଦେଖାଯିବା ଉଚିତ। ଏହା ହେଉଛି ସେମାନଙ୍କ ଷ୍ଟାଣ୍ଡାର୍ଡ ପ୍ଲେବୁକ୍। କିନ୍ତୁ ଲୋକଙ୍କ ଅଭିବ୍ୟକ୍ତି ସ୍ୱାଧୀନତା ପାଇଁ ଲଢ଼େଇରୁ ତାଙ୍କୁ କୌଣସି ଅଭିଯୋଗ ବିଚ୍ୟୁତ କରିପାରିବ ନାହିଁ।

## ଆୟକର ଛାଡ଼ ସୁବିଧା ନେବେନି ସିଇସି



ରାଜୀବ କୁମାର

**ନୂଆଦିଲ୍ଲୀ,୨୦।୫(ପି.ଟି.)**

ତ୍ୟାଗର ନିଦର୍ଶନ ସ୍ୱରୂପ ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାର ଏବଂ ନିର୍ବାଚନ କମିଶନର (ଇସି) ଅନୁପ ଚନ୍ଦ୍ର ପାଣ୍ଡେ ସେମାନଙ୍କୁ ମିଳୁଥିବା ଆୟକର ଛାଡ଼ ଓ ଅନ୍ୟାନ୍ୟ ସୁବିଧା ନ ନେବାକୁ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ସିଇସି ଏବଂ ଇସିଙ୍କୁ ନିର୍ବାଚନ କମିଶନ ଆଇନ, ୧୯୯୧ ଧାରା ୩ ଅନୁଯାୟୀ ମୋଟା ଅଙ୍କର ବେତନ ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ମିଳିଥାଏ। ଏତ୍‌ଦ୍ ବ୍ୟତୀତ ସେମାନଙ୍କୁ ମାସିକ ୩୪,୦୦୦ ଟଙ୍କା ବ୍ୟୟ ସମ୍ପର୍କିତ ଭତ୍ତା ମିଳୁଥିବାବେଳେ ଏହା ଉପରେ ଆୟକର ଦେବାକୁ ପଡ଼ି ନ ଥାଏ। ଏତଦ୍‌ବ୍ୟତୀତ ସେମାନଙ୍କୁ ବର୍ଷକୁ ୩ଟି ଏଲ୍‌ଟିସି (ଛୁଟି ଭ୍ରମଣ ରିହାତି) ମିଳିଥାଏ, ଯେଉଁଥିରୁ ସେମାନେ ଦୁଇଟିକୁ ସରେଣ୍ଡର କରିପାରିବେ। ଉକ୍ତ ସୁବିଧା ନ ନେବାକୁ ରାଜୀବ କୁମାର ଓ ପାଣ୍ଡେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଜୀବଙ୍କର ଏହା ଥିଲା ପ୍ରଥମ ବୈଠକ।

## ବାରାଣସୀ କୋର୍ଟକୁ ଗଲା ଜ୍ଞାନବାପି ମାମଲା

**ନୂଆଦିଲ୍ଲୀ,୨୦।୫(ପି.ଟି.)**

**ସୁପ୍ରିମକୋର୍ଟ କହିଲେ ଅଭିଜ୍ଞ ବିଚାରପତି ଶୁଣାଣି କରିବେ**

ଜ୍ଞାନବାପି ମସ୍‌ଜିଦକୁ ନେଇ ହିନ୍ଦୁ ଭକ୍ତଙ୍କ ପକ୍ଷରୁ ଦାଏର ସିଭିଲ୍ ସୁଟ୍‌କୁ ସୁପ୍ରିମକୋର୍ଟ ଶୁକ୍ରବାର ସିଭିଲ୍ ଜଜ୍ (ସିନିୟର ଡିଭିଜନ)ରୁ ବାରାଣସୀ ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର କରିଛନ୍ତି। ମାମଲାର ଜଟିଳତା ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଅଧିକ ଅଭିଜ୍ଞତା ଥିବା ବିଚାରପତି ଏହାର ଶୁଣାଣି କରିବେ ବୋଲି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼, ସୂର୍ଯ୍ୟକାନ୍ତ ଏବଂ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ କହିଛନ୍ତି। ମେ' ୨୩ରୁ ଜିଲା ଜଜ୍ କୋର୍ଟରେ ମାମଲାର ଶୁଣାଣି ଆରମ୍ଭ ହେବ। ପ୍ରଥମେ ମସ୍‌ଜିଦ କମିଟି ଦାଖଲ କରିଥିବା ଆବେଦନକୁ ସିପିସିର ଅର୍ଡର ୭ ରୁଲ୍ ୧୧ରେ ବିଚାର କରିବା ଲାଗି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ପରିଚାଳନା ସମ୍ପର୍କିତ ମାମଲାର ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଶିବଲିଙ୍ଗ ମିଳିଥିବା ସ୍ଥାନର ସୁରକ୍ଷା ଏବଂ ମସ୍‌ଜିଦ ପରିସରରେ ନମାଜ ପାଠ ଲାଗି ସୁପ୍ରିମକୋର୍ଟ ଗତ ୧୭ ତାରିଖରେ ଦେଇଥିବା ଅନ୍ତରୀଣ ନିର୍ଦ୍ଦେଶନାମା ବଳବତ୍ତର ରହିବ।

ଜ୍ଞାନବାପି ମସ୍‌ଜିଦ ପରିସର ସର୍ଭେ ସମ୍ପର୍କିତ ରିପୋର୍ଟର କିଛି ଅଂଶ ଗଣମାଧ୍ୟମକୁ ଲିକ୍ ହେବା ଘଟଣାରେ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ବାରାଣସୀ କୋର୍ଟରେ ଗୁରୁବାର ସର୍ଭେ ରିପୋର୍ଟ ଜଉମୁଦ ଲଫାପାରେ ଦାଖଲ ହୋଇଥିଲା। ଏହାର କିଛି ସମୟ ପରେ ଜଣେ ହିନ୍ଦୁ ଆବେଦନକାରୀ ରିପୋର୍ଟର କେତେକ ତଥ୍ୟ ପ୍ରକାଶ କରିଥିଲେ।

## କଡ଼ା ସୁରକ୍ଷାରେ ନମାଜ ପାଠ

**ବାରାଣସୀ,୨୦।୫(ପି.ଟି.)**

ଜ୍ଞାନବାପି ମସ୍‌ଜିଦ ସର୍ଭେ ରିପୋର୍ଟରେ ସେଠାରେ ହିନ୍ଦୁ ଦେବଦେବୀଙ୍କ ଭଗ୍ନାବଶେଷ ଥିବା ଜଣାପଡ଼ିବା ପରେ ବିବାଦ ବଢ଼ିଛି। ଫଳରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଶୁକ୍ରବାର ସେଠାରେ ନମାଜ ପାଠ କରାଯାଇଛି। ନମାଜକୁ ଦୃଷ୍ଟିରେ ରଖି କାଶୀ ବିଶ୍ୱନାଥ ମନ୍ଦିରର ୪ ନମ୍ବର ଗେଟ୍‌ରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ୱାଜୁଖାନା ସିଲ୍ ହୋଇଥିବାରୁ ନମାଜ ପାଠ ଲାଗି ବହୁସଂଖ୍ୟାରେ ନ ଆସିବା ଲାଗି ପୂର୍ବରୁ ଅଞ୍ଜୁମନ ଇନ୍ତାଜାମିୟା ମସ୍‌ଜିଦ କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଅପିଲ କରାଯାଇଥିଲା। ମସ୍‌ଜିଦ ପରିସରରୁ ଶିବଲିଙ୍ଗ ମିଳିବା ଏବଂ ପଶ୍ଚିମ ପାର୍ଶ୍ୱ କାନ୍ଥରେ ଦେବଦେବୀଙ୍କ ମୂର୍ତ୍ତି ଥିବାରୁ ହିନ୍ଦୁ ଭକ୍ତମାନେ ସେଠାରେ ପୂଜାର୍ଚ୍ଚନା ଲାଗି କୋର୍ଟଙ୍କ ଅନୁମତି ମାଗିଥିଲେ। ଫଳରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶିବଲିଙ୍ଗ ମିଳିଥିବା ସ୍ଥାନ ୱାଜୁଖାନାକୁ ସିଲ୍ କରିଦିଆଯାଇଛି। ଅଧିକାଂଶ ଭକ୍ତଙ୍କୁ ଫେରାଇ ଦିଆଯାଇଥିଲା ଓ ଅନ୍ୟମାନଙ୍କୁ ଶାନ୍ତିଶୃଙ୍ଖଳାର ସହ ନମାଜ ପାଠ କରିବାକୁ ଅନୁମତି ଦିଆଯାଇଥିଲା ବୋଲି କମିଟି ସଚିବ ଏମ୍.ଏସ୍. ଯାସିନ କହିଛନ୍ତି।



## ଟ୍ୟାଙ୍କର-ଟ୍ରକ୍ ଧକ୍କା: ୯ ଦଗ୍ଧ

**ଚନ୍ଦ୍ରପୁର,୨୦।୫**

ମହାରାଷ୍ଟ୍ରର ଚନ୍ଦ୍ରପୁର ସହର ଉପକଣ୍ଠରେ ଏକ ଡିଜେଲ ବୋଝେଇ ଟ୍ୟାଙ୍କର ଏବଂ ଟ୍ରକ୍ ମଧ୍ୟରେ ଧକ୍କା ଲାଗି ଅଗ୍ନିକାଣ୍ଡ ଘଟିବାରୁ ୯ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଟ୍ରକ୍‌ରେ କାଠ ବୋଝେଇ ହୋଇଥିଲା। ଚନ୍ଦ୍ରପୁର ନିକଟ ଅଜୟପୁରରେ ଗୁରୁବାର ରାତି ୧୦ଟା ୩୦ରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ସମସ୍ତ ୯ ଜଣଙ୍କର ମୃତ୍ୟୁ ହୋଇଥିଲା ବୋଲି ପୋଲିସ କହିଛି।

## ନିର୍ମାଣାଧୀନ ସୁଡ଼ଙ୍ଗ ଭୁଶୁଡ଼ିଲା

**ଜମ୍ମୁ,୨୦।୫**

**ଜଣେ ମୃତ, ୯ ନିଖୋଜ**

ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଏକ ନିର୍ମାଣାଧୀନ ସୁଡ଼ଙ୍ଗର କିଛି ଅଂଶ ଭୁଶୁଡ଼ି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ୯ ଜଣଙ୍କ ପତ୍ତା ମିଳୁନାହିଁ। ସେମାନେ ଭଗ୍ନାବଶେଷ ତଳେ ପୋତି ହୋଇପଡ଼ିଥିବାବେଳ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁରୁବାର ରାତି ୧୦ଟା ୧୫ରେ ସୁଡ଼ଙ୍ଗ ଭୁଶୁଡ଼ିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଭଗ୍ନାବଶେଷ ତଳେ ରହିଯାଇଥିବା ଶ୍ରମିକଙ୍କ ବଞ୍ଚିବା ଆଶା କ୍ଷୀଣ ବୋଲି ଜଣେ ଅଧିକାରୀ କହିଛନ୍ତି। ଖୁନି ନାଲା ନିକଟ ଜାତୀୟ ରାଜପଥର ଟି୩ ଅଡିଟ୍ ଟନେଲ ଭୁଶୁଡ଼ି ପଡ଼ିଥିଲା। ଫଳରେ ସେଠାରେ କାର୍ଯ୍ୟରତ ଥିବା ସାରଳା କମ୍ପାନୀର ୧୧-୧୨ ଜଣ ଶ୍ରମିକ ଭଗ୍ନାବଶେଷ ତଳେ ପୋତିହୋଇ ପଡ଼ିଥିଲେ।



# ମଦ ପାଇଁ ନେପାଳରେ ବିହାରୀ

**ନୂଆଦିଲ୍ଲୀ,୨୦।୫**

ବିହାରରେ ମହିଳାଙ୍କ ପ୍ରତି ଘରୋଇ ହିଂସା ବଢ଼ିବାରେ ଲାଗିଥିଲା। ମଦକୁ ଏହାର କାରଣ ଭାବେ ଧରିନେଇ ମହିଳାମାନେ ରାଜ୍ୟରେ ନିଶା ବିରୋଧୀ ଆନ୍ଦୋଳନ ଚଳାଇଥିଲେ। ୨୦୧୫ ବିଧାନସଭା ନିର୍ବାଚନ ବେଳେ ପ୍ରଚାର ପାଇଁ ଯାଇଥିବା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଗାଁରେ ମହିଳାମାନେ ମଦ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ନୀତୀଶ ମହିଳାଙ୍କ ଭୋଟରେ ବିଜୟୀ ହୋଇ ପୁନର୍ବାର କ୍ଷମତାସୀନ ହେବା ପରେ ପ୍ରତିଶ୍ରୁତି ରକ୍ଷାକରି ବିହାରରେ ମଦ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କଲେ। କିନ୍ତୁ ତାଙ୍କ ରାଜ୍ୟର ନିଶାସକ୍ତମାନେ ବିନା ମଦରେ ରହିପାରିଲେ ତ। ବିହାରରେ ମଦ୍ୟପାନର ଦୃଶ୍ୟ ଏବେ ପଡ଼ୋଶୀ ନେପାଳ ସୀମାକୁ ଡେଇଁଛି। ନେପାଳୀ ମଦଭାଟି ଓ ବାର୍‌ଗୁଡ଼ିକ ସାମ୍ନାରେ ପ୍ରତ୍ୟହ ସଂଖ୍ୟାଧିକ ବିହାରୀ ନମ୍ବର



ପ୍ଲେଟ୍ ସଂଲଗ୍ନ ବାଇକ୍ ନିଜ ଆରୋହୀଙ୍କୁ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳୁଛି।

ନେପାଳୀ ମହିଳାମାନେ ଶସ୍ତାରେ କିଣାକିଣି ପାଇଁ ସୀମା ଅତିକ୍ରମ କରି ଭାରତ ପଟକୁ ଆସି ସନ୍ଧ୍ୟାରେ ଫେରିଯାଆନ୍ତି। ଅନୁରୂପ ଭାବେ ବିହାରୀ ପୁରୁଷମାନେ ମଦ ପାଇଁ ସୀମା ଡେଉଁଛନ୍ତି। ରାସ୍ତାକଡ଼ ବାର୍‌ଗୁଡ଼ିକ ରାତି ୯ଟାରେ ବନ୍ଦ ହେବା ପର୍ଯ୍ୟନ୍ତ ମଦ୍ୟପାନ କରି ଫେରୁଛନ୍ତି। ରାଜନୈତିକ କାର୍ଯ୍ୟକଳାପଜନିତ ଉତ୍ତେଜନାକୁ ବାଦ୍ ଦେଲେ ଅଧିକାଂଶ ସମୟରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସୀମାନ୍ତବାସୀଙ୍କ ବିସ୍ତୃତ ଆର୍ଥିକ ଚୟନ କ୍ଷମତାକୁ ଏକ ଖୋଲା ନୀତି କିଭଳି ସହାୟକ ହୋଇଛି, ଏହି ଦୃଶ୍ୟ ହେଉଛି ତା'ର ଉତ୍କୃଷ୍ଟ ଦୃଷ୍ଟାନ୍ତ। ଏଠାରେ ପରିବହନର ସହଜ ମାଧ୍ୟମ ମୋଟରସାଇକେଲର ଆବଶ୍ୟକତା କଥା ଦେଖିଲେ ସ୍ପେୟାର ପାର୍ଟ୍ସ ଭାରତରେ କମ୍ ଦାମ୍‌ରେ ମିଳୁଥିବାବେଳେ ପେଟ୍ରୋଲ ନେପାଳରେ ଶସ୍ତା। ୨୦୧୬ରେ ବିହାରରେ ମଦ ବ୍ୟାନ୍ ହେବା ପରେ ୪୦୦ ମାଇଲ ବ୍ୟାପୀ ସୀମା ସେପଟେ ଥିବା ବାର୍ ଓ ରେଷ୍ଟୁରାଣ୍ଟଗୁଡ଼ିକୁ ନେଇଏକ କ୍ଷୁଦ୍ରଶିଳ୍ପ ଗଢ଼ିଉଠିଛି ବିହାରୀଙ୍କ ତୃଷା ମେଣ୍ଟାଇବା ପାଇଁ।

ବିହାରରେ ମଦ ପିଇ ପ୍ରଥମ ଥର ଧରା ପଡ଼ିଲେ ୨୦୦୦ରୁ ୫୦୦୦ ଟଙ୍କା ଜରିମାନା କିମ୍ବା ମାସେ ଜେଲ। ଅଭ୍ୟାସଗତ ମଦୁଆଙ୍କ ପାଇଁ ଜେଲ ଦଣ୍ଡ ବର୍ଷେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ମତରେ ମଦ ବନ୍ଦ ରାଜ୍ୟରେ ହିଂସା ଓ ଅପରାଧର ଗ୍ରାଫ୍‌କୁ ତଳକୁ ଖସାଇଛି। ତେବେ ଏହି ବ୍ୟାନ୍ ଯୋଗୁ କେତେକ ଚ୍ୟାଲେଞ୍ଜ ମଧ୍ୟ ସୃଷ୍ଟି ହୋଇଛି। କୋର୍ଟଗୁଡ଼ିକ ଉପରେ ମଦ ମାମଲା ବୋଝ ପାଲଟିଥିବାବେଳେ ରାଜ୍ୟ ରାଜକୋଷ ବହୁ କୋଟି ଟଙ୍କାର ଅବକାରୀ ଟିକସ ହରାଉଛି। ଅଥଚ ବିହାରକୁ ଚାଲାଣ ହୋଇ ମଦ ଆସୁଛି। ଦୁଇ ତିନିଗୁଣା ଦରରେ ବ୍ଲାକ୍‌ରେ ବିକ୍ରି ହେଉଛି। ତେଣୁ ଶସ୍ତାରେ ମଦ ପିଇବାକୁ ସୀମା ଡେଇଁଲେ ଅସୁବିଧା କ'ଣ ବୋଲି ଜଣେ ବିହାରୀ ଚାଷୀ ପ୍ରଶ୍ନ କରିଛନ୍ତି। ସେ ଏକ ହୋଟେଲରେ ତୃଷା ମେଣ୍ଟାଇବା ପରେ ଆଉ ଗୋଟିଏ ବୋତଲ ନିଜ ଗାମୁଛାରେ ଗୁଡ଼ାଇ ଧରିଥିଲେ। ଫେରିବା ପୂର୍ବରୁ କହିଥିଲେ, ମୋତେ ଆଦୌ ନିଶା ହୋଇନାହିଁ। ସୀମାନ୍ତ ସହର ଜଲେଶ୍ୱର ନିବାସୀ ନେପାଳୀ ଅଧ୍ୟାପକ ଉମେଶ ଯାଦବଙ୍କ ମତରେ ଜନକପୁରର ଶୀତତାପ ନିୟନ୍ତ୍ରିତ ହୋଟେଲ ବାର୍‌ଗୁଡ଼ିକରେ ବିଦେଶୀ ଇମ୍ପୋର୍ଟେଡ୍ ମଦ ଅନେକ ବିହାରୀଙ୍କୁ ଆକର୍ଷିତ କରିଥାଏ। ଏକ ଖୋଲା ସୀମାର ଆର୍ଥିକ ସୁଯୋଗ ଛୋଟକାଟିଆ ଅସୁବିଧାଠାରୁ ଅଧିକ ଲାଭଦାୟକ। କେତେଜଣ ବ୍ୟକ୍ତି ମାତାଲ ହେବା ପରେ ପାଟିତୁଣ୍ଡ କରିଥାଆନ୍ତି। କିନ୍ତୁ ସେମାନଙ୍କୁ ସମ୍ଭାଳିବା ପାଇଁ ପୋଲିସ ମଧ୍ୟ ଜଗି ରହିଥାଏ। ସୀମା ସଂଲଗ୍ନ ଏକ ଗାଁରେ ବାର୍ କରିଥିବା ଜଣେ ମାଲିକ କହିଛନ୍ତି, ସେ ସେଠାରେ ସିସିଟିଭି କ୍ୟାମେରା ଲଗାଇଥିଲେ। କିନ୍ତୁ କିଛିଦିନ ମଧ୍ୟରେ ସମସ୍ତ ଗ୍ରାହକ ଉଭାନ ହୋଇଗଲେ।

**ସୌଜନ୍ୟ: ଏନ୍‌ୱାଇଟି**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୬୧,୧୦,୬୩୩ | ୬୨,୯୭,୬୩୫ | ୪୯,୫୮,୭୩,୦୨୦ |
| ଭାରତ | ୪,୩୧,୩୧,୮୨୨ | ୫,୨୪,୩୨୩ | ୪,୨୫,୯୨,୪୫୫ |
| ଓଡ଼ିଶା | ୧୨,୮୮,୩୪୯ | ୯୧୨୬(+୫୩) | ୧୨,୭୯,୦୫୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ରାମ୍‌କୋ ସିମେଣ୍ଟକୁ କାରଣ ଦର୍ଶାଅ ନୋଟିସ

**ଯାଜପୁର ଅଫିସ,୨୦।୫**

- ତତ୍ପରତା ଦେଖାଇଲା ଏସ୍‌ପିସିବି
- ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାସପୁର ଅଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣ ସୃଷ୍ଟି କରିଥିବା ରାମ୍‌କୋ ସିମେଣ୍ଟ କାରଖାନାକୁ ଗୁରୁବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) କାରଣ ଦର୍ଶାଅ ନୋଟିସ ଦେଇଛି। ବୋର୍ଡର ସଦସ୍ୟ ସଚିବ କାରଖାନା କର୍ତ୍ତୃପକ୍ଷଙ୍କୁ ଜାରି କରିଥିବା ଉକ୍ତ ନୋଟିସ(ପତ୍ରସଂଖ୍ୟା ୮୬୯୦/୧୯।୫।୨୦୨୨)ରେ ୧୫ ଦିନ ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ବିଭିନ୍ନ ଅନିୟମିତତା ସଂକ୍ରାନ୍ତରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। କାରଖାନା କର୍ତ୍ତୃପକ୍ଷଙ୍କ ଉତ୍ତର ଯଦି ସନ୍ତୋଷଜନକ ନ ହୁଏ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାରଖାନା ମାଲିକଙ୍କ ରାଜ୍ୟ କ୍ଷମତା କେନ୍ଦ୍ରରେ ପ୍ରଭୂତ ପ୍ରଭାବ ରହିଥିବା ପ୍ରଚାରିତ ହେଉଥିବାରୁ ଓ ଅତୀତରେ କାରଖାନାକୁ ରାଜନୈତିକ ଓ ପ୍ରଶାସନିକ ସୁରକ୍ଷା ମିଳିଥିବାରୁ ବୋର୍ଡ କର୍ତ୍ତୃପକ୍ଷଙ୍କ ଏହି ପଦକ୍ଷେପକୁ ଲୋକେ ଦୁଃସାହସିକ ବୋଲି ଅଭିହିତ କରୁଛନ୍ତି। ସୂଚନାଥାଉ କି ରାମ୍‌କୋ ସିମେଣ୍ଟର ପ୍ରଦୂଷଣ ସଂକ୍ରାନ୍ତରେ ଗତ ୧୦ ତାରିଖରେ ଧରିତ୍ରୀରେ 'ଚାପରେ ଚେପା ତଦନ୍ତ ରିପୋର୍ଟ' ଶୀର୍ଷକ ଖବର ପ୍ରକାଶ ପାଇଥିଲା।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର, ଗୁଆରଙ୍ଗ, ଖୁଣ୍ଟା, ବାଟିଜଙ୍ଗା, ଟେଲର, ଥାନୁଆଳ, ଜୋଗଡା, ମୁରାରୀପୁର, ନାନପୁର, ହରିଦାସପୁର, ଉଡଙ୍ଗା, ବାଜବାଟି, ଭାତୁରୁପୋଷି ଓ ରଥିଆ ଆଦି ଗ୍ରାମର ବାସିନ୍ଦା ରାମ୍‌କୋ କାରଖାନାର ପ୍ରଦୂଷଣରେ ଅତିଷ୍ଠ ହୋଇପଡ଼ିଛନ୍ତି। ଗ୍ରାମବାସୀ ଜିଲାପାଳ, ଉପଜିଲାପାଳ, ଏସ୍‌ପିସିବି ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ କିଛି ସୁଫଳ ମିଳିପାରି ନ ଥିଲା। ଧରିତ୍ରୀରେ ଏନେଇ ନିୟମିତ ଭାବେ ଖବର ପ୍ରକାଶ ପାଇବା ପରେ ଗତ ମାର୍ଚ୍ଚରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟରୁ ଏକ ସ୍ୱତନ୍ତ୍ର ବୈଜ୍ଞାନିକ ଦଳ ରାମ୍‌କୋ ସିମେଣ୍ଟ କାରଖାନାର ପାରିପାର୍ଶ୍ୱିକ ସ୍ଥିତି ଉପରେ ଅନୁଧ୍ୟାନ କରିଥିଲେ। ଅନୁଧ୍ୟାନରେ ପ୍ରାୟ ୧୨୦ ପାର୍ଟିକୁଲେଟ ମେଟର (ପିଏମ୍) ୧୦ ଠାରୁ ଅଧିକ ବାୟୁ ପ୍ରଦୂଷଣ, କାରଖାନାର ବେଗ ଫିଲ୍‌ଟର କାମ ନ କରିବା ଆଦି ଅନିୟମିତତା ହେଉଥିବା ଏହି ଦଳ ଜାଣିବାକୁ ପାଇବା ସହ ଏସ୍‌ପିସିବି ସଦସ୍ୟ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ସେହି ରିପୋର୍ଟ ଆଧାରରେ ଏସ୍‌ପିସିବିର ସଦସ୍ୟ ସଚିବ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡିଛି। ଉକ୍ତ ନୋଟିସରେ ବାୟୁ ପ୍ରଦୂଷଣ ପରମିସେବୁଲ ଲିମିଟ୍ ବାହାରେ ରହିଥିବା, ଷ୍ଟେମ୍ ଏମିଶନ କାର୍ଯ୍ୟକାରୀ କରୁ ନ ଥିବା, ଅନ୍‌ଲାଇନ୍ ଡାଟା ମନିଟରିଂ ସିଷ୍ଟମ୍ କାର୍ଯ୍ୟକାରୀ ନ ହେବା, ଧୂମନଳୀରେ ବିଷାକ୍ତ ଧୂଆଁ ବାହାରୁଥିବା, ଧୂଳିଧୂଆଁରେ ଅଞ୍ଚଳ ପ୍ରଦୂଷିତ ହେବା, କାରଖାନା ପରିସରର ବର୍ଷା ଜଳକୁ ଉପଚାର ନ କରି ବାହାରକୁ ଛାଡ଼ିବା ଆଦି ଅନିୟମିତତା ଉପରେ ଦର୍ଶାଯାଇଛି। ଏହିସବୁ ଅନିୟମିତତାର ୧୫ ଦିନ ମଧ୍ୟରେ ସମାଧାନ କରିବାକୁ ବୋର୍ଡ ନିର୍ଦ୍ଦେଶ ଦେଇଛି। ନଚେତ୍ ଆଇନ ଅନୁଯାୟୀ କାରଖାନାକୁ ବନ୍ଦ କରାଯାଇପାରେ ବୋଲି ମଧ୍ୟ ଚେତାବନୀ ମିଳିଛି।

ସୂଚନାଯୋଗ୍ୟ, ଏସ୍‌ପିସିବିର ସର୍ତ୍ତ ଅନୁଯାୟୀ କାରଖାନା ପରିସରର ବୁନ୍ଦାଏ ବି ପାଣି ବାହାରକୁ ଛଡ଼ାଯାଇପାରିବ ନାହିଁ। କିନ୍ତୁ ସିମେଣ୍ଟ ଗୁଣ୍ଡ ତିଆରି ପାଇଁ ବିଭିନ୍ନ କଞ୍ଚାମାଲ, ରାସାୟନିକ ଦ୍ରବ୍ୟ ଆଦି ମିଶା କାରଖାନାର ପାଣି ନିକଟସ୍ଥ ଏକ ନାଳରେ ବୋହୁଛି। ଏଥିଯୋଗୁ ସେହି ନାଳ ପ୍ରଦୂଷିତ ହୋଇ ପରୁଣିଆ ନିକଟରେ ଗେଙ୍ଗୁଟି ନଦୀରେ ମିଶୁଛି। ଏହାଦ୍ୱାରା ଆଖପାଖ ଅଞ୍ଚଳବାସୀ ଜଳ ପ୍ରଦୂଷଣର ଶିକାର ହେଉଥିବା ସହ ବିଭିନ୍ନ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ପରିବେଶ ସୁରକ୍ଷା ଆଇନ ଅନୁସାରେ କାରଖାନାର କୌଣସି ନିଜସ୍ୱ ବ୍ୟବସ୍ଥା ନାହିଁ। କାରଖାନା ପ୍ରତିଷ୍ଠା ପାଇଁ ବେଆଇନ ଭାବରେ ଗୋଚର ଜମି ଦଖଲ ହୋଇଥିବା ପୂର୍ବରୁ ଅଭିଯୋଗ ହୋଇ ସାରିଛି। ଏହିଭଳି ଭାବରେ ରାମ୍‌କୋ ସିମେଣ୍ଟ କାରଖାନାର ସରକାରୀ ଆଇନ ଓ ନିୟମ ଉଲ୍ଲଂଘନର ତାଲିକା ବେଶ୍ ଲମ୍ବା। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ରାମ୍‌କୋ କାରଖାନାର ବିଭିନ୍ନ ବାୟୁ ଓ ଜଳ ପ୍ରଦୂଷଣ ହେଉଥିବା ତଦନ୍ତରେ ସ୍ପଷ୍ଟ ହୋଇଥିଲା। ଏନେଇ ଗତ ମାର୍ଚ୍ଚରେ ଏସ୍‌ପିସିବିକୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ତଦନୁସାରେ ଏହି କାରଖାନା କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଛି। ୧୫ ଦିନ ପରେ ପୁଣି କାରଖାନାକୁ ପରିଦର୍ଶନରେ ଯାଇ ପ୍ରଦୂଷଣ ଉପରେ ସମୀକ୍ଷା କରାଯିବ ଏବଂ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଲାଇଭ ଭିଡିଓ କରି ଜୀବନ ହାରିଲେ ଯୁବକ

**ଖୋର୍ଦ୍ଧା ଅଫିସ,୨୦।୫**



- ପ୍ରେମରେ ବିଫଳ ହେବା ପରେ ଆତ୍ମହତ୍ୟା
- ହ୍ୱାଟ୍ସଆପ୍‌ରେ ଷ୍ଟାଟସ ଦେଇଥିଲେ
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ପୁଣି ପ୍ରେମ ନେଲା ଏକ ଜୀବନ। ପ୍ରେମରେ ବିଫଳ ହେବା ପରେ ଜଣେ ଯୁବକ ଟ୍ରେନ ଲାଇନକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ୍ୟୁ ପୂର୍ବରୁ ଲାଇଭ ଭିଡିଓ କରି ଧାରୁଆ ଅସ୍ତ୍ରରେ ନିଜ ହାତକୁ କାଟିଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏପରିକି ଏହି ଲାଇଭ ଶୁଟ୍ କରିଥିବା ଭିଡିଓ ନିଜ ହ୍ୱାଟ୍ସଆପ୍ ଷ୍ଟାଟସରେ ଅପ୍‌ଲୋଡ୍ କରିଛନ୍ତି। ଶୁକ୍ରବାର ଧଉଳିମୁହଁ ଷ୍ଟେଶନ ଓ ଅଣ୍ଡା ଗ୍ରାମ ମଧ୍ୟବର୍ତ୍ତୀ ରେଳଧାରଣାରୁ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଖୋର୍ଦ୍ଧାରୋଡ୍ ଜିଆର୍‌ପି ପୋଲିସ ଜବତ କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ମେଡିକାଲ ପଠାଇଛି। ମୃତକ ହେଲେ ଧଉଳିମୁହଁ ଅଞ୍ଚଳର ସୌମ୍ୟରଞ୍ଜନ ପରିଡା(୨୮)। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

ସୂଚନା ମୁତାବକ, ସୌମ୍ୟରଞ୍ଜନ ବାହାର ରାଜ୍ୟରେ ରହୁଥିବା ବେଳେ କିଛିଦିନ ହେବ ଗାଁକୁ ଆସିଥିଲେ। ଗୁରୁବାର ସେ ଘରୁ କେଉଁଆଡେ ପଳାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଏନେଇ ପରିବାର ଲୋକେ ବ୍ୟସ୍ତ ହୋଇ ପଡିଥିଲେ। ଏହି ସମୟରେ ଅନ୍ୟ ସମ୍ପର୍କୀୟମାନଙ୍କ ଠାରୁ ଜାଣିବାକୁ ପାଇଥିଲେ ଯେ, ସୌମ୍ୟ ନିଜ ହାତକୁ କାଟି ଲାଇଭ ଭିଡିଓ କରି ହ୍ୱାଟସଆପ୍ ଷ୍ଟାଟସରେ ରଖିଛନ୍ତି। ଏନେଇ ପରିବାର ଲୋକେ ସୌମ୍ୟଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ପର୍କ ହୋଇପାରି ନ ଥିଲା। ସୌମ୍ୟ ଗୁରୁବାର ମୋବାଇଲ ଷ୍ଟାଟସରେ ଇମୋଶନାଲ ଭିଡିଓ, ସାୟରୀ ସବୁମଧ୍ୟ ପୋଷ୍ଟ କରିଥିଲେ। ରାତି ପ୍ରାୟ ସାଢେ ୧୦ଟାରେ ସେ ନିଜ ହାତ କାଟି ଦେଇଥିବା ଏବଂ ରକ୍ତ ବାହାରି ତଳେ ପଡୁଥିବା ପ୍ରଥମ ଭିଡିଓ ଷ୍ଟାଟସ ଦେଇଥିଲେ। ପରେ ପରେ ସେ ୭ଟି ଭିଡିଓ ପୋଷ୍ଟ କରିଛନ୍ତି। ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଭିଡିଓରେ ସେ କହିଛନ୍ତି, ମୁଁ ମା'ବାପାକୁ ବହୁତ ଭଲପାଏ। କିନ୍ତୁ ମୁଁ ଆଜି ଜାଣିପାରୁନି, କ'ଣ କରୁଛି, କ'ଣ ନ କରୁଛି, ଆଉ କିଛି ସମୟ ବଞ୍ଚିବି... ମୋ ମା'ବାପା କେବେ କଷ୍ଟ ନ ପାଆନ୍ତୁ, ମୁଁ ଯାହାକୁ ଭଲ ପାଇଥିଲି, ସେ ମୋତେ ଧୋକା ଦେଲା। ଭାଇ ତୁ ସାନ ଭାଇଟେ ହେବୁ, ମା' ବାପାଙ୍କୁ ଖୁସିରେ ରଖିବୁ, ମୁଁ ତୋ ପାଇଁ କିଛି କରିପାରିଲି ନାହିଁ ବୋଲି କହୁଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ରେଳଧାରଣା କଡରେ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ପଡିଥିବା ଖବରପାଇ ଖୋର୍ଦ୍ଧା ସଦର ଥାନା ପୋଲିସ ପହଞ୍ଚିଥିଲା। ସଦର ପୋଲିସ ଠାରୁ ସୂଚନାପାଇ ଖୋର୍ଦ୍ଧା ରୋଡ୍ ଜିଆରପି ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତଦେହଟି ସୌମ୍ୟରଞ୍ଜନଙ୍କର ଏବଂ ସେ ପ୍ରେମରେ ବିଫଳ ହେବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଏନେଇ ଜିଆର୍‌ପି ଥାନା ଓଆଇସି ଧରଣୀଧର ପ୍ରଧାନ କହିଛନ୍ତି, ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ମହଙ୍ଗା ପଡ଼ିଲା ଦ୍ୱିତୀୟ ବିବାହ

# ବରକନ୍ୟାଙ୍କୁ ବେଦିରୁ ଉଠାଇନେଲା ପୋଲିସ

**ରାଉରକେଲା ଅଫିସ,୨୦।୫**

ପ୍ରଥମ ସ୍ତ୍ରୀ ଓ ତାଙ୍କର ଏକ ଝିଅ ଥିବା ସତ୍ତ୍ୱେ ଅନ୍ୟ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିବା ବେଳେ ପୋଲିସ ବାହାଘର ବେଦିରୁ ବର ଓ କନ୍ୟାଙ୍କୁ ଉଠାଇ ନେଇଛି। ଏଭଳି ଏକ ଘଟଣା ଘଟିଛି ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ। ପୋଲିସ ସୂଚନା ଅନୁସାରେ, ଗତ ୨୦୧୩ ମସିହାରେ ରାଉରକେଲା ମାଲଗୋଦାମ ଅଞ୍ଚଳର ସରସ୍ୱତୀ ସରକାର(୩୨) ଜଳଦା ସି ବ୍ଲକ ଅଞ୍ଚଳର ଆନନ୍ଦ ଶର୍ମା(୩୮)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ସରସ୍ୱତୀଙ୍କର ଏକ ଝିଅ ଜନ୍ମ ହୋଇଥିଲା। ଏହାପରେ ଶ୍ୱଶୁର ଘର ଲୋକେ ସରସ୍ୱତୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ସରସ୍ୱତୀ ଏସବୁ କଥା ତାଙ୍କ ସ୍ୱାମୀ ଆନନ୍ଦଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବରଂ ଆନନ୍ଦ ତାଙ୍କୁ ଅଧିକ ମାରଧର କରିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସରସ୍ୱତୀ ଶ୍ୱଶୁର ଘର ଛାଡ଼ି ନିଜ ୫ ବର୍ଷର ଝିଅକୁ ଧରି ବାପ ଘରେ ରହୁଥିଲେ। ଅନ୍ୟପଟେ ଆନନ୍ଦ ପ୍ରଥମ ସ୍ତ୍ରୀ ସରସ୍ୱତୀଙ୍କୁ ଛାଡପତ୍ର ନ ଦେଇ ଅନ୍ୟ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଶୁକ୍ରବାର ରାଉରକେଲା ହନୁମାନ ବାଟିକା ସ୍ଥିତ ମଣ୍ଡପରେ ଆନନ୍ଦ ଓ ତାଙ୍କ ପ୍ରେମିକା ଦ୍ୱିତୀୟ ବିବାହ କରୁଥିଲେ। ଖବର ପାଇ ଆନନ୍ଦଙ୍କ ପ୍ରଥମ ସ୍ତ୍ରୀ ସରସ୍ୱତୀ ଉଦିତନଗର ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ବେଦୀରୁ ଉଭୟ ବର ଓ କନ୍ୟାଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଏକ ମାମଲା (ନଂ.୧୧୫।୨୨) ରୁଜୁ ହୋଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଛୋଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆଜିର ମନ୍ତବ୍ୟ

" ଭାଷାଗତ ବିବିଧତା ଦେଶର ଗର୍ବ ହୋଇଥିବାବେଳେ କେତେକ ବିରୋଧୀ ଦଳ ଏହାକୁ ନେଇ ବିବାଦ ଉଠାଉଛନ୍ତି।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**


# classifieds Everyday
0674-2580101, 2549302




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱରର ଛତାବରରେ Rs.-299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-512

**ଭୁବନେଶ୍ୱର କଳ୍ପନାଠାରୁ 10 କି.ମି. ଦୂରରେ ଗୁଡ଼ିଆ ପୋଖରୀ ଛକ (near KEC College) ଠାରୁ 4 କି.ମି. ବିନାୟକପୁର ଦେଉଳି ମୌଜାରେ ଘରବାଡ଼ି ପ୍ଲଟ୍ 30X50= 1500sqft. ପ୍ଲଟ୍ ଓ 40ft. ମେନ୍ ରୋଡ୍ ସହିତ ବ୍ରାଞ୍ଚ ରୋଡ୍ 30ft., ସବ୍‌ବ୍ରାଞ୍ଚ ରୋଡ୍ 25ft. ତା' ସହିତ ଇଲେକ୍ଟ୍ରି ଆଣ୍ଡ ରୋଡ୍ ଡେଭେଲପମେଣ୍ଟ ସହ ପ୍ରତି sqft. Rs. 599ରେ ମିଳୁଛି। ଯୋଗାଯୋଗ ମୋବାଇଲ ନମ୍ବର- 9938999317, 9938015353. SUVAM CONSTRUCTION.** D-475

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

**Plot for sale, 2000sqft. (10Nos.) per sqft.-2000/-, Yellowzone Gharabari Plot near Tata-Ariana, Vipul Garden backside Ghatikia Mouza- Sankarpur, BBSR. Water & Electricity available, 30'Road NH-16 to 1km. Contact: 7381564227, 8114744495.** D-446

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-224

**Luxurious 2/3BHK Apartment sale in Hanspal, Palasuni and duplex in Kalarahanga. 8763887357, 7992736330.** D-73246

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ 1700/- per sqft., 1200/- per sqft. ଓ ଦାଶପୁରରେ 800/- per sqft. Contact: 9348549059, 06747964979. D-71997

**Duplex sale at Bhubaneswar @45lakhs and apartment @42 lakhs. 9439206202.** D-73248

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-225

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216




**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

## GENERAL

## SALE

**2, Passenger LIFT sales and service. Contact: 9692527969.** D-468




3BHK semi-furnished apartment with open parking in Banaja Apartment, Ganganagar with two balconies for rent from 1st June. Contact 7770017789. D-511

**2BHK new flat in Hi- Tek heaven apartment at Matiapada, near Gudiapokhari, BBSR-Puri road suitable for Family. 9337052719, 8984757845.** D-70800

2BHK & 3BHK for rent 118- Ratnakarbag-1. Mob: 9902406161. D-507

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73801

Mesmerizing, energetic body, mind qualitative relaxing massage experienced therapists. 9668374480. D-73606

**Relax, Refresh your body, mind at Saikrupa Spa with best therapies. 8984068077.** D-488

Full body massage in homely atmosphere all therapy. Mob.- 8114881641. D-73402

**One hour any therapy by expert therapist @999 only. 9078484455.** D-73607

Newly open full body massage ladies and gents. 7750077371. D-71900

Newly open SPA positively health benefits expert therapist, Kalpana. 7846814019. D-73608

Refreshing your mind and body with the best therapy, 7873794731. D-317

Newly open full body massage ladies and gents. 8327740003, 8093860513. D-73902

## LOST

This is to bring to your kind notice that, Antaryami Pradhan, S/o- Jogeswar Pradhan, Address: Nakanaka, NTPC, Kaniha, Angul (Odisha), our Sale Deed is Missing from Dt. 29/04/2022. If found kindly return to the above address. D-510


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

ମାନ୍ୟବର ସଭ୍ୟ ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ ମହୋଦୟଙ୍କ ଇଜିଲାସ (କ୍ୟାମ୍ପ ଅଫିସ ଭୁବନେଶ୍ୱର) ଓ ଏସ୍. ଏସ୍. କେସ୍ ନଂ୩୬୨/୨୦୧୬

ଜ୍ୟୋସ୍ନାରାଣୀ ଶତପଥୀ, ସ୍ୱାମୀ- ଗୌରାଙ୍ଗ ଚରଣ ଶତପଥୀ, ଠିକଣା- ସା- ଉତ୍ତର ଶାସନ, ପୋଷ୍ଟ- ମଧ ଶାସନ, ଥାନା/ ଜିଲ୍ଲା- ଜଗତ୍‌ସିଂହପୁର, ଓଡ଼ିଶା

....ବାଦୀ

ବନାମ

୧. ଲକ୍ଷ୍ମୀ ନୃସିଂହ ପାଢ଼ୀ, ପିତା- ୰ଦାମୋଦର ପାଢ଼ୀ, ୨. ସୂର୍ଯ୍ୟ ନାରାୟଣ ପାଢ଼ୀ, ପିତା- ୰ଦାମୋଦର ପାଢ଼ୀ, ୩. ଜନାର୍ଦ୍ଦନ ପାଢ଼ୀ, ପିତା- ୰ଦାମୋଦର ପାଢ଼ୀ, ୪. ସୁନିତା ପାଢ଼ି, ପିତା- ୰ଦାମୋଦର ପାଢ଼ୀ, ୫. ସୁଷମା ପାଣିଗ୍ରାହୀ, ସ୍ୱାମୀ- ୰ଦାମୋଦର ପାଢ଼ୀ, ୬. ସସ୍ମିତା ଦାଶ, ସ୍ୱାମୀ- ରଞ୍ଜନ କୁମାର ପାଢ଼ି ଏବଂ ପିତା- ଦାମୋଦର ପାଢ଼ୀ କ୍ରମିକ ନଂ ୧ ଠାରୁ ୬ ପର୍ଯ୍ୟନ୍ତ ଠିକଣା- ସା- ପାଣ୍ଡିଆ, ପୋଷ୍ଟ/ଥାନା- ପୁରୁଷୋତ୍ତମପୁର, ଜିଲ୍ଲା- ଗଞ୍ଜାମ, ବର୍ତ୍ତମାନର ଠିକଣା କ୍ୱାର୍ଟର ନଂ-୩୭/୩୯/୫, ଅଶୋକ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ୭. ଆସିଷ୍ଟାଣ୍ଟ ସେଟେଲମେଣ୍ଟ ଅଫିସର, ରେଣ୍ଟାଲ କଲୋନୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ୮. ଓଡ଼ିଶା ଷ୍ଟେଟ୍ ତରଫ ତହସିଲଦାର, ଭୁବନେଶ୍ୱର, ସା/ପୋ/ଥାନା- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

........ପ୍ରତିବାଦୀ

ନୋଟିସ୍

ଏତଦ୍‌ଦ୍ୱାରା ପ୍ରତିବାଦୀ ସଂଖ୍ୟା ୧ ଠାରୁ ୬ ପର୍ଯ୍ୟନ୍ତ ବ୍ୟକ୍ତିଙ୍କର ଅବଗତି ନିମନ୍ତେ ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନରେ ଦର୍ଶାଯାଇଥିବା ତଫସିଲ ଜମି ଉପରେ ବାଦୀ ରେ.ଦ. ନଂ୩୭୨୩ର, ତା୦୨।୦୨।୧୯୯୯ରିଖ ମାଧ୍ୟମରେ କ୍ରୟ ଦୃଷ୍ଟେ ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କ ଇଜିଲାସରେ ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନ ୧୯୫୮ର ଧାରା ୧୫ (ଖ) ଅନୁଯାୟୀ ଉପରୋକ୍ତ ରିଭିଜନ କେସ୍ ଦାଏର କରିଅଛନ୍ତି। ଏହି ରିଭିଜନ କେସ୍ ସମ୍ବନ୍ଧୀୟ ନୋଟିସ୍ ଆପଣମାନଙ୍କର ଦର୍ଶାଯାଇଥିବା ଠିକଣାରେ ଯାଇ ଫେରସ୍ତ ଆସିବାରୁ ଆପଣମାନଙ୍କ ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କର ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ (ୟୁନିଟ୍-୫ କେଶରୀ ନଗର, ରାଜୀବ ଭବନ ପଛପାର୍ଶ୍ୱ ଅବସ୍ଥିତ) କାର୍ଯ୍ୟାଳୟଠାରେ ଆସନ୍ତା ତା୦୨।୦୬।୨୨ରିଖ ଦିବା ୧୧.୩୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଜମିର ତଫସିଲ

ହାଲ ମୌଜା- ପଥରଗାଡ଼ିଆ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ହାଲ ଖାତା ନଂ-୩୨୭, ହାଲ ପ୍ଲଟ୍ ନଂ-୫୨୫, ରକବା- ଏ୦.୧୦୦ଡି, ସାବକ ମୌଜା ପଥରଗାଡ଼ିଆ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ସାବକ ଖାତା ନଂ-୩୨୫/୨୩୬, ସାବକ ପ୍ଲଟ୍ ନଂ-୩୧୦/୧୮୫୩, ରକବା- ଏ୦.୧୦୦ଡି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ସେମାନଙ୍କର ଉତ୍ତରାଧିକାରୀମାନେ ଏବଂ ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମା ତଦବୀର କରିବେ। ଅନ୍ୟଥା ଆଇନାନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶ କ୍ରମେ
ସ୍ୱା./- ଅତିରିକ୍ତ ସଚିବ (ବିଚାର)
ରାଜସ୍ୱ, ପର୍ଷଦ, ଓଡ଼ିଶା, କଟକ।
ଧ-୫୦୬


## ପ୍ରଥମ ପୃଷ୍ଠାରୁ...

## କିଏ ବା କହିବ...

ସେହି ବାତାବରଣରେ ଅନ୍ୟାୟ ଓ ଅତ୍ୟାଚାର ଯଦି ସାମାନ୍ୟ ବିଷୟ ଭାବେ ପରିଲକ୍ଷିତ ହେଉଥିବ, ତେବେ ସେଠାରେ ବଢୁଥିବା ଯୁବପିଢ଼ି ପାଇଁ ଅନେକ କାର୍ଯ୍ୟ ସାଧାରଣ ପ୍ରତିକ୍ରିୟା ଭାବେ ବୁଝାପଡ଼ିବା ସ୍ୱାଭାବିକ।

ହାଇଦ୍ରାବାଦ ଘଟଣାରେ ପୋଲିସ ନିଜ ହାତକୁ ନ୍ୟାୟକୁ ନେଇ ଯେଉଁ ପରମ୍ପରା ସୃଷ୍ଟି କରିଛି, ତାହାକୁ ଆଇନ ବ୍ୟବସ୍ଥା ସହଜରେ ଗ୍ରହଣ କରିପାରି ନାହିଁ। ନ୍ୟାୟପାଳିକାର ସର୍ବୋଚ୍ଚ ବ୍ୟକ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଶରଦ ଅରବିନ୍ଦ ବୋବ୍‌ଡେ ଏହି ମର୍ମରେ ଦେଇଥିବା ମନ୍ତବ୍ୟ ଏଠାରେ ଗୁରୁତ୍ୱ ଧାରଣ କରୁଛି। ସେ କହିଛନ୍ତି ଯେ ପ୍ରତିଶୋଧ ନ୍ୟାୟ ନୁହେଁ। ନ୍ୟାୟ ଯେତେବେଳେ ପ୍ରତିଶୋଧରେ ରୂପାନ୍ତରିତ ହୋଇଯାଏ, ସେତେବେଳେ ତାହା ନିଜର ଅସ୍ତିତ୍ୱ ହରାଏ। ଦେଶବ୍ୟାପୀ ବଳାତ୍କାର ଓ ହତ୍ୟା ଘଟଣା ବୃଦ୍ଧି ପାଉଥିବାରୁ ଜନସାଧାରଣ ବିବ୍ରତ ହୋଇ ତତ୍‌କ୍ଷଣାତ୍ ନ୍ୟାୟ ମିଳୁ ବୋଲି ଆଶା କରୁଛନ୍ତି। ଯେହେତୁ ନ୍ୟାୟ ବ୍ୟବସ୍ଥା ଡେରିରେ ମାମଲାଗୁଡ଼ିକର ରାୟ ପ୍ରକାଶ କରୁଛନ୍ତି, ସେହେତୁ ଲୋକେ ଅସ୍ଥିର ହୋଇଯାଉଛନ୍ତି। ଏହା କହିଲା ବେଳେ ଆମେ ସଚେତନ ହେବା ଦରକାର ଯେ ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ତାଙ୍କୁ ଦଣ୍ଡିତ କରାଯିବା ଉଚିତ ନୁହେଁ। ହାଇଦ୍ରାବାଦରେ ପୋଲିସ ଏନ୍‌କାଉଣ୍ଟରରେ ଯେଉଁମାନଙ୍କ ଜୀବନ ଯାଇଛି, ସେମାନେ ପ୍ରକୃତରେ ଘଟଣା ସହ ଜଡ଼ିତ ଥିଲେ କି ନାହିଁ ତାହା ଜଣାପଡ଼ିବା ଆଗରୁ ସେମାନଙ୍କୁ ମାରିଦିଆଗଲା। ଏଭଳି ଫଟାଫଟ୍ ନିଷ୍ପତ୍ତି ନିଆଯିବା ଓ ତାହାକୁ ଜନସାଧାରଣ ସମର୍ଥନ କରିଚାଲିଲେ ପୋଲିସ ଅଧିକ ବଳୀୟାନ୍ ହୋଇଯିବ। ଏମିତି ଦେଖିଲେ ଭାରତରେ ଅଧିକାଂଶ ପୋଲିସଙ୍କ କାର୍ଯ୍ୟକଳାପ ସନ୍ଦେହ ମଧ୍ୟରେ ଥାଏ। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କଲା ପରେ ତାହାର ବିଚାର କରିବାର ଦାୟିତ୍ୱ ବିଚାରପତିଙ୍କ ଉପରେ ନ୍ୟସ୍ତ ହୋଇଥାଏ। ହେଲେ ଅନେକ ସମୟରେ ଦେଖାଯାଇଥାଏ ଯେ, କୌଣସି ଏକ ଅପରାଧକୁ ନେଇ ଚାରିଆଡ଼େ ତୁମ୍ବିତୋଫାନ ହେଲେ ପୋଲିସ ସନ୍ଦେହରେ ଥିବା କିଛି ଲୋକଙ୍କୁ ଟେକିଆଣି ଗିରଫ କରିଦେଇଥାଏ। ଏହାଦ୍ୱାରା ପୋଲିସ ତା'ର ଅପାରଗତାକୁ ଲୁଚାଇବାରେ ସକ୍ଷମ ହେବା ସହ ଜନତାଙ୍କ କ୍ରୋଧକୁ ପ୍ରଶମିତ କରିଦିଏ। ହାଇଦ୍ରାବାଦ ମହିଳା ପ୍ରାଣୀ ଡାକ୍ତରାଣୀଙ୍କ ଘଟଣା ସମଗ୍ର ଭାରତରେ ଚହଳ ପକାଇବାରୁ ତତ୍‌କ୍ଷଣାତ୍ ଧରାପଡ଼ିଥିବା ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରେ ମାରିଦିଆଯିବା ଆଇନସଙ୍ଗତ ନୁହେଁ ବୋଲି ଯେଉଁ କେତେ ଜଣ ୬ ଡିସେମ୍ବରରେ ସ୍ୱର ଉଠାଇଥିଲେ, ସେମାନଙ୍କୁ ପ୍ରଥମେ ବିଭିନ୍ନ ଆଡୁ ସମାଲୋଚନା କରାଯାଇଥିଲା। କିନ୍ତୁ ଦିନ ଗଡ଼ିବା ସହ ସେମାନଙ୍କ ଯୁକ୍ତିକୁ ତର୍ଜମା କରାଯିବା ପରେ ଲୋକେ ହୃଦୟଙ୍ଗମ କରି ତାହାକୁ ଗ୍ରହଣ କଲେଣି।

ଏହା ନିଃସନ୍ଦେହ ଯେ, ବଳାତ୍କାର ହେଉଛି ଏକ ଜଘନ୍ୟ ଅପରାଧ। ଏଥିରେ ଅପରାଧୀକୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଦରକାର। କିନ୍ତୁ ପୋଲିସ ବ୍ୟବସ୍ଥା ଓ ନ୍ୟାୟପାଳିକାର ଗତି ମନ୍ଥର ହୋଇଯାଉଥିବାରୁ ଅପରାଧୀଙ୍କୁ ଠିକ୍ ସମୟରେ ଦଣ୍ଡ ମିଳିପାରୁନାହିଁ। ଉଚିତ ଢଙ୍ଗରେ ମାମଲାର ତଦନ୍ତ କରାଯାଇ ଫାଷ୍ଟ ଟ୍ରାକ୍ କୋର୍ଟରେ ଏହାର ତ୍ୱରିତ୍ ସମାଧାନ କରାଯାଇପାରିଲେ ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥା ବଢ଼ନ୍ତା। ନଚେତ୍ ଏହା ମଧ କୁହାଯାଇପାରିବ ଯେ, ହାଇଦ୍ରାବାଦ ବଳାତ୍କାର ଓ ହତ୍ୟା ଘଟଣା ଘଟାଇଥିବା ଆସାମୀ ଏବେ ସ୍ୱାଧୀନ ଭାବେ ବୁଲୁଥାଇପାରନ୍ତି। କାରଣ ପୋଲିସ ସେମାନଙ୍କୁ ଖୋଜିବା ପରିବର୍ତ୍ତେ ନିଜ ଉପରୁ ଦୋଷ ଛଡ଼ାଇବାକୁ ଯାଇ ୪ ଅସମ୍ପୃକ୍ତ ବ୍ୟକ୍ତିଙ୍କୁ ହୁଏତ ଗୁଳି କରି ମାରିଦେଇଥାଇପାରେ। କିଏ ବା କହିବ ସତ୍ୟ କ'ଣ?

## ମିଛ ଏନ୍‌କାଉଣ୍ଟର ..

କରାଯାଇଥିଲା। ୬ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଭି.ଏସ୍. ସିରପୁରକର ଅଧ୍ୟକ୍ଷତା କରିଥିବାବେଳେ ବମ୍ବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ରେଖା ସୋନ୍ଦୁର ବାଲ୍‌ଡୋଟା ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପୂର୍ବତନ ନିର୍ଦ୍ଦେଶକ ଡି.ଆର୍. କାର୍ତ୍ତିକେୟନ୍ ସଦସ୍ୟ ରହିଥିଲେ। ୨୦୨୦ ଜୁଲାଇରୁ ୨୦୨୧ ଅଗଷ୍ଟ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ ପାଇଁ କମିଶନଙ୍କ ଅବଧି ୬ ମାସ ଲେଖାଏ ୩ ଥର ବଢ଼ାଯାଇଥିଲା। ସିରପୁରକର କମିଶନ ଶୁକ୍ରବାର ବନ୍ଦ ଲଫାପାରେ ବିସ୍ତୃତ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିଛନ୍ତି। ରିପୋର୍ଟକୁ ଜଉମୁଦ ଲଫାପା ଭିତରେ ବନ୍ଦ ରଖିବାକୁ ବରିଷ୍ଠ ଆଇନଜୀବୀ ଶ୍ୟାମ ଦିୱାନ ପରାମର୍ଶ ଦେଇଥିଲେ, ଯାହାକୁ ଅଦାଲତ ଗ୍ରହଣ କରିନାହାନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହିଲଙ୍କୁ ନେଇ ଗଠିତ ଖଣ୍ଡପୀଠ ରିପୋର୍ଟକୁ ତେଲଙ୍ଗାନା ହାଇକୋର୍ଟକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଏହା ଏକ ଏନ୍‌କାଉଣ୍ଟର ମାମଲା, ଯାହାକୁ ଏଠାରେ ରଖାଯିବା ଦରକାର ନାହିଁ। କମିଶନ ଏଥିରେ ପୋଲିସକୁ ଦୋଷୀ ଦର୍ଶାଇଛନ୍ତି। ଏଥିସହ କେତେକ ସୁପାରିସ ମଧ କରିଛନ୍ତି। ତେଣୁ ଉଭୟ ପକ୍ଷଙ୍କୁ ରିପୋର୍ଟର କପି ଦେବା ପାଇଁ ରେଜେଷ୍ଟ୍ରି ବ୍ୟବସ୍ଥା କରନ୍ତୁ। ଏନ୍‌କାଉଣ୍ଟରରେ ସାମିଲ ଥିବା ୧୦ ପୋଲିସ ଅଧିକାରୀ ହେଲେ ଭି. ସୁରେନ୍ଦର, କେ. ନରସିଂହ ରେଡ୍ଡୀ, ଶାଇକ୍ ଲାଲ ମଧାର, ମହମ୍ମଦ ସିରାଜୁଦ୍ଦିନ, କୋଚେରଲା ରବି, କେ. ଭେଙ୍କଟେଶ୍ୱରଲୁ, ଏସ୍. ଅରବିନ୍ଦ ଗୌଡ଼, ଡି. ଜାନକୀରାମ, ଆର. ବାଲୁ ରାଠୋଡ୍ ଏବଂ ଡି. ଶ୍ରୀକାନ୍ତ। ଏହି ଅଧିକାରୀମାନେ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରିଥିବାରୁ ଏମାନଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୦୨, ୩୪ ଓ ୨୦୧ ବଳରେ ମାମଲା ରୁଜୁ କରିବାକୁ ତଦନ୍ତ କମିଶନ ସୁପାରିସ କରିଛନ୍ତି।


## AFFIDAVIT

I Pitabasha Ghadai alias Manoranjan Ghadai, aged about 47 years, S/o- late Shashadhar Ghadai of Vill-Jantuali, PO- Hatapur, P.S- Bansada, Dist- Bhadrak do hereby solemnly affirm and declare that I have an LIC policy bearing policy No- 585404634 where in my name is mentioned as Manoranjan Ghadai. That after I have changed my name from Manoranjan Ghadai to Pitabasha Ghadai in all documents. That in my Bank passbook of Uco Bank, Bansada my name is Pitabasha Ghadai as per my Voter ID/Aadhaar card/Pan card. That I the deponent further declare that Pitabasha Ghadai & Manoranjan Ghadai, S/o- late Shashadhar Ghadai is same and one person. Purpose of this Affidavit to produce before the concerned authority of LIC office to avoid future litigation & dispute regarding my name. D-514


## ପୋଲିସ କହିଥିଲା ...

ମୁଖ୍ୟ ଅଭିଯୁକ୍ତ ଆରିଫ୍‌ଙ୍କ ବୟସ ୨୫ ହୋଇଥିବାବେଳେ ଅନ୍ୟ ୩ ଜଣଙ୍କ ବୟସ ୨୦ରୁ ୨୪ ମଧ୍ୟରେ ଥିଲା। କୋର୍ଟରେ ହାଜର ପରେ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତ (ଚେରାପଲ୍ଲୀ ସେଣ୍ଟ୍ରାଲ ଜେଲ୍)କୁ ପଠାଇଦିଆଗଲା। ଅଭିଯୁକ୍ତମାନଙ୍କୁ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ବିଭିନ୍ନ ମହଲରେ ଦାବି ଉଠିଥିଲା। ପୋଲିସ ଅଭିଯୁକ୍ତମାନଙ୍କୁ ଜେରା ପାଇଁ ୭ ଦିନିଆ ରିମାଣ୍ଡରେ ନେଇଥିଲା। ଡିସେମ୍ବର ୬ ଭୋର ସମୟ ୩ଟା ୩୦ରେ ପୋଲିସ ୪ ଅଭିଯୁକ୍ତଙ୍କୁ ଏକ ଅଜ୍ଞାତ ସ୍ଥାନରୁ ଜାତୀୟ ରାଜପଥ ନଂ ୪ ନିକଟ ଏକ ନିର୍ମାଣାଧୀନ ବ୍ରିଜ୍ ତଳକୁ ନେଇ ଅପରାଧ ସମ୍ପର୍କରେ ଛାନ୍‌ଭିନ୍ କରୁଥିଲା। ଅଭିଯୁକ୍ତମାନଙ୍କ ହାତରେ ହ୍ୟାଣ୍ଡକଫ୍ ନ ଥିବାରୁ ୫ଟା ୪୫ରୁ ୬ଟା ୧୫ ମିନିଟ ଭିତରେ ସେମାନେ ପୋଲିସ କବ୍‌ଜାରୁ ଫେରାର ହେବାକୁ ଉଦ୍ୟମ କରିଥିଲେ। ଏପରି କି ସେମାନେ ପୋଲିସଠାରୁ ବନ୍ଧୁକ ଛଡ଼ାଇ ଗୁଳି କରିବା ପାଇଁ ଉଦ୍ୟମ କରିଥିଲେ। ଫଳରେ ପୋଲିସ ଆତ୍ମରକ୍ଷା ପାଇଁ କାର୍ଯ୍ୟାନୁଷ୍ଠାନ ନେଇଥିଲା। ପୋଲିସ ଗୁଳିରେ ଘଟଣାସ୍ଥଳରେ ୪ ଅଭିଯୁକ୍ତ ଟଳିପଡ଼ିଥିବା ହାଇଦ୍ରାବାଦର ସାଇବରାବାଦ ପୋଲିସ କମିଶନର ସି.ଭି. ସଜ୍ଜନାର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତେବେ ଏହା ଏକ ମିଛ ଓ ମନଗଢ଼ା କାହାଣୀ ଥିଲା ବୋଲି ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତଦନ୍ତ କମିଶନ ସ୍ପଷ୍ଟ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମଭାବରେ ଚନ୍ଦ୍ର ରହିଥିବାରୁ ଉନ୍ନତ ଚିନ୍ତା ଓ ନୂତନ ଯୋଜନାର ଶୁଭାରମ୍ଭ କରାଇବେ। ଉଚ୍ଚାଧିକାରୀଙ୍କ ସହଯୋଗ ମନକୁ ପ୍ରଫୁଲ୍ଲିତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହୋଇପାରେ। ପରିବାରରେ ଅଶାନ୍ତି ଦୂର ହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି।

**ବୃଷ**
ବୁଧାଦିତ୍ୟ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ ସମ୍ମାନ ପାଇବେ। କିନ୍ତୁ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କରି ଅନୁତପ୍ତ ହୋଇପାରନ୍ତି। ବିବାଦୀୟ ପରିସ୍ଥିତିକୁ ସ୍ୱାଭାବିକ କରିବା ମାନସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ଯୋଗାଯୋଗ ଓ ଚୁକ୍ତିପତ୍ର ସମ୍ପାଦନ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ**
କବନ୍ଧଗ୍ରହ କେତୁଙ୍କ ପ୍ରଭାବରେ ଆପଣ ଭୁଲ୍ ନିଷ୍ପତ୍ତି ନେଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ସନ୍ତାନମାନଙ୍କ ସ୍ୱାସ୍ଥ୍ୟହାନି କିମ୍ବା ବିଶୃଙ୍ଖଳା ଯୋଗୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି। ଶୁଭେଚ୍ଛୁମାନଙ୍କ ଦ୍ୱାରା ପ୍ରଶଂସା ପାଇବା ସମୟରେ ନିନ୍ଦୁକ ଗୋଷ୍ଠୀ କୁତ୍ସାରଟନା କରିବେ। ବ୍ୟବସାୟ, ପ୍ଲଟିଂ କାରବାର କ୍ଷେତ୍ରରେ ସଫଳତା ପାଇବେ ନାହିଁ।

**କର୍କଟ**
ସପ୍ତମଭାବସ୍ଥ ଚନ୍ଦ୍ର ହେତୁ ଦୂରଯାତ୍ରା ପାଇଁ ପ୍ରସ୍ତୁତ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ। ସାମାଜିକ ସ୍ତରରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ସହଯୋଗ ପାଇବେନି। ଅର୍ଥାଭାବ ନ ଥିଲେ ମଧ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଟଙ୍କା ପଇସା ଅଭାବ ଅନୁଭବ କରିପାରନ୍ତି।

**ସିଂହ**
ବଳବାନ୍ ରବି ଓ ଶନି ପାରିବାରିକ ଜୀବନରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ପ୍ରତ୍ୟେକ ପରିସ୍ଥିତିର ସଫଳ ମୁକାବିଲା କରିବାରେ ସମର୍ଥ ହେବେ। ବନ୍ଧୁଙ୍କ କଥାରେ ବିଶ୍ୱାସ କରି ନିର୍ଦ୍ଦିଷ୍ଟ ସମୟରେ ନିରାଶ ହେବାକୁ ପଡ଼ିବ। ଜମିଜମା, କଚେରି ମାମଲା, ପରିବହନ, ବ୍ୟବସାୟ କ୍ଷେତ୍ରରୁ ଉପକୃତ ହୋଇପାରନ୍ତି।

**କନ୍ୟା**
ଭାଗ୍ୟସ୍ଥ ବୁଧ ଶୁଭଯୋଗ ପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ ମାନସିକ ସୁସ୍ଥତା ରହି ନ ପାରେ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ୍ଚ ଘଟିପାରେ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗାଡ଼ି, ମୋଟର, ଯାନ୍ତ୍ରିକ ଜିନିଷ କିମ୍ବା ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ତୁଳା**
ଚତୁର୍ଥ ଚନ୍ଦ୍ର ପ୍ରଭାବରେ ପରିବାର ଓ ସାମାଜିକ ସ୍ତରରେ ଆଦରଣୀୟ ହେବେ। ଅତି ନିକଟରେ ରହି ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରିବା ଠିକ୍ ହେବନି। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ। ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବିଛା**
ଭାଗ୍ୟସ୍ଥାନକୁ ଚନ୍ଦ୍ର ଅବଲୋକନ କରୁଥିବାରୁ ଯେଉଁ କାମରେ ହାତ ଦେଲେ ମଧ ସଫଳତା ପାଇପାରିବେ। କର୍ମ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ଉଚ୍ଚବର୍ଗଙ୍କ ସହାୟତା ଲାଭ କରି ସ୍ଥଗିତ କାମର ପୁନରୁଦ୍ଧାର କରିପାରନ୍ତି। ଦୀର୍ଘଦିନରୁ କ୍ଷୁଣ୍ଣ ହୋଇଥିବା ସମ୍ପର୍କ ପୁନଶ୍ଚ ଫେରିପାଇବେ।

**ଧନୁ**
ଶନି ତୃତୀୟସ୍ଥ ହେତୁ ବନ୍ଧୁ ନିମନ୍ତ୍ରଣ ପାଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅଭାବ ନ ଥିଲେ ମଧ ମାନସିକ ସୁସ୍ଥତା ଅଭାବରୁ କୌଣସି ସୁଖଦ ପରିସ୍ଥିତି ମଧ ଉପଭୋଗ୍ୟ ହୋଇପାରିବନାହିଁ। ପ୍ରକାଶନ, ପ୍ରଶାସନ, ରଚନାତ୍ମକ କାମ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର**
ରାଶ୍ୟାଧିପତି ପ୍ରଭାବଶାଳୀ ଯୋଗୁ ଲକ୍ଷ୍ୟ ସାଧନ କରିପାରିବେ। ଆର୍ଥିକ ସ୍ଥିତି ମଧ ମନ୍ଦ ହେବନି, କିନ୍ତୁ ଋଣ ଭାର କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିବ, ହଠାତ୍ କୌଣସି ଖବର ପାଇ ଖୁସି ହେବେ। ବ୍ୟବସାୟୀମାନେ ନିଜର ପ୍ରାଧାନ୍ୟ ବିସ୍ତାର କରି ବନ୍ଧୁଙ୍କ ସମସ୍ୟାକୁ ସୁଧାରିନେବେ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ହେତୁ ଚିନ୍ତା କରିପାରନ୍ତି। ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ**
କର୍ମକ୍ଷେତ୍ରରେ ସାମାନ୍ୟ ସୁଧାର ଆସିଲେ ମଧ ପାରିବାରିକ ସ୍ଥିତି ପୂର୍ବପରି ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଭାସମିତିରେ ବନ୍ଧୁ ମିଳନରୁ ଆନନ୍ଦିତ ହେବେ। କର୍ମକ୍ଷେତ୍ରରେ ପକ୍ଷପାତିତାର ବିରୋଧ କରି କଳହ ସୃଷ୍ଟି ହୋଇପାରେ।

## ୧୫ ସୁଦ୍ଧା ୨୫ ହଜାର ଜଳ ଅମଳ ସରଞ୍ଜନା ପ୍ରକଳ୍ପ

ଭୁବନେଶ୍ୱର,୨୦।୫(ବ୍ୟୁରୋ): ଆସନ୍ତା ୧୫ ତାରିଖ ସୁଦ୍ଧା ରାଜ୍ୟର ପୌରାଞ୍ଚଳଗୁଡ଼ିକରେ ଆଉ ୨୫ ହଜାର ଜଳ ଅମଳ ସଂରଚନା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରତି ୱାର୍ଡରେ ଥିବା ଖୋଲାସ୍ଥାନ ଓ ଛାତ ଉପରେ ଯେଭଳି ଶତପ୍ରତିଶତ ପ୍ରକଳ୍ପ ପ୍ରତିଷ୍ଠା ହେବ ସେଥିପାଇଁ ରାଜ୍ୟ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ପୌର ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜଳ ଅମଳ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ ସହିତ ଏହି ନୂତନ ଲକ୍ଷ୍ୟ ପୂରଣ ପାଇଁ କୁହାଯାଇଛି। ସମୀକ୍ଷାରୁ ଜଣାଯାଇଛି ଯେ, ୧୯୯୯ଟି ୱାର୍ଡରେ ୨୫ ହଜାର ଜଳ ଅମଳ ସଂରଚନା ପ୍ରକଳ୍ପ ସ୍ଥାପନ ପାଇଁ ଲକ୍ଷ୍ୟ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୧୮୦୦ ୱାର୍ଡରେ ୨୨,୦୮୯ଟି ସ୍ଥାନ ଚିହ୍ନଟ ହୋଇଥିବାବେଳେ ଅବଶିଷ୍ଟ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଗତବର୍ଷ ଯେଉଁସବୁ ଜଳ ଅମଳ ପ୍ରକଳ୍ପ ନିର୍ମାଣ ହୋଇଥିଲା ତାହାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ମୁକ୍ତା, ଜାଗା ମିଶନ୍, ଆହାର, ଏଲ୍‌ଇଡି ଷ୍ଟ୍ରିଟ୍ ଆଲୋକ ବ୍ୟବସ୍ଥା ଓ ପରିମଳ ଆଦିର ସମୀକ୍ଷା କରାଯାଇଛି।

# ଟ୍ରେନ୍ ଦୁର୍ଘଟଣାରେ ଆହତ ୩ ହାତୀଙ୍କ ମୃତ୍ୟୁ

ଯୋଡ଼ା/କେନ୍ଦୁଝର,୨୦।୫ (ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ବାଂଶପାଣି ବେହେରା ହଟିଂ ନିକଟସ୍ଥ ରେଳଧାରଣାରେ ଗୁରୁବାର ଟ୍ରେନ୍ ଧକ୍କାରେ ଆହତ ହୋଇଥିବା ୩ ହାତୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ହାତୀମାନେ ସେମାନଙ୍କୁ ଘେରିରହିଥିବା ଓ ଅନ୍ଧାର କାରଣରୁ ବନବିଭାଗ କର୍ମଚାରୀମାନେ ଆହତ ହାତୀଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା। ଫଳରେ ହାତୀଗୁଡିକର ମୃତ୍ୟୁ ହୋଇଯାଇଥିଲା। ୩ହାତୀଙ୍କ ମୃତ୍ୟୁ ପରେ ବନ ବିଭାଗକୁ ସେମାନଙ୍କ ସୁରକ୍ଷା ଚିନ୍ତା ଘାରିଛି।

ରାତି ପ୍ରାୟ ସାଢେ ୭ଟାରେ ୨୨ଟି ହାତୀ ପାଣି ପିଇବା ପାଇଁ ଜଙ୍ଗଲ ଆଡୁ ରେଳଧାରଣା ପାର ହୋଇ ଜଳଉତ୍ସକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡା କହିଛନ୍ତି। ତେବେ ବିଭାଗୀୟ ବାରଣ ସତ୍ତ୍ୱେ ଦ୍ରୁତ ଗତିରେ ଆସୁଥିବା ଏକ ମାଲବାହୀ ଟ୍ରେନ୍ ହାତୀପଲଙ୍କୁ ଧକ୍କା ଦେଇଥିଲା। ରେଳଧାରଣା ନିକଟରେ ୨ ଛୁଆ ହାତୀ ସମେତ ଏକ ମାଈ ହାତୀ ଗୁରୁତର ହୋଇପଡ଼ିଥିଲେ। ଘଟଣାସ୍ଥଳରେ ଗୋଟିଏ ଛୁଆ ହାତୀର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଟି ଯନ୍ତ୍ରଣାରେ ଚିତ୍କାର କରିଥିଲେ। ଶେଷରେ ୩ ହାତୀଙ୍କ ମୃତ୍ୟୁ ହେବା ପରେ କାରଣ ଖୋଜିବା ପାଇଁ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ଶଶୀ ପଲ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରଛନ୍ତି। କେନ୍ଦୁଝରଠାରେ ବନ ବିଭାଗ ଅଧିକାରୀଙ୍କ ସହିତ ହାତୀଙ୍କ ସୁରକ୍ଷା ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି। ଦୁର୍ଘଟଣା ସମୟରେ ଟ୍ରେନର ବେଗ କେତେ ଥିଲା, ଠିକ୍ ସୂଚନା ଆଦାନ ପ୍ରଦାନ ହୋଇଥିଲା କି ନାହିଁ ଏବଂ ହାତୀ ଚଳପ୍ରଚଳ ଅଞ୍ଚଳରେ ରେଳ ଚଳାଚଳ ନେଇ ଥିବା ନିୟମାବଳୀ ପାଳନ ଉପରେ ସେ ତର୍ଜମା କରିଥିଲେ। ହାତୀ ଚଳପ୍ରଚଳ ଅଞ୍ଚଳରେ ସୋଲାର ବାଡ଼ ଲଗାଇବା ସହ ଅଣ୍ଡରପାସ୍ ନିର୍ମାଣ ତଥା ଅନ୍ୟାନ୍ୟ ବ୍ୟବସ୍ଥା ନେଇ ଯୋଜନା ପ୍ରସ୍ତୁତ କରାଯିବ ବୋଲି ଡିଏଫ୍ଓ ଧନରାଜ ଏଚ.ଡି କହିଛନ୍ତି। ଉକ୍ତ ଅଞ୍ଚଳରେ ହାତୀମାନଙ୍କ ଅବସ୍ଥିତି ନେଇ ରେଳ ବିଭାଗକୁ ଅବଗତ କରାଯାଇଥିବା ନେଇ ଡିଏଫ୍ଓ ସୂଚନା ଦେଇଛନ୍ତି।



ମୃତ ଦୁଇ ଛୁଆ ହାତୀ।

## କାରଣ ଖୋଜୁଛି ବନ ବିଭାଗ

- ଅନୁଧ୍ୟାନ କଲେ ପିସିସିଏଫ୍
- ହାତୀ କରିଡର, ସୋଲାର ବାଡ଼, ଅଣ୍ଡରପାସ୍ ଉପରେ ଗୁରୁତ୍ୱ

ଉଲ୍ଲେଖଯୋଗ୍ୟ, କିଛି ବର୍ଷ ପୂର୍ବେ ଗୁରୁବେଡ଼ାଠାରେ ଟ୍ରେନ୍ ଧକ୍କାରେ ୩ହାତୀଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୨ ଅଗଷ୍ଟ ୧୫ରେ ଜଜାଙ୍ଗ ସ୍ଥିତ ରେଳ ଧାରଣା ନିକଟରେ ରେଳ ଧକ୍କାରେ ଗୋଟିଏ ହାତୀ ଶାବକ ସମେତ ୨ଟି ହାତୀଙ୍କ ମୃତ୍ୟୁ ହୋଇଥିଲା। ୨୦୨୦ ଜୁନ ୧୪ରେ ଗୁରୁବେଡ଼ା ଛକ ନିକଟସ୍ଥ ଜଙ୍ଗଲରେ ୨ଟି ହାତୀଙ୍କୁ ମାରି ଦୁର୍ବୃତ୍ତମାନେ ସେମାନଙ୍କ ଶୁଣ୍ଢ ଓ ଦାନ୍ତ କାଟି ନେଇଥିଲେ। ମନ୍ଥର ଗତିରେ ଟ୍ରେନ ଚଳାଇବା ପରିବର୍ତ୍ତେ ଚାଳକମାନେ ଦ୍ରୁତ ଗତିରେ ଟ୍ରେନ୍ ଚଳାଉଥିବାରୁ ବିଭିନ୍ନ ସ୍ଥାନରେ ହାତୀଙ୍କ ମୃତ୍ୟୁ ହେଉଥିବା ପରିବେଶବିତ ବିଶ୍ୱଜିତ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହଛନ୍ତି। ସମୁଦାୟ ୨୩ଟି ହାତୀ କରିଡର ପାଇଁ ପ୍ରସ୍ତାବ ଦିଆଯାଇଥିଲେ ହେଁ ୧୪ଟି କରିଡରକୁ ସରକାର ଏଯାବତ ଅନୁମୋଦନ ଦେଇ ନାହାନ୍ତି। ୨୦୧୦ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଅଦ୍ୟାବଧି କୌଣସି ବିଜ୍ଞପ୍ତି ପ୍ରକାଶ କରି ନାହାନ୍ତି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ସରକାରଙ୍କୁ ୧୨ଟି ହାତୀ କରିଡର ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ୧୦ ବର୍ଷ ବିତିଯାଇଥିଲେ ମଧ କରାଯାଇନାହିଁ। ହାତୀ କରିଡର ଲାଗି ବିଜ୍ଞପ୍ତି ପ୍ରକାଶ ପାଇଲେ ଉକ୍ତ କରିଡର ଅଞ୍ଚଳରେ କୌଣସି ଖଣି ଖନନ, ଶିଳ୍ପ ପ୍ରତିଷ୍ଠାନ ଓ କେନାଲ ଖୋଳାଯାଇ ପାରିବ ନାହିଁ ବୋଲି ପରିବେଶବିତ ମହାନ୍ତି କହିଛନ୍ତି। ଗୁରୁବାର ଟ୍ରେନ୍ ଦୁର୍ଘଟଣାରେ ଅନ୍ୟ ହାତୀ ମଧ୍ୟ ଆହତ ହୋଇ ପାରିଥାନ୍ତି। ବନ ବିଭାଗ ଏହା ଉପରେ ନଜର ରଖି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ ପରିବେଶବିତ ରସାନନ୍ଦ ବେହେରା କହିଛନ୍ତି। ୩ ହାତୀଙ୍କ ମୃତଦେହକୁ ବନ ବିଭାଗ ଅଧିକାରୀଙ୍କ ଉପସ୍ଥିତରେ ଗାତ ଖୋଳି ପୋତି ଦିଆଯାଇଛି।

# ଡାକ୍ତରଖାନାରୁ ଚମ୍ପଟ ମାରିଲେ ୨ ଅଭିଯୁକ୍ତ

## ଗଞ୍ଜେଇ ଚୋରାଚାଲାଣ ମାମଲାରେ ଗିରଫ ହୋଇଥିଲେ

ମାଲକାନଗିରି,୨୦।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ୨ ଅଭିଯୁକ୍ତ ଶୁକ୍ରବାର ପୋଲିସ ହେପାଜତରୁ ଚମ୍ପଟ ମାରିଛନ୍ତି। ଗଞ୍ଜେଇ ଚୋରାଚାଲାଣ ଘଟଣାରେ ଗୁରୁବାର ଦୁଇ ଅଭିଯୁକ୍ତ ବୁଦୁଗୁଡ଼ା ଗ୍ରାମର ଦୀପକ ପାଟିଲ ଓ ଟେକଗୁଡ଼ା ଗ୍ରାମର ହରି ମାଟାମାଙ୍କୁ ପୋଲିସ ଗିରଫ କରିଥିଲା। କୋର୍ଟ ଚାଲାଣ ପୂର୍ବରୁ ଶୁକ୍ରବାର ଉଭୟଙ୍କୁ ଡାକ୍ତରୀ ମାଇନା ନିମନ୍ତେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଦୁହେଁ ଚମ୍ପଟ ମାରିଥିଲେ। ତେବେ ଫେରାର ଦୀପକଙ୍କୁ ତାଙ୍କ ଗାଁ ବୁଦୁଗୁଡ଼ାରୁ ପୋଲିସ ଖୋଜି ବାହାର କରିଥିବାବେଳେ ହରିଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କାଲିମେଳା ଥାନା ଅଧିକାରୀ ରଘୁନାଥ ମାଝି କହିଛନ୍ତି। ତେବେ ପୋଲିସ ଉପସ୍ଥିତିରେ ଅଭିଯୁକ୍ତମାନେ ଖସିଯିବାରେ ସଫଳ ହେବା ପୋଲିସର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି।

### ଜଣଙ୍କୁ ଖୋଜି ବାହାରକଲା ପୋଲିସ

# ବାର୍‌ହା ଫାଶରେ ପଡ଼ି କଲରାପତରିଆ ମୃତ



ଢେଙ୍କାନାଳ ଅଫିସ୍/ସାତମାଇଲ/ହିନ୍ଦୋଳ(ଡି.ଏନ୍.ଏ.), ୨୦।୫

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଅନ୍ତର୍ଗତ କର୍ଣ୍ଣପୁର ବିଟ୍ ହାଉସ୍‌ର କୋଇ ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର ଏକ କଲରାପତରିଆ ବାଘର ଗଳିତ ମୃତଦେହ ଠାବ କରାଯାଇଛି। ଶିକାରୀ ବିଛାଇଥିବା ବାର୍‌ହା ଫାଶରେ ପଡ଼ି ବାଘଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଉକ୍ତ କଲରାପତରିଆର ଆନୁମାନିକ ବୟସ ୩ରୁ ୪ବର୍ଷ ମଧ୍ୟରେ ହୋଇଥିବା ବେଳେ ପ୍ରାୟ ୩ଦିନ ତଳେ ଏହାର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ପାଇ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନିଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି। ବନାଞ୍ଚଳ ଅଧିକାରୀ ଲୋହିତ କୁମାର ରଥ ବିଭାଗୀୟ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ତନାଘନା କରିଛନ୍ତି।

ଅନ୍ୟପଟେ ଏହାକୁ ନେଇ କର୍ଣ୍ଣପୁର ଗ୍ରାମବାସୀଙ୍କ ମଧ୍ୟରେ ଭିନ୍ନମତ ପ୍ରକାଶ ପାଇଛି। ଗତ ଗୁରୁବାର ବାଘ ମୃତଦେହ ଠାବ କରାଯାଇଛି। ତେବେ ବନ କର୍ମଚାରୀ କିଛି ନ ବୁଝି ଗ୍ରାମର ୩ଜଣଙ୍କୁ ଜବରଦସ୍ତ ଉଠାଇ ନେଇଛନ୍ତି। ସେମାନଙ୍କୁ ତୁରନ୍ତ ଖଲାସ କରିବା ଦାବିରେ କର୍ଣ୍ଣପୁର ବିଟ୍ ହାଉସ୍ ସମ୍ମୁଖରେ ହିନ୍ଦୋଳ-ଅନୁଗୋଳ ରାସ୍ତାକୁ ଗ୍ରାମବାସୀ ଅବରୋଧ କରିଥିଲେ। ଫଳରେ ଶୁକ୍ରବାର ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ଡିଏସ୍‌ପି ଅଞ୍ଜନା ଟୁଡୁ ଏବଂ ହିନ୍ଦୋଳ ଥାନାଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା।

ହିନ୍ଦୋଳ ବନାଞ୍ଚଳରେ କଲରାପତରିଆ ବାଘବଂଶ ବୃଦ୍ଧି ପାଉଛି। ଏହାକୁ ନେଇ ବନ ବିଭାଗ ଉତ୍ସାହିତ ଥିବାବେଳେ ଶିକାରୀ ଫାଶରେ ବାଘମୃତ୍ୟୁ ଚିନ୍ତା ବଢ଼ାଇଛି। ପାଟ୍ରୋଲିଂ ଦାୟିତ୍ୱରେ ଥିବା କର୍ମଚାରୀମାନେ ଠିକ୍‌ଭାବେ ଦାୟିତ୍ୱ ତୁଲାଉ ନ ଥିବାରୁ ଏଭଳି ଘଟଣା ଘଟିଥିବା ଆଲୋଚନା ହେଉଛି। ବାଘ ବିଚରଣ କରୁଥିବା କୋର୍ ଅଞ୍ଚଳରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରିବାକୁ ପରିବେଶପ୍ରେମୀମାନେ ଦାବି କରିଛନ୍ତି।

### ହଷ୍ଟେଲ ଛାତରୁ ଖସି ଛାତ୍ରୀଙ୍କ ମୃତ୍ୟୁ ଘଟଣା

# କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର ଲୋକେ

ବାଲେଶ୍ୱର ଅଫିସ, ୨୦।୫

ବାଲେଶ୍ୱର ସେଣ୍ଟ୍ରାଲ ସ୍କୁଲ ଛକ ନିକଟରେ ଥିବା ଏକ ଘରୋଇ କଲେଜ ହଷ୍ଟେଲ ଛାତରୁ ଖସି ଛାତ୍ରୀଙ୍କ ମୃତ୍ୟୁ ଘଟଣା ରହସ୍ୟମୟ ହୋଇପଡ଼ିଛି। ଛାତ୍ରୀ ଆତ୍ମହତ୍ୟା କରିଥିବା ନେଇ କଲେଜ କର୍ତ୍ତୃପକ୍ଷ କହୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଛାତ୍ରୀଙ୍କ ବାପା ସଦର ଥାନାରେ କଲେଜ କର୍ତ୍ତୃପକ୍ଷଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ.୧୫୦/୨୨) ରୁଜୁକରାଯାଇ ତଦନ୍ତ ଆରମ୍ଭ ହୋଇଛି। ସଦର ଥାନା ଆଇଆଇସି ଅଶୋକ ନାୟକଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ହଷ୍ଟେଲ୍ ପରିସରରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିଛନ୍ତି। ମୃତ ଛାତ୍ରୀଙ୍କ ରୁମ୍‌ମେଟ, ହଷ୍ଟେଲ୍ ୱାର୍ଡେନ୍, ପ୍ରିନ୍ସପାଲ ଏବଂ ହଷ୍ଟେଲ୍ ଆଖପାଖ ଲୋକଙ୍କ ସହ ପୋଲିସ ଟିମ୍ ଆଲୋଚନା କରିଛି। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବା ବେଳେ ଛାତ୍ରୀଜଣଙ୍କ ଛାତରୁ ଖସି ପଡିଥିବା ପୋଲିସ ସ୍ପଷ୍ଟ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ଉକ୍ତ ଛାତ୍ରୀଙ୍କ ଘର ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳରେ।

ପୋଲିସ ସୂଚନା ଅନୁଯାୟୀ, ଗତ ୧୮ତାରିଖରେ ହଷ୍ଟେଲରେ ରହୁଥିବା ୩ଜଣ ରୁମ୍‌ମେଟଙ୍କ ୯୦୦ଟଙ୍କା ଚୋରି ହୋଇଥିଲା। ଏହି ଘଟଣାକୁ ନେଇ ସାଙ୍ଗମାନେ ଉକ୍ତ ଛାତ୍ରୀଙ୍କୁ ସନ୍ଦେହରେ ପଚରାଉଚରା କରିବା ସହ ହଷ୍ଟେଲ୍ ୱାର୍ଡେନ୍‌ଙ୍କୁ ଜଣାଇଥିଲେ। ୱାର୍ଡେନ ମଧ୍ୟ ତାଙ୍କୁ ତାଗିଦ୍ କରିଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ତାଙ୍କ ବାପାଙ୍କୁ ରାତି ପ୍ରାୟ ୧୦ଟା ୪୦ମିନିଟ୍‌ରେ ଫୋନ୍ କରି କାନ୍ଦି କାନ୍ଦି ଜଣାଇବା ସହ ୨ଶହ ଟଙ୍କା ଦେଲେ ସେମାନଙ୍କୁ ଫେରାଇ ଦେବେ ବୋଲି କହିଥିଲେ। ମଧ୍ୟରାତି ପର୍ଯ୍ୟନ୍ତ ସିଡି ପାହାଚରେ ବସି ଛାତ୍ରୀ ଜଣକ ପାଠ ପଢୁଥିବା ଅନ୍ୟମାନେ ଦେଖିଥିଲେ। ହଠାତ୍ କିଛି ସମୟ ପରେ ସେ ହଷ୍ଟେଲ ତଳେ ଚେତାଶୂନ୍ୟ ହୋଇପଡ଼ିଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ସେଠାରେ ଛାତ୍ରୀଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା



ହଷ୍ଟେଲ୍‌ରେ ପୋଲିସର ତଦନ୍ତ।

# ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଖାରଜ

**ଖୋର୍ଦ୍ଧା ଅଫିସ,୨୦।୫:** ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକଙ୍କୁ ଗାଡ଼ି ମଡ଼ାଇଦେବା ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଜେଲ ଯାଇ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନ୍ତରୀଣ ଜାମିନରେ ଆସିଥିଲେ। ଗତ ୯ତାରିଖରେ ହାଇକୋର୍ଟ ତାଙ୍କ ଜାମିନ ଆବେଦନ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ଏହାର ରାୟ ପ୍ରକାଶ ପାଇଛି। ହାଇକୋର୍ଟ ତାଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିବା ସହ ଆସନ୍ତା ୨୩ତାରିଖରେ ବାଣପୁର ତଳ କୋର୍ଟ(ଜେଏମ୍‌ଏଫ୍‌ସି)ରେ ଆତ୍ମସମର୍ପଣ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ବିଧାୟକଙ୍କ ଯଦି ସ୍ୱାସ୍ଥ୍ୟଗତ ସମସ୍ୟା ଜେଲରେ ଦେଖାଯାଏ, ଜେଲ କର୍ତ୍ତୃପକ୍ଷ ତାଙ୍କ ଚିକିତ୍ସା କରିପାରିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଏସ୍.ଏସ୍.ପ୍ରଧାନ ଏବଂ ପୀଡ଼ିତଙ୍କ ପକ୍ଷରୁ ଆଇନଜୀବୀ ସାସ୍ୱତୀ ମହାପାତ୍ର, ଜୟନ୍ତ କୁମାର ଖଣ୍ଡାୟତରାୟ ମାମଲା ପରିଚାଳନା କରିଥିଲେ। ତେବେ ବିଧାୟକଙ୍କ ପାଇଁ ହାଇକୋର୍ଟର ଦ୍ୱାର ବନ୍ଦ ହୋଇଯିବା ପରେ ସେ ଏବେ ନିୟମିତ ଜାମିନ ପାଇଁ ସୁପ୍ରିମକୋର୍ଟରେ ଅପିଲ କରିପାରିବେ ବୋଲି ବରିଷ୍ଠ ଆଇନଜୀବୀମାନେ ମତ ଦେଇଛନ୍ତି।

ପ୍ରକାଶ ଯେ, ଗତ ମାର୍ଚ୍ଚ ୧୨ରେ ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକ ଏବଂ ପୋଲିସକୁ ଗାଡ଼ି ମଡ଼ାଇଦେବା ଘଟଣାରେ ବାଣପୁର ଏସ୍‌ଆଇ ଦେବସ୍ମିତା ବେହେରାଙ୍କ ଅଭିଯୋଗକ୍ରମେ ବିଧାୟକ ଜଗଦ୍ଦେବଙ୍କୁ ପୋଲିସ ଗିରଫ କରିଥିଲା। ଜାମିନ ଖାରଜ ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିବା ପରେ ପୁଣି ଜେଲ ଫେରିଥିଲେ। ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ହାଇକୋର୍ଟ ପ୍ରଥମେ ୭ଦିନ ପରେ ପରେ ଆଉ ସପ୍ତାହ ତାଙ୍କୁ ଅନ୍ତରୀଣ ଜାମିନ ଦେଇଥିଲେ। ମେ’ ୪ ରେ ସେ ବାଣପୁର କୋର୍ଟରେ ଆତ୍ମସମର୍ପଣ କରିବାର ଥିଲା। ତେବେ ପରେ ହାଇକୋର୍ଟ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ଏକ ରିପୋର୍ଟ ଦାଖଲ କରିବାକୁ ବାଣପୁର ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୮ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ରିପୋର୍ଟ ବାଣପୁର ପୋଲିସକୁ ହସ୍ତାନ୍ତର କରିଥିଲା। ୯ ତାରିଖରେ ହାଇକୋର୍ଟ ବିଧାୟକ ଜଗଦ୍ଦେବଙ୍କ ଜାମିନ ଆବେଦନ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ଏହି ରାୟ ପ୍ରକାଶ ପାଇଛି।

### ଲୋକଙ୍କ ଉପରେ ଗାଡ଼ି ମଡ଼ାଇଦେବା ମାମଲା

- ୨୩ରେ ବାଣପୁର କୋର୍ଟରେ ଆତ୍ମସମର୍ପଣ କରିବେ
- ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ, ଜେଲ କର୍ତ୍ତୃପକ୍ଷ ବ୍ୟବସ୍ଥା କରିବେ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED HARBOUR DATA COLLECTOR
For Paradeep and Balugaon, salary Rs.17,000/- pm, pass +2 with Biology' or any Bachelor's Degree with computer knowledge. Age limit- 30 yrs., Relaxation: SC/ST- 5 years, OBC- 3 yrs. Experience in field survery in fisheries projects is desirable. Send biodata to netfish.odisha@gmail.com, Ph.:9438004106. Apply within 7 days.

REQUIRED
STORE MANAGERS by a reputed Automotive Tyre Dealer for Store Locations at Bhubaneswar and Pipili. Eligibility: Minimum Graduate in any discipline. Age: 30 years and above and below 50 years.
Salary: As per industry standards.
Contact: 9348336282

ଆବଶ୍ୟକ
ଭୁବନେଶ୍ୱରରେ ରୋଷେଇ, ଘରକାମ ପାଇଁ ଗରିବ ଝିଅପିଲା ଓ ବଗିଚା କାମ ପାଇଁ ପୁଅପିଲା ଆବଶ୍ୟକ । ରହିବା, ଖାଇବା ମାଗଣା, ଦରମା ୫୦୦୦/-।
9437140878
9348136369

REQUIRED
• NURSERY TEACHER (Trained) • MARKETING PERSON • OFFICE BOY.
Local persons preferred.
Contact: LYNTAS, Nakhara
9861124368

APPOINTMENT
Required Audit Assistants (2 Nos.) with minimum qualification of B.Com., having good knowledge in Accountancy.
Contact: R.C. LAL & CO, Chartered Accountants, 41, Ashok Nagar (East), Janpath Tower Lane, Bhubaneswar.
0674-2531695.

URGENTLY REQUIRED
"Orleyfood" requiring candidates for the posts
CEO/GM - 1No, Operation - 3Nos
Accounts Managar - 1No
The above post is for immediate joining for that candidates must be carry all testimonial.
Date of Interview & Selection : 22 & 25.05.2022
Interview Venue
CAPRICIOUS FOOD PRODUCTS Pvt. ltd.
S2/13, Barabhuja Mall, Khandagiri
Bhubaneswar - 751030
Email: hrd@capriciousfoods.com
Contact: 8016833319 / 9078077932

JOB OPENING
ENCOMS PVT. LTD., BBSR
Requires Experienced DGPS Operator, Accounts-cum-Office Clerk, Experienced Civil Engineer using Watergems Software.
Salary Negotiable
encoms.odisha@gmail.com
Mob.: 7205987120

ଭାରତର ସୁପ୍ରସିଦ୍ଧ ଅନ୍ତର୍ଜାତୀୟ ସଂସ୍ଥାନ ତୁରନ୍ତ ଆବଶ୍ୟକ କରୁଛି-
ମହିଳା ଫିଲ୍ଡ ଅଫିସର / ଏକ୍ଜିକ୍ୟୁଟିଭ୍
(ଫଣ୍ଡ ରେଜିଙ୍ଗ ନନ୍ ମେଲିଂ ସେକ୍ସନ)
ଯୋଗ୍ୟତା: 12th pass (ଅଭିଜ୍ଞତା- 1ରୁ 2 ବର୍ଷ) /Graduation - Fresher ଆବେଦନ କରିପାରନ୍ତି ।
ଆକର୍ଷଣୀୟ ଦରମା + (TA & DA)
ତୁରନ୍ତ ଯୋଗାଯୋଗ କରନ୍ତୁ -
7023101171
7023101177
ଇମେଲ୍- recrc4job@gmail.com
SHIVA

LEPRA Urgent Requires
Counsellor for its Targeted Interventions Project (IDU), Bhubaneswar
Qualification & Experience: Qualified with Post-graduate in Psychology or Social Work from any recognized institution. Should have minimum 2year of experience in HIV sector or any field level health programme.
Salary: 12000/- per Month
For details visit: www.leprasociety.org
Apply to: hrd@leprahealthinaction.in
Last date: 25th May 2022

APPOINTMENT
Required Lady Graduate with MS Office working knowledge for a Chartered Accountant Firm in Bhubaneswar. Lodging will be provided.
Contact Tel. No.:
9078006778 / 8249377084

See Career Appointment on every Wednesday & Saturday

A leading Sanitary Showroom requires an Accountant and a Marketing Executive for their Business promotion of various products at Patia Bhubaneswar.
Interested candidates can come for walk in interview on 22.05.2022 at below address:
SAI SARANAM AGENCY
Beside Reliance Trends, Patia, Bhubaneswar
Contact: 9861125927, 9438729669

DSPL - 35
ଓଡ଼ିଶା ଶାସନ
କୃଷକ ଓଡ଼ିଶା
GO SUGAM
Government of Odisha - Single Window Unified Gateway for Agrarian Management

କୃଷକ ଓଡ଼ିଶା
- ଫୋନ୍ ମାଧ୍ୟମରେ ଉପଯୁକ୍ତ ପରାମର୍ଶ
- ଅତି ଶୀଘ୍ର ସରକାରୀ ସେବା ଓ ସାହାଯ୍ୟ
- ବ୍ୟାଙ୍କ ମାଧ୍ୟମରେ ସୁବିଧାରେ ଋଣ ସହାୟତା
krushak.odisha.gov.in

ଗୋ-ସୁଗମ
- କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକର ୩୫ଟି ରୁ ଅଧିକ ଯୋଜନା
- କୃଷି ଉଦ୍ୟୋଗୀମାନଙ୍କ ପାଇଁ ଏକକ ୱିଣ୍ଡୋ ପୋର୍ଟାଲ୍
- ହିତାଧିକାରୀଙ୍କ ଦରଖାସ୍ତର ସ୍ଥିତି ଟ୍ରାକିଂ ଏବଂ ସୂଚନା
sugam.odisha.gov.in

ଦରଖାସ୍ତ କରି ସେବାର ସୁଯୋଗ ନିଅନ୍ତୁ
- ୱେବ୍ ପୋର୍ଟାଲ ଏବଂ ମୋବାଇଲ୍ ଆପ୍
- ମୋ ସେବା କେନ୍ଦ୍ର
- କୃଷି, ଉଦ୍ୟାନକୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ
- ବ୍ଲକ କାର୍ଯ୍ୟାଳୟ (କେବଳ ଗୋ-ସୁଗମ ପାଇଁ)



ସହାୟତା ନିମନ୍ତେ ଯୋଗାଯୋଗ କରନ୍ତୁ ୧୫୫୩୩୩ - ଆମ କୃଷି -

ଚାଷୀ ଭାଇ ଓ ଭଉଣୀମାନେ କୃଷକ 'ଓଡ଼ିଶା ପୋର୍ଟାଲ'ରେ ୩୧ଜୁଲାଇ ୨୦୨୨ ସୁଦ୍ଧା 'ମୋ ସେବା କେନ୍ଦ୍ର' ମାଧ୍ୟମରେ ନୂତନ ପଞ୍ଜୀକରଣ କିମ୍ବା ତଥ୍ୟ ଅପ୍‌ଡେଟ୍ ଶତକଡ଼ା ୫୦ ଭାଗ ରିହାତିରେ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
OIPR-01034/13/0007/2223

ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। **-ଶ୍ରୀଅରବିନ୍ଦ**

# ବଡ଼ ବିତର୍କ ଲୋଡ଼ା



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

କେନ୍ଦ୍ର ସରକାରଙ୍କ ଲାଟେରାଲ ଏଣ୍ଟ୍ରି ନୀତିରେ ଘରୋଇ ଏବଂ ସାର୍ବଜନୀନ କ୍ଷେତ୍ରରୁ ବିଶେଷଜ୍ଞଙ୍କୁ ଆଣି ସରକାରରେ ନିଯୁକ୍ତି ଦିଆଯାଉଛି। କିନ୍ତୁ ଧୀରେଧୀରେ ବରିଷ୍ଠ ବାବୁମାନେ ସର୍ଭିସ ଛାଡି କର୍ପୋରେଟ ଜଗତରେ ପ୍ରବେଶ କରିବା ଦ୍ୱାରା ଏହି ନୀତି ପ୍ରଭାବହୀନ ହେବାରେ ଲାଗିଛି। ଅନେକ ଘଟଣାରେ, ଏହି ବାବୁମାନେ ସିଭିଲ୍ ସର୍ଭିସ ଛାଡିବା କିମ୍ବା ଅବସର ନେବାର ଠିକ୍ ପରେ ଲାଭଦାୟକ ଦାୟିତ୍ୱରେ ରହିଛନ୍ତି। ଯଦିଓ ଏକ ବର୍ଷ 'କୁଲିଂ ଅଫ୍' ପିରିୟଡ (ଅବସର ପରେ ଓ ଘରୋଇ ଫାର୍ମରେ ଯୋଗ ଦେବା ପୂର୍ବର ଅମଲାତନ୍ତ୍ରୀଙ୍କ ପାଇଁ ନିଶ୍ଚିତ କରାଯାଇଥିବା ସମୟ)ରେ ରହିବାର ନିୟମ ଥିଲେ ମଧ୍ୟ ତାହା ନ କରି ସେମାନେ ଏଭଳି କରିଛନ୍ତି। ନୀତି ଆୟୋଗ ଏବଂ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ)ର ପୂର୍ବତନ ସଦସ୍ୟ ଅର୍ଚ୍ଚନା ଗୋୟଲ ଗୁଲାଟି ନିକଟରେ ଗୁଗଲ୍‌ରେ ପବ୍ଲିକ୍ ପଲିସି ମୁଖ୍ୟ ଭାବେ ନିଯୁକ୍ତି ପାଇଛନ୍ତି ଓ ଏହାକୁ ନେଇ ପୁନର୍ବାର କୁଲିଂ ଅଫ୍ ପିରିୟଡ ଉପରେ ବିତର୍କ ଉଙ୍କି ମାରିଛି। ସୂତ୍ରରୁ ଜଣାପଡ଼ିଛି, ଗୁଗଲ୍‌ର ମୂଳ କମ୍ପାନୀ ଆଲ୍‌ଫାବେଟ ଇଙ୍କ୍ ସମ୍ପର୍କରେ ତଦନ୍ତ କରିବା ଲାଗି ସିସିଆଇ ନିର୍ଦ୍ଦେଶ ଦେଇଥିଲାବେଳେ ଗୁଲାଟି ସିସିଆଇରେ ନିଯୁକ୍ତି ପାଇଥିଲେ। ତେବେ ଗୁଲାଟି ସୂଚାଇ ଦେଇଛନ୍ତି ଯେ, ବାଧ୍ୟତାମୂଳକ କୁଲିଂ ଅଫ୍ ପିରିୟଡ ଶେଷ ହେବା ପରେ ହିଁ ସେ ଗୁଗଲ୍‌ରେ ଯୋଗ ଦେଇଛନ୍ତି। ଯାହାହେଉ ପୂର୍ବରୁ ଏଭଳି ନିଷ୍ପତ୍ତି ନେଇଥିବା ଅନ୍ୟ ବାବୁମାନଙ୍କ ପଦାଙ୍କ ଅନୁସରଣ କରୁଛନ୍ତି ଗୁଲାଟି। ଅମଲାତନ୍ତ୍ରରେ ଦୁଇ ଦଶନ୍ଧି ଧରି କାର୍ଯ୍ୟ କରିବା ପରେ ୨୦୧୯ରେ ଆନନ୍ଦବିଜୟ ଝା ତାହା ଛାଡି ଏକ ବହୁ ରାଷ୍ଟ୍ରୀୟ ଓ ପୁନଶ୍ଚ ଏକ ଇଣ୍ଟରନ୍ୟାଶନାଲ ଇନ୍‌ଭେଷ୍ଟମେଣ୍ଟ ପାୱାର୍‌ହାଉସକୁ ଯାଇଥିଲେ। ଗତବର୍ଷ ଉତ୍ତରପ୍ରଦେଶ କ୍ୟାଡର୍ ଆଇଏଏସ୍ ଅଧିକାରୀ ରାଜୀବ ଅଗ୍ରୱାଲ ଏକ ଗ୍ଲୋବାଲ ସୋସିଆଲ ମିଡିଆର ନୀତି ମୁଖ୍ୟ ଭାବେ ଯୋଗ ଦେଇଥିଲେ। ତେବେ ଅବସର ପରେ ରାଜନୀତି କିମ୍ବା କର୍ପୋରେଟରେ ପ୍ରବେଶ କରିବାର ଲକ୍ଷ୍ୟ ରଖିଥିବା ବାବୁମାନଙ୍କ କ୍ଷେତ୍ରରେ ଥିବା ବାଧ୍ୟତାମୂଳକ କୁଲିଂ ଅଫ୍ ପିରିୟଡକୁ ନେଇ ପୂର୍ବରୁ ବିତର୍କ ଲାଗି ରହିଥିଲେ ବି ଏଥିପାଇଁ ଏବେ ଏକ ବଡ଼ ବିତର୍କ ଲୋଡ଼ା।

### ଆଇନ ମନ୍ତ୍ରଣାଳୟରେ ଆଇଏଏସ୍ କ୍ୟାଡର

କେନ୍ଦ୍ର ଆଇନ ମନ୍ତ୍ରଣାଳୟ ସଚିବ ଭାବେ ଇଣ୍ଡିଆନ୍ ଲିଗାଲ ସର୍ଭିସ(ଆଇଏଲ୍‌ଏସ୍)ର ଅଧିକାରୀ କିମ୍ବା ଆଇନ ବଶାରଦମାନଙ୍କୁ ନିଯୁକ୍ତି ନ ଦେବା ଲାଗି କେନ୍ଦ୍ର ନିଷ୍ପତ୍ତି ନେଇଛି। କେନ୍ଦ୍ର ଭରସାଯୋଗ୍ୟ ତଥା କଠିନ ପରିଶ୍ରମୀ ଆଇଏଏସ୍ କ୍ୟାଡର ଉପରେ ନିର୍ଭର କରିବାକୁ ପସନ୍ଦ କରିଛି। ଆଇନ ସଚିବ ଭାବେ ୧୯୯୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ନୀତିନ ଚନ୍ଦ୍ରାଙ୍କୁ ନିଯୁକ୍ତି ଦେଇ ଏହା ପ୍ରମାଣ ବି କରିଛି। ଯଦିଓ ସର୍ବଭାରତୀୟ ସେବା ଭାବେ ଆଇଏଲ୍‌ଏସ୍ ୧୯୫୬ରୁ ରହିଛି। ଆଇଏଲ୍‌ଏସ୍ ଅଧିକାରୀମାନଙ୍କୁ ମନ୍ତ୍ରଣାଳୟର ଆଇନ ବ୍ୟାପାର ବିଭାଗ, ବ୍ୟବସ୍ଥାପିକା ବିଭାଗ ଏବଂ ନ୍ୟାୟ ବିଭାଗର ଅଣ୍ଡର୍‌ସେକ୍ରେଟାରିଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ନିଯୁକ୍ତି ଦିଆଯାଇଥାଏ। ଏହି ଅଧିକାରୀମାନଙ୍କୁ ଡେପୁଟେଶନରେ ମଧ୍ୟ ନିଆଯାଇଥାଏ। ଚନ୍ଦ୍ରାଙ୍କୁ ଜୁଡ଼ିସିଆଲ ସର୍ଭିସ ଅଧିକାରୀ ଏ.କେ.ମେନ୍ଦିରତ୍ତାଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇଛି। କୌତୂହଳର କଥା, ମେନ୍ଦିରତ୍ତା କୃଷି ଆଇନଗୁଡ଼ିକର ଡ୍ରାଫ୍ଟ ପ୍ରସ୍ତୁତ କରିଥିଲେ ଯାହାକୁ ନେଇ ଦୀର୍ଘ ଏକ ବର୍ଷ ବ୍ୟାପୀ କୃଷକମାନେ ପ୍ରତିବାଦ ଜାରି ରଖିଥିଲେ। ସ୍ମରଣଯୋଗ୍ୟ,ପ୍ରଧାନ ବିଚାରପତି (ସିଜେଆଇ) ଆଇନର ଗୁଣବତ୍ତା ଏବଂ ଆଇନ ଡ୍ରାଫ୍ଟିଂର ସ୍ପଷ୍ଟତାକୁ ନେଇ ଦୁଃଖ ପ୍ରକାଶ କରିଥିଲେ। ସମ୍ଭବତଃ, ଏହା ଚନ୍ଦ୍ରାଙ୍କ ନିଯୁକ୍ତି ପାଇଁ ପଥ ସୁଗମ କରିଥିଲା ଓ କେନ୍ଦ୍ର ଅନୁଭବ କରିଥିଲା ଯେ, ଜଣେ ଆଇଏଏସ୍ ଅଧିକାରୀ ହିଁ ଏହି ପଦବୀ ପାଇଁ ଯୋଗ୍ୟ। ବିଶେଷ ସୂତ୍ରରୁ ପ୍ରକାଶ ଯେ, ପୂର୍ବତନ ଆଇନ ସଚିବ ଆଲୋକ ଶ୍ରୀବାସ୍ତବଙ୍କ ଅତି ଉତ୍ତମ ସଫଳତା ସେହି ପଦବୀକୁ ଆଇଏଏସ୍ କ୍ୟାଡରକୁ ଫେରାଇ ଦେବା ଲାଗି ବିଶ୍ୱାସ ଜନ୍ମାଇଛି।

### କିଏ ଜିତିବ

ନିଯୁକ୍ତିକୁ ନେଇ ହରିୟାଣାର ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନଙ୍କ ମଧ୍ୟରେ ଲାଗି ରହିଥିବା ଲଢ଼େଇ କେନ୍ଦ୍ରର ହସ୍ତକ୍ଷେପ ପରେ ତୀବ୍ର ହୋଇଛି। ପୂର୍ବରୁ ମନୋହରଲାଲ ଖଟ୍ଟର ସରକାର କ୍ୟାଡର ପଦବୀରେ ଅଣକ୍ୟାଡର ଆଇପିଏସ୍, ଆଇଏଫ୍‌ଏସ୍ ଏବଂ ଆଇଆର୍‌ଏସ୍ ଅଧିକାରୀମାନଙ୍କୁ ନିଯୁକ୍ତି କରିଚାଲିଛନ୍ତି। ଏହା ବ୍ୟତୀତ ରାଜ୍ୟ ସରକାର ମଧ୍ୟ କ୍ୟାଡର ପଦବୀ ପାଇଁ ୧୧ ଜଣ ଅଣ କ୍ୟାଡର ଅଧିକାରୀଙ୍କ ନିଯୁକ୍ତି ଲାଗି କେନ୍ଦ୍ର ଅନୁମୋଦନ ମାଗିଥିଲେ। ଏବେ କେନ୍ଦ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଓ କହିଛି ଯେ, ପୂର୍ବରୁ କେନ୍ଦ୍ରର ଅନୁମୋଦନ ନ ନେଇ ରାଜ୍ୟ ସରକାର ୩ ମାସରୁ ଅଧିକ ଯାଏ କ୍ୟାଡର ପଦବୀରେ ଅଣ କ୍ୟାଡର୍ ଅଧିକାରୀମାନଙ୍କୁ ନିଯୁକ୍ତ କରିପାରିବେ ନାହିଁ। କ୍ୟାଡର ପଦବୀରେ ରହିଥିବା ସମସ୍ତ ଅଣକ୍ୟାଡର ଅଧିକାରୀଙ୍କ ସବିଶେଷ ବିବରଣୀ କେନ୍ଦ୍ର ରାଜ୍ୟ ସରକାରଙ୍କୁ ମାଗିଛି। ସୂତ୍ରରୁ ପ୍ରକାଶ, କେନ୍ଦ୍ରର ଏହି ନିର୍ଦ୍ଦେଶର ଉତ୍ତରଦେବାକୁ ବାକି ରହିଛି। କିନ୍ତୁ ଆଇପିଏସ୍ ଅଧିକାରୀ ସଂଘ ରାଜ୍ୟ ମୁଖ୍ୟ ଶାସନ ସଚିବ ସଞ୍ଜୀବ କୌଶଲଙ୍କୁ ଲେଖିଛି ଯେ, କ୍ୟାଡର ନିୟମର କୌଣସି ଉଲ୍ଲଂଘନ ହୋଇନାହିଁ। ଆଇପିଏସ୍ ଅଧିକାରୀମାନେ ଯୁକ୍ତି ବାଢିଛନ୍ତି ଯେ, ଅଣ ଆଇଏଏସ୍ କ୍ୟାଡର ଅଧିକାରୀମାନେ ଥିବା ତିନୋଟି ପ୍ରିନ୍ସିପାଲ ସେକ୍ରେଟାରି ପଦବୀ କ୍ୟାଡର ପଦବୀ ନୁହନ୍ତି। କିନ୍ତୁ ଏଭଳି ମତ ଦିଲ୍ଲୀରେ ବାବୁମାନଙ୍କୁ ପ୍ରଭାବିତ କରିବାର ସମ୍ଭାବନା ନାହିଁ। ଆଇଏଏସ୍ ଅଧିକାରୀମାନେ ଖଟ୍ଟର ସରକାରଙ୍କ ଉପରେ ପ୍ରତି ଆକ୍ରମଣ କରିବା ସ୍ପଷ୍ଟ ହୋଇଛି, କିନ୍ତୁ ଏଥିରେ କିଏ ବିଜୟୀ ହେବ ? କେନ୍ଦ୍ରର ନିର୍ଦ୍ଦେଶର କୌଶଳ କିଭଳି ଉତ୍ତର ଦେବେ ତାହା ମଧ୍ୟ ଏକ ସଂକେତ ଦେବ।

Email: dilipcherian@gmail.com

# ଜଳଯୁଦ୍ଧ



**ଡ. ଅଜୟ କୁମାର ପାତ୍ର**

ବିନ୍ଦୁ ବିନ୍ଦୁ ପାଣିରେ ଅଯୁତ ଜୀବନ। ବିନ୍ଦୁ ବିନ୍ଦୁ ପାଣି ମିଶି ମହାସାଗର ହୋଇପାରିଛି। ପାଣିର ଏପରି ବିଶିଷ୍ଟ ଗୁଣ ଯୋଗୁ ଏହାକୁ 'ସାର୍ବଜନୀନ ଦ୍ରାବକ' କୁହାଯାଏ। ଅଧିକନ୍ତୁ ସୌର ପରିବାର ଏକମାତ୍ର ଜୀବଲୋକ ପୃଥିବୀକୁ 'ଜଳସିକ୍ତ ଗ୍ରହ' କୁହନ୍ତି । କାରଣ ପୃଥିବୀର ସମୁଦାୟ ଅଞ୍ଚଳରୁ ପ୍ରାୟ ୭୨ ପ୍ରତିଶତ ଅଞ୍ଚଳରେ ପାଣି ରହିଛି। ପ୍ରତ୍ୟେକ ଜୀବ ଶରୀରରେ ପ୍ରାୟ ୬୦ ରୁ ୮୦ ପ୍ରତିଶତ କେବଳ ପାଣି। ପୃଥିବୀର ସମୁଦାୟ ପାଣି ମଧ୍ୟରୁ କେବଳ ୯୭.୩ ପ୍ରତିଶତ ପାଣି ସାଗର ଓ ମହାସାଗରରେ ଗଚ୍ଛିତ। ଅବଶିଷ୍ଟ ୨.୭ ପ୍ରତିଶତ ପାଣି ମଧ୍ୟରୁ ୨.୪ ପ୍ରତିଶତ ବରଫ ଯାହାକି ଉତ୍ତରମେରୁ, ଦକ୍ଷିଣମେରୁ ଓ ପର୍ବତର ଶିଖରରେ ଜମିଛି। ୦.୧ ପ୍ରତିଶତ ପାଣି ଜଳୀୟ ବାଷ୍ପ ଆକାରରେ ବାୟୁମଣ୍ଡଳରେ ଥାଏ। ଅବଶିଷ୍ଟ ମାତ୍ର ୦.୨ ପ୍ରତିଶତ ପାଣି ଭୂତଳ ତଥା ନଦୀ, ଜଳାଶୟ, ପୋଖରୀ, ଝରଣାପାଣି ଯେଉଁ ପାଣି ଆମର ଦୈନନ୍ଦିନ ଜୀବନରେ ବ୍ୟବହୃତ ହୁଏ। ମାତ୍ର ୦.୨ ପ୍ରତିଶତ ଜଳ ସମ୍ପଦ ଆମ ପ୍ରତି ପ୍ରକୃତିର ଅବଦାନ। ପ୍ରକୃତିର ଅବଦାନକୁ ଆମେ ଯଦି ଯତ୍ନ ସହକାରେ ନ ରଖୁ ତା'ହେଲେ ଭବିଷ୍ୟତରେ ଘୋର ଜଳ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିବ। ସମୁଦାୟ ଜଳକୁ ମଧ୍ୟ ନୀଳ ଜଳ ଓ ସବୁଜ ଜଳ ଭାବେ ବିଭକ୍ତ କରାଯାଇଛି। ଏହି ଦୁଇ ପ୍ରକାର ଜଳର ବିଶ୍ୱସ୍ତରୀୟ ଅନୁପାତ ଯଥାକ୍ରମେ ୩୫ ଓ ୬୯। ବିଭିନ୍ନ ଦେଶର ଏହି ଅନୁପାତ ଭିନ୍ନ ପ୍ରକାର। ନୀଳ ଜଳ କହିଲେ ନଦୀ,ପୋଖରୀ, ଜଳାଶୟ , ସାଗର ଓ ମହାସାଗର ଜଳକୁ ବୁଝାଏ। ମାତ୍ର ସବୁଜ ଜଳ କହିଲେ ମୃତ୍ତିକା ଜଳକୁ ବୁଝାଏ। ଏତଦ୍‌ବ୍ୟତୀତ ଜଳର ଅନ୍ୟ ଏକ ନାମ ହେଉଛି ଧୂସର ଜଳ। ପୃଥିବୀ ପୃଷ୍ଠର ପ୍ରଦୂଷିତ ଜଳକୁ ଧୂସର ଜଳ କୁହାଯାଏ। ବିଭିନ୍ନ କଳାକାରଖାନାରୁ ତଥା କୃଷିରୁ ଉତ୍ପନ୍ନ ଏକକ ପଦାର୍ଥ ପାଇଁ ଆବଶ୍ୟକ ଜଳକୁ 'କାର୍ଯ୍ୟତଃ ଜଳ' କୁହାଯାଏ। ଏକ ହେକ୍ଟର ପରିମିତ କ୍ଷେତରେ ଧାନ, ଗହମ ଓ ଆଳୁ ଉତ୍ପାଦନ ପାଇଁ ଆବଶ୍ୟକ ଜଳ ପରିମାଣ ଭିନ୍ନ ଭିନ୍ନ ହୋଇଥାଏ। ଏହି ଜଳର ବ୍ୟବହାର ମଧ୍ୟ ଆଶାତୀତ ଭାବେ ବଢ଼ିବାରେ ଲାଗିଛି।

ବର୍ତ୍ତମାନ ଓଡ଼ିଶାର ଜଳବାୟୁର ସ୍ଥିତି ଉପରେ ଆଲୋଚନା କରାଯାଉ। ଉତ୍ତପ୍ତ ଧରା , ଜଳୁଛି ଜଙ୍ଗଲ, ଜଳୁଛି ଜୀବନ। ମହାବିଷୁବ ସଂକ୍ରାନ୍ତି ତଥା ହିନ୍ଦୁ ନବବର୍ଷରୁ ରାଜ୍ୟରେ ବଢ଼ିଛି ଗ୍ରୀଷ୍ମପ୍ରବାହ। ମୁଣ୍ଡ ଫଟା ତାତିକୁ ପିଇବା ଓ ଜଳସେଚନ ପାଣିର ଘୋର ଅଭାବ ପରିଲକ୍ଷିତ ହେଉଛି। ଶୁଖିଯାଉଛି ରାଜ୍ୟର ଜୀବନରେଖା ମହାନଦୀ। ଯେଉଁ ନଦୀ ଦିନେ ଥିଲା ଚିରସ୍ରୋତା ତାହା ଆଜି ଜରାଜୀର୍ଣ୍ଣ। ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଜଳବାୟୁର ନକାରାତ୍ମକ ପ୍ରଭାବ ସହିତ ଘୋର ଜଳ ସଙ୍କଟ କାହିଁକି ଆଜି ଓଡ଼ିଶାବାସୀଙ୍କ ଜୀବନ ଓ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି ? ଭାରତ ସରକାରଙ୍କ ହିସାବ ନିୟନ୍ତ୍ରଣକାରୀ ଅଧିକାରୀ ଏବଂ ସମୀକ୍ଷକ ମୁଖ୍ୟଙ୍କ ଦ୍ୱାରା ପ୍ରକାଶିତ ସଦ୍ୟ ତଥ୍ୟାନୁଯାୟୀ ଓଡ଼ିଶାର ପରିଚାଳନା ତ୍ରୁଟି ତଥା ନଦୀ ସହ ନଦୀର ସଂଯୋଗରେ ଅଭାବ ଯୋଗୁ ୮୦ ରୁ ୯୦ ପ୍ରତିଶତ ବର୍ଷାଜଳ ସିଧାସଳଖ ସମୁଦ୍ରରେ ମିଶୁଛି। ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଛତିଶଗଡ଼ରୁ ଓଡ଼ିଶା ଦେଇ ପ୍ରବାହିତ ବିଭିନ୍ନ ନଦୀ ଜରିଆରେ ରାଜ୍ୟକୁ ୩୫.୫୬ ଶହ କୋଟି ଘନମିଟର ଜଳ ପ୍ରବେଶ କରୁଛି। ମାତ୍ର ୨୦୨୫ ବେଳକୁ ଏହି ପରିମାଣ ୨୫.୨୭ ଶହ କୋଟି ଘନମିଟରକୁ ହ୍ରାସ ପାଇପାରେ। ଶିଳ୍ପସଂସ୍ଥାଗୁଡ଼ିକ ମଧ୍ୟ ଶିଳ୍ପର ରୂପାୟନ ପାଇଁ ପ୍ରଚୁର ପରିମାଣରେ ନଦୀଜଳ ଶୋଷଣ କରୁଛନ୍ତି । କେବଳ ଗ୍ରୀଷ୍ମଋତୁର ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ଯଥାକ୍ରମେ ୭୨ ପ୍ରତିଶତ, ୮୭ ପ୍ରତିଶତ ଓ ୪୯ ପ୍ରତିଶତ ପାଣି ନଦୀରୁ ଶୋଷଣ କରିଥାନ୍ତି। ବୈଜ୍ଞାନିକ ତଥ୍ୟାନୁସାରେ କଳକାରଖାନାରୁ ନିର୍ଗତ ୧ ଲିଟର ଖଦଡ଼ା ପାଣି ପ୍ରାୟ ୪୦ ଲିଟର ସ୍ୱଚ୍ଛ ନଦୀ ପାଣିକୁ ପ୍ରଦୂଷିତ କରିଥାଏ। ପୁନଶ୍ଚ ୧ଲିଟର ପ୍ରଦୂଷିତ ପାଣିକୁ ନଦୀ ତା'ର ନିଜସ୍ୱ ଶକ୍ତି ମାଧ୍ୟମରେ ପରିଷ୍କରଣ କରିବା ପାଇଁ ୫୦ ଲିଟର ସ୍ୱଚ୍ଛ ପାଣି ଆବଶ୍ୟକ କରିଥାଏ। ଏହାଦ୍ୱାରା ଜଳ ଉତ୍ସର କେତେ କ୍ଷତି ହେଉଛି ତାହା ଅନୁମେୟ। ପ୍ରାୟ ୫୦ ବର୍ଷ ପୂର୍ବେ ନଦୀତଟ, ଜଳାଶୟ, ହ୍ରଦ, ପୋଖରୀ ଓ ଝରଣା କୂଳରେ ଶୋଭାପାଉଥିବା ଘନ ଜଙ୍ଗଲ, ବୃକ୍ଷରାଜି ସମୂହ ମଣିଷଙ୍କ ଲୋଭ ଯୋଗୁ ଆଜି ଶ୍ମଶାନ ପାଲଟିଛି। ଏହାଦ୍ୱାରା ବର୍ଷାଋତୁରେ ପ୍ରବଳ ବର୍ଷାରେ ମୃତ୍ତିକା ଧୋଇହୋଇ ଏ ସମସ୍ତ ଜଳରାଶି ପୋତିହୋଇ ଅଗଭୀର ହେବା ଓ ଜଳ ଧାରଣର ଶକ୍ତି କାଳକ୍ରମେ ହରାଇ ବସିବା ଫଳରେ କ୍ଷିପ୍ର ବାଷ୍ପୀକରଣ ପ୍ରକ୍ରିୟାରେ ନଦୀ, ନାଳ, ପୋଖରୀ, ଜଳାଶୟ ଶୀଘ୍ର ଶୁଷ୍କ ହୋଇଯାଉଛି। ଜଙ୍ଗଲ ଓ ବୃକ୍ଷରାଜି ଲୋପ ପାଇବା, କୃଷିଭୂମିରେ ଅପର୍ଯ୍ୟାପ୍ତ କୀଟନାଶକ ଓ ବହୁଳ ପଲିଥିନର ବ୍ୟବହାର ଯୋଗୁ ଭୂତଳ ଜଳ ସ୍ତର ଧୀରେ ଧୀରେ ନିମ୍ନଗାମୀ ହେବା ସହ ଦୂଷିତ ହେଉଛି। ସର୍ବୋପରି ଆଜି ନଦନଦୀ, ନାଳ, ପୋଖରୀ ଓ ଜଳାଶୟର ବାସ୍ତବ ଡାକ୍ତର ମାଛ, କମ୍ପାଉଣ୍ଡର ଜଳଜ ପ୍ରାଣୀ-କୀଟ ଓ ଧାଈ ଜଳଜ ଶୈବାଳର ଘୋର ଅଭାବ ସହିତ ଖାଦ୍ୟଶୃଙ୍ଖଳ ଛିନ୍ନଭିନ୍ନ ହୋଇଛି।



ତା'ହେଲେ ଆମେ କ'ଣ ହାତଯୋଡ଼ି ଆମର ଅନ୍ଧକାର ଭବିଷ୍ୟତକୁ ଆମନ୍ତ୍ରଣ କରିନେବା ? ଆମର ଆଗାମୀ ପିଢ଼ିମାନେ କ'ଣ ଆମ କୃତକର୍ମର କୁଫଳ ଭୋଗକରି ଏକ ରୁଗ୍‌ଣ ପୃଥିବୀରେ ବାସ କରିବେ ? ଏହାର ଠିକ୍ ଉତ୍ତର ଆମର ସଚେତନତା, ସତର୍କତା ଓ ସୁଚିନ୍ତିତ ପଦକ୍ଷେପ ଉପରେ ନିର୍ଭରଶୀଳ। ଆମକୁ କିଛି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। (୧) ସମସ୍ତ ପ୍ରକାର ଜଳଉତ୍ସ ତଟକୁ ସୁରକ୍ଷିତ ତଥା ମୃତ୍ତିକା ଧାରଣ ପାଇଁ ବୃକ୍ଷ ଓ ଗୁଳ୍ମ ରୋପଣ କରିବା ଉଚିତ। (୨) ସମସ୍ତ ପ୍ରକାର ଜଳଉତ୍ସରୁ ପଙ୍କ ଉତ୍ତୋଳନକରି ଗଭୀର କରିବା, ଯେପରି ଅଧିକରୁ ଅଧିକ ଜଳ ବହନ କରିପାରିବ। (୩) ସେଥିରେ ମାଛ ଯାଆଁଳ ଛାଡ଼ି ଜଳୀୟ ଶକ୍ତି ଓ ସ୍ୱାସ୍ଥ୍ୟ ବୃଦ୍ଧି କରିବା ସହ ବିଗିଡ଼ିଯାଇଥିବା ଖାଦ୍ୟଶୃଙ୍ଖଳକୁ ସଜାଡ଼ିବାକୁ ପଡ଼ିବ। (୪) ବର୍ଷାପାଣିର ବୃହତ୍ତର ସଂରକ୍ଷଣ ଓ ଭୂତଳ ଜଳସ୍ତରର ଉନ୍ନତି ନିମନ୍ତେ ଅଧିକରୁ ଅଧିକ ବୃକ୍ଷରୋପଣ, ନଦୀ ସହ ନଦୀର ସମ୍ମିଶ୍ରଣ ଓ ଏକାଧିକ ଜଳଭଣ୍ଡାର ଏବଂ ପୋଖରୀର ଆବଶ୍ୟକତା ରହିଛି। (୫) କୃଷିକ୍ଷେତ୍ରରେ କୀଟନାଶକ ଓ କୃତ୍ରିମ ସାରର ପ୍ରୟୋଗ ଯଥାସମ୍ଭବ ବନ୍ଦକରି ଜୈବିକ ସାରର ପ୍ରୟୋଗ ପ୍ରତି ଗୁରୁତ୍ୱ ଦେବା ଉଚିତ। (୬) ଅଧିକ ଜଳଭଣ୍ଡାର ନିର୍ମାଣର ଆବଶ୍ୟକତା ରହିଛି।

ସିଏଜିର ବିବରଣୀରେ ମଧ୍ୟ ଦର୍ଶାଯାଇଛି, ୨୦୨୫ ବେଳକୁ ବିଶ୍ୱର ଜଳ ସଙ୍କଟ ଗୁରୁତର ରୂପ ଧାରଣ କରିବ। ସେତେବେଳେ ବିଶ୍ୱରେ 'ଜଳଯୁଦ୍ଧ' ଆରମ୍ଭ ହୋଇଯିବ, ତାହା ତୃତୀୟ ବିଶ୍ୱଯୁଦ୍ଧର ରୂପ ନେଇପାରେ। ତେଣୁ ନେଡ଼ିଗୁଡ଼ କହୁଣିକୁ ବୋହିଯିବା ଆଗରୁ ଆମକୁ ସାବଧାନ ହେବାକୁ ପଡ଼ିବ। ଜଳଯୁଦ୍ଧକୁ ରୋକିବାକୁ ପଡ଼ିବ, ଆଉ ଜୀବନକୁ ସୁଗମ ଓ ସ୍ୱଚ୍ଛନ୍ଦ କରିବାକୁ ପଡ଼ିବ।

**ପରିବେଶ ବିଜ୍ଞାନୀ**
**ମୋ: ୦୯୪୩୮୬୨୧୩୯୧**

# ମୋ ମାତୃଭାଷା ମୋତେ ଶ୍ରେଷ୍ଠ



**ବୈକୁଣ୍ଠନାଥ ମିଶ୍ର**

ଶୀର୍ଷକଟି ବ୍ୟାସକବି ଫକୀର ମୋହନଙ୍କ କବିତାର ଏକ ଉଦ୍ଧୃତାଂଶ। କବିଙ୍କ ଭାଷାରେ- ଭ୍ରମିଲି ବହୁ ଦେଶଦୂର- କାଞ୍ଚି କାମାକ୍ଷା କାନପୁର।/ ପଢ଼ିଲି ନାନା ଦେଶଭାଷା - କାହିଁ ତ ନ ପୂରିଲା ଆଶା।/ହେଉ ପଛକେ ସେ ନିକୃଷ୍ଟ - ମୋ ମାତୃଭାଷା ମୋତେ ଶ୍ରେଷ୍ଠ।

ମାତୃଭାଷା ଗୋଟିଏ ଜାତିର ଅସ୍ମିତାର ପ୍ରତୀକ। ଯେଉଁ ଜାତି ନିକଟରେ ମାତୃଭାଷା ଯେତେ ଆଦୃତି ଲାଭ କରିଛି ସେ ଜାତି ସେତେ ଉନ୍ନତ ଓ ପ୍ରଗତିଶୀଳ। ଭାରତର ୨୦୨୦ ଶିକ୍ଷାନୀତି ପ୍ରଣୟନ ସମୟରେ ଡ. କସ୍ତୁରୀ ରଙ୍ଗନ କମିଟିର ଅନେକ ଅଭିଜ୍ଞ ଶିକ୍ଷାବିତ୍ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଗଣିତ, ବିଜ୍ଞାନ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ମାତୃଭାଷା ବଦଳରେ ଇଂଲିଶରେ ଶିକ୍ଷାଦାନ ଶ୍ରେୟସ୍କର ବୋଲି ଯେଉଁ ଅବଧାରଣା ଯୁଗ ଯୁଗ ଧରି ଆମ ମନରେ ଆସ୍ଥାନ ଜମାଇଥିଲା ସେଥିରେ ୨୦୨୦ ଶିକ୍ଷାନୀତିର ଚିଠା ପ୍ରସ୍ତାବ ଏକ ପରିବର୍ତ୍ତନର ପ୍ରୟାସ କରିଛି। ମାତୃଭାଷାରେ ବୈଷୟିକ ଶିକ୍ଷାଦାନ କ୍ଷେତ୍ରରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ସ୍ପେନ୍, ରୁଷିଆ ଓ ଜାପାନ ପ୍ରଭୃତି ଦେଶ ବେଶ୍ ସଫଳତା ଲାଭ କରିଛନ୍ତି। କେବଳ ଇଂଲଣ୍ଡ , ଆମେରିକା ଓ ତାଙ୍କ ପଛକୁ ଭାରତ ଇଂଲିଶରେ ବୈଷୟିକ ଶିକ୍ଷାଦାନକୁ ଆଦରି ନେଇଛନ୍ତି। ଭାରତୀୟଙ୍କ ମନରେ ଏକ ଦୃଢ଼ ଆସ୍ଥା ସ୍ଥାପିତ ହୋଇଛି ଯେ, ଉଚ୍ଚଶିକ୍ଷା ବିଶେଷକରି ବିଜ୍ଞାନ, ଗଣିତ, ବୈଷୟିକ ଶିକ୍ଷା, ଆଇନ ଓ ଅର୍ଥନୀତି ପ୍ରଭୃତି ବିଷୟ ଇଂରାଜୀ ଭାଷାର ସାହାଯ୍ୟ ବିନା ତିଷ୍ଠିପାରିବେ ନାହିଁ। ଅବଶ୍ୟ ଇଂଲିଶ୍ ଭାଷା ଭାରତୀୟ ଛାତ୍ରଙ୍କୁ ବିଦେଶରେ ଶିକ୍ଷା ଗ୍ରହଣ ପାଇଁ ଅନେକାଂଶରେ ସହାୟ ହୋଇଥାଏ।

ଏହି ପରିପ୍ରେକ୍ଷୀରେ ଓଡ଼ିଶା କଥା ଚିନ୍ତା କରାଯାଉ। ଓଡ଼ିଆ ଛାତ୍ରଟିଏ ଉଚ୍ଚଶିକ୍ଷା ପାଇଁ ଯିବା ଅର୍ଥ ଆମ ମନରେ ଏକ ବଦ୍ଧ ଧାରଣା ସୃଷ୍ଟିହୁଏ ଯେ, ଜଣେ ଇଂଲିଶରେ ସେତିକି ଦକ୍ଷ ନ ହେଲେ ଉଚ୍ଚତର ଶିକ୍ଷାକ୍ଷେତ୍ରକୁ ପ୍ରବେଶ କରିପାରିବନାହିଁ। ମାତାପିତାଙ୍କର ବିଶ୍ୱାସ ଯେ ପିଲାଟି ଇଂଲିଶରେ ଦକ୍ଷ ହେଲେ ଭବିଷ୍ୟତରେ ମୋଟା ଅଙ୍କର ଅର୍ଥ ରୋଜଗାର କରିବାର ପଥ ଉନ୍ମୁକ୍ତ ହେବ। ତେଣୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପ୍ରତି ମାତାପିତାଙ୍କର ଥାଏ ଅନାହତ ଅଗ୍ରହ। ଟିକିଏ ପଛକୁ ଫେରି ଚାହିଁଲେ ଜାଣିପାରିବା ଯେ ଆମ ଯଶସ୍ୱୀ ମହାପୁରୁଷମାନେ ଏଇ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରୁ ହିଁ ଶିକ୍ଷା ଗ୍ରହଣ କରି ଜୀବନରେ ଶ୍ରେଷ୍ଠତ୍ୱ ଅର୍ଜନ କରିଛନ୍ତି। ସତ୍ୟବାଦୀର ପଞ୍ଚସଖା ହୁଅନ୍ତୁ ଅବା ମଧୁବାରିଷ୍ଟର କିମ୍ବା ତାଙ୍କ ପରପିଢ଼ିର ଡ. ପ୍ରାଣକୃଷ୍ଣ ପରିଜା- ସମସ୍ତେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରୁ ହିଁ ତାଙ୍କ ପ୍ରାଥମିକ ଶିକ୍ଷା ସମାପ୍ତ କରି ଉଚ୍ଚତର ଶିକ୍ଷାକ୍ଷେତ୍ରରେ ପ୍ରବେଶ କରିଛନ୍ତି ଓ ଜୀବନରେ ଅର୍ଜନ କରିଛନ୍ତି ନିର୍ବିକଳ୍ପ ପ୍ରତିଷ୍ଠା। ଆଚାର୍ଯ୍ୟ ହରିହରଙ୍କର ' Child's easy first Grammar'ହେଉ କିମ୍ବା ତାଙ୍କ ପରପିଢ଼ିର ସ୍ୱର୍ଗତ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ Translation ପୁସ୍ତକ ହେଉ ଓଡ଼ିଆ ଛାତ୍ରଙ୍କର ଇଂରାଜୀରେ ମୂଳଦୁଆ ମଜଭୁତ କରିବାର ଗୋଟିଏ ଗୋଟିଏ ଅନବଦ୍ୟ ସୃଷ୍ଟି। କହିବା ବାହୁଲ୍ୟ ଯେ ଉପରୋକ୍ତ ଦୁଇ ପ୍ରଥିତଯଶା ବ୍ୟକ୍ତି ଓ ତାଙ୍କ ପରି ଅନେକଙ୍କର ଥିଲା ଓଡ଼ିଶାରେ ପ୍ରାଥମିକ ଶିକ୍ଷା ଅର୍ଜନର ଅନୁଭୂତି। ବହୁ ଓଡ଼ିଆ ପ୍ରଶାସନିକ ଅଧିକାରୀ ଓ ଶାସନ ଡୋରି ଧରିଥିବା ବହୁ ପ୍ରାଜ୍ଞ ଜନନାୟକଙ୍କର ପ୍ରାଥମିକ ଶିକ୍ଷାର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା ଏହି ଓଡ଼ିଆ ମାଧ୍ୟମ ବିଦ୍ୟାଳୟରୁ। କିନ୍ତୁ ପରିତାପର ବିଷୟ ଯେ ଆଧୁନିକ ଶିକ୍ଷାର୍ଥୀମାନଙ୍କର ପ୍ରାଥମିକ ସ୍ତରରୁ ପରୋକ୍ଷରେ ମାତୃଭାଷା ପ୍ରତି ସେମାନଙ୍କର ଅବଜ୍ଞା ଭାବ ଓଡ଼ିଆଙ୍କୁ ଯଥେଷ୍ଟ ପଛୁଆ କରିଦେଇଛି।




ସ୍ୱଭାବ କବି ଗଙ୍ଗାଧରଙ୍କ ଭାଷାରେ- 'ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ'। ମାତୃଭାଷାରେ କଥନ, ଅଧ୍ୟୟନ ଓ ଲିଖନ ମନରେ ଜାତୀୟତା ବୋଧର ଏକ ଅଫୁରନ୍ତ ଉନ୍ମାଦନା ସୃଷ୍ଟିକରେ। କେବଳ ଇଂଲିଶ, ହିନ୍ଦୀ କାହିଁକି ସବୁଭାଷା ଶିଖିବା ଓ ଆବଶ୍ୟକ ସ୍ଥଳେ ସେଗୁଡ଼ିକ ପ୍ରୟୋଗ କରିବା ଅତ୍ୟନ୍ତ ଖୁସିର କଥା। କିନ୍ତୁ ଅନାବଶ୍ୟକ ଭାବେ ସେଗୁଡିକର ପ୍ରୟୋଗ ନିଜ ଭାଷା, ଜାତି ଓ ଜାତୀୟତା ପାଇଁ ଘୋର ଅବମାନନା। ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ଭିଗୋଟ୍‌ସ୍କି କହନ୍ତି- ''ମାତୃଭାଷା ବ୍ୟକ୍ତିର ବ୍ୟକ୍ତିତ୍ୱ, ଚିନ୍ତା, ଚେତନା ଓ ସାମଗ୍ରିକ ଜୀବନକୁ ରୂପ ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଏ।'' ଆଉ ଜଣେ ବିଶ୍ୱସ୍ତରୀୟ ମନସ୍ତତ୍ତ୍ୱବିତ୍ ଆଲିସ୍‌ମାଡୋ କହନ୍ତି - ''ଆମ ମାତୃଭାଷାରେ ଆମେ ଚିନ୍ତା କରିଥାଉ, ସ୍ୱପ୍ନ ଦେଖୁ ଓ ମନୋଭାବ ପ୍ରକାଶ କରୁ।'' ୟୁନେସ୍କୋର ଗବେଷକ ଇରିନା ବୋକୋଭା କହନ୍ତି- ''ବହୁଭାଷୀ ବ୍ୟବସ୍ଥାରେ ଗୁଣାତ୍ମକ ଶିକ୍ଷା ପାଇଁ ମାତୃଭାଷାରେ ଶିକ୍ଷାଦାନ କରିବାର ଆବଶ୍ୟକତା ରହିଛି।''

କିନ୍ତୁ ପରିତାପର ବିଷୟ ଯେ କେତେଜଣ କେନ୍ଦ୍ରୀୟ ନେତା ଆଞ୍ଚଳିକ ଭାଷାଗୁଡ଼ିକୁ ନ୍ୟୂନକରି ହିନ୍ଦୀକୁ ସମସ୍ତଙ୍କ ଉପରେ ଲଦିଦେବାର ଏକ ଅଭାବନୀୟ ପ୍ରୟାସ ଜାରି ରଖିଛନ୍ତି। ମାତୃଭାଷାକୁ ଦଳିତ ମଥିତ କରିବାର ଏହା ଏକ ଚକ୍ରାନ୍ତ ଭିନ୍ନ ଅନ୍ୟ କିଛି ନୁହେଁ। ନିକଟରେ ୩୭ତମ ଭାଷା କମିଟିରେ ଅଧ୍ୟକ୍ଷତାକରି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବିବୃତି ପ୍ରଦାନ କରି କହିଲେ, ଇଂଲିଶ ଭାଷାର ବିକଳ୍ପ ହିନ୍ଦୀ ହିଁ ହେବା ଉଚିତ। ଆଞ୍ଚଳିକ ତଥା ମାତୃଭାଷାଗୁଡ଼ିକୁ ଉପେକ୍ଷାକରି ମନ୍ତ୍ରୀ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଶୋଚନୀୟ। ଭାରତ ବିବିଧତାର ଦେଶ। ଭିନ୍ନତା ମଧ୍ୟରେ ଏକତା ଭାରତର ବୈଶିଷ୍ଟ୍ୟ। ଉଦ୍ୟାନରେ ନାନା ଜାତି ଫୁଲ ଫୁଟୁଥିଲେ ସିନା ଉଦ୍ୟାନର ଶୋଭା ବଢ଼ିଥାଏ। ପ୍ରାଦେଶିକ ସ୍ତରରେ ଶାହାଙ୍କର ବକ୍ତବ୍ୟକୁ ଘୋର ବିରୋଧ କରାଯାଇଛି। କେବଳ ବର୍ତ୍ତମାନର କେନ୍ଦ୍ର ସରକାର ନୁହନ୍ତି ପୂର୍ବ ସରକାରଙ୍କ ସମୟରେ ମଧ୍ୟ ଅନୁରୂପ ଭାବେ ହିନ୍ଦୀକୁ ସମସ୍ତ ମାତୃଭାଷା ଉପରେ ଲଦିଦେବାର ପ୍ରୟାସ କରାଯାଇଛି। କିନ୍ତୁ ବାସ୍ତବତା ଏଇଆ ଯେ କେନ୍ଦ୍ର ସରକାରମାନେ ଆଞ୍ଚଳିକତା ଭିତ୍ତିରେ ମାତୃଭାଷାର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ଅନୁପ୍ରେରିତ କରିବା ଜରୁରୀ।

ପରିସ୍ଥିତି ଏପରି ହେଲାଣି ଯେ ଅନ୍ୟର ଭାଷା ନିକଟରେ ଆମେ ଆମ ସ୍ୱାଭିମାନର ପ୍ରତୀକ ମାତୃଭାଷାକୁ ବନ୍ଧାପକାଇ ସାରିଲୁଣି। ଆଜକୁ ପ୍ରାୟ ଶହେ ବର୍ଷ ତଳେ ବ୍ୟାସକବି ଯେଉଁ ଜାତୀୟତା ଓ ମାତୃଭାଷା ପ୍ରୀତି ଆମ ସମକ୍ଷରେ ଉପସ୍ଥାପିତ କରିଛନ୍ତି ତାଙ୍କର ଉତ୍ତର ଦାୟଦଭାବେ ଏହାକୁ ସର୍ବାନ୍ତକରଣରେ ଗ୍ରହଣ କରିବା ଆମର ଧ୍ୟେୟ ହେଉ ଓ ମାତୃଭାଷାର ଜୟଗାନ ଆମର ଶ୍ରେଷ୍ଠ କର୍ତ୍ତବ୍ୟ ହେଉ।

**ସିଦ୍ଧଳ, ଜଗତ୍‌ସିଂହପୁର, ମୋ: ୯୯୩୭୪୫୦୫୪୦**

## ଏଇ ଭାରତରେ

ଜୀବନରେ ସାଂଘାତିକ ରୋଗର ଝଟ୍‌କା ପାଇବା ପରେ ସେଥିରୁ ବଞ୍ଚିଯାଇଥିବା ବହୁ ବ୍ୟକ୍ତିଙ୍କ ସେବାରେ ଜଡ଼ିତ ରହିବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ସେମାନଙ୍କ ମଧ୍ୟରେ ଦିଲ୍ଲୀର ଅଲାଗଡଥାନମ ନଟରାଜନ ଅନ୍ୟତମ। ନଟରାଜନ କ୍ୟାନ୍ସରରେ ପୀଡ଼ିତ ହୋଇ ଜୀବନ ସହ ସଂଗ୍ରାମ କରୁଥିଲେ। ଏଥିରୁ ମୁକୁଳିବା ପରେ ହଜାର ହଜାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଉଛନ୍ତି। କ୍ୟାନ୍ସର ଚିହ୍ନଟ ହେବାପରେ ଲଣ୍ଡନରୁ ଫେରି ନଟରାଜନ ଦିଲ୍ଲୀର ପାନୀୟ ଜଳ ସମସ୍ୟା ଦେଖିବାକୁ ପାଇଥିଲେ। କ୍ୟାନ୍ସରରୁ ମୁକ୍ତି ପାଇବା ପରେ ସେ ଅନାଥଙ୍କ ସେବାରେ ଲାଗିଗଲେ ଓ ତାହା ଏବେ ବି ଜାରି ରଖିଛନ୍ତି। କିନ୍ତୁ ଦିଲ୍ଲୀର ପାଣି ସମସ୍ୟା ଦେଖି ସେ ପ୍ରଥମେ ପଡୋଶୀଙ୍କ ଘରେ ମାଠିଆ ରଖି ସେମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ବ୍ୟବସ୍ଥା କରିଥିଲେ। ପରେ ଘର ସାମ୍ନାରେ ଏକ ୱାଟର କୁଲର ବସାଇଲେ। ଏବେ ଦିଲ୍ଲୀର ବହୁ ଅଞ୍ଚଳରେ ମାଠିଆ ରଖିଛନ୍ତି। ମାଠିଆଗୁଡ଼ିକୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି ଓ ନଟରାଜନ ଗାଡ଼ିରେ ପାଣି ନେଇ ସେଥିରେ ଭର୍ତ୍ତି କରୁଛନ୍ତି। ସେଗୁଡ଼ିକୁ ନିୟମିତ ସଫା କରିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏହି ସେବାରେ ଖୁସି ରହିଛନ୍ତି ବୋଲି କହନ୍ତି ୭୩ ବର୍ଷୀୟ ନଟରାଜନ।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ମେ ୧୯୯୭**

- ବାଂଲାଦେଶର ଦକ୍ଷିଣ ଉପକୂଳରେ ଘଟିଥିବା ପ୍ରଳୟଙ୍କରୀ ସାମୁଦ୍ରିକ ତୋଫାନରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ।
- ରାଜସ୍ଥାନର ଝାଲାୱାର ଜିଲାର ଡାଗ ସହରରେ ମୁସଲମାନ ସମ୍ପ୍ରଦାୟର ୧୬ ଜଣ ଲୋକ ଏକ ଉଚ୍ଚ ଶକ୍ତିସଂପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଳିଯାଇଛନ୍ତି।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ନାଟ୍ୟକାର କାର୍ତ୍ତିକ କୁମାର ଘୋଷଙ୍କ ୯୪ ବର୍ଷ ବୟସରେ ପରଲୋକ।
- ରାଜ୍ୟରେ ପ୍ରସିଦ୍ଧିଲାଭ କରିଥିବା ନିମାପଡ଼ା 'ଝିଲି'ର ଜନ୍ମଦାତା ଆର୍ତ୍ତ ସାହୁଙ୍କ ୭୩ ବର୍ଷ ବୟସରେ ଦେହାନ୍ତ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | | 6 | |
| 2 | | 9 | | | 7 | | | 3 |
| | | 7 | | | | 8 | | 9 |
| 9 | 8 | | | | 3 | 4 | | |
| 5 | | | | | | 9 | | 6 |
| | | | | 4 | 2 | | | |
| | | | | | | 6 | | 1 |
| | | | 3 | 2 | | | | 4 |
| 6 | | | 5 | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 7 | 5 | 6 | 3 | 2 | 4 | 1 |
| 3 | 6 | 2 | 1 | 8 | 4 | 5 | 9 | 7 |
| 5 | 4 | 1 | 2 | 9 | 7 | 6 | 8 | 3 |
| 2 | 3 | 5 | 7 | 4 | 6 | 8 | 1 | 9 |
| 1 | 8 | 6 | 9 | 3 | 2 | 4 | 7 | 5 |
| 9 | 7 | 4 | 8 | 1 | 5 | 3 | 6 | 2 |
| 6 | 5 | 3 | 4 | 7 | 1 | 9 | 2 | 8 |
| 4 | 1 | 9 | 3 | 2 | 8 | 7 | 5 | 6 |
| 7 | 2 | 8 | 6 | 5 | 9 | 1 | 3 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଭାରତୀୟ ଅସୁଖୀ କାହିଁକି

ମହାଶୟ,

ୱାର୍ଲ୍ଡ ହାପିନେସ୍ ରିପୋର୍ଟ ୨୦୨୨ ଗତ କିଛିଦିନ ପୂବେ ପ୍ରକାଶ ପାଇଛି। ଏହି ସୁଖୀ ରିପୋର୍ଟ ବିଶେଷଜ୍ଞମାନଙ୍କ ଦ୍ୱାରା ଜାତିସଂଘ ପାଇଁ ସ୍ୱାଧୀନ ଭାବେ ପ୍ରସ୍ତୁତ ହୋଇଛି। ପ୍ରକାଶିତ ରିପୋର୍ଟରେ ବିଶ୍ୱର ୧୪୬ଟି ଦେଶ ଦେଶ ମଧ୍ୟରେ ଭାରତ ୧୩୬ ତମ ସ୍ଥାନରେ ରହିଛି। ଗତ ୫ବର୍ଷ ଧରି ଏହି ରିପୋର୍ଟରେ ଫିନ୍‌ଲାଣ୍ଡ ପ୍ରଥମ ସ୍ଥାନ ବଜାୟ ରଖିଥିବା ବେଳେ ଭାରତ ତଳ ପାହାଚରେ ରହିଯାଇଛି। ଏହି ରିପୋର୍ଟ ପ୍ରସ୍ତୁତ ହେବାବେଳେ ମୂଲ୍ୟାଙ୍କର ମୁଖ୍ୟ ଉପାଦାନ ଥିଲା- ମୁଣ୍ଡପିଛା ଜିଡିପି, ଆୟୁଷ, ସାମାଜିକ ସହଯୋଗ, ଜୀବନରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସ୍ୱାଧୀନତା, ଦୁର୍ନୀତିକୁ ନେଇ ଆଭିମୁଖ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ଉପଲବ୍ଧତା ଓ ଗୋଷ୍ଠୀ ଜୀବନରେ ସହଯୋଗିତା ଏବଂ ସହଭାଗିତା। ଆଶ୍ଚର୍ଯ୍ୟର ବିଷୟ , ଏହି ତାଲିକାରେ ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ଭୁଟାନ୍ ଓ ନେପାଳ ପରି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ବହୁ ଉପରେ ରହୁଥିବା ବେଳେ ଭାରତ ତଳ ପାହାଚରୁ ଉଠି ପାରୁନାହିଁ କାହିଁକି। ଭାରତ ଏକ ଦ୍ରୁତ ଅଭିବୃଦ୍ଧିଶାଳୀ ରାଷ୍ଟ୍ର। ଭାରତବାସୀଙ୍କୁ କ୍ଷମତାପନ୍ନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଶହ ଶହ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ଓ ଭାରତ ବିକାଶର ସବୁ କ୍ଷେତ୍ରରେ ଶିଖରରେ ପହଞ୍ଚିଛି ବୋଲି ଦାବି କରାଯାଉଥିବା ବେଳେ ଭାରତର ଏହି ଦୟନୀୟ ସ୍ଥିତିର ରହସ୍ୟ ଉନ୍ମୋଚିତ ହେବା ଦରକାର।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ବୁଡ଼ିଯାଏ ନିରିମମ ରବି
ଦିବସ ଅନ୍ତର କିବା କ୍ଷଣେ ଗଲା ଦ୍ରବି!
ଦୁହେଁ ଦୁଇ ମୁଖେ ଚାହିଁ ସ୍ଥିର ଅବିରତ
ଆସିବ ବିୟୋଗ, ନିଶା ଧୀରେ ଉପଗତ,
ଏପାରେ ରହିବ ଏକ, ଆନ ଆରପାରେ
ଚଳିବ ବିରହବ୍ୟଥା ଭାରେ !
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୭ ଇଭେଣ୍ଟରେ ୧୧୪ ପ୍ରତିଯୋଗୀ

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଶନିବାର ହେବାକୁ ଯାଉଥିବା ଇଣ୍ଡିଆନ ଗ୍ରାଁ ପ୍ରି ୩ରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୧୧୪ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ତାମିଲନାଡୁରୁ ସର୍ବାଧିକ ୨୪ ଆଥଲେଟ ଏଥିରେ ଭାଗ ନେବାକୁ ଯାଉଥିବାବେଳେ ଓଡ଼ିଶାରୁ ୧୦ ପ୍ରତିଯୋଗୀ ଘରୋଇ ପରିବେଶରେ ଅଂଶଗ୍ରହଣ କରିବେ। ଗ୍ରାଁ ପ୍ରି ୩ରେ ହେବାକୁ ଯାଉଥିବା ଇଭେଣ୍ଟଗୁଡ଼ିକ ହେଲା ପୁରୁଷ ପୋଲଭଲ୍ଟ, ମହିଳା ହାମର ଥ୍ରୋ, ମହିଳା ଟ୍ରିପଲ ଜମ୍ପ, ପୁରୁଷ ୨୦୦ ମିଟର, ପୁରୁଷ ହାଇଜମ୍ପ, ମହିଳା ୨୦୦ ମିଟର, ମହିଳା ଶଟ୍‌ପୁଟ, ପୁରୁଷ ଟ୍ରିପଲ ଜମ୍ପ, ପୁରୁଷ ୮୦୦ ମିଟର, ମହିଳା ଡିସ୍କସ୍ ଥ୍ରୋ, ମହିଳା ୮୦୦ ମିଟର, ପୁରୁଷ ଶଟ୍‌ପୁଟ, ପୁରୁଷ ୧୧୦ ମିଟର ହର୍ଡଲ୍ସ, ମହିଳା ହାଇଜମ୍ପ, ମହିଳା ୧୦୦ମିଟର ହର୍ଡଲ୍ସ, ପୁରୁଷ ୫୦୦୦ମିଟର ଓ ମହିଳା ୫୦୦୦ମିଟର ରେସ୍। ଏଥିରେ ଆନ୍ଧ୍ର ପ୍ରଦେଶରୁ ୩, ଆସାମରୁ ୧, ଦିଲ୍ଲୀରୁ ୧, ହରିୟାଣାରୁ ୧୧, ହିମାଚଳ ପ୍ରଦେଶରୁ ୧, ଝାଡ଼ଖଣ୍ଡରୁ ୧, କର୍ଣ୍ଣାଟକରୁ ୮, କେରଳରୁ ୮, ମଧ୍ୟପ୍ରଦେଶରୁ ୧, ମହାରାଷ୍ଟ୍ରରୁ ୧୬, ଓଡ଼ିଶାରୁ ୧୦, ପଞ୍ଜାବରୁ ୪, ରାଜସ୍ଥାନରୁ ୬, ତାମିଲନାଡୁରୁ ୨୪, ଉତ୍ତର ପ୍ରଦେଶରୁ ୧୧, ଉତ୍ତରାଖଣ୍ଡରୁ ୩ ଓ ପଶ୍ଚିମବଙ୍ଗରୁ ୪ ଆଥଲେଟ୍ ଅଂଶଗ୍ରହଣ କରିବେ।

ପୁରୁଷ ଟ୍ରିପଲ ଜମ୍ପ, ୩ଟି ମହିଳା ଥ୍ରୋ ଇଭେଣ୍ଟ ଓ ୨୦୦ ମିଟର ରେସ୍ ଉପରେ ମୁଖ୍ୟତଃ ନଜର ରହିବ। ଆଭା ଖଟୁଆ ଓ ମନପ୍ରୀତ କୌର (ଶଟ୍‌ପୁଟ୍), ନବନୀତ କୌର ଧିଲୋନ (ଡିସକ୍ସ୍) ଓ ସରିତା ରମିତ ସିଂ (ହାମର ଥ୍ରୋ) ପ୍ରମୁଖ ମହିଳା ଥ୍ରୋ ଇଭେଣ୍ଟରେ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବେ। ସେହିପରି ଶ୍ରାବଣୀ ନନ୍ଦ ଓ ଅମିୟ ମଲିକଙ୍କ ଉପସ୍ଥିତିରେ ୨୦୦ ମିଟର ଉପରେ ମଧ ଘରୋଇ ଦର୍ଶକଙ୍କ ନଜର ରହିବ। ଶ୍ରାବଣୀ ପାଖାପାଖି ୪ ବର୍ଷ ବ୍ୟବଧାନରେ ଭାରତରେ ଏକ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ଜାମାଇକାର କିଙ୍ଗଷ୍ଟନକୁ ଟ୍ରେନିଂ ବେସ୍ କରିଥିବା ଶ୍ରାବଣୀ ଗତ ମାର୍ଚ୍ଚ ୨୬ରେ ୨୦୦ ମିଟର ରେସ୍‌କୁ ୨୩.୬୮ ସେକେଣ୍ଡରେ ଅତିକ୍ରମ କରିଥିଲେ। ଚଳିତ ବର୍ଷ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଭାରତର ଅଧିକାଂଶ ତାରକା ଧାବିକା ଅନୁପସ୍ଥିତ ଥିବାରୁ ଶ୍ରାବଣୀ ଏହାର ଫାଇଦା ନେବାର ସୁଯୋଗ ରହିଛି। ଟ୍ରିପଲ ଜମ୍ପ ଇଭେଣ୍ଟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ। ଏଲ୍‌ଡୋସେ ପଲ୍, ଅବଦୁଲା ଆବୁବାକର, କାର୍ତ୍ତିକ ଉନ୍ନିକ୍ରିଷ୍ଣନ ଓ ଗାଉଲି ଭେନିଷ୍ଟର ଦେବସାୟାମଙ୍କ ପରି ତାରକା ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିବେ। ଚଳିତ ସିଜନରେ ଏଲ୍‌ଡୋସେ ୧୬.୯୯ ମିଟର ଓ ଉନ୍ନିକ୍ରିଷ୍ଣନ ୧୬.୮୧ ମିଟର ସହ ଭାରତୀୟ ପ୍ରତିଯୋଗୀଙ୍କ ମଧ୍ୟରେ ଆଗରେ ରହିଛନ୍ତି।

୨୦୨୧ ସେପ୍ଟେମ୍ବର ୧୯ ପରେ ନବନୀତ କୌର ଧିଲୋନ ପ୍ରଥମଥର ପାଇଁ କୌଣସି ଜାତୀୟ ସ୍ତରୀୟ ଥ୍ରୋ ପ୍ରତିଯୋଗିତାରେ ଭାଗନେବାକୁ ଯାଉଛନ୍ତି। ସେହିପରି ମହିଳା ହାମର ଥ୍ରୋରେ କେବଳ ସରିତା ରୋମିତ ସିଂ ୬୦ ମିଟରରୁ ଅଧିକ ଦୂରକୁ ଥ୍ରୋ କରିବାର ରେକର୍ଡ ରଖିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଶେଷଥର ପାଇଁ ଜାତୀୟ ସ୍ତରୀୟ ଆଥଲେଟିକ୍ ପ୍ରତିଯୋଗିତା ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୧୮ରେ ଅନୁଷ୍ଠିତ ହୋଇଥିଲା। ୨୦୧୭ରେ ଏଠାରେ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଇଣ୍ଡିଆନ ଗ୍ରାଁ ପ୍ରି ୩ ପୁରୁଷ ପୋଲ୍‌ଭଲ୍ଟ ଇଭେଣ୍ଟରୁ ଆରମ୍ଭ ହେବ ଏବଂ ମହିଳା ୫୦୦୦ ମିଟର ଇଭେଣ୍ଟରେ ଶେଷ ହେବ।



**ଇଣ୍ଡିଆନ ଗ୍ରାଁ ପ୍ରି ୩**

■ ତାମିଲନାଡୁରୁ ସର୍ବାଧିକ ୨୪, ଓଡ଼ିଶାରୁ ୧୦ ପ୍ରତିଯୋଗୀ

### ଇଣ୍ଡିଆନ ଗ୍ରାଁ ପ୍ରି-୩ କାର୍ଯ୍ୟସୂଚୀ

| ଇଭେଣ୍ଟ | ସମୟ | ରାଉଣ୍ଡ |
|---|---|---|
| ପୁରୁଷ ପୋଲଭଲ୍ଟ | ଅପରାହ୍ନ ୫ଟା | ଫାଇନାଲ ୧ |
| ମହିଳା ହାମର ଥ୍ରୋ | ଅପରାହ୍ନ ୫ଟା | ଫାଇନାଲ ୨ |
| ମହିଳା ଟ୍ରିପଲ ଜମ୍ପ | ଅପରାହ୍ନ ୫ଟା ୩୦ | ଫାଇନାଲ ୩ |
| ପୁରୁଷ ୨୦୦ ମିଟର | ସନ୍ଧ୍ୟା ୬ଟା | ରେସ୍ ଏ ଆଣ୍ଡ ବି (୪) |
| ପୁରୁଷ ହାଇଜମ୍ପ | ସନ୍ଧ୍ୟା ୬ଟା | ଫାଇନାଲ ୫ |
| ମହିଳା ୨୦୦ ମିଟର | ସନ୍ଧ୍ୟା ୬ଟା ୩୦ | ଫାଇନାଲ ୬ |
| ମହିଳା ଶଟ୍‌ପୁଟ | ସନ୍ଧ୍ୟା ୬ଟା ୩୦ | ଫାଇନାଲ ୭ |
| ପୁରୁଷ ଟ୍ରିପଲ ଜମ୍ପ | ସନ୍ଧ୍ୟା ୬ଟା ୪୫ | ଫାଇନାଲ ୮ |
| ପୁରୁଷ ୮୦୦ ମିଟର | ରାତି ୭ଟା | ରେସ୍ ଏ ଆଣ୍ଡ ବି (୯) |
| ମହିଳା ଡିସ୍କସ୍ ଥ୍ରୋ | ରାତି ୭ଟା | ଫାଇନାଲ ୧୦ |
| ମହିଳା ୮୦୦ ମିଟର | ରାତି ୭ଟା ୩୦ | ଫାଇନାଲ ୧୧ |
| ପୁରୁଷ ଶଟ୍‌ପୁଟ | ରାତି ୭ଟା ୪୫ | ଫାଇନାଲ ୧୨ |
| ପୁରୁଷ ୧୧୦ ମି. ହର୍ଡଲ୍ସ | ରାତି ୮ଟା | ଫାଇନାଲ ୧୩ |
| ମହିଳା ହାଇଜମ୍ପ | ରାତି ୮ଟା ୧୫ | ଫାଇନାଲ ୧୪ |
| ମହିଳା ୧୦୦ମି. ହର୍ଡଲ୍ସ | ରାତି ୮ଟା ୨୦ | ଫାଇନାଲ ୧୫ |
| ପୁରୁଷ ୫୦୦୦ମି. | ରାତି ୮ଟା ୪୫ | ଫାଇନାଲ ୧୬ |
| ମହିଳା ୫୦୦୦ମି. | ରାତି ୯ଟା ୧୦ | ଫାଇନାଲ ୧୭ |

# ଜୁନ୍ ୧ରୁ ଅନ୍‌ଲାଇନ ଟିକେଟ ବିକ୍ରି




ପ୍ରସ୍ତୁତି ବୈଠକରେ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ଓସିଏ କର୍ମକର୍ତ୍ତା ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି)**

ଜୁନ୍ ୧୨ରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁଥିବା ଭାରତ–ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଓସିଏ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ମ୍ୟାଚକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଜୁନ୍ ୧ରୁ ଅନ୍‌ଲାଇନ ଟିକେଟ ବିକ୍ରି ପାଇଁ ବ୍ୟବସ୍ଥା କରାଯାଉଛି। ମ୍ୟାଚଟି ନୂଆକରି ଲାଗିଥିବା ଏଲ୍‌ଇଡି ସ୍ପୋର୍ଟ୍ସ ଫ୍ଲଡ୍‌ଲାଇଟ୍‌ରେ ଅନୁଷ୍ଠିତ ହେବ। ବର୍ଷା ହେଲେ ମ୍ୟାଚ ବେଶି ସମୟ ବାଧାପ୍ରାପ୍ତ ନ ହେବାପାଇଁ ବାଲିଭିତ୍ତିକ ଆଉଟଫିଲ୍ଡ ପ୍ରସ୍ତୁତ କରାଯାଇଛି। ମ୍ୟାଚ ଅବସରରେ ଅଷ୍ଟ୍ରେଲିଆରୁ ଅଣାଯାଇଥିବା ୨ଟି ସୁପର ସୋପର ବ୍ୟବହାର ହେବ। ଜୁନ୍ ୧୦ ତାରିଖରେ ଦୁଇ ଦଳ ପହଞ୍ଚିବେ ଏବଂ ୧୩ ତାରିଖରେ ପ୍ରସ୍ଥାନ କରିବେ। ୧ ନମ୍ବର ଗ୍ୟାଲେରି ଟିକେଟ ମୂଲ୍ୟ ୯୦୦, ୨ ଓ ୪ ନମ୍ବର ୭୦୦, ୭ ନମ୍ବର ୬୦୦, ୬ ନମ୍ବର (ପ୍ଲେୟର୍ସ କନ୍‌ସେଶନ) ୩୦୦, ସ୍ପେଶାଲ ଏନ୍‌କ୍ଲୋଜର ୫୦୦୦, ଏସି ବକ୍ସ ୭୦୦୦, ନିୟୁ ପ୍ୟାଭିଲିୟନ ୮୦୦୦ ଓ କର୍ପୋରେଟ ବକ୍ସ ଟିକେଟର ମୂଲ୍ୟ ୧୨,୦୦୦ ଟଙ୍କା ରଖାଯାଇଛି। ଅନ୍‌ଲାଇନ ପାଇଁ ୫୦୦୦ ଟିକେଟ ଉପଲବ୍ଧ ହେବ। ଅନ୍‌ଲାଇନ ଟିକେଟ ରିଡେମ୍ପଶନ ୯, ୧୦, ୧୧ ଓ ୧୨ ତାରିଖରେ କରାଯିବା ସମ୍ଭାବନା ରହିଛି। କ୍ୟାମ୍ପିଜ ସ୍କୁଲ ଓ ଖ୍ରୀଷ୍ଟ କଲିଜିଏଟ ସ୍କୁଲରେ ଏଥିପାଇଁ ୩ଟି ଲେଖାଏ କାଉଣ୍ଟର ଉପଲବ୍ଧ ହେବ। ୯, ୧୦ ଓ ୧୧ ତାରିଖରେ ସକାଳ ୧୦ଟାରୁ ଅପରାହ୍ନ ୪ଟା ଏବଂ ୧୨ ତାରିଖରେ ସକାଳ ୭ଟାରୁ ଅପରାହ୍ନ ୩ଟା ମଧ୍ୟରେ ଟିକେଟ ରିଡେମ୍ପଶନ ହେବ। ମ୍ୟାଚ ପାଇଁ ଦର୍ଶକଙ୍କ ଲାଗି ଅପରାହ୍ନ ୩ଟାରୁ ଗେଟ୍ ଖୋଲା ରହିବ। ଷ୍ଟାଡିୟମ ପରିସର ସମ୍ପୂର୍ଣ୍ଣ ଭାବରେ ସିସିଟିଭି କ୍ୟାମେରା ନଜରରେ ରହିବ। ସାଧାରଣ ଦର୍ଶକ ବାଲିଯାତ୍ରା ପଡ଼ିଆ, ଓସିଏ ସଦସ୍ୟ କ୍ରିକେଟ ଏକାଡେମୀ, ମିଡିଆ ପ୍ରତିନିଧି କ୍ୟାମ୍ପିଜ ସ୍କୁଲ ପରିସର, ବିସିସିଆଇ ଅଫିସିଆଲ, ମ୍ୟାଚ ରେଫରି, ଅମ୍ପାୟର, ଟିମ୍, ଓସିଏ ଅଫିସିଆଲ ଓ ଅତିଥିମାନେ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ଗାଡ଼ି ପାର୍କିଂ କରିବେ। ମ୍ୟାଚକୁ ସୁରକ୍ଷିତ ଭାବେ ଏବଂ ସଫଳତାର ସହ ସମ୍ପନ୍ନ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ରାଜ୍ୟ ସରକାରଙ୍କ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ କୁମାର ଦଳାଇ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ବାରବାଟୀ ଟି୨୦**

# ଭାରତୀୟ ଦଳରେ ଆହାନ



ଆହାନ

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି):** ନେପାଳର କାଠମାଣ୍ଡୁରେ ହେବାକୁଥିବା ସାଉଥ ଏସିଆ ରିଜିଓନାଲ କ୍ୱାଲିଫାଇଙ୍ଗ୍ ଇଭେଣ୍ଟର ଆଇଟିଏଫ୍ ଏସିଆ ୧୨ ବର୍ଷରୁ କମ୍ ଟେନିସ ପାଇଁ ଭାରତୀୟ ଦଳରେ ଓଡ଼ିଶାର ଆହାନ ସ୍ଥାନ ପାଇଛନ୍ତି। ଜାତୀୟ ଜୁନିୟର ଚୟନ କମିଟି ଶୁକ୍ରବାର ଭାରତୀୟ ଦଳ ଚୟନ କରିଛନ୍ତି। ବାଳିକା ଦଳରେ ଆହାନ, ପ୍ରାଚୀ ମଲିକ ଓ ଅନିନ୍ଦିତା ଉପାଧ୍ୟାୟ ସ୍ଥାନ ପାଇଛନ୍ତି। ବାଳକ ଦଳରେ ରହିଛନ୍ତି ଫଜଲ ମୀର, ତଭିଶ ପାଓ୍ୱା ଓ କୁଶାଗ୍ର ଆରୋରା। ଶିଭିକା ବର୍ମନ ବାଳିକା, ଇରଫାନ ଅହମଦ ବାଳକ ଦଳର ଅଧିନାୟକ ହୋଇଛନ୍ତି। ଓଡ଼ିଶାର ପ୍ରତିଭା ସମ୍ପନ୍ନ ଟେନିସ ଖେଳାଳି ଆହାନ ଏସ୍ ବେସ୍ ଟେନିସ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୪ | ୧୦ | ୪ | ୨୦ | +୦.୩୧୬ |
| ରାଜସ୍ଥାନ ରୟାଲ୍ସ | ୧୪ | ୯ | ୫ | ୧୮ | +୦.୨୯୮ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୪ | ୯ | ୫ | ୧୮ | +୦.୨୫୧ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୪ | ୮ | ୬ | ୧୬ | -୦.୨୫୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୭ | ୬ | ୧୪ | +୦.୨୫୫ |
| କୋଲକାତା ନାଇଟ ରାଇଡର୍ସ | ୧୪ | ୬ | ୮ | ୧୨ | +୦.୧୪୬ |
| ପଞ୍ଜାବ କିଙ୍ଗ୍ସ | ୧୩ | ୬ | ୭ | ୧୨ | +୦.୦୪୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୬ | ୭ | ୧୨ | -୦.୨୩୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୪ | ୧୦ | ୮ | +୦.୨୦୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୩ | ୧୦ | ୬ | -୦.୫୭୭ |

# ୯ ଜଣିଆ ଭାରତୀୟ ଦଳ ଘୋଷଣା



ଏଫ୍‌ଆଇଏଚ୍ ମହିଳା ହକି ୫ ଏସ୍ ପାଇଁ ମନୋନୀତ ଭାରତୀୟ ଦଳ।

**ନୂଆଦିଲ୍ଲୀ, ୨୦।୫ (ପି.ଟି.)**

ସୁଇଜରଲାଣ୍ଡର ଲାଉସାନେଠାରେ ଏଫ୍‌ଆଇଏଚ୍ ମହିଳା ହକି ୫ ଏସ୍‌ର ପ୍ରଥମ ସଂସ୍କରଣ ଜୁନ୍ ୪ ଓ ୫ରେ ଅନୁଷ୍ଠିତ ହେବ। ଏଥିଲାଗି ଶୁକ୍ରବାର ୯ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଦଳର ଅଧିନାୟକତ୍ୱ କରିବେ ଅଭିଜ୍ଞ ଗୋଲକିପର ରଜନୀ ଏଟିମାର୍ପୁ। ତାଙ୍କ ଡେପୁଟି ଭାବେ କାର୍ଯ୍ୟକରିବେ ମହିମା ଚୌଧାରୀ। ପ୍ରତିଯୋଗିତାରେ ଉରୁଗୁଏ, ପୋଲାଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ଆୟୋଜକ ସୁଇଜରଲାଣ୍ଡ ଅଂଶଗ୍ରହଣ କରିବେ। ଦଳର ଅନ୍ୟ ସଦସ୍ୟାମାନେ ହେଲେ ଡିଫେଣ୍ଡର ରଶ୍ମିତା ମିଞ୍ଜ୍ ଓ ଅଜମିନା କୁଜୁର ଏବଂ ମିଡ୍‌ଫିଲ୍ଡର ବୈଷ୍ଣବୀ ବିଥାଲ ଫାଲ୍‌କେ, ମହିମା ଚୌଧାରୀ ଓ ପ୍ରୀତି। ୟୁଥ୍ ଅଲିମ୍ପିକ୍ସ ହକି ୫ଏସ୍ ପ୍ରତିଯୋଗିତାରେ ଭାଗ ନେଇ ଖେଳିଥିବା ଫରୱାର୍ଡ ମରିଆନା କୁଜୁର, ମମତାଜ ଖାନ୍ ଏବଂ ରୁତାଜା ଦାଦାସୋ ପିସାଲ ମଧ ଦଳରେ ସ୍ଥାନ ପାଇଛନ୍ତି। ସୁମନ ଦେବୀ ଥୋଦମ ଏବଂ ରାଜୱିନ୍ଦର କୌର ଷ୍ଟାଣ୍ଡବାଇ ଖେଳାଳି ଭାବେ ମନୋନୀତ ହୋଇଛନ୍ତି। ମୁଖ୍ୟ କୋଚ୍ ଜାନେକି ସ୍କୋମ୍ୟାନ ଦଳ ସହିତ ଯିବେ। ପ୍ରଥମ ଥର ହକି ୫ଏସ୍‌ରେ ଭାଗ ନେବାକୁ ଥିବାରୁ ଦଳର ଖେଳାଳିଙ୍କ ମନରେ ଉତ୍କଣ୍ଠା ରହିଥିବା ସେ କହିଛନ୍ତି।

**ଭାରତୀୟ ଦଳ**

ଗୋଲକିପର : ରଜନୀ ଏଟିମାର୍ପୁ (ଅଧିନାୟିକା)। ଡିଫେଣ୍ଡର: ରଶ୍ମିତା ମିଞ୍ଜ୍, ଅଜମିନା କୌର।

ମିଡ୍ ଫିଲ୍ଡର: ବୈଷ୍ଣବୀ ବିଥାଲ ଫାଲ୍‌କେ, ମହିମା ଚୌଧାରୀ (ଉପ ଅଧିନାୟିକା)। ଫରୱାର୍ଡ: ମାରିଆନା କୁଜୁର, ମମ୍‌ତାଜ ଖାନ୍, ରୁତାଜା ଦାଦାସୋ ପିସାଲ। ଷ୍ଟାଣ୍ଡବାଇ: ସୁମନ ଦେବୀ ଥୋଦମ, ରାଜୱିନ୍ଦର କୌର।

**ଏଫ୍‌ଆଇଏଚ୍ ମହିଳା ହକି ୫ଏସ୍**

# ମାଥ୍ୟୁ ୱେଡ୍‌ଙ୍କୁ ଭର୍ତ୍ସନା

**ମୁମ୍ବାଇ, ୨୦।୫(ପି.ଟି.):** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚ ସମୟରେ ଆଇପିଏଲ ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ ଗୁଜରାଟ ଟାଇଟାନ୍ସ ବ୍ୟାଟ୍ସମ୍ୟାନ ମାଥ୍ୟୁ ୱେଡ୍‌ଙ୍କୁ ଭର୍ତ୍ସନା କରାଯାଇଛି। ଆଇପିଏଲ୍ ଆଚରଣ ବିଧିର ଧାରା ୨.୫ର ଲେଭଲ ୧ ଅନୁସାରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ନିଜ ଦୋଷକୁ ସେ ସ୍ୱୀକାର କରିଛନ୍ତି। ମ୍ୟାଚରେ ଅମ୍ପାୟରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ଏହାକୁ ମାନିବା ବାଧ୍ୟତାମୂଳକ। ନିଷ୍ପତ୍ତିରେ ଅସମ୍ମତି ପ୍ରକାଶ କଲେ ଆଚରଣବିଧିର ଲେଭଲ ୧ ଉଲ୍ଲଂଘନ କରାଯାଇଛି ବୋଲି ଧରି ନିଆଯିବ।

# ମାଷ୍ଟର୍ସ ଗେମ୍‌ରେ ପାର୍ବତୀଙ୍କୁ ୨ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି):** କେରଳର ଥିରୁଭାନନ୍ତପୁରମରେ ଚାଲିଥିବା ୪ର୍ଥ ମାଷ୍ଟର୍ସ ଗେମ୍‌ରେ ଓଡ଼ିଶାର ପାର୍ବତୀ ସେଠୀ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୪୫.୬୦ ମିଟର ଦୂରକୁ ଡିସ୍କସ୍ ଥ୍ରୋ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେହିପରି ୧୦.୬୦ ମିଟର ଦୂରକୁ ସେ ଶଟ୍‌ପୁଟ୍ ଥ୍ରୋ କରିବାରେ ସକ୍ଷମ ହୋଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସ୍କୁଲ ସ୍ତରରୁ ଆରମ୍ଭ କରି ସବ୍‌ଜୁନିୟର, ଜୁନିୟର, ସିନିୟର, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପାର୍ବତୀ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଅର୍ଥାତ୍ ୧୯୯୦ରୁ ଏପର୍ଯ୍ୟନ୍ତ ଖେଳ ଜାରି ରଖିଛନ୍ତି। ଅନେକ ପଦକ ଜିତି ଦେଶ ଓ ରାଜ୍ୟକୁ ଗର୍ବିତ କରିଥିବା ପାର୍ବତୀ ଆସନ୍ତା ୨୪ରେ କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଇଣ୍ଡିଆନ ଗ୍ରାଁ ପ୍ରି ୪ରେ ଅଂଶଗ୍ରହଣ କରିବେ।



ପାର୍ବତୀ ସେଠୀ

# ଅନ୍ତର୍ଜାତୀୟ ଭଲିବଲ ମହାସଂଘ ମୁଖ୍ୟ କାର୍ଯ୍ୟାଳୟରେ ଅଚ୍ୟୁତ

**ଭୁବନେଶ୍ୱର, ୨୦।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଆମନ୍ତ୍ରଣ ପାଇ ଭାରତ ଭଲିବଲ ମହାସଂଘ ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସ୍ୱିଜରଲାଣ୍ଡସ୍ଥିତ ଅନ୍ତର୍ଜାତୀୟ ଭଲିବଲ ମହାସଂଘ (ଏଫ୍‌ଆଇଭିବି)ର ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେଠାରେ ସେ ଏଫ୍‌ଆଇଭିବି ସଭାପତି ଆରି ଏସ୍. ଗ୍ରେସା ଏବଂ ମହାନିର୍ଦ୍ଦେଶକ ଫାବିଓ ଆଜେଭେଡୋଙ୍କ ସହିତ ଫଳପ୍ରଦ ଆଲୋଚନା କରିଥିଲେ। ଭାରତରେ ଭଲିବଲ ଖେଳର ଅଗ୍ରଗତି ନେଇ ସେ ଅବଗତ କରାଇଥିଲେ। ଦେଶରେ ଭଲିବଲ ଖେଳର ପ୍ରସାର କ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କର୍ମକର୍ତ୍ତାଦ୍ୱୟ ପ୍ରତିଶ୍ରୁତି ଦେଇଥିଲେ।



ଅନ୍ତର୍ଜାତୀୟ ଭଲିବଲ ମହାସଂଘ କର୍ମକର୍ତ୍ତାଙ୍କ ସହ ଅଚ୍ୟୁତ ସାମନ୍ତ (ମଝି)।

# କ୍ୱାଲିଫାୟର–୧ରେ ରାଜସ୍ଥାନ

**ମୁମ୍ବାଇ ୨୦।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୫ ଉଇକେଟରେ ଚେନ୍ନାଇ ସୁପରକିଙ୍ଗ୍ସକୁ ପରାସ୍ତ କରିଛି। ଫଳରେ ଗୁଜରାଟ ଟାଇଟାନ୍ସ ସହିତ ରାଜସ୍ଥାନ କ୍ୱାଲିଫାୟର–୧ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ରାଜସ୍ଥାନର ବିଜୟ ଫଳରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏଲିମିନେଟର ଖେଳିବାକୁ ବାଧ୍ୟ ହୋଇଛି। କାରଣ ୧୪ଟି ଲେଖାଏ ମ୍ୟାଚ ଖେଳିବା ପରେ ରାଜସ୍ଥାନ ଓ ଲକ୍ଷ୍ନୌ ୧୮ ପଏଣ୍ଟ ଲେଖାଏରେ ପହଞ୍ଚିଥିବାବେଳେ ରନ ହାରରେ ରୟାଲ୍ସ ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରି ନେଇଛି। ଏଠାରେ ଚେନ୍ନାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୫୦ ରନ କରିଥିଲା। ଜବାବରେ ରାଜସ୍ଥାନ ୧୧୨ ରନ ମଧ୍ୟରେ ୫ ଉଇକେଟ ହରାଇଥିଲେ ହେଁ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅପରାଜିତ ଇନିଂସ ଯୋଗୁ ୨ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଅଶ୍ୱିନ ୨୩ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ୪୦ ରନକରି ଅପରାଜିତ ରହିଥିଲେ। ଯୁବ ଓପନର ଯଶସ୍ୱି ଜୟସ୍ୱାଲ ସର୍ବାଧିକ ୫୯ (୪୪ ବଲ, ୮ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ଗତଥରର ଚାମ୍ପିୟନ ଚେନ୍ନାଇ ଏଥର ୧୪ ମ୍ୟାଚରୁ ୧୦ମ ପରାଜୟ ସହ ଅତି ନୈରାଶ୍ୟଜନକଭାବେ ଅଭିଯାନ ଶେଷ କରିଛି। ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ପକ୍ଷରୁ ମୋଇନ ଅଲୀ ୫୭ବଲ୍ ସାମ୍ନା କରି ୧୩ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୯୩ ରନ କରିଥିଲେ।



ମୋଇନ ଅଲି

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୫୦/୬ (ମୋଇନ ଅଲି–୯୩, ଏମ୍.ଏସ୍. ଧୋନୀ–୨୬, ଡେଭନ କନୱେ–୧୬, ଓବେଡ୍ ମ୍ୟାକ୍‌କୟ–୨/୨୦, ୟୁଜବେନ୍ଦ୍ର ଚହଲ–୨/୨୬, ଆର. ଅଶ୍ୱିନ–୧/୨୮, ଟ୍ରେଣ୍ଟ ବୋଲ୍ଟ–୧/୪୪)। ରାଜସ୍ଥାନ ରୟାଲ୍ସ ୧୯.୪ ଓଭରରେ ୧୫୧/୫ (ଯଶସ୍ୱି ଜୟସ୍ୱାଲ–୫୯, ରବିଚନ୍ଦ୍ରନ ଅଶ୍ୱିନ–୪୦*, ପ୍ରଶାନ୍ତ ସୋଲାଙ୍କି–୨/୨୦, ମୋଇନ ଅଲୀ–୧/୨୧, ମିଚେଲ ସାଣ୍ଟନର–୧/୧୫, ସିମରଜିତ ସିଂ–୧/୧୮)।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଜାତୀୟ ସ୍କୁଲ ଚେସ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୨୦।୫ (ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍ ଓ କିସ୍‌ର ସହଯୋଗରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଦ୍ୱାରା ଚାଲିଥିବା ୧୦ମ ଜାତୀୟ ସ୍କୁଲ ଚେସ୍ ଚାମ୍ପିୟନଶିପ୍ ୨୦୨୨ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କିଟ୍‌ସ୍ଥିତ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୭ଟି ରାଜ୍ୟରୁ ମୋଟ ୧୦୨୬ ଖେଳାଳି (୩୩୧ ବାଳିକା ଓ ୬୯୫ ବାଳକ ଅଂଶଗ୍ରହଣ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ ମୁଖ୍ୟ ଅତିଥି ଭାବେ ଏବଂ ଅର୍ଜୁନ ପୁରସ୍କାର ବିଜେତା ଗ୍ରାଣ୍ଡମାଷ୍ଟର ପ୍ରବୀଣ ଥିପ୍‌ସେ, ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଜି.ସି. ମହାପାତ୍ର ଓ ସମ୍ପାଦକ ଦେବ୍ରତ ଭଞ୍ଜ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଚାମ୍ପିୟନଶିପ୍‌ର ୧୭ ବର୍ଷରୁ କମ୍ ଓପନ ବାଳକ ବିଭାଗରେ ପଶ୍ଚିମବଙ୍ଗର ଉଜାନ ଭଟ୍ଟାଚାର୍ଯ୍ୟ ଓ ବାଳିକା ବିଭାଗରେ ତାମିଲନାଡୁର ମିନାଟୀ ରାଜମ ଭି. ଚାମ୍ପିୟନ ହୋଇଛନ୍ତି। ୧୫ବର୍ଷରୁ କମ୍ ବିଭାଗରେ ତାମିଲନାଡୁର ଶାର୍ଦୁର୍ସାନ ଆର୍ ଏବଂ ବାଳିକା ବିଭାଗରେ କାନିଶା ଏସ୍. ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୧୩ ବର୍ଷରୁ କମ୍ ବାଳକ ବିଭାଗରେ ଆଦିରେଡ୍ଡୀ ଅର୍ଜୁନ (ତେଲଙ୍ଗାନା) ଏବଂ ବାଳିକା ବିଭାଗରେ ସାଚି ଜୈନ (ଦିଲ୍ଲୀ) ଚାମ୍ପିୟନ ହୋଇଛନ୍ତି। ସେହିପରି ୧୧ ବର୍ଷରୁ କମ୍ ବାଳିକା ବିଭାଗରେ ନିବେଦିତା ଭି.ସି. (ତାମିଲନାଡୁ) ଏବଂ ବାଳକ ବିଭାଗରେ ମହମ୍ମଦ ରିୟାନ (ବିହାର) ପ୍ରଥମ ହୋଇଛନ୍ତି। ୯ବର୍ଷରୁ କମ୍ ବାଳକରେ ମାଧବେନ୍ଦ୍ର ପ୍ରତାପ ଶର୍ମା (ମଧ୍ୟ ପ୍ରଦେଶ) ଓ ବାଳିକା ବିଭାଗରେ ଦିୟା ଦିଗମ୍ବର ସାୱାଲ (ଗୋଆ) ଟାଇଟଲ ବିଜୟୀ ହୋଇଛନ୍ତି। ସେହିପରି ୭ ବର୍ଷରୁ କମ୍ ବିଭାଗରେ ଶାର୍ବଣିକା ଏ.ଏସ. (ତାମିଲନାଡୁ) ଓ ବାଳକ ବିଭାଗରେ ସିଦ୍ଧାନ୍ତ ରାଣା (ହରିୟାଣା) ଚାମ୍ପିୟନ ହୋଇଛନ୍ତି।




କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ମେ ୨୧/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 21/2022 Page 16 ₹ 7.00 | ପୃଷ୍ଠା-୧


## ୩୧ ତାରିଖ ଯୁକ୍ତ୨ ପରୀକ୍ଷା ଜୁନ୍ ୪ରେ ହେବ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତା ୩୧ ତାରିଖ ଯୁକ୍ତ୨ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଉକ୍ତ ଦିନ ହେବାକୁ ଥିବା ପରୀକ୍ଷାଗୁଡ଼ିକ ଜୁନ୍ ୪ରେ କରାଯିବାକୁ ଶୁକ୍ରବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏପ୍ରିଲ ୨୮ରୁ ଆରମ୍ଭ ହୋଇଥିବା ଯୁକ୍ତ୨ ପରୀକ୍ଷା ମେ' ୩୧ରେ ଶେଷ ହୋଇଥାନ୍ତା। ଶେଷଦିନରେ କଳା ବିଭାଗର ଗଣିତ ଓ ଗୃହବିଜ୍ଞାନ ପରୀକ୍ଷା, ବିଜ୍ଞାନ ବିଭାଗର ଗଣିତ ଏବଂ ଧନ୍ଦାମୂଳକ ବିଭାଗର ବାୟୋଲୋଜି ପରୀକ୍ଷା ହେବାର ଥିଲା। ହେଲେ ସେହିଦିନ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ ଓ ଜୁନ୍ ୩ରେ ଭୋଟ ଗଣତି ହେବ। ତେଣୁ ୩୧ ତାରିଖ ପରୀକ୍ଷାକୁ ଜୁନ୍ ୪ ତାରିଖରେ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ମେ' ୨୧ରୁ ୨୮ ତାରିଖ ମଧ୍ୟରେ ଆଉ ଯେଉଁସବୁ ପରୀକ୍ଷା ହେବାର ଅଛି, ସେଗୁଡ଼ିକ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ବିଶ୍ୱବିଦ୍ୟାଳୟ ସଂଶୋଧିତ ଆଇନ ଉପରେ ରୋକ୍

### ରାଜ୍ୟ ସରକାରଙ୍କୁ ସୁପ୍ରିମ୍‌କୋର୍ଟ ଝଟକା



**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ–୨୦୨୦ ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। ଶୁକ୍ରବାର ଏ ସମ୍ପର୍କିତ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟଙ୍କ ରାୟ ଉପରେ ୩ ମାସ ପାଇଁ ରହିତାଦେଶ ଦେବା ସହ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୁଳପତି ଚୟନ, ନିଯୁକ୍ତି ପ୍ରକ୍ରିୟାକୁ ଓପିଏସ୍‌ସି ଅଧୀନକୁ ନେବା, ସିନେଟ୍ ଉଚ୍ଛେଦ, ସିଣ୍ଡିକେଟ୍‌ରେ ପ୍ରଶାସନିକ ହସ୍ତକ୍ଷେପ ସହ ବିଶ୍ୱବିଦ୍ୟାଳୟ ଆଇନରେ ଅନେକ ସଂଶୋଧନ କରିଥିଲେ ରାଜ୍ୟ ସରକାର। ଏହା ବିରୋଧରେ ହୋଇଥିବା ମାମଲାରେ ଓଡ଼ିଶା ହାଇକୋର୍ଟ କ୍ଲିନ୍ ଚିଟ୍ ଦେଇଥିଲେ। ତେବେ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଏବଂ ଜେଏନ୍‌ୟୁର ପୂର୍ବତନ ପ୍ରଫେସର ଅଜିତ ମହାନ୍ତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସର୍ବୋଚ୍ଚ ଅଦାଲତଙ୍କ ପ୍ରଥମ ଶୁଣାଣିରେ ରାଜ୍ୟ ସରକାରଙ୍କୁ ଝଟକା ଲାଗିଛି। ୨ ମାସ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ବିଧାନସଭାରେ ଗୃହୀତ ହୋଇଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମକୁ ବିରୋଧ କରି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର କୁଞ୍ଜ ବିହାରୀ ପଣ୍ଡା ଓ ଅନ୍ୟ କେତେଜଣ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ହେଲେ ରାୟ ରାଜ୍ୟ ସରକାରଙ୍କ ସପକ୍ଷରେ ଯାଇଥିଲା। ତେବେ ଶୁକ୍ରବାର ସୁପ୍ରିମକୋର୍ଟଙ୍କ ରାୟ ପରେ ପ୍ରଫେସର ପଣ୍ଡା କହିଛନ୍ତି, ସଂଶୋଧିତ ଆଇନ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ରତାକୁ ☞ପୃଷ୍ଠା–୪

# କଳିଙ୍ଗରେ ଆଜି ଇଣ୍ଡିଆନ ଗ୍ରାଁ ପ୍ରି–୩

### ଆକର୍ଷଣରେ ଶ୍ରାବଣୀ ଓ ଅମିୟ

**ଭୁବନେଶ୍ୱର, ୨୦।୫**
**(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି ଆଥଲେଟିକ୍ସର ଆଉ ଏକ ବଡ଼ ପ୍ରତିଯୋଗିତା। ରାଜ୍ୟ ସରକାର ୨୦୧୭ରେ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ ଓ ୨୦୧୮ରେ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌କୁ ସଫଳତାର ସହ ଆୟୋଜନ କରିଥିବାବେଳେ ଏବେ ଏଠାରେ ଇଣ୍ଡିଆନ ଗ୍ରାଁ ପ୍ରି ୩ ଓ ୪ ହେବାକୁ ଯାଉଛି। ଇଣ୍ଡିଆନ ଗ୍ରାଁ ପ୍ରି ୩ ଶନିବାର ଏବଂ ଗ୍ରାଁ ପ୍ରି ୪ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ଭୁବନେଶ୍ୱରରେ ଇଣ୍ଡିଆନ ଗ୍ରାଁ ପ୍ରି ଆୟୋଜନ ହେବା ଏହା ପ୍ରଥମ। ପ୍ରତିଯୋଗିତାରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶାର ମୋଟ ୧୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ଓ ଅମିୟ ମଲ୍ଲିକ ଆକର୍ଷଣରେ ରହିବେ। ଭାଗ ନେବାକୁ ଯାଉଥିବା ଅନ୍ୟ ୮ ପ୍ରତିଯୋଗୀ ହେଲେ ଲକ୍ଷ୍ମୀପ୍ରିୟା କିଷାନ, ନମିତା ପ୍ରଧାନ, ଅଶୋକ ଦଣ୍ଡସେନା, ନିଖିଲ ଦାସ, ଆର୍ଯ୍ୟନ ଏକ୍କା, ସ୍ୱାଧୀନ କୁମାର ମାଝି, ପଙ୍କଜ ମଣ୍ଡଳ ଓ ଦେବାଶିଷ ପଟ୍ଟନାୟକ।







**ସେନ୍‌ସେକ୍ସ ୧୫୩୪ ପଏଣ୍ଟ ବୃଦ୍ଧି**

**ମୁମ୍ବାଇ:** ବୈଶ୍ୱିକ ବଜାର ଏବଂ ଏସିଆ ମାର୍କେଟ୍‌ରେ ବୃଦ୍ଧିର ପ୍ରଭାବ ଭାରତୀୟ ଶେୟାର ବଜାରରେ ଦେଖିବାକୁ ମିଳିଛି। ଚଳିତ ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଶୁକ୍ରବାର ଶେୟାରବଜାର ସବୁଜ ସଙ୍କେତ ସହିତ ଖୋଲିଥିବା ସହ ସେନ୍‌ସେକ୍ସ ଏବଂ ନିଫ୍ଟିରେ ଯଥାକ୍ରମେ ୧୫୩୪ (୨.୯୧%) ଏବଂ ନିଫ୍ଟିରେ ୪୫୭ (୨.୮୯%) ବୃଦ୍ଧି ପରିଲକ୍ଷିତ ହୋଇଛି। ଫଳରେ ସେନ୍‌ସେକ୍ସ ୫୪,୩୨୬ ଏବଂ ନିଫ୍ଟି ୧୬,୨୬୬ ଇଣ୍ଡେକ୍ସରେ ବନ୍ଦ ହୋଇଛି। ପୂର୍ବଦିନ ଅର୍ଥାତ୍ ଗୁରୁବାର ନିବେଶକଙ୍କ ପ୍ରାୟ ୬ଲକ୍ଷ କୋଟି ଟଙ୍କା କ୍ଷତି ହେବା ପରେ ଶୁକ୍ରବାରର ଏହି ବୃଦ୍ଧି ସେମାନଙ୍କୁ କିଛିମାତ୍ରାରେ ଆଶ୍ୱସ୍ତି ପ୍ରଦାନ କରିଛି। ଦିନରେ ୧୫୪୭ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୫୭ଟି ଶେୟାରରେ ହ୍ରାସ ଘଟିଛି।

## ସଂକ୍ଷେପରେ

### ୩୦,୩୦୭ କୋଟି ଟଙ୍କାର ଡିଭିଡେଣ୍ଡ ଦେବ ଆର୍‌ବିଆଇ

**ନୂଆଦିଲ୍ଲୀ, ୨୦।୫:** ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ପକ୍ଷରୁ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ୩୦,୩୦୭ କୋଟି ଟଙ୍କାର ଡିଭିଡେଣ୍ଡ ବଳକା ରୂପରେ ଟ୍ରାନ୍ସଫର କରିବାର ଅନୁମତି ଦିଆଯାଇଛି। ଏହି ଡିଭିଡେଣ୍ଟ ଆର୍ଥିକ ବର୍ଷ ୨୦୨୧-୨୨ ବର୍ଷ ପାଇଁ ଦିଆଯାଇଛି। ଆର୍‌ବିଆଇ ବୋର୍ଡ ପକ୍ଷରୁ କଣ୍ଟିଜେନ୍ସି ରିସ୍କ ବଫର ୫.୫୦%ରେ ଅପରିବର୍ତ୍ତିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବଜେଟ ଅନୁସାରେ ରିଜର୍ଭ ବ୍ୟାଙ୍କ ଏବଂ ସରକାରଙ୍କ ମାଲିକାନାରେ ଥିବା ବ୍ୟାଙ୍କଗୁଡ଼ିକରୁ ସରକାର ଆର୍ଥିକ ବର୍ଷ ୨୦୨୨-୨୩ରେ ୭୩,୯୪୮ କୋଟି ଟଙ୍କା ଡିଭିଡେଣ୍ଡ ସଂଗ୍ରହ କରିବା ନେଇ ଆକଳନ କରିଥିଲେ। ଆର୍‌ବିଆଇ ଗଭର୍ନରଙ୍କ ଅଧକ୍ଷତାରେ ହୋଇଥିବା ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ୫୯୬ତମ ବୈଠକରେ ଡିଭିଡେଣ୍ଡ ଦେୟର ନିଷ୍ପତ୍ତି ନିଆଯାଇଥିଲା।

### କମର୍ସିଆଲ ବିମାନ ସେବା ଆରମ୍ଭ କରିବ ଜେଟ୍ ଏୟାରୱେଜ୍

**ନୂଆଦିଲ୍ଲୀ, ୨୦।୫:** ଅନ୍ତର୍ଜାତୀୟ ଏୟାରଲାଇନ୍ ସଂସ୍ଥା ଜେଟ୍ ଏୟାରୱେଜ୍ ପୁଣିଥରେ କମର୍ସିଆଲ ବିମାନ ସେବା ଯୋଗାଇବା ଦିଗରେ ଆଗକୁ ବଢ଼ୁଛି। ଡାଇରେକ୍ଟର ଜେନେରାଲ ଅଫ୍ ସିଭିଲ ଆଭିଏସନ୍ (ଡିଜିସିଏ) ପକ୍ଷରୁ ଜେଟ୍ ଏୟାରୱେଜ୍ ପୁଣିଥରେ ଉଡ଼ାଣ ଆରମ୍ଭ କରିବା ପାଇଁ ଏୟାର ଅପରେଟର ସାର୍ଟିଫିକେଟ୍ (ଏଓସି) ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏୟାରଲାଇନକୁ ସୁରକ୍ଷା କ୍ଲିୟରାନ୍ସ ପ୍ରଦାନ କରାଯାଇଥିଲା। ଏହା ପରଠାରୁ ଜେଟ୍ ଏୟାରୱେଜ୍ ପୁଣିଥରେ ବିମାନ ସେବା ଆରମ୍ଭ କରିବା ସମ୍ପର୍କରେ ଆଶା କରାଯାଉଥିଲା। ଏପ୍ରିଲ ୨୦୧୯ରୁ ବନ୍ଦ ରହିଥିବା ଜେଟ୍ ଏୟାରୱେଜ୍ ଏହାର ନୂଆ ପ୍ରମୋଟର ଜଲାନ-କାଲରକ୍ କନ୍‌ସର୍ଟିୟମ୍ ଅଧୀନରେ ପୁଣିଥରେ ପରିଚାଳନା ପ୍ରକ୍ରିୟା ଆରମ୍ଭ କରିବ। ଜଲାନ-କାଲରକ୍ କନ୍‌ସର୍ଟିୟମ୍ ପୂର୍ବରୁ ଜେଟ୍ ଏୟାରୱେଜ୍‌ର ମାଲିକାନା ନରେଶ ଗୋୟଲଙ୍କ ନିକଟରେ ରହିଥିଲା ଏବଂ ସେ ୧୭ ଏପ୍ରିଲ ୨୦୧୯ରେ ଏହାର ଶେଷ ଫ୍ଲାଇଟ୍ ସଞ୍ଚାଳନ କରିଥିଲେ।

# କଟକରେ ଲାଲ୍‌ଚାନ୍ଦ୍ ଗ୍ରୁପ୍‌ର ପ୍ରଥମ ପଞ୍ଚତାରକା ହୋଟେଲ

## 'ଦି ନ୍ୟୁ ମାରିଅନ୍'ର ଶିଳାନ୍ୟାସ

**ଚୌଦ୍ୱାର,୨୦।୫(ଡି.ଏନ୍.ଏ.)**



ଦି ନ୍ୟୁ ମାରିଅନ ହୋଟେଲର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ହୋଟେଲ କର୍ତ୍ତୃପକ୍ଷ।

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନୂଆପାଟଣାଠାରେ ଲାଲ୍‌ଚାନ୍ଦ୍ ଗ୍ରୁପ୍ ପକ୍ଷରୁ ପ୍ରଥମ ପଞ୍ଚତାରକା ହୋଟେଲ 'ଦି ନ୍ୟୁ ମାରିଅନ୍'ର ନିର୍ମାଣ ପାଇଁ ଶୁକ୍ରବାର ଏହାର ଶିଳାନ୍ୟାସ ହୋଇଯାଇଛି। ଏଥିରେ ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମା' ସନ୍ଧ୍ୟାରାଣୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଏହା କଟକ ଜିଲାର ପ୍ରଥମ ପଞ୍ଚତାରକା ହୋଟେଲ ବୋଲି ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଥିବା ଅତିଥି ମତବ୍ୟକ୍ତ କରିଥିଲେ। ପ୍ରାୟ ୧୨ ଏକର ଜମି ଓ ୭୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ହୋଟେଲ ନିର୍ମାଣ କରାଯିବ। ଏଥିରେ ୩୦ଟି ସ୍ୱତନ୍ତ୍ର ଭିଲ୍ଲା, ୬୦ ବିଳାସପୂର୍ଣ୍ଣ ସୁଟ୍, ସମ୍ମିଳନୀ କକ୍ଷ, ବୃହତ୍ ଡାଇନିଂ ହଲ୍, ରେଷ୍ଟୁରାଣ୍ଟ, ଶପିଂମଲ୍, ସୁଇମିଂପୁଲ୍, ଲନ୍, ସେଲୁନ୍, ସ୍ପା ଓ ହେଲ୍‌ଥ କ୍ଲବ୍ ରହିବ ବୋଲି ହୋଟେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏଥିରେ ୧୬୦ରୁ ଊର୍ଦ୍ଧ୍ୱ ଲୋକ ନିଯୁକ୍ତି ପାଇବେ। ଏହି ହୋଟେଲ ପର୍ଯ୍ୟଟକମାନଙ୍କୁ ବିଶେଷଭାବେ ଆକୃଷ୍ଟ କରିବ ବୋଲି ଲାଲ୍‌ଚାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଅଧକ୍ଷ ସଞ୍ଜୟ ହଂସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ଦ୍ୱାରା ଗତ ୨ ଦଶନ୍ଧି ମଧ୍ୟରେ ରାଜ୍ୟରେ ଶିଳ୍ପ, କ୍ରୀଡ଼ା, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ ଆଦି କ୍ଷେତ୍ରରେ ବିକାଶ ହୋଇଛି। ଏ ଦିଗରେ ଆମର ନୂତନ ଉଦ୍ୟମ ଏହାର ପ୍ରତିଫଳନ। ପର୍ଯ୍ୟଟକଙ୍କୁ ମନୋରଞ୍ଜନ ଯୋଗାଇଦେବା, ରାଜ୍ୟର ପ୍ରମୁଖ ୱେଡିଂ ଭେନ୍ୟୁରେ ପରିଣତ କରିବା, ଦେଶ ତଥା ଦେଶ ବାହାର ପର୍ଯ୍ୟଟକମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ହୋଟେଲ ନିର୍ମାଣ ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରେରଣା ଓ ସହାୟତା ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାରୁ ସେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଲାଲଚାନ୍ଦ୍ ଗ୍ରୁପ୍‌ର ଅମ୍ରିତା ହଂସ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର, ଟାଙ୍ଗୀ-ଚୌଦ୍ୱାର ବିଡ଼ିଓ ଆଶୁତୋଷ ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

# ଓଏସ୍‌ଏଲ୍ ପକ୍ଷରୁ ୧୦ଲକ୍ଷ ଟଙ୍କା ପ୍ରଦାନ

**କଟକ,୨୦।୫**

ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍) ପକ୍ଷରୁ ନିକଟରେ ମନମ ଫାଉଣ୍ଡେଶନକୁ ୧୦ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କମ୍ପାନୀ ତା'ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ ଏହି ସହାୟତା ରାଶି ଉକ୍ତ ଫାଉଣ୍ଡେଶନକୁ ଯୋଗାଇଦେଇଥିବା କୁହାଯାଇଛି।

ଏ ସମ୍ପର୍କରେ ଓଏସ୍‌ଏଲ୍ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମହିମାନନ୍ଦ ମିଶ୍ର କହିଛନ୍ତି, ବିଭିନ୍ନ ସମସ୍ୟାର ସମାଧାନ କରିବା ଦିଗରେ ଘରୋଇ ସଂସ୍ଥା ଭାବେ ଏକ ଗୁରୁ ଦାୟିତ୍ୱ ବୋଲି ଭାବି ଆମେ ଆମର କାର୍ଯ୍ୟ କରିଚାଲିଛୁ। କମ୍ପାନୀ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ସମସ୍ୟା ସମୟରେ ଛିଡ଼ା ହୋଇପାରିଥିବାରୁ ଓଏସ୍‌ଏଲ୍ ଗ୍ରୁପ୍ ଗର୍ବିତ ବୋଲି ମିଶ୍ର ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଓଏସ୍‌ଏଲ୍ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍‌ଆର୍ ଆଣ୍ଡ ଆଇଆର୍) ପି. କେ. ପଣ୍ଡା ଉକ୍ତ ସହାୟତା ରାଶି (ଚେକ୍)କୁ ମନମ ଫାଉଣ୍ଡେଶନର ପ୍ରତିଷ୍ଠାତା ଡ. ଅନୁରାଧା ମହାପାତ୍ରଙ୍କୁ ହସ୍ତାନ୍ତର କରିଛନ୍ତି। ସେବା, ସଚେତନତା, ଶିକ୍ଷା, ସହାୟକ ଗୋଷ୍ଠୀ ଗଠନ ଓ ପରାମର୍ଶ ଜରିଆରେ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ କରିବା ଲାଗି ଏହି ରାଶିକୁ ବ୍ୟବହାର କରାଯିବ।

# ଦେଶ ନିର୍ମାଣରେ ସିଏସ୍‌ଆର୍‌ର ଭୂମିକା



**ଭୁବନେଶ୍ୱର,୨୦।୫**

## ଏଚ୍‌ସିଏଲ୍ ଫାଉଣ୍ଡେଶନ ପକ୍ଷରୁ ଏଚ୍‌ସିଏଲ୍ ଗ୍ରାଣ୍ଟର ୮ମ ସଂସ୍କରଣର ଶୁଭାରମ୍ଭ

ଦେଶର ଅଗ୍ରଣୀ ଆଇଟି କମ୍ପାନୀ 'ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍'ର ସହଯୋଗୀ ଅନୁଷ୍ଠାନ ଏଚ୍‌ସିଏଲ୍ ଫାଉଣ୍ଡେଶନ ପକ୍ଷରୁ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ ଏଚ୍‌ସିଏଲ୍ ଗ୍ରାଣ୍ଟ ପାନ୍ ଇଣ୍ଡିଆ ସିମ୍ପୋଜିୟମ-୨୦୨୨ର ୮ମ ସଂସ୍କରଣର ଶୁଭାରମ୍ଭ ଶୁକ୍ରବାର ସ୍ଥାନୀୟ ଏକ ବିଶ୍ୱବିଦ୍ୟାଳୟ ପରିସରରେ କରାଯାଇଛି। ଏହି ଅବସରରେ ଏଚ୍‌ସିଏଲ୍ ଫାଉଣ୍ଡେଶନର ନିର୍ଦ୍ଦେଶକ ନିଧି ପୁନଧିର, ସିଏସ୍‌ୱାଇଡିର ଜଗଦାନନ୍ଦ, ବରିଷ୍ଠ ପ୍ରଶାସକ ଅରବିନ୍ଦ ବେହେରା ଏବଂ ନିରଜ କୁମାର ପ୍ରମୁଖ ବକ୍ତାଙ୍କୁ ନେଇ ଉକ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଓ ଏହାର ପଡ଼ୋଶୀ ରାଜ୍ୟର ବିଭିନ୍ନ ବର୍ଗର ୧୦୦ରୁ ଅଧିକ ଏନ୍‌ଜିଓଙ୍କୁ ଉକ୍ତ କର୍ମଶାଳାରେ ସାମିଲ କରାଯାଇଥିଲା। ଅପରପକ୍ଷରେ ଫାଉଣ୍ଡେଶନ ପକ୍ଷରୁ ଏକ ଜାତୀୟ ସ୍ତରର କର୍ମଶାଳାରେ 'ଦେଶ ନିର୍ମାଣରେ ସିଏସ୍‌ଆର୍'ର ଭୂମିକା ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ନିଧି ପୁନଧିର କହିଥିଲେ, ସିଏସ୍‌ଆର୍ ଜରିଆରେ ଭାରତର ଚିତ୍ର (ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ) ଓ ଏହାର ଗୋଷ୍ଠୀ ବିକାଶ ଯାତ୍ରା ସମ୍ପର୍କରେ ମୋଟାମୋଟି ଉପସ୍ଥାପନା ସହ ଗ୍ରାମ୍ୟ ବିକାଶ କ୍ଷେତ୍ରରେ ବିଭିନ୍ନ ସଂସ୍ଥାର ଉଲ୍ଲେଖନୀୟ କାର୍ଯ୍ୟ ଏବଂ ଏନ୍‌ଜିଓଗୁଡ଼ିକୁ ସମର୍ଥନ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଏଚ୍‌ସିଏଲ୍ ଗ୍ରାଣ୍ଟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି କାର୍ଯ୍ୟକ୍ରମର ୮ମ ସଂସ୍କରଣରେ ମୋଟ ୧୬.୫ କୋଟି ଟଙ୍କାର ଅନୁଦାନ ପାଣ୍ଠି ଯୋଗାଇବାର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି।

# ମାଲାବାରରେ ଷ୍ଟଡ୍‌ସ ଆଣ୍ଡ ଡ୍ରପ୍ସ ଫେଷ୍ଟିଭାଲ

**ଭୁବନେଶ୍ୱର, ୨୦।୫**



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ 'ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍'ର ଭୁବନେଶ୍ୱରସ୍ଥିତ ଶହୀଦନଗର ଏକ୍ସକ୍ଲୁସିଭ ଶୋ' ରୁମ୍ ପରିସରରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ 'ଷ୍ଟଡ୍‌ସ ଆଣ୍ଡ ଡ୍ରପ୍ସ ଫେଷ୍ଟିଭାଲ'ର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୋ'ରୁମ୍ ପରିସରରେ ଉପସ୍ଥିତ ବିଶିଷ୍ଟ ଗ୍ରାହକ ଏବଂ ପରିଚାଳନା ଟିମ୍ ଦ୍ୱାରା ଏହାର ଉଦ୍‌ଘାଟନ କରାଯାଇଥିଲା। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ମେ'୨୯ ପର୍ଯ୍ୟନ୍ତ ଜାରି ରହିବ। ଏଥିରେ ପ୍ରଦର୍ଶିତ ସୁନା ଅଳଙ୍କାର, ଡାଇମଣ୍ଡ ଷ୍ଟଡ୍ ଏବଂ ବିଭିନ୍ନ ଜେମ୍ ଷ୍ଟୋନ୍ ତିଆରି ଗହଣା ଉପରେ ୧୨.୯% ଏବଂ ତଦୂର୍ଦ୍ଧ୍ୱ ରିହାତି ବ୍ୟବସ୍ଥା ରହିଛି। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ମାଇନ-ଡାଇମଣ୍ଡ ଜୁଏଲେରି, ଏରା-ଅନ୍‌କଟ୍ ଡାଇମଣ୍ଡ ଜୁଏଲେରି, ପ୍ରେସିଆ-ପ୍ରେସିୟସ୍ ଜେମ୍‌ଷ୍ଟୋନ୍ ଜୁଏଲେରି, ଏଥ୍‌ନିକ୍ସ-ହସ୍ତ ନିର୍ମିତ ଜୁଏଲେରି, ଡିଭାଇନ୍-ଇଣ୍ଡିଆନ୍ ହେରିଟେଜ୍ ଜୁଏଲେରି ଏବଂ ଷ୍ଟାର୍‌ଲେଟ୍-କିଡ୍ସ ଜୁଏଲେରି ଭଳି ଗହଣା ବ୍ରାଣ୍ଡ ପ୍ରଦର୍ଶନ କରାଯାଉଛି ବୋଲି ଶୋ'ରୁମ୍‌ର ବରିଷ୍ଠ ଅଧିକାରୀ ଅସନାଫ କହିଛନ୍ତି।

# ଏଫ୍‌ଡିଆଇରେ ଭାରତର ନୂଆ ରେକର୍ଡ

**ନୂଆଦିଲ୍ଲୀ, ୨୦।୫**

ସାରା ବିଶ୍ୱର ନିବେଶକଙ୍କ ପାଇଁ ଭାରତ ଏକ ଭରସାଯୋଗ୍ୟ ନିବେଶସ୍ଥଳ ପାଲଟିଛି। ଦେଶର ବଡ଼ ବଜାର ସେମାନଙ୍କୁ ଆକର୍ଷିତ କରିବା ସହିତ ଅର୍ଥବ୍ୟବସ୍ଥାରେ ବୃହତ୍ ବୃଦ୍ଧିର ସମ୍ଭାବନା ସେମାନଙ୍କୁ ଏଠାରେ ନିବେଶ ପାଇଁ ପ୍ରେରିତ କରିଥାଏ। ଏହି କାରଣରୁ ମହାମାରୀ ସତ୍ତ୍ୱେ ଭାରତରେ ବିଦେଶୀ ନିବେଶ ଲଗାତର ଭାବରେ ବୃଦ୍ଧି ପାଉଛି। ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧-୨୨ରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ(ଏଫ୍‌ଡିଆଇ) କ୍ଷେତ୍ରରେ ଦେଶର ନୂଆ ରେକର୍ଡ ସ୍ଥାପନା ହୋଇଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏଫ୍‌ଡିଆଇ ସମ୍ପର୍କିତ ତଥ୍ୟ ଜାରି କରାଯାଇଛି।

## ଫୁର୍‌ସତ୍

# ସାବାସ୍ ସୋନୁ



**ପାଟନା:** ସାବାସ୍ ସୋନୁ। ସୋନୁଙ୍କ ବୟାନ ଦ୍ୱାରା ବିହାର ସରକାରଙ୍କ ମଦ ଉପରେ ରୋକ୍ ଓ ଶିକ୍ଷା ବ୍ୟବସ୍ଥାକୁ ନେଇ ଯୋଜନା ବିଫଳ ହୋଇଥିବା ପଦାରେ ଏବେ ପଦାରେ ପଡ଼ିଛିକିକ। ସରକାରୀ ସ୍କୁଲରେ ଠିକ୍ ଭାବେ ପାଠ ପଢ଼ାଯାଉ ନ ଥିବା ଅଭିଯୋଗ କରି ବିହାରର ସୋନୁ ଏବେ ଚର୍ଚ୍ଚାକୁ ଆସିଛନ୍ତି। ମେ ୧୬ ତାରିଖରେ ପତ୍ନୀଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପାଇଁ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ପହଞ୍ଚିଥିଲେ ତାଙ୍କ ପୈତୃକ ଗ୍ରାମ ନାଳନ୍ଦାରେ। ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ନାଳନ୍ଦାର ରାଜରାସ୍ତାରେ ଭିଡ଼ ଲାଗିଥିଲା। ଗହଳି ଭିତରୁ ଜଣେ ୧୨ ବର୍ଷର ବାଳକ ମୁଖ୍ୟମନ୍ତ୍ରୀଙ୍କ ଆଗରେ ହାତଯୋଡ଼ି ଛିଡ଼ା ହୋଇ ଭୋ.. ଭୋ... ହୋଇ କାନ୍ଦିବାକୁ ଲାଗିଲା। ବାପା ମଦ୍ୟପାନ କରୁଥିବାବେଳେ ରୋଜଗାର କରୁଥିବା ସବୁ ଟଙ୍କା ମଦ ପିଆରେ ଉଡ଼ାଇ ଦେଉଛନ୍ତି। ସରକାରୀ ସ୍କୁଲରେ ଭଲ ପାଠ ପଢ଼ାଯାଉ ନାହିଁ। ବେସରକାରୀ ସ୍କୁଲରେ ପଢ଼ିବାକୁ ଚାହୁଁଥିବାବେଳେ ଅର୍ଥାଭାବ ବାଧକ ସାଜିଥିବା ସୋନୁ ନୀତିଶଙ୍କୁ ଜଣାଇଥିଲେ। ଏ ଘଟଣା ପରେ ସୋନୁ ରାତାରାତି ଯେମିତି ଷ୍ଟାର୍ ପାଲଟିଯାଇଛନ୍ତି।

ଏକ ଘରୋଇ ସ୍କୁଲରେ ନାୟକ ସୋନୁ ସୁଦ୍ଧ ସୋନୁଙ୍କ ଆଡମିଶନ କରିଛନ୍ତି। ସୋନୁ ରାଜନୈତିକ ଦଳମାନଙ୍କର ବେଶି ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଷ୍ଟ୍ରୀୟ ଜନତା ଦଳ ଅଧକ୍ଷ ତେଜ୍ ପ୍ରତାପ ଯାଦବ ସୋନୁଙ୍କ ଘରୋଇ ସ୍କୁଲରେ ପଢ଼ାଇବା ପାଇଁ ପ୍ରସ୍ତାବ ଦେଇଛନ୍ତି। ସେହିପରି ଭାଜପା ନେତା ଶୁଶିଲ କୁମାର ସୋନୁଙ୍କୁ ମାସିକ ୩୦୦୦ ମେଧାବୃତ୍ତିରେ ନବୋଦୟ ସ୍କୁଲରେ ପଢ଼ାଇବା ପାଇଁ ସୋନୁଙ୍କୁ ସାହାଯ୍ୟ କରିବେ ବୋଲି କହିଛନ୍ତି। ଏତେସବୁ ରାଜନୈତିକ ଦଳମାନଙ୍କ ସହାୟତାର ଅଫର୍ ପାଇବା ପରେ ସୋନୁଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଘରୋଇ ସ୍କୁଲରେ ଆଡମିଶନ୍ କରାଇବା ନେଇ ସୋନୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରି ନ ଥିବା ସେ କହିଛନ୍ତି। ରାଜ୍ୟରେ ଯେଉଁ ସରକାରୀ ସ୍କୁଲ ସବୁ ଅଛି ସେଠାରେ ଭଲ ପାଠ ପଢ଼ାଯାଉ ନ ଥିବା କଥା ସେ ମୁଖ୍ୟମନ୍ତ୍ରୀଙ୍କୁ କହିଥିବା ତାଙ୍କ ସଦ୍ୟ ପ୍ରତିକ୍ରିୟାରୁ ଜଣାପଡ଼ିଛି। ଅନ୍ୟପଟେ ସୋନୁଙ୍କ ଅଭିଯୋଗ ନୀତିଶ କୁମାରଙ୍କ ଶାସନନୀତିକୁ ପଦାରେ ପକାଇ ଦେଇଛି। ରାଜ୍ୟରେ ମଦ ବନ୍ଦ କରିବା ନେଇ ସରକାର ଯେଉଁ ନିୟମ ଲାଗୁ କରିଛନ୍ତି ତାହା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଥିବାବେଳେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାକୁ ବସିଥିବା ଜଳ ଜଳ ହୋଇ ଦେଖାଯାଉଛି। ଘଟଣା ନେଇ ଏବେ ଅର୍ଥନୀତିଜ୍ଞଙ୍କ ପ୍ରତିକ୍ରିୟା ମଧ୍ୟ ସାମ୍ନାକୁ ଆସିଛି। ଇକୋନୋମିକ୍ସ ପ୍ରଫେସର ଏନ୍.କେ. ଚୌଧୁରୀ କହିଛନ୍ତି, ସୋନୁଙ୍କ ଏ ପ୍ରକାର ଅଭିଯୋଗ ଅତ୍ୟନ୍ତ ସମ୍ବେଦନଶୀଳ। କାରଣ ଅନେକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏବେ ଆଶା ଆଶଙ୍କା ଭିତରେ। ଯଦି ଶିକ୍ଷାନୁଷ୍ଠାନରେ ଉତ୍ତମ ଶିକ୍ଷାଦାନ କରାଯିବ ନାହିଁ ତେବେ ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ାଯାଇ ପାରିବ ନାହିଁ। ଅନ୍ୟପଟେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଛାତ୍ରୀଛାତ୍ର, ଯେଉଁମାନେ ଉଚ୍ଚ ଆକାଂକ୍ଷା ନେଇ ସରକାରୀ ସ୍କୁଲ ଯାଉଛନ୍ତି ସେମାନଙ୍କ ସ୍ୱପ୍ନ ଅଧାରେ ରହିଯିବ ବୋଲି ଚୌଧୁରୀ କହିଛନ୍ତି।

# ଅଭିମାନରେ ହୀନା

**ମୁମ୍ବାଇ:** କାନ୍ସ ଫେଷ୍ଟିଭାଲକୁ ନେଇ ହିନ୍ଦୀ ଫିଲ୍ମ ଓ ସିରିଏଲ ଜଗତ ଅଭିନେତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଚଳିତବର୍ଷ କାନ୍ସର ରେଡ୍ କାର୍ପେଟରେ ଚାଲିଛନ୍ତି 'ୟେ ରିସ୍ତା କ୍ୟା କେହଲାତା ହୈ'ର ଫିମେଲ୍ ଲିଡ୍ ହୀନା ଖାନ୍। ତେବେ ଏହି ଫେଷ୍ଟିଭାଲକୁ ନେଇ ହୀନା ଅଭିମାନ କରିଥିବା ଜଣାପଡ଼ିଛି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ଦ୍ୱାରା ଚଳିତ ବର୍ଷ କାନ୍ସ ଫେଷ୍ଟିଭାଲରେ ଇଣ୍ଡିଆ ପାଭେଲିଓନ ସେରିମନିର ଆୟୋଜନ କରାଯାଇଥିବାବେଳେ ଏଥିରେ ହୀନାଙ୍କୁ ଡକାଯାଇ ନ ଥିବାରୁ ହୀନା ଅଭିମାନ କରିଛନ୍ତି। ନିଜର ଏକ ସାକ୍ଷାତକାରରେ ସେ ସ୍ପଷ୍ଟ ଭାବେ ଏହି କଥା କହିଛନ୍ତି। ସିରିଏଲ ହେଉ ଅବା ଫିଲ୍ମ ପ୍ରତ୍ୟେକ କଳାକାର ଭାରତୀୟ ମନୋରଞ୍ଜନ କ୍ଷେତ୍ରରୁ ଆସୁଥିବା ସେ କହିଛନ୍ତି।




# ଆତଙ୍କବାଦ ବିରୋଧରେ ପ୍ରଥମ ପାହାଚ

## ଆତଙ୍କବାଦ ନିରୋଧୀ ଦିବସ

ଦେଶରେ ଆତଙ୍କବାଦକୁ ରୋକିବା ଏବଂ ଏନେଇ ସଚେତନତା ସୃଷ୍ଟି ପାଇଁ ମେ' ୨୧ରେ ପାଳିତ ଆତଙ୍କବାଦ ନିରୋଧୀ ଦିବସ ପାଳନ କରାଯାଉଛି। ୨୦୨୨ ମେ' ୨୧ରେ ଏହି ଦିବସ ପ୍ରଥମ ଥର ପାଇଁ ପାଳିତ ହେଉଛି। ଭାରତୀୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିଷ୍ପତ୍ତିକ୍ରମେ ଏହି ଦିବସ ଦେଶବ୍ୟାପୀ ପାଳନ କରାଯାଉଛି। ଏଣିକି ପ୍ରତିବର୍ଷ ଏହା ପାଳିତ ହେବ। ଏହି ଦିନ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ଯୁବକମାନଙ୍କୁ ଆତଙ୍କବାଦ ଏବଂ ହିଂସା ଠାରୁ ଦୂରେଇ ରଖିବା। ଆତଙ୍କବାଦକୁ ଦୂର କରିବା ପାଇଁ କେନ୍ଦ୍ର ସରକାର କେଉଁ ଯୋଜନା ଚଳାଇଛନ୍ତି ତାହା ସମ୍ପର୍କରେ ସେମାନଙ୍କୁ କୁହାଯିବ। ଏହା ବ୍ୟତୀତ, ସେମାନଙ୍କୁ କୁହାଯିବ ଯେ ସେମାନଙ୍କର ଗୋଟିଏ ଭୁଲ୍ କିପରି ଜାତୀୟ ସମସ୍ୟା ହୋଇପାରେ । କେନ୍ଦ୍ର ସରକାରଙ୍କ ଅନୁସାରେ ଯଦି ଯୁବକମାନେ ଠିକ୍ ପଥ ଅନୁସରଣ କରିବେ ତେବେ ଆତଙ୍କବାଦ ଆପେ ଆପେ ଶେଷ ହୋଇଯିବ। ଏହି ଦିବସ ପାଳନ ଅବସରରେ ସମସ୍ତ କାର୍ଯ୍ୟାଳୟ, ସର୍ବସାଧାରଣ ସ୍ଥାନରେ ଆତଙ୍କବାଦ ବିରୋଧୀ ଶପଥ ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି। ଏହା ବ୍ୟତୀତ ଡିଜିଟାଲ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଆତଙ୍କବାଦ ବିରୋଧୀ ବାର୍ତ୍ତା ପ୍ରସାର କରାଯିବାର ଯୋଜନା ପ୍ରସ୍ତୁତ ହୋଇଛି।

# ଯୁଦ୍ଧ ପାଇଁ ହୀରା ବ୍ୟବସାୟ ପ୍ରଭାବିତ



**ଗାନ୍ଧୀନଗର:** ସୁରଟକୁ ଭାରତୀୟ ହୀରା ବ୍ୟବସାୟର କେନ୍ଦ୍ରସ୍ଥଳ କୁହାଯାଉଥିବାବେଳେ ରୁଷିଆ ଏବଂ ୟୁକ୍ରେନ୍ ଯୁଦ୍ଧ ପାଇଁ ବ୍ୟବସାୟ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ଜେମ୍ସ ଆଣ୍ଡ୍ ଜୁଏଲେରି ଏକ୍ସପୋର୍ଟ ପ୍ରମୋଶନ୍ କାଉନସିଲର ରିଜିଓନାଲ ଚେୟାରମ୍ୟାନ୍ ଦିନେଶ ନାଭଡିଆ ଏହା କହିଛନ୍ତି। ହୀରା କାରଖାନାରେ କଞ୍ଚାମାଲ୍‌ର ଅଭାବ ଦେଖିବାକୁ ମିଳିଛି। ଗତମାସରେ ୧.୭୫ ଲକ୍ଷ କ୍ୟାରେଟର ହୀରା ରୁଷିଆ ଜରିଆରେ ସୁରଟ ଆସିଥିଲା। ୩୦ରୁ ୩୫ ପ୍ରତିଶତ ରଫ୍ ଡାଇମଣ୍ଡ କଟିଂ ଏବଂ ପଲିଶିଂ ପାଇଁ ଆଲରୋସାରୁ ସୁରଟ ଓ ମୁମ୍ବାଇ ଆସିଛି। କଞ୍ଚାମାଲର ଅଭାବ କାରଣରୁ ସୁରଟର ବଡ଼ ହୀରା କାରଖାନାଗଡ଼ିକରେ ସପ୍ତାହକୁ ୩ରୁ ୪ ଦିନ କାମ କରାଯାଉଥିବାବେଳେ ଛୋଟ ସଂସ୍ଥା ସବୁ ବନ୍ଦ ହୋଇଯାଇଥିବା ଦିନେଶ କହିଛନ୍ତି। ଭାରତକୁ ଆମଦାନୀ ହେଉଥିବା ମୋଟ ହୀରାର ୪୦ ପ୍ରତିଶତ ଖାଲି ରୁଷିଆରୁ ଆସିଥାଏ। କିନ୍ତୁ ଯୁଦ୍ଧ କାରଣରୁ ରୁଷିଆରୁ ହୀରା ଆମଦାନୀ ଏକ ପ୍ରକାର ବନ୍ଦ ହୋଇଯାଇଛି। ଯୁଦ୍ଧ କାରଣରୁ ଦେଶରେ ୧୮ ବିଲିୟନ୍ ଡଲାରର କ୍ଷତି ହୋଇଥିବା କୁହାଯାଉଛି। ଆମେରିକା ରୁଷିଆ ଉପରେ କଟକଣା ଲଗାଇବା ପୂର୍ବରୁ ରୁଷିଆ ଭାରତକୁ ହୀରା ରପ୍ତାନି କରିଥିଲା। ସୁରଟରେ ହୀରା କାରଖାନା ବନ୍ଦ ହେବା ଯୋଗୁ କାରଖାନା କର୍ମଚାରୀ ଅର୍ଥାଭାବ ଦେଇ ଗତି କରୁଛନ୍ତି। ନିକଟରେ ଏହି କାରିଗରମାନେ ସରକାରୀ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ନିକଟରେ ଦାବି କରିଥିଲେ । ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଫେବୃୟାରୀ ୨୪ରୁ ଆରମ୍ଭ ହୋଇଥିବାବେଳେ ଏପ୍ରିଲମାସ ମଧ୍ୟଭାଗ ବେଳକୁ ଆମେରିକା ରୁଷିଆ ଉପରେ କଟକଣା ଲଗାଇଥିଲା।

## ସଂକ୍ଷେପରେ

### ଆଜିଠାରୁ ୨ କେନ୍ଦ୍ରରେ ମାଟ୍ରିକ୍ ଖାତା ଦେଖା

**କେନ୍ଦ୍ରାପଡ଼ା ଅଫିସ, ୨୦।୫:** ଚଳିତ ଶିକ୍ଷା ବର୍ଷର ମାଟ୍ରିକ ପରୀକ୍ଷା ଖାତା ଦେଖା ଶନିବାରଠାରୁ ଆରମ୍ଭ ହେଉଛି। କେନ୍ଦ୍ରାପଡ଼ା ଜିଲାର ୨ଟି କେନ୍ଦ୍ରରେ ଖାତା ଦେଖାଯିବା ପାଇଁ ପ୍ରସ୍ତୁତି ଶୁକ୍ରବାର ସୁଦ୍ଧା ଶେଷ ହୋଇଛି। ଏପ୍ରିଲ ୨୯ରୁ ମେ ୭ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ହୋଇଥିଲା। ଚଳିତବର୍ଷ ଜିଲାର ୧୦୪ କେନ୍ଦ୍ରରେ ମୋଟ ୨୨ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଥିଲେ। କେନ୍ଦ୍ରାପଡ଼ା ସରକାରୀ ବାଳିକା ବିଦ୍ୟାଳୟ ଓ ପଟ୍ଟାମୁଣ୍ଡାଇ କଷଣଅଣ୍ଡା ପଞ୍ଚାୟତ ହାଇସ୍କୁଲରେ ଖାତା ଦେଖା ହେବ। ଏଥିପାଇଁ ୪୫୮ ପରୀକ୍ଷକଙ୍କୁ ନିୟୋଜିତ କରାଯାଇଛି। ଏହି ଦୁଇ ସେଣ୍ଟରରେ ୨ ଜଣ ଲେଖା ସୁପରଭାଇଜର ନିଯୁକ୍ତି ପାଇଛନ୍ତି। ଖାତା ଦେଖା ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ହେବ। ସେହିପରି ୬ ଜଣ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ନିଯୁକ୍ତି ମିଳିଛି। ଖାତା ଦେଖା କେନ୍ଦ୍ର ମଧ୍ୟକୁ ମୋବାଇଲ ବାରଣ ହୋଇଛି। ଏଥିସହ ସମଗ୍ର କେନ୍ଦ୍ରକୁ ସିସିଟିଭି ସର୍ଭିଲାନ୍ସ ମଧ୍ୟରେ ରଖିବାକୁ ବ୍ୟବସ୍ଥା ହୋଇଛି। ସମୁଦାୟ ୬ଟି ବିଷୟକୁ ୯ଟି ୟୁନିଟ୍ ଭାବେ ଗ୍ରହଣ କରାଯାଇ ପରୀକ୍ଷକ ନିଯୁକ୍ତ କରାଯାଇଥିବା ଜିଲା ଶିକ୍ଷାଧିକାରୀ ସଞ୍ଜୟ କୁମାର ସିଂ ସୂଚନା ଦେଇଛନ୍ତି।

### ସ୍ୱାମୀଙ୍କୁ ସାହସ ଯୋଗାଉଥିଲେ ଲାବଣ୍ୟବତୀ

**ଚଢ଼େଇଧରା,୨୦।୫(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମହିଶରା ପଞ୍ଚାୟତ ରମ୍ଭେଇଠାରେ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀ ପ୍ରଭାକର ନାୟକଙ୍କ ସ୍ତ୍ରୀ ଲାବଣ୍ୟବତୀ ନାୟକଙ୍କ ପ୍ରଥମ ଶ୍ରଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସୁନୀଲ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଖବରଦାତା ବିଶ୍ୱନାଥ ସାମଲ ଯୋଗଦେଇ ସ୍ୱାଧୀନତା ସଂଗ୍ରାମ ସମୟରେ ଲାବଣ୍ୟବତୀ ନିଜ ସ୍ୱାମୀଙ୍କୁ ଯେଉଁ ଭଳି ସହଯୋଗ କରିଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ।
ଲାବଣ୍ୟବତୀ ଇଂରେଜମାନଙ୍କ ନାଲି ଆଖିକୁ ଭୟ ନ କରି ସେ ତାଙ୍କ ସ୍ୱାମୀଙ୍କୁ ଅସୀମ ସାହସ, ଧୈର୍ଯ୍ୟ ଓ ପ୍ରେରଣା ଯୋଗାଇଥିଲେ ବୋଲି ସାମଲ ସଭାରେ ପ୍ରକାଶ କରିଥିଲେ। ଲାବଣ୍ୟବତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବତନ ସରପଞ୍ଚ ଚକ୍ରଧର ବେହେରା, ଖବରଦାତା ବସନ୍ତ ନାୟକ, ଦିଲୀପ ପରିଡ଼ା, ଶୁଶାନ୍ତ ଗୋଚ୍ଛାୟତ, ଶଙ୍କର ପ୍ରତାପ ଦାସ, ରବୀନ୍ଦ୍ର ନାଥ ଶତପଥୀ, ସୁରେଶ ଚନ୍ଦ୍ର ନାୟକ, କୈଳାସ ନାୟକ, ଅଲେଖ ପ୍ରସାଦ ନାୟକ, ସଞ୍ଜୀବ ଜେନା, ପ୍ରହ୍ଲାଦ ଦାସ ପ୍ରମୁଖ ଯୋଗଦେଇ ଲାବଣ୍ୟବତୀଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ପୁତ୍ର କାମାକ୍ଷା ପ୍ରସାଦ ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଶ୍ରୀଚରଣ ମହାନ୍ତିଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

### ପାରାଦୀପ, ମୁମ୍ବାଇ, କାଣ୍ଡଲା ବିଜୟୀ

#### ବୃହତ୍ ବନ୍ଦର କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ପାରାଦୀପ,୨୦।୫(ସ୍ୱ.ପ୍ର.):** ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମରେ ଆୟୋଜିତ ୪୦ତମ ଅଖିଳ ଭାରତ ବୃହତ୍ ବନ୍ଦର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଖେଳରେ ପାରାଦୀପ, ମୁମ୍ବାଇ, କାଣ୍ଡଲା ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଚେନ୍ନାଇ ଓ ମୁମ୍ବାଇ ମଧ୍ୟରେ ଖେଳାଯାଇଥିଲା। ଚେନ୍ନାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୮୪ ରନ୍ କରିଥିଲା। ଜବାବରେ ମୁମ୍ବାଇ ମାତ୍ର ୫ ଓଭରରେ ଏକ ଉଇକେଟ ହରାଇ ୯୦ ରନ୍ କରି ବିଜୟୀ ହୋଇଥିଲା। ୨ୟ ମ୍ୟାଚ୍ ପାରାଦୀପ ଓ ଜବାହରଲାଲ ନେହେରୁ ବନ୍ଦର ମଧ୍ୟରେ ଖେଳାଯାଇଥିଲା। ପାରାଦୀପ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ବିନିମୟରେ ୨୦୮ ରନ୍ କରିଥିଲା। ଜବାବରେ ଜବାହରଲାଲ ନେହେରୁ ବନ୍ଦର ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୮ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ସେହିପରି ତୃତୀୟ ମ୍ୟାଚ୍ ବିଶାଖାପାଟଣା ଓ କାଣ୍ଡଲା ମଧ୍ୟରେ ଖେଳାଯାଇଥିଲା। ଏଥିରେ ବିଶାଖାପାଟଣା ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୯୯ ରନ୍ କରିଥିଲା। ଜବାବରେ କାଣ୍ଡଲା ୧୮.୫ ଓଭରରେ ୭ ଉଇକେଟ ହରାଇ ୧୦୨ ରନ୍ କରି ମ୍ୟାଚ୍ ଜିତିଥିଲା। ଏହି କାର୍ଯ୍ୟକ୍ରମକୁ ଗୋପବନ୍ଧୁ କ୍ରୀଡ଼ା ସଂସଦ ସମ୍ପାଦକ ଆର.ଆର. ବେଉରା ଓ କ୍ରୀଡ଼ା ପରାମର୍ଶଦାତା ରବି ଦାସ ପରିଚାଳନା କରିଥିଲେ। ଶନିବାର ସେମିଫାଇନାଲରେ ପାରାଦୀପ-କାଣ୍ଡଲା ବନ୍ଦର ଏବଂ ମୁମ୍ବାଇ-କୋଲ୍‌କାତା ପରସ୍ପରକୁ ଭେଟିବେ।

# ଅଣ୍ଡରା ଡକାୟତି ଘଟଣାରେ ୯ ଗିରଫ

**ପଟ୍ଟାମୁଣ୍ଡାଇ, ୨୦।୫(ସ୍ୱ.ପ୍ର.)**


ଖବରଦାତା ସମ୍ମିଳନୀରେ ଏସ୍‌ପି ମଡକର ସନ୍ଦିପ ସମ୍ପଦ, ଜବତ ମାରଣାସ୍ତ୍ର, ଅଭିଯୁକ୍ତମାନେ।

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଧୋୟାଞ୍ଚଳ ଅଣ୍ଡରା ଗାଁରେ ଏପ୍ରିଲ ୩୦ତାରିଖ ସନ୍ଧ୍ୟା ସାଢେ ୭ଟାରେ ଡକାୟତି ମାମଲାରେ ସମ୍ପୃକ୍ତ ୬ ଅଭିଯୁକ୍ତ କରାଯାଇଛି। ଏଥିସହ ଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତଙ୍କ ସମେତ ୯ ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏ ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦିପ ସମ୍ପଦ କହିଛନ୍ତି, ଏପ୍ରିଲ ୩୦ ତାରିଖରେ ଚଉଦକୁଲାଟ ଫାଣ୍ଡି ଅଧୀନ ଅଣ୍ଡରା ଗାଁର ବିଶିଷ୍ଟ ସାମାଜିକ କର୍ମୀ ଡାକ୍ତର ଗଦାଧର ମଲ୍ଲିକଙ୍କ ଘରେ ସନ୍ଧ୍ୟାରେ ସଶସ୍ତ୍ର ଡକାୟତି ହୋଇଥିଲା। ପୋଲିସ ଏହି ମାମଲାର ଛାନଭିନ କରି ଗୁରୁବାର ସନ୍ଧ୍ୟା ସାଢେ ୬ଟାରେ ଅଭିଯୁକ୍ତମାନଙ୍କୁ ପଳସିଂହା ରାସ୍ତା ପାର୍ଶ୍ୱରେ ଚଉଦକୁଲାଟ ପେଟ୍ରୋଲ ପମ୍ପରୁ ଡକାୟତି ପାଇଁ ମସୁଧା ଚଳାଇଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ଦଳ ହାବୁଡ଼ରେ ପଡିଥିଲେ। ପୋଲିସ ଏହି ଡକାୟତି ଦଳରେ ଥିବା ସଦସ୍ୟମାନଙ୍କୁ ଥାନାକୁ ଧରି ଆଣି ପଚରାଉଚରା କରିବା ପରେ ସମସ୍ତ ଘଟଣା ବିଷୟରେ ଜାଣିବାକୁ ପାଇଥିଲା। ଅଣ୍ଡରା ଡକାୟତି ମାମଲାରେ ସାମିଲ ଥିବା ତରଡିପାଳଗାଁର ଅସୀମ ମହାନ୍ତି ଓରଫ ମୁନା, ନିକିରାଇ ଥାନା ଅନ୍ତର୍ଗତ ମୁଗବାଡି ଗାଁର ଏସ୍.କେ. ମୁସ୍ତାକିନ ଓରଫ ବାବୁ, ତ୍ରିଲୋଚନ ମଲ୍ଲିକ ଓରଫ କାଳିଆ, ଆଳି ଥାନା ଅଧୀନ ପତ୍ରପୁର ଗାଁର ସଞ୍ଜୟ କୁମାର ବିଶ୍ୱାଳ ଓରଫ ବାବୁ, ମଙ୍ଗରାଜପୁର ଗାଁର ଲଲାଟେନ୍ଦୁ କେଶରୀ ସାମଲ ଓରଫ ଲକି, ମାର୍ଶାଘାଇ ଥାନା ଅଧୀନ ଜୁଣ ଗାଁର ହୃଷୀକେଶ ମଲ୍ଲିକ ଓରଫ ପପୁନି, ସାଲେପୁର ଥାନା ଅଧୀନ ମନୋରଞ୍ଜନ ରଣା ଓରଫ ତପୁଙ୍କୁ ପୋଲିସ ଗିରଫ କରିଥିଲା। ଏହି ଡକାୟତି ଦଳରେ ସାମିଲ ଥିବା ଆଳି ଥାନା ଅଧୀନ ପତ୍ରପୁର ଗାଁର ସୌମ୍ୟ ରଞ୍ଜନ ମଲ୍ଲିକ ଓରଫ ସୋନୁ, ମାର୍ଶାଘାଇ ଥାନା ଅନ୍ତର୍ଗତ ଆଠବାଟିଆ ଗାଁର ମାନସ ବେହେରା, ପଟ୍ଟାମୁଣ୍ଡାଇ ଥାନା ଅଧୀନ ମୂଳବସନ୍ତ ଗାଁର କିରଣ ସେଠୀ ଓରଫ ସିପୁଆ ଫେରାର ହୋଇଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅଣ୍ଡରା ଡକାୟତି ମାମଲାରେ ତ୍ରିଲୋଚନ ମଲ୍ଲିକ ସମ୍ପୃକ୍ତ ନ ଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଆଳି ଥାନା ଅଧୀନ ପତ୍ରପୁର ଗାଁର ସୋନୁ ଫେରାର ଥିବା ଏସ୍‌ପି ସୂଚନା ଦେଇଛନ୍ତି। ତେବେ ଅଣ୍ଡରା ଡକାୟତି ମାମଲାରେ ଡକାୟତଙ୍କଠାରୁ ଲୁଟ ସୁନା, ରୁପା ଅଳଙ୍କାର କିଣିଥିବା କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଭାଗବତପୁର ଗାଁର ସର୍ବେଶ୍ୱର ସାହୁ ଓ ଗରାପୁର ଗାଁର ସନ୍ତୋଷ କୁମାର ଜେନାଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୫.୧ ଗ୍ରାମ ତରଳ ସୁନା,୧୦୦ ଗ୍ରାମ ରୁପା ଅଳଙ୍କାର, ୨ଟି ବାଇକ୍, ଛୁରୀ, ଭୁଜାଲି, ଲୁହାରଡ଼, କଟୁରି, ଖେଳଣା ବନ୍ଧୁକ, ୨ହଜାର ଟଙ୍କା ଓ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ତେବେ ଅଣ୍ଡରା ଡକାୟତି ମାମଲାରେ ଲୁଟ୍ ହୋଇଥିବା ୪୦ ହଜାର ଟଙ୍କା ଓ ସୁନା ଅଳଙ୍କାର ଅଦ୍ୟାବଧି ଉଦ୍ଧାର ହୋଇପାରିନାହିଁ। ଅଭିଯୁକ୍ତମାନଙ୍କୁ ପଟ୍ଟାମୁଣ୍ଡାଇ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜିର କରାଯାଇଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବାରିମୂଳ ଜେଲ ହାଜତକୁ ପଠାଇ ଦିଆଯାଇଛି। ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ହରେଶ ପାଣ୍ଡେ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ଆଇଆଇସି ତପନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


କନିକା ରାଜା ଓ ରାଣୀ ମନ୍ଦିର ରତ୍ନମୁଦ କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା କରୁଛନ୍ତି।

## ଠାକୁର ଅଭିରାମ ପରମହଂସ ଦେବଙ୍କ ମନ୍ଦିରର ପଡ଼ିଲା ରତ୍ନମୁଦ

**ରାଜନଗର,୨୦।୫ (ଡି.ଏନ.ଏ.)**

ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଞ୍ଚଳିକ ଆସନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ ଉପକଣ୍ଠରେ ମନ୍ଦିରର ଦଧି ନଉତି ସ୍ଥାପନ ସମୟରେ କନିକା ରାଜା ସାହେବ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ରାଣୀ ମୃଣାଳିନୀ ଦେବୀ ଯୋଗ ଦେଇଥିଲେ। ରାଜା, ରାଣୀଙ୍କୁ ବୈଦିକ ରୀତି ନୀତିରେ ପଣ୍ଡିତ ଶଙ୍କର୍ଷଣ ମିଶ୍ର ଅଭିଷେକ କରିବା ପରେ ରାଜା ଭଞ୍ଜଦେଓ ଓ ରାଣୀ ମୃଣାଳିନୀ ଦେବୀ ରତ୍ନ କଳସକୁ ଧରି ମନ୍ଦିର ପରିକ୍ରମା କରିଥିଲେ। ଏହାପରେ ରାଜା ସୁଉଚ୍ଚ ମନ୍ଦିରର ଶିଖରରେ ପହଞ୍ଚି ଶସ୍ୟ ଓ ବିଭିନ୍ନ ରତ୍ନ ମିଶ୍ରିତ ପଦାର୍ଥରେ ରତ୍ନମୁଦ ଭରିଥିଲେ। ଖବରଦାତା ଭାସ୍କର ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ କରମଳା ଆଶ୍ରମର ବାବାଜୀ ନିତ୍ୟାନନ୍ଦ ଦାସ, ବାବାଜୀ ଭୀମସେନ ଦାସ, ବାବାଜୀ ଜଗବନ୍ଧୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଭକ୍ତ ଦାଶରଥି ଲେଙ୍କା, ଅକ୍ଷୟ କୁମାର ପରିଡା, ନୃସିଂହ ଚରଣ ଲେଙ୍କା, ବିଜୟ କୁମାର ଦାସ, ଶ୍ରୀଧର ମହାରଣା, ଅଭିରାମ ପତି ପ୍ରମୁଖ ଭକ୍ତ ମଣ୍ଡଳୀ ପରିଚାଳନା କରିଥିଲେ।

# ସାଇକେଲ ରାଲିରେ ସଚେତନତା ସୃଷ୍ଟି କଲେ ଏସ୍‌ପି

**କେନ୍ଦ୍ରାପଡ଼ା ଅଫିସ, ୨୦।୫**

କେନ୍ଦ୍ରାପଡ଼ା ସାଇକେଲ କ୍ଲବର ସାପ୍ତାହିକ ସାଇକେଲ ପରିକ୍ରମା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ମଡକର ସନ୍ଦିପ ସମ୍ପଦ ସାମିଲ ହୋଇ ଟ୍ରାଫିକ ସଚେତନତା, ନିଶା ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ସମ୍ପଦ କହିଛନ୍ତି, ସାଇକେଲ ଚାଳନା ଦ୍ୱାରା ଶରୀର ସୁସ୍ଥ ରୁହେ। ଏଥିସହ ଇଞ୍ଜିନ ଚାଳିତ ଯାନ ପରିବର୍ତ୍ତେ ସାଇକେଲରେ ଗମନାଗମନ ଦ୍ୱାରା ପରିବେଶର ସୁରକ୍ଷା ହୋଇଥାଏ। ସାମ୍ପ୍ରତିକ ସମୟରେ ବାୟୁ ଓ ଶବ୍ଦ ପ୍ରଦୂଷଣ ବଢ଼ିଯାଇଛି। ସାଧାରଣରେ ସାଇକେଲକୁ ଛାଡି କମ ରାସ୍ତା ଅତିକ୍ରମ କରିବାକୁ ବାଇକ୍ ଅଥବା କାର ବ୍ୟବହାର କରୁଛୁ। ଏହାଦ୍ୱାରା ଟ୍ରାଫିକ ସମସ୍ୟା ଓ ସଡ଼କ ଦୁର୍ଘଟଣା ବଢ଼ିଯାଉଛି।

ଏବେ ସଡ଼କ ଦୁର୍ଘଟଣାକୁ ରୋକିବାକୁ ଟ୍ରାଫିକ ରୁଲ୍‌କୁ କଡାକଡି ଭାବେ ତନଖି କରାଯାଉଛି। ବାଇକ୍ ଚାଳନା ସମୟରେ ନିଶା ଗ୍ରସ୍ତ ନ ହେବା, ମୋବାଇଲ ବ୍ୟବହାର ନ କରିବା, ଟ୍ରାଫିକ ନିୟମକୁ ମାନିବାକୁ ଗୁରୁତ୍ୱ ଦେବାକୁ ପଡିବ ବୋଲି ଏସ୍‌ପି ସମ୍ପଦ ମତ ଦେଇଛନ୍ତି। ସକାଳ ୬ଟାରେ ଏହି ରାଲି ସହରର ପୁରୁଣା ବସ୍‌ଷ୍ଟାଣ୍ଡରୁ ବାହାରିଥିଲା। ଖଡିଅଙ୍କ, ସୁନାଇଲୋ, ଆଳିଜଙ୍ଗା, ଇଟିପୁର ଆଦି ସହର ଓ ଗ୍ରାମାଞ୍ଚଳରେ ରାଲି କରାଯାଇ ଏହି ବାର୍ତ୍ତା ପ୍ରଚାର କରାଯାଇଥିଲା। ଏଥିରେ ଏଏସ୍‌ପି ହରିଶ ଚନ୍ଦ୍ର ପାଣ୍ଡେ, ସାଇକେଲ କ୍ଲବ ସଦସ୍ୟ ଡା. ବୀରେନ୍ଦ୍ର କୁମାର ଦାସ, ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଡିଏସ୍‌ପି କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଶିବାଶିଷ ଜେନା, କେଶବ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ।


ସାଇକେଲ ପରିକ୍ରମାରେ ସାମିଲ ହୋଇଥିବା ଏସ୍‌ପି ଓ ଅନ୍ୟମାନେ।

## ଟ୍ରାନ୍ସଫର୍ମର,୧୧ କେଭି ତାର ସ୍ଥାନାନ୍ତର ଦାବିରେ ଧାରଣା

**ଆଳି,୨୦।୫(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ କେଉଁଆପାଳ ପଞ୍ଚାୟତର ମୁଖ୍ୟ ରାସ୍ତା କଡ଼ରେ ଦୀର୍ଘଦିନ ହେବ ଥିବା ବିପଦ ସଙ୍କୁଳ ଟ୍ରାନ୍ସଫର୍ମର ସ୍ଥାନାନ୍ତର ଓ ଗ୍ରାମର ସସ୍ମିତା ସେଠୀଙ୍କ ଘର ଉପରେ ଯାଇଥିବା ୧୧ କେଭି ତାର ସ୍ଥାନାନ୍ତର ନିମନ୍ତେ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ବିଦ୍ୟୁତ ବିଭାଗ କର୍ଣ୍ଣପାତ କରୁ ନ ଥିଲା। ଏ ନେଇ କିଛିଦିନ ପୂର୍ବେ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଶ୍ମିତା ଜେନାଙ୍କ ସମେତ ଗ୍ରାମବାସୀ ଏହାର ସମାଧାନ ନ ହେଲେ ୨୦ ତାରିଖରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ଚାରି ପଟେ ତାର ଜାଲି ବୁଲାଇ ଦିଆ ଯାଇଥିଲା। କିନ୍ତୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ପୂର୍ବାହ୍ନରେ ପୂର୍ବତନ ସରପଞ୍ଚ ରଶ୍ମିତାଙ୍କ ସମେତ ଅନ୍ୟମାନେ ଆଳି ବିଦ୍ୟୁତ୍ ସବ୍‌ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଦୀର୍ଘ ସମୟ ବସିବା ପରେ ଆଳି ବିଦ୍ୟୁତ ସବ୍‌ଡିଭିଜନର ଏସ୍‌ଡିଓ ଗଣେଶ ଚନ୍ଦ୍ର ହେମ୍ବ୍ରମ ସେମାନଙ୍କ ନିକଟରେ ପହଞ୍ଚି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଅପରାହ୍ନରେ କେଉଁଆପାଳ ଯାଇ ଟ୍ରାନ୍ସଫର୍ମର ଥିବା ସ୍ଥାନ ଓ ସସ୍ମିତା ସେଠୀଙ୍କ ଘର ଉପରେ ଯାଇଥିବା ୧୧ କେଭି ତାର କିପରି ଖୁବ୍‌ଶୀଘ୍ର ସ୍ଥାନାନ୍ତର ହେବ ସେ ନେଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଧାରଣାରେ ଗଜେନ୍ଦ୍ର ଜେନା, ମାଧବାନନ୍ଦ ମଲ୍ଲିକ, ସରୋଜ ଜେନା, ସୁଶାନ୍ତ ସେଠୀ, ଅଶୋକ ସେଠୀ, ଗୋବର୍ଦ୍ଧନ ସେଠୀ, ତନ୍ମୟ ଦାସ, ରଞ୍ଜିତା ସେଠୀ, ଦେବକୀ ସେଠୀ, ସୁରେନ୍ଦ୍ର ସାମଲ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୭ ଦଫା ଦାବିରେ ଏଆର୍‌ସିଏସ୍ ଅଫିସ ସମ୍ମୁଖରେ ଧାରଣା


ଜମାକାରୀମାନେ ଧାରଣାରେ ବସିଛନ୍ତି।

**ଜଗତ୍‌ସିଂହପୁର ଅଫିସ,୨୦।୫**

କଟରାସ୍ଥିତ ସନ୍ଥ ବିନୋବା ସେବା ସମବାୟ ଲିମିଟେଡ୍‌ର ଆକାଉଣ୍ଟ ହୋଲ୍‌ଡରମାନେ ୭ ଦଫା ଦାବିରେ ସ୍ଥାନୀୟ ଏଆର୍‌ସିଏସ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏ ସମ୍ପର୍କରେ ସୁଶାନ୍ତ କୁମାର ପଲେଇ, ରାଜେନ୍ଦ୍ର ବିଶ୍ୱାଳ, ଅଜୟ ବିଶ୍ୱାଳ ଓ ପ୍ରଭଞ୍ଜନ ବିଶ୍ୱାଳ ପ୍ରମୁଖ କହିଛନ୍ତି, ସମିତିର ଆକାଉଣ୍ଟ ହୋଲ୍‌ଡରମାନଙ୍କ ନାଁରେ ପୂର୍ବରୁ ଜାଲିଆତି କରାଯାଇ ଟଙ୍କା ଉଠାଯାଇଛି। ଏହା ଉପରେ ତଦନ୍ତ ଚାଲିଛି। ଏଥିଯୋଗୁ ଆକାଉଣ୍ଟ ହୋଲ୍‌ଡରମାନେ ସେମାନଙ୍କ ଜମା ଥିବା ରାଶି ଉଠାଇ ପାରୁନାହାନ୍ତି। ଏହା ଦ୍ୱାରା ଜମାକାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସୋସାଇଟି ଆକ୍ଟର ୬୫ ଧାରା ଅନୁଯାୟୀ ତଦନ୍ତ ନ ହେଲେ ମଧ୍ୟ ପ୍ରାପ୍ୟ ପ୍ରଦାନ କରାଯାଉ। ଆର୍‌ଆଇଡି ବଣ୍ଡ ଅବଧି ପୂର୍ବରୁ ଜମାକାରୀ ଅର୍ଥ ନେବା ପାଇଁ ବ୍ୟବସ୍ଥା ହେଉ। ହଡ଼ପ ହୋଇଥିବା ପ୍ରାପ୍ୟ ମିଳିଲେ ୩୦% ଜମା ଖାତାରେ ରଖାଯାଉ। ସୁଧ ରାଶି ଜମାଖାତାରେ ଉଲ୍ଲେଖ ରହୁ। କେଉଁ ଧାରାରେ ପଇସା ଦିଆଯାଇଛି ତା'ର କ୍ରମିକ ନମ୍ବର ଜମାକାରୀଙ୍କୁ ଅବଗତ କରାଯାଉ। ଜମାକାରୀଙ୍କ ବ୍ୟତୀତ କୌଣସି ବ୍ୟକ୍ତିଙ୍କୁ ବିଚାରବିମର୍ଶ ପାଇଁ ସଂଶ୍ଳିଷ୍ଟ କରା ନ ଯାଉ ବୋଲି ଦାବି ହୋଇଛି।

# ଜଙ୍ଗଲ, ଜୀବିକା ଜିଲାସ୍ତରୀୟ ସଂଯୋଜନା କମିଟି ବୈଠକ

**ରାଜନଗର,୨୦।୫(ଡି.ଏନ୍.ଏ.)**

ଜଳବାୟୁ ପରିବର୍ତ୍ତନ ଯୋଗୁ ଉପକୂଳ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ବାତ୍ୟା, ବନ୍ୟା ଯୋଗୁ ଅଞ୍ଚଳର ବ୍ୟାପକ କ୍ଷତି ହୋଇଛି। ବ୍ୟାପକ ଲୁଣାଜଙ୍ଗଲ ସୃଷ୍ଟି କରାଯାଇପାରିଲେ ଏପରି ବିପତ୍ତିରୁ ମୁକ୍ତି ମିଳିବ। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଅଞ୍ଚଳରେ ହେଉଥିବା କ୍ଷୟକ୍ଷତିକୁ ବନ୍ଦ କରିବାକୁ ବ୍ୟାପକ ଜଙ୍ଗଲ ସୃଷ୍ଟି ସହ ସ୍ଥାନୀୟ ଅଧିବାସୀଙ୍କ ଜୀବିକାର ଅଭିବୃଦ୍ଧି ଜରୁରୀ। ସେଥିପାଇଁ ରାଜ୍ୟ ସରକାର ଓ ଅନ୍ତର୍ଜାତୀୟ ସଂସ୍ଥା ସବୁଜ ଜଳବାୟୁ ପାଣ୍ଠି ସହାୟତାରେ କେନ୍ଦ୍ରାପଡ଼ା ଜିଲାରେ ଜଙ୍ଗଲ ଓ ଜୀବିକା କାର୍ଯ୍ୟକ୍ରମ ଆରମ୍ଭ ହେବ। ଶୁକ୍ରବାର ରାଜନଗର ବ୍ଲକ ସଭାଗୃହରେ ପ୍ରଥମ ଜିଲାସ୍ତରୀୟ ସଂଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ଡିଏଫ୍‌ଓ ଯଜ୍ଞଦତ୍ତ ପତି ଯୋଗଦେଇ ଲୁଣାଜଙ୍ଗଲର ସୁରକ୍ଷା, ଏହାର ଅଭିବୃଦ୍ଧିରେ ସ୍ଥାନୀୟ ଅଧିବାସୀଙ୍କ ଭୂମିକା ସମ୍ପର୍କରେ ମତ ରଖିଥିଲେ। ଲୁଣାଜଙ୍ଗଲ ପରିସର ବୃଦ୍ଧି ପାଇଁ ସ୍ଥାନୀୟ ଅଧିବାସୀଙ୍କ ସହଯୋଗ ଜରୁରୀ। ଅଧିବାସୀଙ୍କ ଜୀବିକାର ଅଭିବୃଦ୍ଧି ପାଇଁ ଏହି ଯୋଜନାରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ କହିଥିଲେ। ବୈଠକରେ ଜିଲା ମତ୍ସ୍ୟ ବିଭାଗ, ମିଶନ ଶକ୍ତି, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ଓ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀଙ୍କ ସହ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଭୋଳାନାଥ ସେଠୀ, ଏହି କାର୍ଯ୍ୟକ୍ରମର ସଂଯୋଜକ ଦେବାଶିଷ ପତି ପ୍ରମୁଖ ଯୋଗଦେଇଥିଲେ। ଏହି ଯୋଜନା ୩ ବର୍ଷ ଯାଏ କାର୍ଯ୍ୟକାରୀ ହେବ। କେନ୍ଦ୍ରାପଡ଼ା ଜିଲା ରାଜନଗର ଫରେଷ୍ଟ ଡିଭିଜନ ଅଧୀନରେ ଥିବା ବ୍ଲକଗୁଡିକରେ ଏହା କାର୍ଯ୍ୟକାରୀ ହେବ। ସ୍ଥାନୀୟ ଅଧିବାସୀଙ୍କୁ କୁକୁଡ଼ା, ବତକ ପାଳନ, ମାଛଚାଷ ଓ କଙ୍କଡ଼ା ଚାଷ ପାଇଁ ସହାୟତା ସହ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦିଆଯିବ। ଚଳିତ ମାସ ୨୪ ତାରିଖରେ ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ସାନମଙ୍ଗରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ଆଳି,୨୦।୫(ଡି.ଏନ.ଏ.)**

ଆଳି ବ୍ଲକ ସାନମଙ୍ଗ ପଞ୍ଚାୟତରେ ଥିବା ଠାକୁରସାହି ବିଦ୍ୟାଳୟ ପରିସରରେ ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା ଡାକ୍ତର ଅମିୟ ରାଉତ କରିଥିଲେ। ଚକ୍ଷୁ ପରୀକ୍ଷା ପରେ ୯ ଜଣଙ୍କୁ ଅପରେସନ ନିମନ୍ତେ ନିଆଯାଇଥିଲା। ଏହି ଶିବିରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ପରିଡା ଉପସ୍ଥିତି ରହିଥିବା ବେଳେ ସରପଞ୍ଚ ହେମଲତା ସେଠୀ ଶିବିର ପରିଚାଳନା କରିଥିଲେ।

# 'ସର୍ବ ଶକ୍ତିମାନ ମଣିଷ ସମାଜକୁ ଗଢ଼ିଛି'

**ପାଟକୁରା,୨୦।୫(ଡି.ଏନ.ଏ.)**

### ତେଣ୍ଡାକୁଡ଼ାରେ ଜଲସା 'ତାହାଫୁଜେ ଖତତ୍‌ମେ ନବୁଅତ୍'


ଜଲସାରେ ପଦ୍ମଶ୍ରୀ ବାବା ବଳିଆ, ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

ଇସଲାମ୍ ଧର୍ମରୁ କୁସଂସ୍କାର, ହିଂସା, ଅସୂୟା ଭାବ, ବିଦ୍ୱେଷ ଓ ଭିନ୍ନ ମତ ଦୂର କରିବା ପାଇଁ ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ାଠାରେ ଜଲସା କମିଟି ଓ ସ୍ଥାନୀୟ ବୁଦ୍ଧିଜୀବୀ, ବିଦ୍ୱାନ, ପଣ୍ଡିତ, ସ୍ୱେଚ୍ଛାସେବୀ, ଲୋକ ପ୍ରତିନିଧିଙ୍କ ସହଯୋଗରେ 'ତାହାଫୁଜେ ଖତ୍‌ମେ ନବୁଅତ୍' ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବାବା ବଳିଆ କହିଥିଲେ, ହିନ୍ଦୁ, ମୁସଲମାନ ହେଉ କି ଖ୍ରୀଷ୍ଟିଆନ୍ ଆଜି ଯୁବ ସମାଜ ପଥ ଓ ନୀତି ଭ୍ରଷ୍ଟ ହୋଇ ଯାଉଛନ୍ତି। ସେମାନେ ଭଲ ବାଟକୁ ଫେରି ଆସନ୍ତୁ। ପୂର୍ବତନ ରାଷ୍ଟ୍ରପତି ଅବଦୁଲ କାଲାମ ଗୋଟିଏ ଶବ୍ଦ କହିଥିଲେ ସର୍ବ ଶକ୍ତିମାନ। ଏ ସୃଷ୍ଟିରେ ଜଣେ ହେଉଛି ସର୍ବ ଶକ୍ତିମାନ। ଆପଣମାନେ ଆଲା କହୁଛନ୍ତି ତ ଆଉ କିଏ କ'ଣ କହୁଛି। ହେଲେ ସର୍ବ ଶକ୍ତିମାନ ଜଣେ। ସର୍ବ ଶକ୍ତିମାନ ଆମ ମଣିଷ ସମାଜକୁ ଗଢ଼ିଛି। ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍, ବୌଦ୍ଧ, ଜୈନ ଏତେସବୁ ମାନବ ସମାଜ ଗଢ଼ିଛନ୍ତି। ମୁଁ ଆଖିରେ ଦେଖୁଛି, କାନରେ ଶୁଣୁଛି, ପାଟିରେ ଖାଉଛି, କଥା କହୁଛି। ସମସ୍ତେ ମଧ୍ୟ ସେଇଆ କରୁଛନ୍ତି। ଭୋକ କଲେ ଖାଦ୍ୟ ଖାଉଛୁ, ଶୋଷ କଲେ ପିଉଛୁ। ସେହି ସର୍ବ ଶକ୍ତିମାନ ପବନ, ବର୍ଷା, ଶୀତ, ଗ୍ରୀଷ୍ମ ସୃଷ୍ଟି କରିଛନ୍ତି। ଏସବୁକୁ ସେହି ଜଣେ ସୃଷ୍ଟି କରିଛନ୍ତି। ତେଣୁ ମନେ ରଖିବା ଉଚିତ ଯିଏ ଆପଣମାନଙ୍କୁ ସୃଷ୍ଟି କରିଛନ୍ତି, ତାଙ୍କୁ ଆମେ ସ୍ମରଣ କରିବା ସହ ତାଙ୍କର କୀର୍ତ୍ତିକୁ ଗାନ କରିବା। କାହା ପାଇଁ ନମାଜ ତ ଆଉ କାହା ପାଇଁ ବେଦ। ତାହା ଅଲଗା କଥା କିନ୍ତୁ ତାଙ୍କ ପାଇଁ ନମାଜ କରିବା ଉଚିତ। ପରିଶ୍ରମ କରି ଯାହା ଅର୍ଥ ଉପାର୍ଜନ କରିବା ସେଥିରୁ ନିଜେ ବଞ୍ଚିବା, ପରିବାର ବଞ୍ଚାଇବା ଓ ଯତ୍ କିଞ୍ଚିତ ସଞ୍ଚୟ କରି ତୀର୍ଥ ଦର୍ଶନ କରିବା। ସେହିପରି ଗରୀବ ଲୋକଙ୍କୁ ଦାନ କରିବା, ଭୋକିଲା ଲୋକଙ୍କ ମୁହଁରେ ଦାନା ଦେବା, ଦୁର୍ଘଟଣାଗ୍ରସ୍ତ ଲୋକକୁ ସାହାଯ୍ୟ କରିବା। ନିଶା ସେବନ ଛାଡ଼ି ବୃକ୍ଷ ରୋପଣ କରିବା, ଅନ୍ଧ ବିଶ୍ୱାସଠାରୁ ଦୂରେଇ ରହିବା, ହିନ୍ଦୁ ମୁସଲମାନ ଭାଇଚାରା ରକ୍ଷା କରିବା ଆଦି ସମ୍ପର୍କରେ ବାବା ବଳିଆ ପରାମର୍ଶ ଦେଇଥିଲେ। ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲା, ହଜରତ ମୌଲାନା ମୁଫତି ଜନାବ ମହମ୍ମଦ ରାସିଦ ସାହାବ କାଶମୀ ଓ ହଜରତ ମୌଲାନା ଜନାବ ମହମ୍ମଦ ସାହା ଆଲାମ ସାହେବ କାଶମୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

ସଂସ୍କାର ଧର୍ମୀ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକଭାବେ ସେକ୍‌ଅସଫାକ୍(ମୁନସୀ) ତେଣ୍ଡାକୁଡ଼ା, ସାମାଜିକ କର୍ମୀ ସୟଦ ଜମିଲ ଅକ୍ତର, ଅତାଉର ରହେମାନ,ମୌଲାନା ଗାନିମ ସାହାବ, ସେକ୍ ଜଲାଲୁଦ୍ଦିନ୍ ଅହମ୍ମଦ, ମୌଲାନା ମୁଫତି ତେହେମିଦ ସାହାବ, ମୌଲାନା ଗୁଫରାନ ସାହାବ, ତେଣ୍ଡାକୁଡ଼ା ସରପଞ୍ଚ ମାନସ କୁମାର ରାଉତଙ୍କ ସମେତ ପଞ୍ଚାୟତର ଯୁବକ, ଛାତ୍ର, ହିନ୍ଦୁ, ମୁସଲମାନ ଭାଇମାନଙ୍କ ମିଳିତ ଉଦ୍ୟମରେ ଏହି ଜଲସା ଆୟୋଜିତ ହୋଇଥିଲା।

**GOVT. OF INDIA**
**MINISTRY OF FINANCE**
**DEPTT. OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No.: C-71, Sector-7, CDA, Cuttack-14**
**NOTICE TO LEGAL HEIR / REPRESENTATIVE**
(See Rule 85 of the Second Schedule as referred to in section 29 of the Recovery of Debts due to Bank and Financial Institutions Act, 1993)
**R.P No. 079/2010/CTC**
**(Arising out of OA No.198/2009)**
**Next Date: 16.08.2022**

**Andhra Bank, SSI Branch, Jagannathpur, Berhampur-760007, Dist.: Ganjam ...Certificate Holder Bank**
**Vs.**
**M/s. Saptagiri Rolling Private Limited Company & Others ...Certificate Debtors**

To,
3. (a) **Mutta Venkat Surya Sekhar,** Son of Late M.K.D.N.V Prasad Rao, At.: Hill Patna, 2nd Line, P.O.: Berhampur, P.S.: Gosani Nuagaon, Dist.: Ganjam.
3. (b) **Injeti Venkat Laxmi,** W/o.: Injeti Srinivas, Daughter of Late M.K.D.N.V Prasad Rao, At: Hill Patna, 2nd Line, P.O.: Berhampur, P.S.: Gosani Nuagaon, Dist.: Ganjam.

Whereas Recovery Certificate dt.22.12.2010 has been forwarded by the Hon'ble Presiding Officer, Debts Recovery Tribunal, Cuttack for the recovery of decretal dues amounting to **Rs. 4,09,50,379.00 (Rupees Four Crore Nine Lac Fifty Thousand Three Hundred Seventy Nine Only)** Plus interest as Per the certificate from M/s. Saptagiri Rolling Private Limited Company, Registered Office at Tulu Road, Konishi, Berhampur, Dist.: Ganjam Presently at Gandhi Nagar, 1st Lane Extension, Berhampur, Dist.: Ganjam, and Another.

And whereas the said **Sri M.K.D.N.V Prasad Rao,** S/o.: M. Rama Murty, At/P.O.: Hill Patna, Berhampur, P.S.: Baidyanathpur, Dist.: Ganjam, Certificate Debtor No.3, has since **died.**

You are hereby given notice that steps will be taken under all or any of the provisions of the Second Schedule to the Income Tax Act, 1961 read with Section 29 of the Recovery of Debts due to Bank & Financial Institution Act, 1993 to recover the said amount from you together with interest payable and the cost, charge and the expenses incurred in respect of warrants and other processes issued and all other proceedings taken for realising the amount unless the amount of **Rs. 4,09,50,379.00 (Rupees Four Crore Nine Lac Fifty Thousand Three Hundred Seventy Nine Only)** in respect of the certificate together with cost, charge and expenses so far amounting to **Rs. 4,93,42,655.00 (Rupees Four Crore Ninety Three Lakhs Forty Two Thousand Six Hundred Fifty Five Only)** with pendentelite and future interest @ 10% p.a. rests from the date of filing till realization of amount due until the full and final realization of the claim amount with cost and the interest aforesaid is paid by you, within 15 days of the service of the notice.

Given under my hand & seal at Cuttack on this **25th day of April, 2022.**

**Sd/- (Saroj Kumar Biswal)**
**RECOVERY OFFICER**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଇଟିମିଟି କଣା ନ ଥାଏ ଠିକଣା
ଟେରା କଣା ବଡ଼ ମନ୍ଦରେ
ଯହିଁ ଥାଏ ଏକ-ଆଖିଆ କଣା
ନିଇତି ଲଗାଏ ଦ୍ୱନ୍ଦ୍ୱରେ ।

ଟେରା ଏବଂ କଣା ବ୍ୟକ୍ତି ଅତି ଖରାପ ବୋଲି ସମାଜରେ ସୂଚିତ ହୋଇଥାନ୍ତି । ଏକଆଖିଆ କଣା ବ୍ୟକ୍ତି ମଧ୍ୟ ଅତ୍ୟନ୍ତ ଦ୍ୱନ୍ଦ୍ୱମୁଖର ହୋଇଥିବା ନେଇ ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୧୩ ଶିଳ୍ପ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**ସୃଷ୍ଟି ହେବ ୩୩୯୦ ନିଯୁକ୍ତି ସୁଯୋଗ**

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୧,୨୧୮.୦୧ କୋଟି ଟଙ୍କାର ୧୩ଟି ଶିଳ୍ପଭିତ୍ତିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଛନ୍ତି । ୧୫ଟି ପର୍ଯ୍ୟାୟରେ ୭୬.୯୭ କୋଟି ଟଙ୍କା ପୁଞ୍ଜିନିବେଶର ୩ଟି ଶିଳ୍ପ ୟୁନିଟ୍‌କୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ୧୧୪୧.୦୪ କୋଟି ଟଙ୍କାର ୧୦ଟି ଶିଳ୍ପ ୟୁନିଟ୍‌ର ଶିଳାନ୍ୟାସ(ଗ୍ରାଉଣ୍ଡ ବ୍ରେକିଂ) କରିଛନ୍ତି । ସେଥିରେ ପର୍ଯ୍ୟଟନ, ପ୍ୟାକେଜିଂ, ମାନୁଫାକ୍ଚରିଂ, ପଲିମର ଓ ପ୍ଲାଷ୍ଟିକ ଇତ୍ୟାଦି ରହିଛି । ଏହିସବୁ ଶିଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୩୩୯୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ମେ ଫେୟାର ହୋଟେଲ୍ସ ଆଣ୍ଡ ରିସର୍ଟସ, ଓରିଫୁଡ୍ ଆଣ୍ଡ ବେଭରେଜ ପ୍ରାଇଭେଟ ଲିମିଟେଡ, ମାସ୍ ସ୍ପିରିଟ ପ୍ରାଇଭେଟ ଲିମିଟେଡ, ସମ୍ବଲପୁର ବାୟୋଫୁଏଲ ପ୍ରାଇଭେଟ ଲିମିଟେଡ ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ଉକ୍ତ ଶିଳ୍ପ ସ୍ଥାପନ କରାଯିବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁଞ୍ଜିନିବେଶକାରୀଙ୍କୁ ସ୍ୱାଗତ କରିବା ସହ କହିଛନ୍ତି ଯେ ଖଣିଜ ପଦାର୍ଥଠାରୁ ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ଏକ ବୃହତ୍ ମାନୁଫାକ୍ଚରିଂ ହବ୍‌ରେ ପରିଣତ ହେବାକୁ ଯାଉଛି । ପୁଞ୍ଜିନିବେଶକାରୀଙ୍କୁ ବ୍ୟବସାୟିକ ଅନୁକୂଳ ବାତାବରଣ ପ୍ରଦାନ କରିବାରେ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେଉଛନ୍ତି । ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ଶିଳ୍ପାନୁଷ୍ଠାନ ସହ ରାଜ୍ୟର ସମ୍ପର୍କ ସଫଳ ହୋଇଛି । ରାଜ୍ୟ ସରକାର ଓ ଶିଳ୍ପାନୁଷ୍ଠାନ ସହଯୋଗ ଯୋଗୁ କୋଭିଡ୍-୧୯କୁ ଓଡ଼ିଶା ସଫଳତାର ସହ ମୁକାବିଲା କରିପାରିଛି । ମହାମାରୀ ପରେ ରାଜ୍ୟ ସରକାର ରାଜ୍ୟରେ ଶିଳ୍ପ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ୫-ଟି ଦର୍ଶନ ଟ୍ରାନ୍ସପରେନ୍ସ, ଟେକ୍ନୋଲୋଜି, ଟିମ୍‌ୱାର୍କ, ଟାଇମ୍ ଏବଂ ଟ୍ରାନ୍ସଫର୍ମେଶନ ଉପରେ ଫୋକସ କରୁଛନ୍ତି । ଏହି ଦର୍ଶନ ରାଜ୍ୟରେ ଶିଳ୍ପଭିତ୍ତିକ ଇକୋସିଷ୍ଟମକୁ ମୂଲ୍ୟଯୁକ୍ତ କରିବା ସହ କ୍ରମାଗତ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ରାଜସ୍ୱ ବୃଦ୍ଧି କରିବାରେ ସହଯୋଗ କରିବ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଶିଳ୍ପ ବିଭାଗର କ୍ରମାଗତ ଉଦ୍ୟମକୁ ସ୍ୱାଗତ କରିବା ସହ ଓଡ଼ିଶା ପୁଞ୍ଜିନିବେଶକାରୀଙ୍କ ପାଇଁ ପସନ୍ଦର ସ୍ଥାନ ହୋଇପାରିଛି ବୋଲି କହିଛନ୍ତି । ଏହି ଅବସରରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ଗତ ଦୁଇ ବର୍ଷ ହେବ ଆମେ କରୋନା ମହାମାରୀକୁ ସମ୍ମୁଖୀନ ହେଉଛେ । ଏଥିପାଇଁ ସବୁ ସମସ୍ୟାର ସମ୍ମୁଖୀନ ହେବା ସହ ଜୀବନଜୀବିକା ଉପରେ ଏହାର ଗଭୀର ପ୍ରଭାବ ପଡିଛି । ଏହାସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଶିଳ୍ପ କ୍ଷେତ୍ର ଉତ୍ତମ ଭାବେ ଚାଲିପାରିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ସଚିବ ରଞ୍ଜନା ଚୋପ୍ରା, ଶିଳ୍ପ ନିର୍ଦ୍ଦେଶକ ସାଦ୍ଦିକ ଆଲମ ପ୍ରମୁଖ ଯୋଗ ଦେଇଥିଲେ ।

ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ଶିଳ୍ପ ମଧ୍ୟରେ ଖୋର୍ଦ୍ଧାଠାରେ ମେଫେୟାର ହୋଟେଲ୍ସ ଆଣ୍ଡ ରିସର୍ଟସ ପକ୍ଷରୁ ୩୦୦ କୋଟି ବ୍ୟୟରେ ଏକ କନ୍‌ଭେନଶନ ସେଣ୍ଟର ସ୍ଥାପନ କରାଯିବ । ଏଥିରେ ୮୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ସେହିପରି ମାସ୍ ସ୍ପିରିଟସ ଲିମିଟେଡ ପକ୍ଷରୁ ଝାରସୁଗୁଡ଼ାଠାରେ ଦୈନିକ ୩୬୦ କିଲୋଲିଟର ଡିଷ୍ଟିଲେରି ପ୍ଲାଣ୍ଟ ଓ ୫ ମେଗାୱାଟର କୋଜେନେରେଶନ ପ୍ଲାଣ୍ଟ ସ୍ଥାପନ ହେବ । ଏଥିରେ ୨୦୪.୬୦ କୋଟି ବିନିଯୋଗ ହେବା ସହ ୧୮୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ପ୍ରଭାତ ହସ୍ପିଟାଲିଟି ପକ୍ଷରୁ ପୁରୀରେ ୧୩୫.୬୯ କୋଟି ଟଙ୍କା ବ୍ୟୟରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣ କରାଯିବ । ଏଥିରେ ୩୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ଆଗ୍ରିଭେଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୧୧୨.୫୦ କୋଟି ଟଙ୍କା ବ୍ୟୟରେ କଟକର ମୁଣ୍ଡଳିଠାରେ ଏକ ଡିଷ୍ଟିଲାରି ପ୍ଲାଣ୍ଟ ସ୍ଥାପନ ହେବ । ଏଥିରେ ୧୫୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ସେହିପରି ରାଜ୍ୟର ବିଭିନ୍ନ ଜିଲାରେ ଘରୋଇ କମ୍ପାନୀ ପକ୍ଷରୁ ପୁଞ୍ଜିନିବେଶ କରି ଶିଳ୍ପ ସ୍ଥାପନ ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ ।

MINISTRY OF ELECTRONICS & INFORMATION TECHNOLOGY GOVERNMENT OF INDIA
रा.इ.सू.प्रौ.सं NIELIT | सी डैक CDAC | NASSCOM
ଡିଜିଟାଲ ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ
futureskills prime
A MeitY - NASSCOM Digital Skilling Initiative
10ଟି ଉଦୀୟମାନ ଜ୍ଞାନକୌଶଳ ପାଠ୍ୟକ୍ରମ ମଧ୍ୟରୁ ଯେକୌଣସି ପାଠ୍ୟକ୍ରମ ବାଛନ୍ତୁ ଓ ଡିଜିଟାଲ ଦକ୍ଷତା ଶିଖନ୍ତୁ ଓ ସରକାରୀ ପ୍ରୋତ୍ସାହନ ପାଆନ୍ତୁ
- ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ
- ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍
- ବିଗ୍ ଡାଟା ଆନାଲିଟିକ୍ସ
- ୱେବ୍, ମୋବାଇଲ ଡେଭଲପମେଣ୍ଟ ଓ ମାର୍କେଟିଂ
- ବ୍ଲକ୍‌ଚେନ୍
- ରୋବୋଟିକ୍ ପ୍ରୋସେସ୍ ଅଟୋମେସନ୍
- କ୍ଲାଉଡ୍ କମ୍ପ୍ୟୁଟିଂ
- ଅଗ୍‌ମେଣ୍ଟେଡ୍ ରିୟଲିଟି ଓ ଭର୍ଚୁଆଲ୍ ରିୟଲିଟି
- ସାଇବର ସିକ୍ୟୁରିଟି
- 3D ପ୍ରିଣ୍ଟିଂ ଓ ମଡେଲିଂ

Industry Certification ସହିତ ନିଜର କ୍ୟାରିୟରକୁ ବଢ଼ାନ୍ତୁ
୭.୬ ଲକ୍ଷ +ରୁ ଅଧିକ ପଞ୍ଜୀକରଣ!
निःशुल्क पंजीकरण करें
davp 06130/12/0004/2223
www.futureskillsprime.in

# କେନ୍ଦ୍ର, ୨ ରାଜ୍ୟ ମହାନଦୀର ହତ୍ୟାକାରୀ: ରାଜେନ୍ଦ୍ର



ନଦୀ ସୁରକ୍ଷା ଆନ୍ଦୋଳନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ।

**ଭୁବନେଶ୍ୱର,୨୦।୫(ବ୍ୟୁରୋ):** କଲ୍‌ମା ଓ ସୁଖାସୋଡ଼ା ଯାଇ ମହାନଦୀର ସ୍ଥିତି ଦେଖିବା ପରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କାର୍ଯ୍ୟକର୍ତ୍ତାମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । କଲ୍‌ମା ବ୍ୟାରେଜର ଛତିଶଗଡ଼ ପାର୍ଶ୍ୱରେ ପ୍ରବଳ ପାଣି ପ୍ରବାହିତ ହେଉଥିବା ବେଳେ ଓଡ଼ିଶା ପଟରେ କିନ୍ତୁ ସମ୍ପୂର୍ଣ୍ଣ ମରୁଭୂମି ଭଳି ସ୍ଥିତି ଦେଖିବାକୁ ମିଳିଛି । ସେଠାରୁ ଫେରିବା ପରେ ରାଜଧାନୀ ସ୍ଥିତ ଲୋୟର ପିଏମ୍‌ଜିଠାରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପୂର୍ବ ସୂଚନା ମୁତାବକ ଏକଦିବସୀୟ ସତ୍ୟାଗ୍ରହ କରାଯାଇଛି । ଏଥିରେ ଜଳ ପୁରୁଷ ରାଜେନ୍ଦ୍ର ସିଂ ଯୋଗଦେଇ ମହାନଦୀର ହତ୍ୟାକାରୀ ଭାବେ କେନ୍ଦ୍ର, ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କୁ ଦାୟୀ କରିଛନ୍ତି । ସେ କହିଛନ୍ତି, ଛତିଶଗଡ଼ ସରକାର ମହାନଦୀ ପ୍ରବାହକୁ ରୋକି ନଦୀ ଏବଂ ଓଡ଼ିଶା ପ୍ରତି ଯେଭଳି ଅନ୍ୟାୟ କରିଛନ୍ତି ସେହିପରି ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଲାଗି ଏଭଳି ସ୍ଥିତି ଉପୁଜିଛି । କେନ୍ଦ୍ର ସରକାର ଏହି ଦୁଇ ରାଜ୍ୟ ମଧ୍ୟରେ ବିବାଦରେ ମହାନଦୀକୁ ଯେଉଁ ଧ୍ୟାନଦେବା କଥା ତାହା କରିନାହାନ୍ତି । ତେଣୁ ଏହି ୩ ସରକାର ଏଥିପାଇଁ ଦାୟୀ ବୋଲି ସେ କହିଛନ୍ତି । ତେବେ ରାଜେନ୍ଦ୍ର ଆହୁରି କହିଛନ୍ତି, ମହାନଦୀକୁ ଦୁଃଖଦ ପରିସ୍ଥିତିରୁ ଉଦ୍ଧାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ଛତିଶଗଡ଼ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ନଦୀକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ନିବେଦନ କରିବେ ବୋଲି ସେ କହିଛନ୍ତି । ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି, ଆଗାମୀ ଦିନରେ ଆନ୍ଦୋଳନ ଆହୁରି ବ୍ୟାପକ ହେବ । ନଦୀ କୂଳରେ ସତ୍ୟାଗ୍ରହ ଆୟୋଜନ ହେବ ଏବଂ ଆବଶ୍ୟକ ପଡିଲେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସେ କହିଛନ୍ତି ।

# କାର୍ଯ୍ୟରେ ଅବହେଳା ଯୋଗୁ କନିଷ୍ଠ ଯନ୍ତ୍ରୀ ନିଲମ୍ବିତ

ଭୁବନେଶ୍ୱର, ୨୦।୫(ବ୍ୟୁରୋ)

ସରକାରୀ ଆଦେଶର ଅବମାନନା, କାର୍ଯ୍ୟରେ ଅବହେଳା ଆଦି ଅଭିଯୋଗ ପାଇଁ ୨ ଜଣ ଅଧିକାରୀଙ୍କ ବିରୋଧରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବରପାଲି ଏନ୍‌ଏସିର କନିଷ୍ଠ ଯନ୍ତ୍ରୀ ଶିବଶଙ୍କର ଗିରିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ବେଳେ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବରପାଲି ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେରଙ୍କୁ ବ୍ରହ୍ମପୁର ମହାନଗର ନିଗମ ଡେପୁଟି କମିଶନର ଭାବେ ବଦଳି କରାଯାଇଛି ।

ପ୍ରଥମ ପୃଷ୍ଠାରୁ...

## ବିଶ୍ୱବିଦ୍ୟାଳୟ ସଂଶୋଧିତ ...

କ୍ଷୁଣ୍ଣ କରୁଥିଲା । ଅନ୍ତତଃ ସେଥିରେ କିଛିଦିନ ପାଇଁ ରୋକ୍ ଲଗାଯାଇଛି । ସଂଶୋଧିତ ଆଇନରେ କୁଳପତି ଚୟନଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସ୍ତରରେ ହେଉଥିବା ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ କରାଗଲା । ସେହିପରି ସିଣ୍ଡିକେଟ୍‌କୁ ପ୍ରାଧାନ୍ୟ ଦିଆଗଲା । ଏଥିଯୋଗୁ ସିଣ୍ଡିକେଟରେ ସରକାରଙ୍କ ପକ୍ଷରୁ ଅଧିକ ସଦସ୍ୟ ରହିବେ । ଫଳରେ ବିଭିନ୍ନ କାର୍ଯ୍ୟ କରିବା ଏତେ ସହଜ ହେବ ନାହିଁ । କାରଣ ଏଥିରେ ପ୍ରଶାସନିକ ଅଧିକାରୀ (ବ୍ୟୁରୋକ୍ରାଟ୍)ଙ୍କ ଆଧିପତ୍ୟ ରହିବ । ସେମାନେ ଭଲରେ କାମ କରାଇ ଦେବେ ନାହିଁ । ସରକାର ଏହିଭଳି ୫ଟି ଦିଗକୁ ନେଇ ଆଇନରେ ପରିବର୍ତ୍ତନ କରିଥିଲେ, ଯାହା ୟୁଜିସି ସଂଶୋଧନ ଆଇନ ୨୦୧୮କୁ ବିରୁଦ୍ଧାଚରଣ କରୁଛି । ଏହା ଗ୍ରହଣୀୟ ନୁହେଁ । ବିଶ୍ୱବିଦ୍ୟାଳୟ ପ୍ରଶାସନ ଉପରେ ସମ୍ପୂର୍ଣ୍ଣ ହସ୍ତକ୍ଷେପ ହେବ ବୋଲି ଆମେ ଉପଲବ୍ଧି କଲୁ । ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲୁ । କିନ୍ତୁ ଆମକୁ ନ୍ୟାୟ ମିଳି ନ ଥିଲା । ହାଇକୋର୍ଟଙ୍କୁ ଆମର କୌଣସି ଦିଗ ଠିକ୍ ଲାଗି ନ ଥିଲା । ହାଇକୋର୍ଟଙ୍କ ଶୁଣାଣି ପରେ ଆମେ ହତୋତ୍ସାହିତ ହୋଇ ରହିଥିଲୁ । ଯେଉଁ ଗ୍ରାଉଣ୍ଡରେ ହାଇକୋର୍ଟ ଆମର ଯୁକ୍ତିକୁ ଗ୍ରହଣ କରି ନ ଥିଲେ, ସେହି ଗ୍ରାଉଣ୍ଡରେ ସୁପ୍ରିମକୋର୍ଟ ରହିତାଦେଶ ଦେଇଛନ୍ତି । ଏହା ସ୍ୱାଗତଯୋଗ୍ୟ । ସାମୟିକ ପାଇଁ ହେଉ ପଛେ ଏକ ପ୍ରକାର ସଫଳତା ମିଳିଛି ବୋଲି ଭାବିବି । ଆଗକୁ ମଧ୍ୟ ଆମେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବୁ । ଏଥିପାଇଁ ପ୍ରକ୍ରିୟା ଚାଲିଛି । ତେବେ ୟୁଜିସି ପକ୍ଷରୁ ହୋଇଥିବା ଆବେଦନରେ ବର୍ତ୍ତମାନ ମୁଁ ପକ୍ଷ ରହିଛି । ତେଣୁ ଆଗକୁ ସୁପ୍ରିମକୋର୍ଟରେ ମୋତେ ପକ୍ଷ ରଖିବାର ସୁଯୋଗ ଦିଆଯିବ ବୋଲି ପ୍ରଫେସର ପଣ୍ଡା କହିଛନ୍ତି ।


## ପୂର୍ବ ତଟ ରେଳପଥ

'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2022-23/63 ତା.18.05.2022ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ www.ireps.gov.in ରେ ଅପ୍‌ଲୋଡ କରାଯାଇଛି ।

କ୍ରମ ସଂ.01: ଟେଣ୍ଡର ନଂ. 07223301, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ହ୍ୟାଣ୍ଡଲୁମ୍ କଟନ ଟର୍କିସ୍ (Cotton Turkish) ଟାୱେଲ, ପରିମାଣ: TS ଅନୁସାରେ ।

କ୍ରମ ସଂ.02: ଟେଣ୍ଡର ନଂ. 03221995A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ହାଇ ଟେନ୍‌ସାଇଲ (High tensile) CBC ନିମନ୍ତେ ଲକ୍ (Lock), ପରିମାଣ : 4927 ଗୋଟି ।

କ୍ରମ ସଂ.03: ଟେଣ୍ଡର ନଂ. 03221021, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ସେକେଣ୍ଡାରୀ (Secondary) ଭର୍ଟିକାଲ ଡାମ୍ପର, ପରିମାଣ : 678 ଗୋଟି ।

କ୍ରମ ସଂ.04: ଟେଣ୍ଡର ନଂ. 03221067A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଫ୍ଲାପ (Flap) ଡୋର ଆରେଞ୍ଜମେଣ୍ଟ, ପରିମାଣ : 1000 ଗୋଟି ।

କ୍ରମ ସଂ.05: ଟେଣ୍ଡର ନଂ. 03221826, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ବୁଶ୍ (Bush) ବ୍ୟତୀତ ବ୍ରେକ୍ ବିମ୍, ପରିମାଣ : 2000 ଗୋଟି ।

କ୍ରମ ସଂ.06: ଟେଣ୍ଡର ନଂ. 04223991, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 60KVA ଟ୍ରାନ୍ସଫର୍ମର, ପରିମାଣ : 25 ଗୋଟି ।

କ୍ରମ ସଂ.07: ଟେଣ୍ଡର ନଂ. 03223911, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଇମରଜେନ୍ସି ବ୍ରେକ୍ ଏକ୍ସେଲେରେଟର (Accelerator), ପରିମାଣ : TS ଅନୁସାରେ ।

କ୍ରମ ସଂ.08: ଟେଣ୍ଡର ନଂ. 03224037A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ରିଲେ ଭାଲ୍‌ବ ସହିତ ଡିଷ୍ଟ୍ରିବ୍ୟୁଟର ଭାଲ୍‌ବ, ପରିମାଣ : 52 ଗୋଟି ।

କ୍ରମ ସଂ.09: ଟେଣ୍ଡର ନଂ. 02221563, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ବ୍ଲୋଅର (Blower) ମଟର କମ୍ପ୍ଲିଟ, ପରିମାଣ : TS ଅନୁସାରେ ।

ଟେଣ୍ଡର ଖୋଲାଯିବା ତାରିଖ : କ୍ରମ ସଂ.01 ପାଇଁ ତା.01.06.2022ରିଖ, କ୍ରମ ସଂ.02 ପାଇଁ ତା.06.06.2022ରିଖ, କ୍ରମ ସଂ.03 ପାଇଁ ତା.08.06.2022ରିଖ, କ୍ରମ ସଂ.04 ଏବଂ 05 ପାଇଁ ତା.09.06.2022ରିଖ ଏବଂ କ୍ରମ ସଂ.06 ରୁ 09 ପାଇଁ ତା.13.06.2022 ରିଖ ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

PR-121/N/22-23

## ଅଧିସୂଚନା

### ବାଲେଶ୍ୱରଠାରେ ପଶମ/ସୂତା ଉତ୍ପାଦ ଏବଂ ଜଳେଶ୍ୱର ରେଳ ଷ୍ଟେଶନଠାରେ କତା ଉତ୍ପାଦ ବିକ୍ରୟ ଲାଗି ଅସ୍ଥାୟୀ ଷ୍ଟଲ୍ ସ୍ଥାପନ

ନଂ. ସିଓଏମ୍/ଜି.୧୮/୨/ସିଏଟିଜି./ୱାନ୍ ପ୍ରଡକ୍ଟ ୱାନ୍ ଷ୍ଟେଶନ | ତାରିଖ ୨୦।୦୫।୨୦୨୨

କେନ୍ଦ୍ର ବଜେଟ ଘୋଷଣା ୨୦୨୨-୨୩ ଭିତ୍ତିରେ ଏବଂ ରେଲ୍‌ୱେ ବୋର୍ଡର ଇଚ୍ଛା ଅନୁଯାୟୀ ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ୱତନ୍ତ୍ର ହୋଇଥିବା ସ୍ଥାନୀୟ ଖାଦ୍ୟସାମଗ୍ରୀ, ହସ୍ତଶିଳ୍ପ, କଳାକୃତି, ହସ୍ତତନ୍ତ, ପ୍ରକ୍ରିୟାକୃତ/ଅର୍ଦ୍ଧ ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ଇତ୍ୟାଦିର ପ୍ରସାର ପାଇଁ ପାଇଲଟ୍ ଭିତ୍ତିରେ ତା୨୪।୦୫।୨୦୨୨ରିଖଠାରୁ ୧୫ ଦିନ ପାଇଁ ଚିହ୍ନିତ ହୋଇଥିବା ଉତ୍ପାଦଗୁଡ଼ିକର ବିକ୍ରି ନିମନ୍ତେ ଷ୍ଟଲ୍ ସ୍ଥାପନ କରିବାକୁ ଚାହୁଁଛି । ବର୍ତ୍ତମାନ, ୱାନ୍ ପ୍ରଡକ୍ଟ ୱାନ୍ ଷ୍ଟେଶନ ଯୋଜନା ଅଧୀନରେ ପାଇଲଟ୍ ପ୍ରକଳ୍ପ ନିମନ୍ତେ ବାଲେଶ୍ୱର ଏବଂ ଜଳେଶ୍ୱର ଷ୍ଟେଶନକୁ ବଛାଯାଇଛି । ଆଗ୍ରହୀ ଆବେଦନକାରୀ (ସ୍ଥାନୀୟ ନିର୍ମାତା ହୋଇଥିବା ବାଞ୍ଛନୀୟ) ଯୋଜନାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସମ୍ପୃକ୍ତ ଷ୍ଟେଶନ ମ୍ୟାନେଜରଙ୍କ ସହିତ ଯୋଗାଯୋଗ କରିପାରିବେ ଏବଂ ତା୨୨।୦୫।୨୦୨୨ରିଖ ୧୭.୦୦ ଘଟିକା ସୁଦ୍ଧା ଷ୍ଟେଶନ ମ୍ୟାନେଜରଙ୍କ ନିକଟରେ ଷ୍ଟଲ୍ ପିଛା @ ଟ.୧,୦୦୦/-ର ଟୋକନ ଦେୟ ସହିତ ନିଜର ଦରଖାସ୍ତ ଦାଖଲ କରିପାରିବେ । ପ୍ରଚଳିତ ନିୟମ ଅନୁଯାୟୀ ପ୍ରସଙ୍ଗର ପରବର୍ତ୍ତୀ ପ୍ରକ୍ରିୟାକରଣ ପାଇଁ ସେହିଦିନ ୧୭.୩୦ ଘଟିକାରେ ଡିଭିଜନାଲ ଅଧିକାରୀମାନଙ୍କ ଉପସ୍ଥିତିରେ ଷ୍ଟେଶନ ମ୍ୟାନେଜରଙ୍କ ଚାମ୍ବରରେ ଦରଖାସ୍ତର ପ୍ରକ୍ରିୟାକରଣ କରାଯିବ, ଯାହାଫଳରେ ପ୍ରସ୍ତାବିତ ଷ୍ଟଲ୍ ତା୨୪।୦୫।୨୦୨୨ରିଖ ଓ ତା'ପରଠାରୁ କାର୍ଯ୍ୟକ୍ଷମ ହୋଇପାରିବ । ଅଧିକ ସଂଖ୍ୟକ ଦରଖାସ୍ତ ପ୍ରାପ୍ତ ହେଲେ ଉନ୍ମୁକ୍ତ ଲଟେରି/ସର୍ବସାଧାରଣ ଉଠାଣ କରାଯିବ । ବିବରଣୀ ନିମ୍ନ ଅନୁଯାୟୀ ଅଟେ:

| ଷ୍ଟେଶନ | ଉତ୍ପାଦ | ଷ୍ଟଲ୍ ପିଛା ଟୋକନ୍ ଦେୟ (ଟ.) | ନିର୍ବାହକାରୀ କର୍ତ୍ତୃପକ୍ଷ ଏବଂ ଯୋଗାଯୋଗ ବ୍ୟକ୍ତି ଓ ଯୋଗାଯୋଗ ନଂ. | ଷ୍ଟଲ୍‌ର ନିର୍ବାହ ମୂଲ୍ୟ | ଦରଖାସ୍ତ ଦାଖଲର ଶେଷ ତାରିଖ | ଦରଖାସ୍ତ ଖୋଲାଯିବାର ତାରିଖ |
|---|---|---|---|---|---|---|
| ବାଲେଶ୍ୱର | ପଶମ/ସୂତା ଉତ୍ପାଦ | ୧,୦୦୦/- | ଷ୍ଟେଶନ ମ୍ୟାନେଜର/ ବାଲେଶ୍ୱର ଫୋନ୍ ନଂ.: ୯୭୭୭୫୮୧୯୫୮ | ରେଳପଥ ଦ୍ୱାରା ବହନ କରାଯିବ | ୨୨।୦୫।୨୦୨୨ ୧୭.୦୦ ଘଟିକା | ୨୨।୦୫।୨୦୨୨ ୧୭.୩୦ ଘଟିକା |
| ଜଳେଶ୍ୱର | କତା ଉତ୍ପାଦ | ୧,୦୦୦/- | ଷ୍ଟେଶନ ମ୍ୟାନେଜର/ ଜଳେଶ୍ୱର ଫୋନ୍ ନଂ.: ୯୪୩୭୬୮୪୭୨୯ | ରେଳପଥ ଦ୍ୱାରା ବହନ କରାଯିବ | ୨୨।୦୫।୨୦୨୨ ୧୭.୦୦ ଘଟିକା | ୨୨।୦୫।୨୦୨୨ ୧୭.୩୦ ଘଟିକା |

ମନ୍ତବ୍ୟ: ଯଦି କୌଣସି ଆବେଦନକାରୀ ଅନ୍ୟ ଷ୍ଟେଶନଗୁଡ଼ିକରେ ଅଂଶଗ୍ରହଣ କରିବାକୁ ଚାହୁଁଥାନ୍ତି, ତେବେ ସେ ନିକଟତମ ଷ୍ଟେଶନ ମ୍ୟାନେଜର ଏବଂ ସିନିୟର ଡିସିଏମ୍ କାର୍ଯ୍ୟାଳୟ/ଖଡ଼ଗପୁର, ଫୋନ୍ ନଂ. ୯୮୦୦୩୮୮୯୪୬/୯୦୦୨୦୮୧୯୪୫ଙ୍କ ସହିତ ପରାମର୍ଶ କରିପାରିବେ ।

(PR-145) | ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

## ପୌର ପରିଷଦ କାର୍ଯ୍ୟାଳୟ, ଖୋର୍ଦ୍ଧା
## OFFICE OF THE MUNICIPAL COUNCIL, KHORDHA

H & UD Department, Govt. of Odisha, Khordha - 752055
e-Mail: khurda_municipality@yahoo.co.in, Phone No.- 06755-220674

ନଂ. 1718/ | ତା20.05.2022

### ନୋଟିସ

No.C-329:- ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ନିର୍ଦ୍ଦେଶକ୍ରମେ, ଖୋରଧା ପୌର ପରିଷଦ ଅଞ୍ଚଳରେ ପ୍ଲାଷ୍ଟିକ୍ ଓ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଅଛି । **Plastic Waste Management Rule (Amendment)** ୨୦୨୧ ଅନୁସାରେ ୭୫ ମାଇକ୍ରୋନ୍‌ରୁ କମ୍ ଓଜନ ବିଶିଷ୍ଟ ପଲିଥିନ କରି, ପ୍ଲାଷ୍ଟିକ୍ ଇତ୍ୟାଦି ଉତ୍ପାଦନ କରିବା ବା ଆମଦାନୀ କରିବା, ବିକ୍ରୟ କରିବା ବା ବିକ୍ରି କରିବା ଉଦ୍ଦେଶ୍ୟରେ ଗଚ୍ଛିତ ରଖିବା ଏବଂ ଏହାର ବ୍ୟବହାରକୁ ଆଇନ୍ ଅନୁଯାୟୀ ନିଷିଦ୍ଧ କରାଯାଇଅଛି । ଆଇନ ଅମାନ୍ୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋରଧା
OIPR-13082/11/0002/2223

## ଦ.ପୂ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ୱେଷ୍ଟ୍-୨୨-୨୩-୦୪, (୨) ସିକେପି-ୱେଷ୍ଟ୍-୨୨-୨୩-୦୫, ତାରିଖ: ୧୯।୦୫।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., କାର୍ଯ୍ୟର ନାମ: (୧) ସିନିୟର ଡିଇଏନ/ୱେଷ୍ଟ୍/ସିକେପିଙ୍କ ବ୍ୟବହାର ନିମନ୍ତେ ୩ ବର୍ଷ ଲାଗି ଇନ୍ଧନ ଓ ଡ୍ରାଇଭର ସହିତ ଚବିଶ ଘଣ୍ଟା ପାଇଁ ଗୋଟିଏ ଅଣ-ଏସି (ତାରିଚକିଆ) ଟାଟା ସୁମୋ କିମ୍ବା ସମାନ ଧରଣର ଡିଜେଲଚାଳିତ ଗାଡ଼ି ଭଡ଼ାସୂତ୍ରରେ ନେବା । (୨) ଏଡିଇଏନ/କେଏସ୍‌ଜିଙ୍କ କ୍ଷେତ୍ରାଧିକାର ଅଧୀନରେ ବର୍ଷ ୨୦୨୨ ପାଇଁ ସିଏଚ୍. ୦ କି.ମି.-ସିଏଚ୍. ୫୦କି.ମି. ପର୍ଯ୍ୟନ୍ତ କେଏସ୍‌ଜି-ସରଡେଗା ମଧ୍ୟରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୧୪,୨୦,୪୯୫.୨୦ (କ୍ର.ସଂ. ୧ ପାଇଁ), ₹୨,୨୦,୭୩,୪୦୧.୮୪ (କ୍ର.ସଂ. ୨ ପାଇଁ) । ଇଏମ୍‌ଡି: ₹୨୮,୪୦୦/- (କ୍ର.ସଂ. ୧ ପାଇଁ), ₹୨,୬୦,୪୦୦/- (କ୍ର.ସଂ. ୨ ପାଇଁ) । ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦/- । ଖୋଲାଯିବା ତାରିଖ: ପ୍ରତ୍ୟେକ ପାଇଁ ୨୦।୦୬।୨୦୨୨ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

(PR-141)

## ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME
## ST & SC DEVELOPMENT DEPARTMENT

2nd Floor, TDCCOL Building, Rupali Square, Bhubaneswar -751022
Notice No. 1671/Date: 17.05.2022

### ENGAGEMENT OF PROJECT MANAGER FOR MICRO PROJECT AGENCY (MPA) UNDER OPELIP

No.CAD-525:- Programme Director, OPELIP invites applications from eligible candidates for engagement of Project Managers to be engaged in Micro Project Agencies (MPAs) on contractural basis. Application form along with the detailed ToR can be downloaded from our official websites i.e. www.opelip.org & www.otelp.org. Last date of receipt of applications **by Regd. Post/Speed Post/Courier only by 31.05.2022 at 05.00 PM.**

Only shortlisted candidates will be called for selection. Programme Director, OPELIP reserves the right to accepting or rejecting the applications without assigning any reason thereof.

Sd./- Programme Director
OIPR-26024/11/0002/2223

## GOVERNMENT OF ODISHA, "e" PROCUREMENT NOTICE
## OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
### WORKS DEPARTMENT
### TENDER CALL NOTICE

E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle - 05/2022-23
Memo No. 945 | Dt.12.05.2022

No. B-206: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building work as detailed in the table below;

1. Nature of work : Building Works
2. No. of work : 7 Nos.
3. Tender Cost : Rs.10,000.00 (Online)
4. Class of Contractor : B Class and A Class
5. Available of Bid document in the website : From 10.00 A.M. of Dt.21.05.2022 to 05.00 P.M. of Dt.03.06.2022
6. Last date of receipt of tender : Dt.03.06.2022 upto 5.00 P.M.
7. Date of opening of Bid : Dt.04.06.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any Addendum/ Corrigendum/Cancellation of tender can also be seen in the said website.

Chief Construction Engineer
Khordha (R&B) Circle, Khordha
OIPR-34127/11/0008/2223

## OFFICE OF THE ANGUL MUNICIPALITY, ANGUL
### e-Procurement Notice

No. C-330
Tender Ref. No.: EO/RFP/AGLM-01/2022-23
email ID: angulmunicipality@gmail.com
No. 2344 | Date: 19.05.2022

1. Number of Works : 01 (One) Number of Project (Supply, installation, execution, operation and maintenance support for command control system of different component/programming like smart waste management system city GIS mapping system and CCTV integration for Angul and Talcher Municipality).
2. Period of Contract : 36 (Thirty Six) Calendar Months
3. Date & time of availability of bid document in the portal : Dt.23.05.2022 at 10.00 A.M.
4. Last date/time for receipt of bid in the portal : Dt.13.06.2022 upto 5.00 P.M.
5. Date of Opening Bid : Dt.16.06.2022 at 11.00 A.M.
6. Name and address of the Office Inviting Bid : Executive Officer, Angul Municipality, Angul
8. The bidders have to participate in ONLINE bidding only.

Further details can be seen from the e-procurement portal **https:/tendersodisha.gov.in**.

Sd./- G.S. Mallick
Executive Officer, Angul Municipality
OIPR-13085/11/0005/2223

## ODISHA STATE CIVIL SUPPLIES CORPORATION LTD.

(A Government of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR - 751012
CIN : U51211OR1980SGC000894

**Tender No. 7772/P-II/76/2021/PDS Dt. 20.05.2022**

Managing Director, Odisha State Civil Supplies Corporation Ltd, invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of transport contractors for inter-district transportation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | From 22.05.2022 |
| 3. | Last Date / Time for receipt of bids in the portal | Dt.11.06.2022 up to 5.00 PM. |
| 4. | Date/Time of Opening of Technical Bid | Dt.16.06.2022 at 11.30 AM |
| 5. | Name and address of the Officer Inviting Tender | Managing Director, OSCSC Ltd, C/2 Nayapalli, Bhubaneswar. |

Tender Documents & other details can be seen from the e-procurement portal **www.tendersodisha.gov.in, www.oscsc.in & www.foododisha.in. Amendments/ corrigendum/cancellation/retenders** etc. if any shall be published only in above websites.

By Order of Managing Director
Sd/- General Manager (PDS)

## GOVT OF ODISHA
## OFFICE OF THE EXECUTIVE ENGINEER, MINOR IRRIGATION DIVISION, GAJAPATI

AT/PO: PARALAKHEMUNDI, DIST: GAJAPATI.
PHONE NO: 06815-222365, e-mail- eemi_gajapati@yahoo.co.in
**e-Procurement Notice No. 568 Date. 10.05.2022**
**BID IDENTIFICATION NO. MIDGJP-01/2022-23**

No. A-200: The Executive Engineer, Minor Irrigation Division, Paralakhemundi on behalf of Governor of Odisha invites Percentage Rate bid in Single Cover System in ONLINE MODE for the construction of following works as detailed in the Detailed Tender Call Notice (D.T.C.N) from the eligible class of contractors.

1. Name of the work : Improvement to MIPs under Critical Grant.
2. No of works : 13 Nos. (Thirteen)
3. Estimated cost : Varies approximately from Rs. 4.40 Lakhs to Rs. 18.00 Lakhs.
4. Period of completion : 3 to 9 (Three to Nine) Calendar months.
5. Date and time of availability of bid documents in the portal : from 10.00 Hours of 21.05.2022 to 17.00 Hours of 31.05.2022.
6. Last date/ time for receipt of bids in the portal : 17.00 Hours of 31.05.2022.
7. Date of opening of Bid : 11.00 Hours on 01.06.2022.
8. Name and address of the Officer inviting Bid : Executive Engineer, Minor Irrigation Division, Gajapati, At/P.O.- Paralakhemundi, Dist- Gajapati, PIN - 761200.

Further details can be seen from the e-procurement portal **https://tendersodisha.gov.in**.

Sd./- Er. P.K. Rout
Executive Engineer, MI Division, Gajapati, Paralakhemundi
OIPR-32013/11/0001/2223

## ପୌର ପରିଷଦ, କୋରାପୁଟ
## KORAPUT MUNICIPALITY

Phone/Fax No.- (06852)-250629, E-mail: koraputn.hud@nic.in, eo.nac.koraput@gmail.com, Koraput@ulborissa.gov.in
No. 3114/2022 | Date: 19.05.2022

### TENDER CALL NOTICE

No. C-332:- Bid documents consisting of Cost of Tender paper, Security Deposit, the set of terms and conditions of Lease of Chandan Pokhari Park and other necessary document can be seen in Official website i.e. www.koraputmunicipality.in.

| | | |
|---|---|---|
| 1. | Name of Specification | Auction of Lease of Chandan Pokhari Park. |
| 2. | Date & time of selling of tender paper | 20.05.2022 to 26.05.2022 upto 05.00 P.M. |
| 3. | Last date & time for receipt | On or before 27.05.2022 upto 03.30 P.M. |
| 4. | Bids received shall be opened on | 31.05.2022 at 04.30 P.M. |
| 5. | Cost of Tender Documents | Rs.5000/- |
| 6. | Name and address of the Officer inviting | Executive Officer, Koraput Municipality |
| 6. | Further details can be seen from the procurement portal | www.koraputmunicipality.in |

Sd./- Executive Officer, Koraput Municipality
OIPR-13074/11/0014/2223

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK

At/P.O.: Nuabazar, Dist.- Cuttack - 753004, Phone: 0671-2443399, email id: serw_ctc@yahoo.com
NIT No. Tender Online RWC-9/22 | Letter No. 1831 | Date: 17.05.2022

### E-PROCUREMENT NOTICE

No. O-282: The Chief Construction Engineer, R.W. Circle, Cuttack on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the districts of Cuttack and Jagatsinghpur for 13 (Thirteen) numbers of packages with estimated cost totaling to Rs.51.47 Cr. (Approximately) including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement: Dtd.24.05.2022.

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security declaration and (c) Original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with Chief Construction Engineer, R.W. Circle, Cuttack on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.

**Summary for key dates is provided below:**

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender RWC - 9/22 | 24.05.2022 at 11.00 A.M. | 16.06.2022 to 5.00 P.M. | 13.06.2022 upto 5.00 P.M. | 17.06.2022 at 11.00 A.M. | Will be intimate later |

Date of submission of original documents such as Bid Security Declaration, Cost of Bid document and affidavit: Dt.17.06.2022 from 11.30 A.M. to 20.06.2022 upto 05.30 P.M. during office hour.
Further details can be seen from the website **www.pmgsytenders.gov.in**.

OIPR-25097/11/0011/2223 | Sd./- Chief Construction Engineer, Rural Works Circle, Cuttack

See Career Appointment on every Wednesday & Saturday

## ସଂକ୍ଷେପରେ

### ବ୍ୟାସନଗର ପୌରପରିଷଦରେ ଜାଗା ସମ୍ପର୍କରେ କାର୍ଯ୍ୟକ୍ରମ

**ଯାଜପୁର ରୋଡ,୨୦।୫(ଡି.ଏନ୍.ଏ.):** ବ୍ୟାସନଗର ପୌରପରିଷଦ ପକ୍ଷରୁ ବ୍ୟାସ ସରୋବର ନିକଟସ୍ଥ କମ୍ୟୁନିଟି ହଲ ପ୍ରାଙ୍ଗଣରେ ଶୁକ୍ରବାର ଜାଗା ସମ୍ପର୍କରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ଖଣ୍ଡାହତା ହରିଜନସାହି, ଡାହିସାହି, ପହିସାହି, ଜଗନ୍ନାଥ ଆଦିବାସୀ ସାହି, ଟିନା ହାଟିଂ, ଲେପ୍ରୋସି କଲୋନୀ, ଏନ୍‌ସି ହାଇସ୍କୁଲ ସ୍ଲିପର ସାହିର ବସ୍ତିବାସିନ୍ଦାମାନେ ଯୋଗଦେଇଥିଲେ। ବସ୍ତିବାସିନ୍ଦା ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, କାଉନସିଲର ଅଶୋକ କୁମାର ରାଉତ ଓ ରବୀନ୍ଦ୍ର କୁମାର ରାଉତ, ବ୍ୟାସନଗର ବସ୍ତି ଉନ୍ନୟନ କମିଟିର ସଭାପତି ଅଭିମନ୍ୟୁ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ଆଦର୍ଶ ବିଦ୍ୟାଳୟ ସମସ୍ୟା ସମାଧାନ ହେବ

**ଧର୍ମଶାଳା,୨୦।୫(ଡି.ଏନ.ଏ.):** ଦେଉଲିଠାରେ ଥିବା ଧର୍ମଶାଳା ଆଦର୍ଶ ବିଦ୍ୟାଳୟ ବହୁ ସମସ୍ୟାରେ ଗତି କରୁଥିବା ଉପଲବ୍ଧୀ କରି ଅଭିଭାବକ ସଂଘ କର୍ମକର୍ତ୍ତା ଧର୍ମଶାଳା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂଘର ଅନୁରୋଧ କ୍ରମେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଆଦର୍ଶ ବିଦ୍ୟାଳୟର ବହୁବିଧ ସମସ୍ୟା ନିରାକରଣ ପାଇଁ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସଂଘ କର୍ମକର୍ତ୍ତାଙ୍କଠାରୁ ସମସ୍ୟା ସମ୍ପର୍କରେ ଅବଗତ ହେଲାପରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିବାସ ପାଇଁ ପୃଥକ ହଷ୍ଟେଲ ନିର୍ମାଣ ନିମନ୍ତେ ଜମି ଚିହ୍ନଟ ଏବଂ ବିଦ୍ୟାଳୟ ସୌଧର ବୃହତ ମରାମତି ପାଇଁ ଆର୍‌ଆଣ୍ଡବିକୁ ସାକ୍ଷାତ ଆବଶ୍ୟକ ପଦକ୍ଷେପ ନେବାକୁ ସଂଘ କର୍ମକର୍ତ୍ତାଙ୍କ ଉପରେ ନ୍ୟସ୍ତ କରିଛନ୍ତି। ଏତଦ୍‌ବ୍ୟତୀତ ପାନୀୟଜଳ, ପରିମଳ ବ୍ୟବସ୍ଥାର ପୁନରୁଦ୍ଧାର ସହିତ ଆଦର୍ଶ ରୋଷାଇଶାଳା ଓ ଆଦର୍ଶ ଖାଦ୍ୟ ଗ୍ରହଣ କେନ୍ଦ୍ର ନିର୍ମାଣ ପାଇଁ ପ୍ରସ୍ତାବିତ ସ୍ଥାନନିରୂପଣ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଶ୍ରେଣୀ ଗୃହଗୁଡିକୁ ସ୍ମାର୍ଟ ଶ୍ରେଣୀ ଗୃହରେ ପରିଣତ ଲାଗି ଆକଳନ କରିବାକୁ ବ୍ଲକ କନିଷ୍ଠଯନ୍ତ୍ରୀ ରତ୍ନାକର ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟର ପାଚେରି ପାଇଁ ୯୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ବୋଲି ବିଧାୟକ ଅବଗତ କରାଇଛନ୍ତି। ଚଳିତ ଶିକ୍ଷା ବର୍ଷରେ ଦଶମ ଶ୍ରେଣୀର ଅପ ଗ୍ରେଡେସନ୍‌କୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ବିଦ୍ୟାଳୟ ଅଧକ୍ଷ ବିଜୟ କୁମାର ମଲ୍ଲିକ ଓ ଶିକ୍ଷକ ସ୍ମିତିରଞ୍ଜନ ପ୍ରଧାନ, ଧନଞ୍ଜୟ ମିଶ୍ର, ଦେବ ପ୍ରସାଦ ସେନ୍ ଓ ସର୍ବେଶ୍ୱର ବୈଠାରୁଙ୍କୁ ପରାମର୍ଶ ଦେଇଛନ୍ତି। ବିଧାୟକଙ୍କ ପରିଦର୍ଶନ ସମୟରେ ବ୍ଲକ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତିଙ୍କ ସମେତ ଅଭିଭାବକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, କରୁଣାକର ବରାଳ, ସମ୍ପାଦକ ଦିଲୀପ ଜେନା, ଅକ୍ଷୟ ବରାଳ, ବିଜୟ ସାମଲ, ଗିରିଶ ଦ୍ୱିବେଦୀ ଉପସ୍ଥିତ ଥିଲେ।

# 'ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ଲୋକଙ୍କ ସେବା କର'

## ବିରିଡ଼ି ବ୍ଲକର ତୃତୀୟ ସାଧାରଣ ବୈଠକ

**ବିରିଡ଼ି, ୨୦।୫ (ଡି.ଏନ୍.ଏ.)**



ବୈଠକରେ ଯୋଗଦେଇଥିବା ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ବିରିଡ଼ି ବ୍ଲକର ତୃତୀୟ ସାଧାରଣ ବୈଠକ ଶୁକ୍ରବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମମତା ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସଭ୍ୟ ଦୀପ୍ତିମୟୀ ରାୟ, ଆମ୍ବା କମିଟି ଅଧ୍ୟକ୍ଷ ରବି ନାରାୟଣ ଜେନା, ବିଡିଓ ହେମନ୍ତ କୁମାର ମହାନ୍ତି ଓ ଡା. ରାକେଶ କୁମାର ମହାନ୍ତି ଯୋଗଦେଇଥିଲେ। ବୈଠକରେ ବିଡିଓ ମହାନ୍ତି ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷା ପାତ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏଥିରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଅନୁପସ୍ଥିତ ଥିବାରୁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ବିଡିଓଙ୍କୁ ଏମ୍‌ପି ମଲ୍ଲିକ କହିଥିଲେ। ରାଜନୀତିରୁ ଊର୍ଦ୍ଧ୍ୱରେ ଲୋକ ସେବା କରିବାକୁ ଏମ୍‌ପି, ବିଧାୟକ ଓ ଅଧ୍ୟକ୍ଷା କହିଥିଲେ। ବୈଠକରେ ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବିଭାଗ ପକ୍ଷରୁ ବ୍ଲକରେ ସମୁଦାୟ ୩୪ ପ୍ରକଳ୍ପ କାର୍ଯ୍ୟ କରୁଥିଲା ବେଳେ ୭ ପ୍ରକଳ୍ପ ଅଧା ରହିଛି। ଆଉ ୩୨ ପ୍ରକଳ୍ପ ଟେଣ୍ଡରକୁ ଯାଇଛି। ଏଥିସହ ବର୍ତ୍ତମାନ ବ୍ଲକରେ ୧୬ ୧୨ ନଳକୂପ କାର୍ଯ୍ୟ କରୁଛି ବୋଲି ପାନୀୟ ଜଳ ପ୍ରକଳ୍ପର କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ସ୍ୱାଇଁ କହିଥିଲେ। ଯେଉଁମାନେ ପାଇପ୍ ଲାଇନ୍ ଫଟାଇ ବିଲରେ ପାଣି ମଡ଼ାଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଡିଓ ଓ ସରପଞ୍ଚମାନଙ୍କୁ ଏମ୍‌ପି ନିର୍ଦ୍ଦେଶ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏପ୍ରିଲ, ମେ' ଓ ଜୁନ୍ ୩ ମାସ ପାଇଁ ବ୍ଲକରେ ୧ ଲକ୍ଷ ୮୪ ହଜାର ୭୭୧ ଶ୍ରମ ଦିବସ ସୃଷ୍ଟି କରିବାକୁ ନିର୍ଦ୍ଧାରଣ ହୋଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ୪୦ ହଜାର ୬ ଶହ ୩୨ଟି ଶ୍ରମଦିବସ ସୃଷ୍ଟି ହୋଇଛି ବୋଲି ବ୍ଲକର ରଶ୍ମିତା ସାହୁ ପ୍ରକାଶ କରିଥିଲେ । ଓଏଲ୍‌ଏମ୍ ପକ୍ଷରୁ ମଙ୍ଗୁଳି ପଞ୍ଚାୟତରେ ଏମ୍‌ବିକେ ପଦବୀ ପାଇଁ ପରୀକ୍ଷା ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇ ନ ଥିବାରୁ ମଙ୍ଗୁଳି ସରପଞ୍ଚ ନିରଞ୍ଜନ ସେଠୀ ଓ ଏମ୍‌ପି ମଲ୍ଲିକ ବିଭାଗୀୟ ଅଧିକାରୀଙ୍କୁ ଦୋଷାରୋପ କରିବା ସହ ୭ ଦିନ ଭିତରେ ଏନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ୨୨ ମୌଜାରେ ଥିବା ୩୬ ଏଲ୍‌ଆଇ ପଏଣ୍ଟ କାର୍ଯ୍ୟକ୍ଷମ ହୋଇପାରୁନାହିଁ ବୋଲି ବାସନ୍ଦରା ସମିତି ସଭ୍ୟ ସ୍ନେହାଶିଷ ଜେନା ଅଭିଯୋଗ କରିଥିଲେ । ବଡ଼ଖଣ୍ଡେଇତା ସମିତିସଭ୍ୟ ରଞ୍ଜନ ବେହେରା ବ୍ଲକ କାର୍ଯ୍ୟାଳୟରେ ଦୈନିକ ଗସ୍ତ ବିବରଣୀ ବୋର୍ଡ ନ ଥିବାରୁ ଜନପ୍ରତିନିଧିମାନେ ବ୍ଲକ କର୍ମଚାରୀଙ୍କୁ ଖୋଜି ପାଉନାହାନ୍ତି ବୋଲି କହିଥିଲେ। ତୁରନ୍ତ ଏହି ବୋର୍ଡ ଲଗାଇବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଶେଷରେ ଉପାଧ୍ୟକ୍ଷା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।



ରାସ୍ତା ପାର୍ଶ୍ୱରେ ପକାଯାଇଥିବା ମାଟିକୁ ସରପଞ୍ଚ ସାହେଦା ତବସୁମ ନିରୀକ୍ଷଣ କରୁଛନ୍ତି।

# ଗୋଟିଏ ପ୍ରକଳ୍ପ ଟଙ୍କାରେ ଦୁଇଟି କାର୍ଯ୍ୟ

## ଉଦାହରଣ ସୃଷ୍ଟି କଲେ ମହିଳା ସରପଞ୍ଚ

**ରଘୁନାଥପୁର,୨୦।୫(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତକୁ ଗୋଟିଏ ପ୍ରକଳ୍ପ ପାଇଁ ଆସିଥିବା ଅନୁଦାନ ଟଙ୍କାରେ ଦୁଇଟି କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ସରପଞ୍ଚ ସାହେଦା ତବସୁମ। ଗତ ୨୦୨୧ ଆର୍ଥିକ ବର୍ଷରେ ଜିପି ଟ୍ୟାଙ୍କ(ଗ୍ରାମପଞ୍ଚାୟତ ପୋଖରୀ)ଖୋଳାଯିବା ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ସରପଞ୍ଚ ସାହେଦା ତୁରନ୍ତ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ପୋଖରୀ ପାଇଁ ମାଟି ଖୋଳାଯାଇ ପ୍ରଥମେ ବନ୍ଧ ତିଆରି କରାଯାଇଥିଲା। ପରେ ବଳକା ମାଟିକୁ ସେଠାରୁ ସ୍ଥାନାନ୍ତର କରି ବିଭିନ୍ନ ସ୍ଥାନରେ ଥିବା ଖାଲଖମା ଓ କଂକ୍ରିଟ ରାସ୍ତା ପାର୍ଶ୍ୱରେ ପକାଯାଇ ଉଚ୍ଚା କରାଯାଇଥିଲା। ଏ ସମ୍ପର୍କରେ ସାହେଦା କୁହନ୍ତି, ପଞ୍ଚାୟତରେ ଅନେକ ମାଟିକାମ ହେବାକୁ ଥିବାବେଳେ ଖୋଳାଯାଉଥିବା ପୋଖରୀ ମାଟି ଆମ ପାଇଁ ସୁଯୋଗ ଆଣିଥିଲା। ଗୋଟିଏ ଖର୍ଚ୍ଚରେ ଏକାସଙ୍ଗେ ଦୁଇଟି କାର୍ଯ୍ୟ ହୋଇଗଲା ବୋଲି ସେ ପ୍ରକାଶ କରିଛନ୍ତି। ପୋଖରୀ ଖୋଳା ବ୍ୟତୀତ ଅନ୍ୟ କାମ ପାଇଁ କୌଣସି ବିଲ୍ କରାଯିବ ନାହିଁ। ଏହା ଦ୍ୱାରା ଜନସାଧାରଣ ଉପକୃତ ହେବା ସହ ସରକାରୀ ଅର୍ଥ ଅପଚୟ ହେବ ନାହିଁ ବୋଲି ସାହେଦା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଯେକୌଣସି କାର୍ଯ୍ୟ କରାଯିବା ପୂର୍ବରୁ ୱାର୍ଡ ବାସିନ୍ଦାଙ୍କ ପରାମର୍ଶ ନିଆଯିବ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି। ତାଙ୍କର ଏଭଳି କାମକୁ ସାଧାରଣରେ ପ୍ରଶଂସା କରାଯାଉଛି।

# ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

## ବାଲିକୁଦା ନାବାଳିକା ଅପହରଣ, ବଳାତ୍କାର ମାମଲା

**ଜଗତ୍‌ସିଂହପୁର ଅଫିସ,୨୦।୫**

ବାଲିକୁଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୩ରେ ଅପହରଣ ପରେ ବଳାତ୍କାର କରାଯାଇଥିଲା। ଅଭିଯୋଗ ଆଧାରରେ ବାଲିକୁଦା ଥାନାରେ ମାମଲା (ନଂ. ୨୪୪/୧୩) ରୁଜୁ ହୋଇଥିଲା। ଏହାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟଟ୍ରାକ୍ କୋର୍ଟ ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର ମହାନ୍ତି ଉକ୍ତ ମାମଲାର ବିଚାର କରି ଏହି ଥାନା ଅନ୍ତର୍ଗତ ଖାଡ଼ିଆପଦା ଗ୍ରାମର ସନ୍ତୋଷ କୁମାର ଭୋଇଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏଥିସହ ଜିଲା ଆଇନସେବା ପ୍ରାଧିକରଣ ୭ ଲକ୍ଷ ଟଙ୍କାର ସହାୟତା ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ସରକାରୀ ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୦୧୩ ଡିସେମ୍ବରରେ ଏହି ଅଘଟଣ ଘଟିଥିଲା। ବିଳମ୍ବରେ ହେଲେ ବି ରାୟ ପ୍ରକାଶ ପାଇଥିବରୁ ପୀଡ଼ିତାଙ୍କ ପରିବାରକୁ ଆଶ୍ୱସ୍ତି ମିଳିଛି।

# ୭.୫୨ ହେକ୍ଟର ଜମିରୁ ଚିଙ୍ଗୁଡ଼ି ଘେରି ଉଚ୍ଛେଦ




କାଙ୍କଲ ପ୍ରସ୍ତାବିତ ଜଙ୍ଗଲ ଜମିରୁ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଉଛି।

**କୁଜଙ୍ଗ,୨୦।୫ (ଡି.ଏନ୍.ଏ.)**

ଏରସମା ତହସିଲ ଅନ୍ତର୍ଗତ କାଙ୍କଲ ପ୍ରସ୍ତାବିତ ଜଙ୍ଗଲ ଜମିରୁ ବେଆଇନ ଚିଙ୍ଗୁଡି ଘେରି ହଟାଇବା ପାଇଁ କୁଜଙ୍ଗ ବନ ବିଭାଗ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯାଇଛି। କୁଜଙ୍ଗ ରେଞ୍ଜର ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଶୁକ୍ରବାର ୭.୫୨ ହେକ୍ଟର ଜମିରୁ ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଇଛି। ଏହିପ୍ରକ୍ରିୟା ଆଗକୁ ଜାରି ରହିବ ଓ ସମସ୍ତ ଜଙ୍ଗଲ ଜମିକୁ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରାଯାଇ ଲୁଣାଜଙ୍ଗଲ ସୃଷ୍ଟି କରାଯିବ, ଯାହା ଫଳରେ ଜୀବଜନ୍ତୁଙ୍କ ଲାଗି ଏକ ସନ୍ତୁଳିତ ଜୀବମଣ୍ଡଳ ସୃଷ୍ଟି ହେବା ସାଙ୍ଗକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ମିଳିପାରିବ ବୋଲି ମିଶ୍ର କହିଛନ୍ତି। ଏହି ଉଚ୍ଛେଦ ପ୍ରକ୍ରିୟାରେ ରେଞ୍ଜର ମିଶ୍ରଙ୍କ ସମେତ ନୂଆଗାଁ ବନପାଳ ଜ୍ଞାନପ୍ରକାଶ ମହାନ୍ତି, ମହିଳା ବନପାଳ ଚିନ୍ମୟୀ ସାହୁ, ବିନିତା ଜେନା, ବନରକ୍ଷୀ ସୁରେଶ ରାଉତ ଓ ନିରଞ୍ଜନ ମଣ୍ଡଳ ପ୍ରମୁଖ ସାମିଲ ହୋଇଥିଲେ। ପ୍ରକାଶ ଯେ, ଗତ ୧୩ ତାରିଖରେ ଏଠାକାର ୧୩ ହେକ୍ଟର ୫୦ ଡିସିମିଲ ପରିମିତ ଜଙ୍ଗଲ ଜମିରୁ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଥିଲା।

# ବିଡିଓଙ୍କ ନାମରେ ଥାନାରେ ମାମଲା

## ନିର୍ବାଚନ ସମ୍ପର୍କିତ କାଗଜପତ୍ରରେ ଜାଲିଆତି ଅଭିଯୋଗ

**କୁଜଙ୍ଗ, ୨୦।୫ (ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ରକୁ ବେଆଇନ ଭାବେ ବୈଧ କରାଯାଇଥିବା ଅଭିଯୋଗରେ କୁଜଙ୍ଗ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ମକଦ୍ଦମା ହୋଇଥିଲା। ଏନେଇ ଅଦାଲତଙ୍କ ନିର୍ଦ୍ଦେଶ ପରେ କୁଜଙ୍ଗ ବିଡିଓଙ୍କ ବିରୋଧରେ ଶୁକ୍ରବାର ଥାନାରେ ଏକ ମାମଲା (ନଂ.୧୮୩/୨୨) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପାରାଦୀପଗଡ଼ ସରପଞ୍ଚ ଭାବେ ବିଜୟଲାଭ କରିଥିବା ସସ୍ମିତା ବେହେରା ମନୋନୟନ ପତ୍ର ଦାଖଲ ସମୟରେ ସତ୍ୟପାଠ ପ୍ରଦାନ କରିଥିଲେ। ମାତ୍ର ଏଥିରେ ବ୍ୟବହୃତ ଏକ ନନ୍‌ଜୁଡିସିଆଲ ପେପରରେ ସେ ଦସ୍ତଖତ କରି ନ ଥିଲେ। ସୂଚନା ଅଧିକାର ଆଇନ ବଳରେ ଏହା ଜଣାପଡ଼ିବା ପରେ ପୁନର୍ବାର ମାସେ ପରେ ପଞ୍ଚାୟତର ସମସ୍ତ ପ୍ରାର୍ଥୀ ପ୍ରାର୍ଥିନୀଙ୍କ ମନୋନୟନ ପତ୍ରର ଅବିକଳ ନକଲ ମଗାଯାଇଥିଲା। ଦ୍ୱିତୀୟବାର ପ୍ରଦାନ କରାଯାଇଥିବା ତଥ୍ୟରେ ସସ୍ମିତା ଦେଇଥିବା ସତ୍ୟପାଠର ସମସ୍ତ ପୃଷ୍ଠାରେ ଦସ୍ତଖତ ରହିଥିଲା। ଏଭଳି ଦୁଇପ୍ରକାର ତଥ୍ୟ ମିଳିବା ପରେ ପ୍ରତିଦ୍ୱନ୍ଦ୍ୱୀ ଲକ୍ଷ୍ମୀପ୍ରିୟା ବେହେରା ଜାଲିଆତି ହୋଇଥିବା ଅଭିଯୋଗ କରି ବିଡିଓଙ୍କ ବିରୋଧରେ ନିର୍ବାଚନ କମିଶନର, ଜିଲାପାଳ, ଏସ୍‌ପିଙ୍କୁ ଜଣାଇବା ସହ ଏପ୍ରିଲ୍ ୧୯ରେ କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଲକ୍ଷ୍ମୀପ୍ରିୟା ମାମଲା ରୁଜୁ ପାଇଁ ଅଦାଲତର ଆଶ୍ରୟ ନେଇଥିଲେ। ପରେ ଅଦାଲତ ଗତ ଏପ୍ରିଲ ୩୦ରେ ଏଥିପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ଯିଏ ଅଭିଯୋଗ ଆଉ ମକଦ୍ଦମା ରୁଜୁ କରିଛନ୍ତି ସେ କେବଳ ଜାଲିଆତି ସମ୍ପର୍କରେ କହିପାରିବେ। ଏ ବିଷୟରେ ସେ କିଛି ଜାଣିନାହାନ୍ତି ବୋଲି ପ୍ରକାଶ କରିଛନ୍ତି।


**GOVERNMENT OF ODISHA** No.O-268
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
No. 2099 e-mail: serwsbd2003@yahoo.com Date: 18.05.2022

**E-Procurement Notice for PMGSY Work**

1. Name of the work : Construction/Upgradation of Roads under Pradhan Mantri Gram Sadak Yojana and their Maintenance for Five years (01 No.)
2. Class of contractor : B Class & A Class contractor of (Odisha PWD) or relevant class of other licencing authorities.
3. Estimated Cost : **Rs.159.77 Lakhs (Approximately)**
4. Detail projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, R.W. Circle, Sunabeda | CCERWCSBD-Online-09/ 2022-23 | 21.05.2022 at 11.00 A.M. | 31.05.2022 up to 5.30 P.M. | 27.05.2022 Up to 2.00 P.M. | 01.06.2022 at 11.00 A.M. | To be intimated separately |

5. The details of PMGSY works can be seen from the website **https://www.pmgsytenders.gov.in**
6. Any Corrigendum/Addendum will be displayed in the above e-tender websites.

**Sd./- Chief Construction Engineer, Rural Works Circle, Sunabeda**
**OIPR-25182/11/0008/2223**

**e-Procurement Notice for Road Works Identification No.**
**No.O-262:** **01 / SERW/BLS/ 2022-23**

1. Name of the Work : Roads
2. Total No. of Works : 10 Nos.
3. Estimated Cost : Estimated Cost Rs.7.96 Lakh to 39.78 Lakh
4. Class of Contractor : D', 'C' & 'B' Class
5. Time of Completion : 1 Month (One Calendar Month)
6. Other Details

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Balasore | 01/SERW/ BLS/ 2022-23 | 17.05.2022 at 11.00 A.M. | 26.05.2022 upto 5.00 P.M. | 25.05.2022 upto 1.00 P.M. | 27.05.2022 at 11.00 P.M. |

Further details can be seen from the website www.tendersodisha.gov.in.
**Sd./- Superintending Engineer, R.W.Division, Balasore**
**OIPR-25108/11/0001/2223**

**OFFICE OF THE DIRECTOR**
**ACHARYA HARIHAR POST GRADUATE INSTITUTE OF CANCER, CUTTACK**
**TENDER CALL NOTICE**
**No. 1935** **Dated: 18.05.2022**
No. E-87: Sealed tenders are invited from intending highly qualified and experienced Chartered Accountant firms for conducting the audit of the accounts of the Institute for the Financial year 2022-23.
The terms of reference & details can be downloaded from the website of AHPGIC - **www.ahrcc.in**.

| | |
|---|---|
| Last date & time of tender submission (by Speed Post/Regd. Post only) | 09.06.2022 till 5.00 P.M. |
| Bid opening date and time | 10.06.2022 at 12.30 P.M. |
| Date & time of pre-bid meeting | 27.05.2022 at 12.30 P.M. |
| Date of opening of financial bids | Shall be intimated to qualified bidders only. |

**OIPR-10171/11/0003/2223** **Sd./- Director, AHPGIC, Cuttack**

**ପୌର କାର୍ଯ୍ୟାଳୟ, ଜୟପୁର**
**MUNICIPAL OFFICE, JEYPORE**
Main Road, Jeypore, Dist.- Koraput, Odisha, Phone No. 06854-231098
e-mail: ulbjeypore@gmail.com
**Letter No. 2747/JM** **Date: 18 May 2022**
**QUOTATION CALL NOTICE FOR SUPPLY OF NEW PUSH CART**
No. C-322: Sealed quotations are invited from local Fabrication Units/ Manufacturers, who are operating their business in Jeypore, for supply of new push carts to Jeypore Municipality as per the specification detailed below.
**Specification:**
1.470 × .900 × .500 Ht. made out of MS angle 35 × 35 × 6mm base frame, top frame 25 × 25 × 6mm MS angle and covering of 1.6mm CR Sheet, sporting with 18 × 5mm MS flat, MS axle 25mm and Disk, Tyre & Tube Size - 3.50-8 and Painting of one coat primer & one coat enamel paint.
**TERMS AND CONDITIONS:**
1. The intending quotationer should have to file his quotation by purchasing the tender paper from Office of the undersigned on payment of Rs.2,000/- towards paper cost (non-refundable).
2. The successful bidder has to deposit 5% of the total cost as security deposit.
3. The tender paper has to be accompanied with the Registration Certificate of his unit/GST and Income Tax/Sales Tax uptodate clearance certificate.
4. Any correction in the tender paper should be attested by the bidder.
5. Quotations can be filed through Registered Post/Speed Post or in person.
6. The sale of quotation paper shall be commenced from 19.05.2022 to 31.05.2022 (during office hour).
7. The quotationer may submit the quotation from 19.05.2022 to 31.05.2022 (during office hour). The received quotations will be opened on 01.06.2022 at 12.00 Noon in presence of the quotationer or his/her authorised person.
8. The undersigned reserves the right to cancel any or all quotations without assigning any reason thereof.

**Sd./- Executive Officer**
**Jeypore Municipality**
**OIPR-13079/11/0020/2223**

**ZILLA SWASTHYA SAMITI, SUBARNAPUR**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR**
**DISTRICT PROGRAMME MANAGEMENT UNIT, NHM**
E-mail: nhm.subarnapur@gmail.com
**Adv. No. 156/DPMU/NHM/22** **Date: 18.05.2022**
**REQUEST FOR PROPOSAL (RFP) FOR OUTSOURCING OF MANPOWER**
No. E-89: Sealed proposals as per the prescribed RFP document are invited from interested eligible bidders for engagement of Techno Managerial & Other manpower services on daily wage basis in different health institutions of Subarnapur districts. The eligibility criteria, the detail requirement and the formats for submission of proposals are set forth in the following RFP document which can be downloaded from the district website: **www.subarnapur.nic.in**.
RFP - 1 - Outsourcing of Techno Managerial Personnel.
RFP - 2 - Outsourcing of Other Manpower Services.
Interested bidders fulfilling the eligibility criteria may submit their proposal along with all required documents by Speed Post/Registered Post/ Courier only on or before 08.06.2022 till 1 P.M. Bidders have to submit separate proposal for RFP - 1 & RFP - 2. The technical proposal shall be opened on 09.06.2022 at 9 A.M. The undersigned reserves the right to reject any or all the proposals without assigning any reason thereof.
**Sd./- CDM & PHO cum DMD, Subarnapur**
**OIPR-10118/11/0004/2223**

**TRIBAL DEVELOPMENT CO-OPERATIVE CORPORATION OF ODISHA LTD (TDCCOL)** ADISHA
**Tel. 0674-2542475/2542617, Fax-2544828**
**Email:admin@tdccorissa.org., wesite: www.tdccorissa.org**
**No.1191/TDCCOL** **Date:18.05.2022**
**Detail Tender Call Notice for Supply of Ceramic CUPS with Tribal Print**
**No.CAD-569:**Sealed Tender(s) are invited from suppliers/ firms for supply of ceramic cups with tribal print for retailing through TDCCOL outlets across the state. The bidder(s) should quote their basic rate of ceramic coffee mugs, taxes, other charges if any. The last date of submission of tender is on Date- 02.06.2022 till 3:00 PM. The bidder should submit the rate in the prescribed format (Annexure-I) under the firm's letter head. The detail of tender call notice, instruction and terms and conditions of the contract can be downloaded from the website www.tdccorissa.org.
The undersigned reserves the right to accept or reject any or all the tenders without assigning any reason thereof.
**Sd./- Manager (Administration)**
**TDCCOL, Bhubaneswar**
**OIPR-26005/11/0003/2223**

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I,GANJAM,BERHAMPUR**
Phone:0680-2291405,Email:eerw_gm1@yahoo.co.in
**Government of Odisha e-Procurement Notice**
**Bid Identification No.Online Tender//02//SERWDG-I//2022-23**
**Letter No.1306//RWDG-I//BAM//Date:17.05.2022**
**No.O-264:**

| | | | |
|---|---|---|---|
| 1 | Name of the Work | :: | Road Works |
| 2 | Estimated Cost | :: | Rs.55.23 Lakh |
| 3 | Period of Completion | :: | 03 (Three) Calendar Months as shown in Column No.05 of Annexure. |
| 4 | Date & Time of availability of Bid documents in the Portal | :: | From 23.05.2022 at 10.30 A.M. to 06.06.2022 upto 3.00 P.M. |
| 5 | Last Date/Time for receipt of Bids in the Portal | :: | 06.06.2022 upto 3.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.
**Sd./- Superintending Engineer,**
**R.W.Division-I, Ganjam, Berhampur**
**OIPR-25085/11/0003/2223**

**OFFICE OF THE SUPERINTENDING ENGINEER**
**RURAL WORKS DIVISION-II,GANJAM,BERHAMPUR**
Phone:0680-2404096,Email:eerwgmt@yahoo.co.in
**Government of Odisha e-Procurement Notice**
**Bid Identification No.Online Tender//03//SERWDGM-II//2022-23**
**No.O-261:** **No.3446/SERWDGM-II/ Date:12.05.2022**

| | | | |
|---|---|---|---|
| 1 | Name of the Work | :: | Road & Building Works |
| 2 | Estimated Cost | :: | Rs.3.00 to 44.25 Lakh |
| 3 | Period of Completion | :: | 06 (Six) Months as per Annexure. |
| 4 | Date & Time of availability of Bid documents in the Portal | :: | From 23.05.2022 at 10.00 A.M. to 02.06.22 upto 4.00 P.M. |
| 5 | Last Date/Time for receipt of Bids in the Portal | :: | 02.06.2022 upto 4.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-Procurement portal website **https://www.tendersodisha.gov.in./nicgep/app.**
**Sd./- Superintending Engineer,**
**R.W.Division-II, Ganjam, Berhampur**
**OIPR-25073/11/0002/2223**

# ତିନି ପାଦର କବିତା

ନୂଆ ଶୈଳୀର ଗଳ୍ପ

ମହାଶ୍ୱେତା ସାହୁ

ସମୟ: ତୁ' ତ ଏକ କାଳଖଣ୍ଡ! ତୁ' ଏମିତି ସମୟ, ଯାହାକୁ ନିର୍ଣ୍ଣୟ କରିହୁଏ ନାହିଁ।

**ତଥାପି ୫୫୩୨୬ ମିନିଟ୍:** ତୁ' କହିଲୁ ତୋ' ଆଖିକୁ ଜମା ପୋଷ୍ଟ କରିବୁନି ଏଇ ଫେସ୍‌ବୁକ୍‌ରେ। ସେ ଖାଲି ମୋର। ଏକଦମ୍ ମୋର। ତା' ଉପରେ ପୂର୍ଣ୍ଣ ଅଧିକାର ମୋର, ଖାଲି ମୋର ବେ... ଲଭ୍ ୟୁ ବେ...!

**ଏବଂ ୫୫୩୨୫ ମିନିଟ୍:** ସେ ଆକାଶ ଅପହଞ୍ଚ ଥିଲା। ଥିଲା ଶୂନ୍ୟପକ୍ଷର ଆକାଶ। ସେଠି ମୋ' ଆଖିର ଦୃଷ୍ଟି ସଞ୍ଚରି ଯାଉଥିଲା ତୋର ସ୍ତବ୍ଧ ନୀରବତାର ଶବ୍ଦଗୁଡ଼ିକୁ ଛୁଇଁ। ତୁ' ହସିଲୁ ମୋ' ଆଖିରେ କଳା ଦେଖି। ହା...ହା...ହା...ଛି... ଲୋ! କଳା! ଆଇ ହେଟ୍...।

– ଚୁପ୍! ମୋର ପ୍ରିୟ!

– ତ! ମୋତେ ଭଲଲାଗେନି ଜମା କଳା! ଆଚ୍ଛା ଦେଖିବା ଆସିଲୁ! ପାଖକୁ, ଆହୁରି ପାଖକୁ।

ଘଣ୍ଟାରେ ମିନିଟ୍ ଆଉଟିକେ ଜାକି ହୋଇଗଲା ସେଠୁ।

**୫୫୩୨୪ ମିନିଟ୍‌ରେ:** ତୁ' ତୋ' ଦୁଇ ପାପୁଲିରେ, ମୋର ଓଦା ହୋଇ ଆସୁଥିବା ଆଖି ଦୁଇଟାକୁ ଦେଖିବା ପାଇଁ, ତୋ' ଦୁଇ ଆଙ୍ଗୁଠିରେ ଟେକିଧରିଲୁ ମୋ' ମୁହଁକୁ, ମୋ' ଗ୍ରୀବାକୁ ତୋ' ଆଡ଼କୁ ଟାଣିନେବା ପରି। କହିଲୁ– "ଏମିତିରେ ବି ତୋ' ଆଖି ଦୁନିଆର ସବୁଠାରୁ ସୁନ୍ଦର ଆଖି। ଏଇ ଆଖି ବିନା କଳାରେ ଆହୁରି ଲାଗିବ ଐଶ୍ୱର୍ଯ୍ୟପୂର୍ଣ୍ଣ! ବିନା କଳାରେ ଲାଗିବ ଆହୁରି ସୁନ୍ଦର! ବହୁତ ସୁନ୍ଦର! ଲୋ ସୁନ୍ଦରୀ!

ସେଠୁ **୫୫୩୨୩ ମିନିଟ୍:** ଟିକ୍... ଟିକ୍... ଟିକ୍... ଘଣ୍ଟା ଚାଲୁଛି ତା' ନିର୍ଦ୍ଦିଷ୍ଟ ବେଗରେ। ଏ ବେଗ ବି କିଏ ନିର୍ଣ୍ଣୟ କଲା? କାନ୍ଥରେ ଘଣ୍ଟା ଗୋଟେ ନିର୍ଣ୍ଣାୟକ ସ୍ଥିତିରେ...

ଆଖି ମଧ୍ୟ ସଦା ଏକ ନିର୍ଣ୍ଣାୟକ ନିର୍ଭେଜାଲ ସ୍ଥିତି ମନର। ସେଠି ସବୁକିଛି ଦିଶିଯାଏ ଦର୍ପଣରେ ଦିଶିଗଲା ପରି। ତୁ' ଆସିଲେ ଗୋଟେ ଖୁସି ଆସେ। ପବନରେ ମନ୍ଦମନ୍ଦ ବାସ୍ନା ଆସିବା ପରି। ଗୋଟେ ଉଜ୍ଜ୍ୱଳ ଖୁସି ଚିକ୍‌ଚିକ୍ କରେ ତୋ' ଦୃଷ୍ଟିରେ, ଯାହା ଝରିପଡ଼େ ମୋ' ପାପୁଲି ଭିତରେ...

**୫୫୩୨୨ ମିନିଟ୍:** ତୋ' ଆଖିରେ ମୁଁ ମୋ' ନିଜକୁ ଦେଖିପାରେ। ଦେଖିପାରେ ମୁଁ କେମିତି ତୋ' ଭିତରେ ହଜିଯାଏ। ତୋ' ଆଖିରେ ବୁଡ଼ିଯାଏ। କାହିଁକି? ପ୍ରଶ୍ନ କଲୁ ତୁ!

– ଆରେ! ତୋ' ଆଖି ଗୋଟେ ସମୁଦ୍ର! ଜାଣୁ ସମୁଦ୍ରରେ ଯାହା ପଡ଼େ ହଜିଯାଏ। ହଜିଯାଏ ମାନେ ପୂରା ନିଶ୍ଚିହ୍ନ ହିଁ ହୋଇଯାଏ। ଯାହା କେବେ ଯଦି ମିଳେ, ତାହା ଖାଲି ଭଗ୍ନାଂଶ। ମୁଁ ତୋ' ଆଖି ସମୁଦ୍ରରେ ହଜେ। ହଜିଯିବାରେ ସୁଖପାଏ। ନୀଳ ସମୁଦ୍ରରେ ସେ ସ୍ରୋତରେ ସବୁ ବୁଡ଼ାଇ ଦେବ ଦିନେ। ମୋର ସମଗ୍ର ଅସ୍ତିତ୍ୱକୁ, ମୋ' ସମଗ୍ର ଅତୀତକୁ, ମୋ' ସାମଗ୍ରିକ ଆୟୁଷକୁ ମଧ୍ୟ ତୋ' ଆଖି ଭିତରେ!

**୫୫୩୨୧ ମିନିଟ୍:** ତୁ' ସେ ମହାକାଳର ଅଂଶବିଶେଷ! ଯେଉଁଠି କାଳ ମହାକାଳରେ ଲୀନ। ଯାହା ଭିତରେ ସମଗ୍ର ବିଶ୍ୱ ଲୀନ। ସେଠି କୌଣସି ଘଣ୍ଟା, କଣ୍ଟା, ପ୍ରହର କିଛି ନାହିଁ... କିଛି ମଧ୍ୟ ନାହିଁ।




ଏଇ ମହାଅମାବାସ୍ୟାର ରାତି। ମହାଶିବରାତ୍ରି। ସଭିଏଁ ମନ୍ଦିର ବେଢ଼ାରେ ଅପେକ୍ଷାରତ ମହାଦୀପ ପାଇଁ। ରାତିର ଗଭୀରତାକୁ ମାପିବାକୁ ମୋର ସାହସ ଆଜି ନାହିଁ। ରାତିର ଏ ପ୍ରହର ମୁଁ ଏକାକୀ ତୋ' ସହ ସେଇ ରାତ୍ରିର ନିର୍ଜନ ଏକାକୀତ୍ୱରେ; ଯାହାକୁ ପାର୍ କରିବାକୁ ତୁ' ଡରୁ, ଆଉ ମୋ' ବାହୁବନ୍ଧନ ହିଁ ଖୋଜୁ।

ଏ ମୁହୂର୍ତ୍ତ ଫୁଲର ବାସ୍ନା ଚହଟାଇବା ବେଳର। ଏଇ ମୁହୂର୍ତ୍ତ ମହୁଲଫୁଲ ଫୁଟିବାର। ଭାଲୁ ଆସିବାର।

ମୁଁ ମହୁଲଫୁଲ ବଣରେ ଶୋଇଛି ମହୁଲ ଗଛମୂଳେ। ମତୁଆଲା ନିଶାରେ, ତୁ' ନ ଥାଇ ମଧ୍ୟ ଅଛୁ ଏବେ ମୋ' ପାଖରେ।

– ଏଇ ଭାଲୁ ଆସିବ! ଚାଟିଦେବ ତୁମ ସବୁ ମାଉଁସ ତା'ର କଣ୍ଟା ଥିବା ଜିଭରେ। ଆଃ! କି ମଜା ହେବ! ଖିଲିଖିଲି ହସିଲୁ ତୁ' କହୁକହୁ... ଆଉଜି ପଡୁପଡୁ ମୋ' ଛାତି ଉପରେ।

– ଆଉ ତୁ' କାନ୍ଦିବୁ! ସେ ଆଖିର ଲୁହ ଧୋଇଦେବ ମୋର ଏଇ ସମୟକୁ। ସମୟର ସ୍ରୋତକୁ, ମୋ' ଅବୟବକୁ। ମୋର ଏଇ ୫୫୩୨୧ ମୁହୂର୍ତ୍ତକୁ!

**୫୫୩୨୦ ମିନିଟ୍:** ଶୂନ୍ୟର ବି ଗୋଟେ ଅଲଗା ମହତ୍ତ୍ୱ ଅଛି ଗଣିତରେ। ଶୂନ ହିଁ ସବୁଠାରୁ ମୂଲ୍ୟବାନ୍। ସବୁଠାରୁ ଶ୍ରେଷ୍ଠ ପରିଚୟ। ଗୋଟେ ମଧୁର ଗଜଲ ବାଜୁଛି ପଙ୍କଜ ଉଦାସଙ୍କର... ରାତିର ଏ ପ୍ରହର ଆହୁରି ଗାଢ଼ ନିଜର ଲାଗୁଛି, ଯେମିତି ଖୁବ୍ ଅନ୍ତରଙ୍ଗ ମୂଲ୍ୟବାନ୍।

ମୁଁ ତୋ' ଆଖିକୁ ଦେଖୁଥିଲି। ସେ ଗୋଟେ ଇନ୍ଦ୍ରଜାଲ। ଶବ୍ଦର, ରଙ୍ଗର, ମୋହର, ରକ୍ତର, ମାଂସର... ଇହର ଓ ପରର ମଧ୍ୟ। ସବୁଯାକ... ସବୁଯାକ ତ ଗୋଟେ ମୋହ, ଗୋଟେ ଆପେକ୍ଷିକତା।

**୫୫୩୧୯ ମିନିଟ୍:** ତୁ' ଅନ୍ଧାର କହିଲେ ମୁଁ ଆଲୋକ କହେ। ମୁଁ ଆକାଶ କହିଲେ ତୁ' ଭୂଇଁ କହୁ। ମୁଁ ସୁଖ କହିଲେ ତୁ' ଦୁଃଖ କହୁ। ମୁଁ ମାନ କହିଲେ ତୁ' ଅଭିମାନ କହୁ। ମୁଁ ଦିନ କହିଲେ ତୁ' ରାତି ହିଁ କହୁ। ସବୁ ଗୋଟେ ପାରିପାର୍ଶ୍ୱିକ ପାରସ୍ପରିକ ଆପେକ୍ଷିକ ଶବ୍ଦ ଖାଲି। ଠିକ୍ ତୋ' ଆଖି ଭିତରକୁ ଅତି ନୀରବରେ, ଅତି ନିବିଡ଼ତାରେ ଝାସ ଦେବା ମାତ୍ରେ ସବୁତକ ସମାଧି ନିଅନ୍ତି ତୋ' ଶୂନ୍ୟଦୃଷ୍ଟି ଭିତରେ। ତୋର ସେ ଆଖିର ନିରର୍ଥକ ଦୃଷ୍ଟିରେ ମୁଁ ହଜାଇ ଦେବା ପରେ ଆଉ କେଉଁଠି ଖୋଜିପାରେନା। ମୁଁ ନିଜକୁ ନିଜ ଭିତରେ ହଜାଇ ଦେବା ପରେ, ଖୋଜିବା ଗୋଟେ ସତରେ ମିଛ ବାହାନା।

**୫୫୩୧୮ ମିନିଟ୍:** ପ୍ରତିପକ୍ଷର ଏକ ଆକାଶ ଥାଏ। ଆଉ ସେଠି ଉଡ଼ାଣ ଭରିଥିବା ଚିଲର ଆଖି ଓ ପକ୍ଷ ଆକାଶର ବିସ୍ତାର ଖୋଜୁଥାଏ। ସେ ଆଖି ସମ୍ପର୍କରେ ସବୁ ଖବର ମଧ୍ୟ ଥାଏ। କେବେ ସେ ଆଖି କାନ୍ଦେ, କେବେ ହସେ, କେବେ କରୁଣା କରେ, କେବେ ଦୟା, କେବେ ଉଦାସୀ। ପୁଣି କେବେ ବୁଡ଼ାଇ ଦେବାର ପିୟାସୀ ଦୃଷ୍ଟିରେ।

ସେ ଆଖିରେ ସମୁଦ୍ରେ କୋହ, ଯାହାକୁ ଦୂରନ୍ତ ଆକାଶ ପ୍ରତିଛବି ଦେଖି ପାରୁନାହିଁ। ସୀମାହୀନ ଅବ୍ୟବସ୍ଥିତ ବିସ୍ଥାପିତ ସ୍ୱପ୍ନମାନଙ୍କୁ ଆଖିରେ ଖଞ୍ଜିଦେବା ପାଇଁ ତୁ' ନାମହୀନ ହୋଇଯାଇଥିଲୁ।

ମୋ' ପ୍ରତିପକ୍ଷର ଆକାଶରେ ତୁ' ତାରା ପରି, ଜହ୍ନ ପରି, ଭସା ଭସା ମେଘ ପରି, ବଉଦର ଶିଡ଼ି ପରି... ତୁ ଚିରକାଳ ମୋ' ଆଡ଼କୁ ତୋ' ଆଖିରେ ପହଁରି ଆସୁଥିଲୁ। ତୋ' ଆଖିର ସେ ଛଳଛଳ ନିଷ୍କପଟ ଦୃଷ୍ଟିରେ ସଞ୍ଚରି ଯାଉଥିଲୁ ମୋ' ପ୍ରତିଟି ସ୍ନାୟୁମଣ୍ଡଳରେ...।

ମୋ: ୮୩୨୭୭୫୭୬୧୯

## କବିତା

### ୟୁକ୍ରେନ୍‌ର କ୍ରୋଟନ ଗଛ
ସ୍ୱୟମ୍ବରା ପଟ୍ଟନାୟକ

ଏବେ ବି ମନେପଡ଼େ
ଫାଟକ ପାଖରେ ଥିବା
କ୍ରୋଟନ ଗଛଟି କଥା...
ତଳେ ମୁଠାଏ ମନ୍ତ୍ରିତ ମାଟିରେ
ଦୃଢ଼ ଥିଲା ଯାହାର ଦମ୍ଭିଲା ଚେର
ଉପରେ ଆକାଶକୁ ଛୁଇଁବାର
ଅହରହ ପ୍ରଚେଷ୍ଟାରେ
ହାତ ବଢ଼ାଉଥିଲା ଡାଳ।

ନିଜର ସ୍ଥିତିରେ ସେ ଥିଲା ଦୃଢ଼
ରଙ୍ଗିନ ପତ୍ରରେ ତା'ର
ସ୍ୱପ୍ନସବୁ ଚିତ୍ର ଆଙ୍କୁଥିଲେ
ଏକ ସୁନ୍ଦର ଭବିଷ୍ୟତର
ପବନ ବି ତା' ଚାରିପାଖରେ
ନିର୍ବିଘ୍ନରେ ହେଉଥିଲା ଚଳପ୍ରଚଳ
ହଳଦୀ ରଙ୍ଗର ପକ୍ଷୀଟି
ଆପଣା ଖୁସିରେ ଗୀତ ଗାଉଥିଲା
ଡାଳରେ ତା'ର।

ପବନ ହେଉ କି ପକ୍ଷୀ
ପରିବେଶ ହେଉ କି ପରିପାର୍ଶ୍ୱ
ବାୟୁମଣ୍ଡଳ ହେଉ କି ସୌରମଣ୍ଡଳ
କ୍ରୋଟନ ଗଛ କେବେ କାହା ବିରୁଦ୍ଧରେ
ଦ୍ରୋହ କରି ନ ଥିଲା
ଅଭିମାନ ହେଉ କି ଅହଂକାର
ସେ କେବେ କାହାକୁ
ଯୁଦ୍ଧ ମାଗୁ ନ ଥିଲା।

ସେ ଦ୍ରୋହୀ ନ ଥିଲା, କିନ୍ତୁ ଦ୍ରୋହକୁ
ଅତିକ୍ରମ କରିବା ଶିଖିଥିଲା
ସେ କେବେ ଯୁଦ୍ଧ ମାଗୁ ନ ଥିଲା
ଯୁଦ୍ଧ ଜିଣିବା ଶିଖିଥିଲା।
ମୃତ୍ୟୁର ମହାମଞ୍ଚ ଉପରେ ଛିଡ଼ାହୋଇ
ପୋଡ଼ା ଭୂଇଁରେ ସେ
ଜୀବନର ସଞ୍ଚାର ଜାଣିଥିଲା।

ସେଇଥିପାଇଁ ତ, ଯେତେବେଳେ
ରଙ୍ଗିନ ପତ୍ରରେ ତା'ର
ରକ୍ତର ଛିଟା ପଡ଼ି
ବିବର୍ଣ୍ଣ ହୋଇଯାଇଥିଲା
ତା' ଚାରିପାଖର ପବନ
ବାରୁଦର ଗନ୍ଧରେ
ବିଷାକ୍ତ ହୋଇଯାଇଥିଲା
ଆତ୍ମରକ୍ଷାର ନୂତନ କୌଶଳ ଖଞ୍ଜି
କ୍ରୋଟନ ଗଛ
ହଳଦୀ ରଙ୍ଗର ପକ୍ଷୀଟିକୁ
ବିଷାକ୍ତ ଧୂଆଁର କୁଣ୍ଡଳୀ କାଟି
ଉପରକୁ ଉଡ଼ିଯିବା ପାଇଁ ପଠାଇ ଦେଇ
ନିଜେ ଆଉ ଏକ ପତ୍ର କଅଁଳିବା
ଋତୁର ଅପେକ୍ଷାରେ
ଗୋଡ଼ ପୋତି ଫାଟକ ପାଖରେ
ଛିଡ଼ା ହୋଇ ରହିଥିଲା।

ମୋ: ୯୯୩୭୫୭୧୫୯୨

### ପିମ୍ପୁଡ଼ିଙ୍କ ଧାଡ଼ି
ଶୈବାଳିନୀ ସାହୁ

ଲାଗିଛି ବିନ୍ଦୁମାନଙ୍କର ଲମ୍ବା ଧାଡ଼ି
ଚାଲିଛି ମାଟି ଉପରେ
କଳା, ଧଳା, ଲାଲ ଓ ଧୂସର ତାରାଙ୍କ
ଠାଏଠାଏ ଶୋଭାଯାତ୍ରା
ସୈନିକ ଗୋଷ୍ଠୀର
ନିଃଶବ୍ଦ ସତର୍କ ଗତି ପରି
ଲମ୍ବିଛି ସେମାନଙ୍କ ଧାଡ଼ି
ପାତାଳରୁ ଆକାଶଯାଏ
ସେମାନେ ପିରାମିଡ୍ ଗଢ଼ିଛନ୍ତି
ସେମାନେ ଗଢ଼ିଛନ୍ତି
ମଠ, ମନ୍ଦିର, ଗିର୍ଜା ଓ ପାଗୋଡ଼ା
ଖୁଦ କଣିକାର ପ୍ରତିଦାନରେ
ପାହାଡ଼ରୁ ଖସେଇ ଆଣିଛନ୍ତି ପଥର
ମଣିମାଙ୍କ ଆଦେଶରେ ସେମାନେ
ଆକାଶରୁ ତୋଳି ଆଣିଛନ୍ତି ନକ୍ଷତ୍ର
ସିନ୍ଧୁଗର୍ଭର ସୁନା କଣିକା ସ୍ୱପ୍ନ ଦେଖୁ ଦେଖୁ
ପାଳଟିଛନ୍ତି ଦେଢ଼ଶ ବର୍ଷ ଆୟୁଷର କୂର୍ମ।

ଦନ୍ତାହାତୀର ପଟୁଆର ଦେଖି
ଶଙ୍କି ଯାଇନି ପିମ୍ପୁଡ଼ିଙ୍କ ଧାଡ଼ି
ହାତୀ ପାଦତଳେ ପିମ୍ପୁଡ଼ି
ତଥାପି ହାରିନାହିଁ
ତା'ର ହିମ୍ମତ ଓ ନିଃଶ୍ୱାସ
ଗୁଳି ଓ ବାରୁଦ ଗନ୍ଧରେ
ଭରିଗଲେ ବି ଆକାଶ
ବନ୍ୟାରେ ଭାସିଗଲେ ବି
ପଲିଥିନର ଛାତ
ବିଶ୍ୱାସ ଅଛି
ପିମ୍ପୁଡ଼ିଙ୍କ ଶୋଭାଯାତ୍ରା
ଏମିତି ଜାରି ରହିଥିବ
ଖୁଦ କଣିକା ସନ୍ଧାନ କରୁ
ସଞ୍ଜ ନଇଁ ଆସିବା ପୂର୍ବରୁ
ସେମାନେ ମାଟିରେ ଗଢ଼ି ସାରିଥିବେ
ଆଉ ଗୋଟେ ସ୍ଥାପତ୍ୟ।

ମୋ: ୮୫୮୨୮୭୯୦୦୬

### ପ୍ରୀତି
ନରେଶ୍ ମଣ୍ଡଳ

ଚେନାଏ ହସରେ
ବଦଳିଯାଏ ହତାଶାର କୋହ

ଟୋପାଏ ଲୁହରେ
ତୁଟିଯାଏ ବଞ୍ଚିବାର ମୋହ

କ୍ଷଣିକ ପ୍ରତୀକ୍ଷାରେ
ବସାବାନ୍ଧେ ହୃଦୟରେ
ପ୍ରେମର ସଙ୍ଗୀତ

ଚେନାଏ ସ୍ପର୍ଶରେ
ଫେରିଆସେ
ହଜିଥିବା ବିବର୍ଣ୍ଣ ବସନ୍ତ ॥

ମୋ: ୯୪୩୮୩୨୧୪୫୪

## ପୁସ୍ତକ ପରିଚୟ

ରକ୍ତରଂଜିତ ନାୟକ

### ଭଗତ୍ ସିଂହ




**ଲେଖିକା:** ଡ. ବିଧୁପ୍ରଭା ରଥ
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର-୨
**ଦ୍ୱିତୀୟ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୩୦୦/-

ଆଲୋଚ୍ୟ ବହିଟି ଏକ ଆତ୍ମଜୀବନୀମୂଳକ ଉପନ୍ୟାସ। ସର୍ଦ୍ଦାର ଭଗତ୍ ସିଂହଙ୍କ ଜୀବନକୁ ଆଧାର କରି ଲେଖିକା ଏହି ଉପନ୍ୟାସଟି ଲେଖିଛନ୍ତି। ବହିଟି ଲେଖିବା ପାଇଁ ଲେଖିକା ଯେଉଁସବୁ ତଥ୍ୟବେତ୍ତାଙ୍କଠାରୁ ପରାମର୍ଶ ଗ୍ରହଣ କରିଛନ୍ତି, ଯେଉଁ ଯେଉଁ ବହି ପଢ଼ିଛନ୍ତି, ତା'ର ସୂଚନା ଗ୍ରନ୍ଥାରମ୍ଭରେ ଦେଇଛନ୍ତି। ଲାହୋରର ସେଣ୍ଟ୍ରାଲ୍ ଜେଲରେ ଥିବାବେଳେ ସାଥୀ ସୁଖଦେବ ରାଜଗୁରୁଙ୍କୁ କହୁଛି ଭଗତ୍ ସିଂହ: "ସେମାନେ ହୁଏତ ମୋତେ ମାରିଦେଇ ପାରନ୍ତି, ହେଲେ ମୋର ବିଚାରକୁ, ଚେତନାକୁ ମାରିପାରିବେ ନାହିଁ। x x ବ୍ରିଟିଶ୍ ସାମ୍ରାଜ୍ୟବାଦର ସିଂହାସନର ମୁଣ୍ଡ ଉପରେ ମୋର ସିଦ୍ଧାନ୍ତ, ମୋର ସଂକଳ୍ପର ଶାଣିତ ଖଡ୍‌ଗ ସେ ପର୍ଯ୍ୟନ୍ତ ଅଭିଶାପ ଭଳି ଆତଙ୍କିତ କରି ରଖିବ, ଯେ ପର୍ଯ୍ୟନ୍ତ ସେମାନେ ମୋର ପ୍ରିୟ ଜନ୍ମଭୂମିରୁ ସମୂହଭାବେ ବିତାଡ଼ିତ ନ ହୋଇଛନ୍ତି।" ଉପନ୍ୟାସଟି ପଢ଼ିଲେ ଭାରତର ସ୍ୱାଧୀନତା ପାଇଁ ଜୀବନକୁ ବଳିବେଦିରେ ଟେକି ଦେଇଥିବା ବୀରପୁରୁଷମାନଙ୍କର ଲୁହଲହୁର କାହାଣୀ ଆଖିରେ ଅଶ୍ରୁ ଆଣେ। ସେଣ୍ଟ୍ରାଲ୍ ଜେଲରୁ ଭଗତ୍ ସିଂହ କୁଲବୀର ସିଂହଙ୍କୁ ଲେଖିଥିବା ଚିଠିରେ ଅନ୍ତରର ଯେଉଁ କୋହ ଓ ସଂକଳ୍ପ ସାକାର ହୋଇଛି, ତାହାର ବେଦନା ଅନେକ ଦିନଯାଏଁ ପାଠକର ହୃଦୟରୁ ଲିଭିବ ନାହିଁ। ୨୨୨ ପୃଷ୍ଠାର ଏହି ଉପନ୍ୟାସଟିକୁ ବିଧୁପ୍ରଭା ତାଙ୍କର ସବୁତକ ଅନୁରାଗ ଦେଇ ଲେଖିଛନ୍ତି ଓ ଉପନ୍ୟାସଟିକୁ ପାଠକେ ପଢ଼ିବା ଉଚିତ। ବହିଟିର ଦ୍ୱିତୀୟ ସଂସ୍କରଣ କଥା ଉଲ୍ଲେଖ ଥିଲେ ବି ପ୍ରଥମ ସଂସ୍କରଣ କେବେ ଓ କିଏ ପ୍ରକାଶ କରିଥିଲେ, ତାହା ଉଲ୍ଲେଖ ନ ରହିବା ଏକ ପ୍ରକାଶକୀୟ ଅସାଧୁତା।

### ଗୋପୀକନ୍ଧ
**ମାୟାଲୋକ ଓ କାୟା ପ୍ରବେଶ**




**ଲେଖିକା:** ସୁନୀତା ଶତପଥୀ
**ପ୍ରକାଶକ:** ଓଡ଼ିଶା ମଲ୍ଟିମିଡିଆ, ସିଡିଏ, କଟକ-୧୪
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୫୦/-

ଗୋପୀନାଥ ମହାନ୍ତିଙ୍କ ରଚନାକୁ ନେଇ ଏ ବହିଟି ପରିକଳ୍ପିତ। ଏଥିରେ ତିନୋଟି ସ୍ତବକ ଅଛି- ୧. ଗୋପୀନାଥଙ୍କ କନ୍ଧ-ପରଜା ସ୍ତୋତ୍ର ସଙ୍ଗୀତ, ୨. ଗୋପୀନାଥଙ୍କ କନ୍ଧଗୀତ ଓ ୩. ପରିଶିଷ୍ଟ, ଯହିଁରେ ସ୍ଥାନିତ ଗୋପୀନାଥଙ୍କ ରଚିତ ଇଂଲିଶ୍ ପ୍ରବନ୍ଧ: "Fading Outlines of Tribal Culture"ର ଓଡ଼ିଆ ଅନୁବାଦ। ଆଲୋଚିକା ଶତପଥୀ କନ୍ଧମାନଙ୍କର 'ନରବଳି ମନ୍ତ୍ର', 'ରଣ ସଙ୍ଗୀତ' ଓ 'ମେରିଆ ସ୍ତୋତ୍ର' ଆଦିର ଯେପରି ବିଶ୍ଳେଷଣ ଗୋପୀବାବୁ କରିଛନ୍ତି, ତା'ର ବ୍ୟାଖ୍ୟା କରିଛନ୍ତି। ଗୋପୀନାଥଙ୍କ କହିବା ମୁତାବକ ମେରିଆର ଉଦ୍ଦେଶ୍ୟ ହେଉଛି- "ରାଜି ଉଜୋ ଆତାଇ, ଦେଶ ଉଜୋ ଆତାଇ ତିଞ୍ଜିମ୍ ଜାନେ" ଅର୍ଥାତ୍ ବଳି ଦେଲେ ରାଜ୍ୟ ଉଜ୍ଜ୍ୱଳ ହେବ, ଦେଶ ଉଜ୍ଜ୍ୱଳ ହେବ। ବଳି ପ୍ରଥାକୁ ଗୋପୀନାଥ କନ୍ଧମାନଙ୍କର ଭ୍ରାନ୍ତି ବୋଲି କହି ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ଦର୍ଶାଇଛନ୍ତି। ଲେଖିକା ପୁଣି କହିଛନ୍ତି ଯେ, ଗୋପୀନାଥ ନିଜକୁ ସବୁବେଳେ 'ଗୋପୀକନ୍ଧ' ଭାବେ ଅଭିହିତ କରୁଥିଲେ, ଯାହା ଥିଲା କନ୍ଧମାନଙ୍କୁ ହୃଦୟ ଦେଇ ଭଲପାଇବାର ପ୍ରମାଣ। କନ୍ଧ, ସଉରା ଓ ଗଦବା ଭାଷାରେ ଗୋପୀନାଥ ବ୍ୟୁତ୍ପତ୍ତି ଲାଭ କରିଥିବାର ପ୍ରମାଣ ସେସବୁ ଭାଷାରେ ସେ ଲେଖିଥିବା ସରଳ ଗୀତ। ଏ ସବୁ ଗୀତର ତର୍ଜମା ବହିଟିରେ ଅତି ଅର୍ଥପୂର୍ଣ୍ଣ ଭାବେ କରାଯାଇଛି। 'ଅପସୃୟମାଣ ଆଦିବାସୀ ସଂସ୍କୃତି' ନିବନ୍ଧରେ ଗୋପୀନାଥ କହିଛନ୍ତି ଯେ, ସମୟର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଆଦିବାସୀମାନଙ୍କର ମୌଳିକ ଗୁଣବତ୍ତା ମଧ୍ୟ ବଦଳିଯାଉଛି। ଏ କ୍ଷେତ୍ରରେ ଆଦିବାସୀ ସଂସ୍କୃତିର ସୁରକ୍ଷା ପାଇଁ ଅନେକ କିଛି କରିବାକୁ ହେବ। ବହିଟି ପ୍ରେରଣାସମ୍ଭୂତ ହୋଇଥିବାରୁ ପାଠକମାନେ ଏଥିରୁ ଗୋପୀବାବୁଙ୍କ ସମ୍ପର୍କରେ ଅନେକ କଥା ଜାଣିବାର ସୁଯୋଗ ପାଇବେ।

## କାଳକାଳକୁ

"ପାହାଡ଼ ଉପରକୁ ଚଢ଼ିବା ଅପେକ୍ଷା ଓହ୍ଲାଇବା ସହଜ, କିନ୍ତୁ ଉପରୁ ହିଁ କେବଳ ଦେଖିହୁଏ ଦୃଶ୍ୟ..."
– ଆର୍ନୋଲ୍ଡ ବେନେଟ୍



**ଆର୍ନୋଲ୍ଡ ବେନେଟ୍‌ଙ୍କ** ଜନ୍ମ ୨୭ ମେ ୧୮୬୭ରେ, ଇଂଲଣ୍ଡର ହାନ୍‌ଲୀରେ ଓ ପରଲୋକ ଲଣ୍ଡନରେ ୨୭ ମାର୍ଚ୍ଚ ୧୯୩୧ରେ। ବେନେଟ୍ ଜଣେ ଚର୍ଚ୍ଚିତ ଅଭିନେତା ଓ ଇଂଲିଶ୍ ଭାଷାର ପ୍ରଖ୍ୟାତ ଔପନ୍ୟାସିକ। ୧୮୯୦ରୁ ୧୯୩୦ ମଧ୍ୟରେ ସେ ଲେଖାଲେଖିରେ ସବୁଠୁଁ ଅଧିକ ଚଳଚଞ୍ଚଳ ଥିଲେ। ୩୪ଟି ଉପନ୍ୟାସ, ୭ଟି କ୍ଷୁଦ୍ରଗଳ୍ପ ପୁସ୍ତକ ଓ ୧୩ଟି ନାଟକର ସେ ସ୍ରଷ୍ଟା। ତାଙ୍କର ଦୁଇଟି ପ୍ରସିଦ୍ଧ ପୁସ୍ତକ ହେଉଛି- "Mile Stones"(୧୯୧୨) ଓ "The Great Adventure"(୧୯୧୩)। ବେନେଟ୍ କହନ୍ତି: "ଯାହା ଘଟିଛି ଘଟୁ ପଛକେ, ସବୁବେଳେ ଏମିତି ବ୍ୟବହାର କର, ଯେମିତି କିଛି ଘଟିନାହିଁ।"

## ବାପାଙ୍କ ଝୁଲାମୁଣି
ସୁନିତା ପ୍ରଧାନ

ଗଳ୍ପ

ବୋଉ ଗଲା ପରେ ଏବେ ବାପାଙ୍କୁ ନେଇ ଚିନ୍ତାରେ ଥିଲେ ଦୁଇପୁଅ ଓ ଦୁଇଝିଅ। ବାପାଙ୍କୁ ଏମିତି ଏକୁଟିଆ ଛାଡ଼ିଯିବାକୁ ସେମାନଙ୍କ ବିବେକ ବାଧା ଦେଉଥିଲା ଏବଂ ବାପା ନିଜ ଭିଟାମାଟି ଛାଡ଼ି କାହା ପାଖରେ ରହିବାକୁ ଇଚ୍ଛୁକ ନ ଥିଲେ। ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନବାଚୀ, ବାପାଙ୍କ ପାଖରେ ରହିବ କିଏ?

ଦୁଇପୁଅ ଦୂର ସହରରେ ଚାକିରି କରନ୍ତି। ଚାକିରି ଛାଡ଼ି ବାପାଙ୍କ ପାଖେ ଗାଁରେ ରହିବା ସମ୍ଭବ ନୁହେଁ। ଝିଅମାନେ ମଧ୍ୟ କେତେଦିନ ଶାଶୁଘର ଛାଡ଼ି ଆସି ରହିପାରିବେ ବାପାଙ୍କ ପାଖେ!

ସବୁ ଦିଗରୁ ବିଚାରବିମର୍ଶ କରିବା ପରେ, ବାପାଙ୍କୁ ବହୁତ ବୁଝାଶୁଝା କରିବା ପରେ ଶେଷରେ ବାପା ରାଜି ହେଲେ ପୁଅମାନଙ୍କ ପାଖରେ ରହିବା ପାଇଁ। କିନ୍ତୁ ବାପାଙ୍କର କିଛି ସର୍ତ୍ତ ଥିଲା! ଯେମିତିକି, "ସେ ପିଲାମାନଙ୍କ ପାଖରେ କେବେ ପାଳି କରି ରହିବେନି। ତାଙ୍କୁ ଯୋଉଠି ଭଲଲାଗିବ ଯେତେଦିନ ଇଚ୍ଛା ହେବ, ସେ ସେଇଠି ରହିବେ। କେହି ତାଙ୍କୁ ବାଧ୍ୟ କରି ଅଟକାଇବେନି। ସେ ଯେବେ ଯୁଆଡ଼େ ଚାହିଁବେ ନିଜ ଇଚ୍ଛାରେ ଯିବେ ଓ ଆସିବେ।" ପୁଅମାନେ ବାପାଙ୍କ ସବୁ ସର୍ତ୍ତ ମାନିନେଲେ।

ଯଦିଓ ନିଜ ଗାଁ, ସାଇଭାଇ, ଆତ୍ମୀୟମାନଙ୍କୁ ଛାଡ଼ିଯିବାକୁ ସେ ଆଦୌ ଚାହୁଁ ନ ଥିଲେ, ବାଧ୍ୟ ହୋଇ ବିଷଣ୍ଣ ବଦନରେ ବାପା ବାହାରିଥିଲେ ପୁଅମାନଙ୍କ ସହ। ବାପା ଗଲାବେଳେ ମୁଣ୍ଡିଆଟେ ମାରିଥିଲେ ତାଙ୍କ ଗାଁ ମାଟି ଓ ଗ୍ରାମଦେବତୀଙ୍କ ଉଦ୍ଦେଶ୍ୟରେ।

ବାପାଙ୍କ ସମ୍ପତ୍ତି କହିଲେ ଅଳ୍ପ କିଛି ଜିନିଷ। ଗୋଟିଏ ଝୁଲାମୁଣିରେ ଏକ ଶ୍ରୀମଦ୍‌ଭଗବଦ୍‌ଗୀତା, ବୋଉର ଫଟୋଟିଏ, ବ୍ୟାଙ୍କ ପାସ୍‌ବୁକ୍, ଏଟିଏମ୍ କାର୍ଡଟେ, ତାଙ୍କର କିଛି ମେଡିକାଲ କାଗଜପତ୍ର, ଭୋଟର ଆଇଡେଣ୍ଟି କାର୍ଡ, ଆଧାର କାର୍ଡ ଓ ସବୁଦିନିଆ ପୋଷାକପତ୍ର କିଛି। ବାପା ଯେବେ ବି ଯୁଆଡ଼େ ଯାଆନ୍ତି, ଏତକ ଜିନିଷ ସେ ସବୁବେଳେ ସାଙ୍ଗରେ ନେଇକି ଯାଆନ୍ତି।

ବାପା ପୁଅମାନଙ୍କ ଘରକୁ ଆସିବା ପରଠାରୁ ସବୁଦିନ ଏକାପ୍ରକାର ଦିନଚର୍ଯ୍ୟା ଲକ୍ଷ୍ୟ କରୁଥିଲେ ପୁଅ ବୋହୂମାନେ। ବାପା ସବୁଦିନ ସକାଳୁ ସ୍ନାନ ଆଦି କର୍ମ ସାରିବା ପରେ ଝୁଲାମୁଣି ଭିତରୁ କିଛି ଗୋଟାଏ ବାହାର କରନ୍ତି, ତାକୁ ଭଲଭାବରେ ଦେଖନ୍ତି... ମୁଣ୍ଡରେ ଅଳ୍ପ ଛୁଆଁଇ ଦେଇ ପୁଣି ରଖିଦିଅନ୍ତି ସେ ମୁଣି ଭିତରେ। କେତେବେଳେ ବି ମୁଣିଟିକୁ ନିଜ ପାଖରୁ ଅନ୍ତର ହେବାକୁ ଦିଅନ୍ତି ନାହିଁ କି କାହାକୁ ସେ ମୁଣି ଛୁଆଁଇ ଦିଅନ୍ତି ନାହିଁ।

ପୁଅ ବୋହୂଙ୍କ ମନରେ ଏ ଝୁଲାମୁଣିକୁ ନେଇ ଅନେକ ଉତ୍ସୁକତା। କ'ଣ ଥାଇପାରେ ତା' ଭିତରେ! ସେମାନଙ୍କ ମନ ଭିତରେ ଗୋଟିଏ ଧାରଣା ବଦ୍ଧମୂଳ ହୋଇ ସାରିଥିଲା ଯେ, ସେ ମୁଣି ଭିତରେ ବାପା ନିଶ୍ଚିତ କିଛି ଅମୂଲ୍ୟ ଚିଜ ରଖିଛନ୍ତି, ଯୋଉଥିପାଇଁ ବାପା ଗୋଟିଏ ମୁହୂର୍ତ୍ତ ବି ନିଜଠାରୁ ଅଲଗା କରିବାକୁ ଚାହାନ୍ତି ନାହିଁ ସେ ମୁଣିଟିକୁ।

ବାପା ବଞ୍ଚିଥିଲାଯାଏ ଏହି ଗୋଟିଏ କଥାର କେବେ ବ୍ୟତିକ୍ରମ ଘଟୁ ନ ଥିଲା।

ବାପା ଯୋଉଦିନ ଚାଲିଗଲେ ପୁଅମାନେ ବାପାଙ୍କ କୋକେଇ ସହ ତାଙ୍କର ଅତି ପ୍ରିୟ ଜିନିଷ ମଧ୍ୟରେ ଝୁଲାମୁଣିଟିକୁ ବି ଶ୍ମଶାନକୁ ନେବା ପାଇଁ ବାହାର କଲେ। ଉତ୍ସୁକତାବଶତଃ ସାନବୋହୂ ଝୁଲାମୁଣିଟିରେ କ'ଣ ଅଛି ଦେଖିବା ପାଇଁ ସେଥିରେ ଥିବା ଗୋଟେ ଗୋଟେ ଜିନିଷ ବାହାର କରିବାବେଳେ ଏକ ପଲିଥିନ୍‌ରେ ବନ୍ଧା ହୋଇଥିବା କିଛି ମାଟି ଓ ଗୋଟେ ଚିଠି ଖସିପଡ଼ିଲା। ଚିଠି ସହ ମାଟି ଦେଖି ସମସ୍ତଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ବଡ଼ପୁଅ ତରତର ହୋଇ ଚିଠିଟି ପଢ଼ିବାକୁ ଲାଗିଲା।

ପୁଅମାନେ ଜାଣିବ, ମୁଁ ମୋ' ଜନ୍ମମାଟି ଛାଡ଼ି କେବେ ବି କୁଆଡ଼େ ଯିବାକୁ ଇଚ୍ଛାପ୍ରକାଶ କରୁ ନ ଥିଲି। କାରଣ ଯେବେ ମୁଁ ପ୍ରଥମ କରି ଦୁନିଆ ଦେଖିଥିଲି ପ୍ରଥମେ ମୋ' ମାଟିକୁ ସ୍ପର୍ଶ କରିଥିଲି ଏବଂ ମୋର ଶେଷଇଚ୍ଛା ବି ଏଇୟା ଥିଲା ଯେ, ମୋ' ମାଟିମା' କୋଳରେ ମୋ' ଶେଷନିଃଶ୍ୱାସ ତ୍ୟାଗ କରିବି। ମୋ' ଜନ୍ମମାଟିର ଏକ ଅଲଗା ବାସ୍ନା ଓ ଆକର୍ଷଣ ଅଛି। ତା' ସହ ମୋ' ଆତ୍ମୀୟତା ଖୁବ୍ ନିବିଡ଼, ଯୋଉଟା କି ତୁମେମାନେ କେବେ ବି ବୁଝିପାରିବ ନାହିଁ। କିନ୍ତୁ ତୁମମାନଙ୍କ ଜିଦି ଯୋଗୁଁ ବାଧ୍ୟ ହୋଇ ସହରକୁ ଆସିବାବେଳେ ମୁଁ ମୋ' ଗାଁ ମାଟିରୁ ମୁଠାଏ ନେଇ ଆସିଥିଲି। ସବୁଦିନ ସକାଳୁ ସକାଳୁ ସେଇଥିରୁ ଟିକିଏ ନେଇ ମୁଣ୍ଡରେ ମାରିଲେ ମୋତେ ଲାଗୁଥିଲା ମୁଁ ମୋ' ମାଆ କୋଳରେ ଅଛି।

ଗୋଟିଏ କଥା ସବୁବେଳେ ମନେରଖିବ, ଜୀବନରେ ନିଜ ଜନ୍ମଭୂମିରେ ଯେଉଁ ଶାନ୍ତି ମିଳେ ତାହା ଆଉ କୌଣସି ସ୍ଥାନରେ ମିଳିପାରେନା। ଶାସ୍ତ୍ରରେ ପରା ଲେଖାଅଛି, "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦ୍‌ଽପି ଗରିୟସୀ।"

ତେଣୁ ତୁମମାନଙ୍କୁ ମୋର ଗୋଟିଏ ଅନୁରୋଧ, ଯୋଉଦିନ ମୁଁ ଶେଷନିଃଶ୍ୱାସ ତ୍ୟାଗ କରିବି, ସେଦିନ ଏଇ ମୁଠାକ ମାଟି ମୋ' ଜୁଇରେ ପକେଇଦେବ। ଯଦି ସେତକ କରିପାରିବ, ତେବେ ମୋ' ଆତ୍ମାକୁ ଶାନ୍ତି ମିଳିବ। ଇତି ତୁମ ବାପା।

ଚିଠିଟି ପଢ଼ିବା ପରେ ଲୁହ ଛଳଛଳ ଆଖିରେ ବାପାଙ୍କ କୋକେଇ ସହ ପୁଅମାନେ ବାନ୍ଧୁଥିଲେ ସେହି ଝୁଲାମୁଣି ସହ ମୁଠାକ ମାଟି।

ମୋ: ୭୭୪୯୮୫୦୫୭୫



## ତିନିଟି ମିନି କଥା
ଶିବ ମିଶ୍ର

**ମହାପୁରୁଷ ॥** ସ୍କୁଲପଢ଼ୁଆ ପୁଅଟି କହିଲା– ବାପା, ଆମ ପ୍ରଧାନ ଗୁରୁଜୀ କହୁଥିଲେ– ଯିଏ ମିଛ କହିବ ନାହିଁ, ଚୋରି କରିବ ନାହିଁ, କି ଡରୁଆ ହେବ ନାହିଁ, ସିଏ ମହାପୁରୁଷ ହେବ। ପୁଅ କଥା ଶୁଣି ବାପା ହସିଲେ। ସେଇ ପାଖରେ ଠିଆ ହୋଇଥିବା ପୁଅର ମାଆ ପଚାରିଲେ– ତମେ ହସୁଛ କାହିଁକି? ସେଦିନର ଖବରକାଗଜଟା ତାଙ୍କ ହାତକୁ ଧରାଇ ଦେଇ ବାପା କହିଲେ– 'ଦେଖ'। ମାଆ ଦେଖିଲେ– ସେଥିରେ ପୁଅ ପଢ଼ୁଥିବା ସ୍କୁଲର ପ୍ରଧାନ ଗୁରୁଜୀଙ୍କ ଫଟୋ ଛପା ହୋଇଥିଲା। ତା' ତଳେ ଲେଖା ହୋଇଥିଲା– ମିଛ କାଗଜପତ୍ର ଜରିଆରେ ପିଲାଙ୍କ ମଧ୍ୟାହ୍ନଭୋଜନ ଚାଉଳ ହଡ଼ପ କରି ଧରାପଡ଼ିବା ଭୟରେ ଲୁଚିଥିବା ପ୍ରଧାନ ଗୁରୁଜୀଙ୍କୁ ପୋଲିସ ସ୍କୁଲ ପାଇଖାନାରୁ ଗିରଫ କଲା।

**ଦେହଟି ଦେଉଳ ସମାନ ॥** ଗୁରୁଦେବଙ୍କଠାରୁ ପ୍ରବଚନ ଶୁଣି ଫେରିବା ବାଟରେ ନୂଆ ଶିଷ୍ୟଟିଏ ଜଣେ ପୁରୁଣା ଶିଷ୍ୟକୁ କହିଲା– ଗୁରୁଦେବ କହିଲେ, "ଆତ୍ମପୁରୁଷ ଭଗବାନ୍, ଦେହଟି ଦେଉଳ ସମାନ।" ତେବେ ଗୁରୁଦେବ କ'ଣ ତାଙ୍କ ଦେହକୁ ଦେଉଳ ପରି ରଖିଛନ୍ତି? ପୁରୁଣା ଶିଷ୍ୟଟି କହିଲା– ଦେଉଳର କାନ୍ଥରେ ଥିବା ମୂର୍ତ୍ତି ପରି ଗୁରୁଦେବଙ୍କ ଦେହ ଚମଡ଼ାକୁ ଲାଗି ଚାରୋଟି ସୁନ୍ଦରୀ ତରୁଣୀ ବସିଥିଲେ ନା ନାହିଁ? ନୂଆ ଶିଷ୍ୟ କହିଲା– ହଁ, ହଁ।

**ଅଜବ ପ୍ରଶ୍ନ ॥** ଶୁଦ୍ଧିକ୍ରିୟା ପରେ ମୃତ ପିତାଙ୍କ ଅସ୍ଥି ନେଇ ଘରୁ ବାହାରୁଥିବା ଲୋକଟିକୁ ତା'ର ଦଶ ବାରବର୍ଷର ପୁଅ ପଚାରିଲା– ଜେଜେଙ୍କର ଅଧାପୋଡ଼ା ହାଡ଼ କ'ଣ କରିବାକୁ ନେଉଛ? ଲୋକଟି କହିଲା– ଏ ଅସ୍ଥି, ଗଙ୍ଗାରେ ପକାଇଲେ ତାଙ୍କ ଆତ୍ମା ସ୍ୱର୍ଗକୁ ଯିବ। ପୁଅ କହିଲା– ତମେ ଯୋଉ ଗଙ୍ଗାରେ ଜେଜେଙ୍କ ହାଡ଼ ପକାଇବ, ସେଇଟା ହିମାଳୟରୁ ବାହାରିଥିବା ଗଙ୍ଗାନଦୀ ନା ସରକାରୀ ଡାକବାକ୍ସ? ଏ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ଲୋକଟି ତାଙ୍କ କୁଳ ପୁରୋହିତଙ୍କ ଆଡ଼କୁ ଚାହିଁଲାବେଳକୁ ପୁରୋହିତ ଆଙ୍ଗୁଠି ପାହାଚ ଓହ୍ଲାଇ ଚାଲି ଯାଉଯାଉ କହିଲେ– ଇଏ ତ ବଡ଼ ଅଜବ ପ୍ରଶ୍ନ!

ମୋ: ୯୮୫୩୦୭୦୦୧୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମେ ୨୧/୨୦୨୨ Bhubaneswar, Saturday, May 21/ 2022

## ସଂକ୍ଷେପରେ

### ବାଲି ବୋଝେଇ ହାଇୱା ଜବତ

ପାଣିକୋଇଲି,୨୦।୫(ଡି.ଏନ.ଏ.): ବ୍ୟାସନଗର ତହସିଲ ପକ୍ଷରୁ ଗୁରୁବାର ରାତିରେ ଚଢ଼ାଉ କରାଯାଇ ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରାଯାଇଛି। ତହସିଲଦାର ଅଶୋକ କୁମାର ମାଝି ସଦଳବଳ ଚଢ଼ାଉ କରି ହାଇୱାଟିକୁ ଜବତ କରିଥିଲେ। ଗାଡ଼ିକୁ ପାଣିକୋଇଲି ପୋଲିସ ଜିମା ଦିଆଯାଇଛି। ଜରିମାନା ଆଦାୟ ପରେ ଗାଡ଼ି ଛଡ଼ାଯିବ ବୋଲି ତହସିଲଦାର ମାଝି ସୂଚନା ଦେଇଛନ୍ତି।

### ମା’ବାସୁଳାଇଙ୍କ ନୂତନ ମନ୍ଦିର ପ୍ରବେଶ

ବରୀ,୨୦।୫(ଡି.ଏନ.ଏ.): ବରୀ ବ୍ଲକ୍ ଗମ୍ଭୁଁ ଗ୍ରାମର ଗ୍ରାମଦେବତୀ ମା’ ବାସୁଳାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ମା’ଙ୍କ ବିଗ୍ରହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ସୂର୍ଯ୍ୟାଗ୍ନି ସ୍ଥାପନ, ଜଳାରୋହଣ, ଦ୍ୱାରପାଳାଦି ପୂଜା, ମହାସ୍ନାନ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ମା’ଙ୍କ ସ୍ନାନ, ନଗର ପରିକ୍ରମା ଏବଂ ତୃତୀୟ ଦିବସରେ ମା’ଙ୍କ ସହସ୍ରାକ୍ଷ ପୂଜା, ଚଣ୍ଡିପାଠ, ଭୈରବ ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ନରୋତ୍ତମ ମହାପାତ୍ର, ଭ୍ରମରବର ତ୍ରିପାଠୀ, ଗୌରୀପ୍ରସାଦ ଶତପଥୀ, ପଣ୍ଡିତ ପ୍ରଭାତ କୁମାର ମିଶ୍ର, ମନ୍ଦିର ପୂଜକ ଲମ୍ବୋଦର ପଣ୍ଡା, ଜଗନ୍ନାଥ ମହାପାତ୍ର ପ୍ରମୁଖ ପୂଜା କାର୍ଯ୍ୟ ସମାପନ କରିଥିଲେ। ଶଙ୍କର୍ଷଣ ନାୟକ ଓ ସୁଜାତା ନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

### ଢଳେଇ ଉପରେ ଢଳେଇକୁ ଗ୍ରାମବାସୀଙ୍କ ବିରୋଧ

ବିଞ୍ଝାରପୁର,୨୦।୫(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅଧୀନ ଘଣ୍ଟିଆଳି ପଞ୍ଚାୟତ ୱାର୍ଡ ନଂ. ୧୩ ରାଉତ ସାହିରେ ହେବାକୁ ଥିବା ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଗ୍ରାମର ଶ୍ରୀକାନ୍ତ ପ୍ରଧାନଙ୍କ ସମେତ ବହୁଲୋକ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାଉତସାହିରେ ଢଳେଇ ରାସ୍ତା ଭଲ ଥିଲାବେଳେ କେତେଜଣ ମୁଷ୍ଟିମେୟ ଲୋକ ସେହି ରାସ୍ତା ଉପରେ ମରାମତି ଓ ପୁନର୍ବାର ଢଳେଇ କରିବାକୁ ସାମଗ୍ରୀ ଜମା କରିବାସହ ଫଳକ ଲଗାଇଛନ୍ତି, ଯାହାର ଅଟକଳ ୨ ଲକ୍ଷ ଟଙ୍କା ବୋଲି ଜଣାଯାଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଇ ୧୧ ନଂ. ୱାର୍ଡର ହରିଜନ ସାହି ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ବିଡିଓଙ୍କୁ ଅନୁରୋଧ କରିଛନ୍ତି।

# ପିଇବା ପାଣି ପାଇଁ କୂଅ ଭରସା

**କାନପୁର ଦଳିତ ସାହିରେ ଉତ୍କଟ ଜଳ ସମସ୍ୟା**

ଧର୍ମଶାଳା,୨୦।୫(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ କାନପୁର ଦଳିତ ସାହିରେ ନିର୍ମିତ ପାଣି ଟାଙ୍କି ନେଇ ସାହିରେ ଦ୍ୱନ୍ଦ୍ୱ ଲାଗି ରହିଛି। ଫଳରେ ପାଣି ଟୋପାଏ ପାଇଁ ଗ୍ରାମବାସୀ ଡହଳବିକଳ ହେଉଛନ୍ତି। ସାହିରେ କୌଣସି ସରକାରୀ କିମ୍ବା ବେସରକାରୀ ନଳକୂପ ନ ଥିବାରୁ ଗ୍ରାମବାସୀ ଅଧ କିଲୋମିଟର ଦୂରରେ ଥିବା ଏକ କୂଅ ଉପରେ ନିର୍ଭର କରୁଛନ୍ତି। ପ୍ରଚଣ୍ଡ ଖରାରେ ମହିଳାମାନେ ଗରାବାଲଟି ଧରି ପାଣି ପାଇଁ କୂଅ ପାଖରେ ଲମ୍ବା ଲାଇନ ଲଗାଉଛନ୍ତି। ଏଠାରେ ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଦୀର୍ଘ ବର୍ଷ ହେଲା ଗ୍ରାମରେ ଥିବା ପାଣି ଟାଙ୍କି ଲୋକଙ୍କ ଭରସା ଥିଲା। ତେବେ ଗ୍ରାମର ଜଣେ ବ୍ୟକ୍ତି ପାଣି ଟାଙ୍କି ବସିଥିବା ସ୍ଥାନଟିକୁ ନିଜର ଦାବି କରି ପାଇପ ଭାଙ୍ଗିବା ସହ ପାଣି ଯୋଗାଣ ବନ୍ଦ କରିଛନ୍ତି। ଏନେଇ ଗ୍ରାମବାସୀ ବ୍ଲକ ଓ ତହସିଲ ପ୍ରଶାସନ ସମେତ ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରାଜସ୍ୱ ନିରୀକ୍ଷକ ସମ୍ପୃକ୍ତ ସ୍ଥାନକୁ ମାପଚୁପ କରିବାକୁ ଯାଇଥିବା ସମୟରେ ବ୍ୟକ୍ତିଜଣକ ଗଣ୍ଡଗୋଳ କରିଥିଲେ। ପରେ ଟାଙ୍କିରୁ ଅନ୍ୟ ଏକ ସ୍ଥାନକୁ ପାଇପ ବିଛାଇ ଟ୍ୟାପ ଲଗାଇବାର ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ପାଣି ପାଇବାରେ ସମସ୍ୟା ସୃଷ୍ଟି ହୋଇଥିଲା। ଏନେଇ ଥରେ ନୁହେଁ ଅନେକ ଥର ଗ୍ରାମବାସୀ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଫଳ ଶୂନ। ଅଭିଯୋଗ ପରେ ମଧ୍ୟ ଏଯାବତ୍ ଗ୍ରାମବାସୀଙ୍କୁ ସୁଫଳ ମିଳିଲା ନାହିଁ। ସାହିର ଜଣେ ବ୍ୟକ୍ତିଙ୍କ ଆକ୍ରୋଶ ପାଇଁ ସାହିସାରା ଲୋକେ ପାଣି ମୁନ୍ଦାଏରୁ ବଞ୍ଚିତ ହେଉଛନ୍ତି ବୋଲି ସାହିର ବସନ୍ତ ମଲିକ, ପ୍ରଫୁଲ୍ଲ ମଲିକ ଓ ଲଳିତା ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ଅତି ହାଲୁକା ଭାବେ ଗ୍ରହଣ କରି କୌଣସି ପ୍ରତିକାର କରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପାଣିଟାଙ୍କି ଅବରୋଧ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଲୋକଙ୍କୁ ଟାଙ୍କି ଯୋଗେ ପାଣି ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯିବ ବୋଲି ବିଡିଓ କହିଛନ୍ତି। ଏବେ ଦେଖିବାକୁ ଅପେକ୍ଷା ଲୋକଙ୍କୁ କେବେ ଟାଙ୍କିରୁ ପାଣି ଯୋଗାଇ ଦିଆଯାଉଛି।


ପିଇବା ପାଣି ପାଇଁ ଲୋକେ ଲମ୍ବା ଧାଡ଼ି ବାନ୍ଧିଛନ୍ତି।

# ଜଳିଗଲା ୨ ବଖରା, ୫ ଗୁରୁତର

ବ୍ରହ୍ମବରଦା,୨୦।୫(ଡି.ଏନ.ଏ.):

ଯାଜପୁର ବ୍ଲକ ଅନ୍ତର୍ଗତ ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦସ୍ଥିତ ନୀଳକଣ୍ଠପୁର ଗ୍ରାମର ରାଉଳ ସାହିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୁଇ ଭାଇ ଶ୍ରୀଧର ରାୟ ଓ ବିଦ୍ୟାଧର ରାୟଙ୍କ ଦୁଇ ବଖରା ଚାଳଛପର ଜଳି ପାଉଁଶ ହୋଇଯାଇଛି। ଘରେ ଥିବା ଏକ ବାଇକ୍ ସହ ୩ ସାଇକେଲ ପୋଡ଼ି ନଷ୍ଟ ହୋଇଯାଇଛି। ସେହିପରି ନିଆଁକୁ ଆୟତ୍ତ କରିବା ସମୟରେ ଘରେ ଥିବା ଗ୍ୟାସ ସିଲିଣ୍ଡର ଫାଟିବାରୁ ଗ୍ରାମର କାଜଲ ରାୟ, ଉପେନ୍ଦ୍ର ରାୟ, ସଂଗ୍ରାମ ରାୟ, ସନ୍ତୋଷ ରାୟ ଓ ନୀଳମଣି ରାୟ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଯାଜପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇ ଯାଇଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିଲେ ସୁଦ୍ଧା ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବର ପାଇ କାକୁଡ଼ିକୁଦ ସର୍କଲ ରାଜସ୍ୱ ନିରୀକ୍ଷକ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ଦୁଇଟି ପାଲ ଦେବା ସହିତ ଅନ୍ୟ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅଶୋକ ଦାସ ଫାଉଣ୍ଡେଶନ ପକ୍ଷରୁ ବିପନ୍ନ ପରିବାରକୁ ଲୁଗା, ଖାଦ୍ୟ ଓ ଅନ୍ୟ ସହାୟତା ପ୍ରଦାନ କରାଯାଇଛି। ଏହି ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଜଳି ଯାଇଥିବା ଘର।

# ମାମଲା ପ୍ରତ୍ୟାହାର ପାଇଁ ଏସ୍‌ପିଙ୍କୁ ଗୁହାରି

ପାଣିକୋଇଲି,୨୦।୫(ଡି.ଏନ.ଏ.):

ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ବିରୋଧରେ ଧର୍ମଶାଳା ଥାନାରେ ଦଳିତ ମହିଳାଙ୍କୁ ଜାତିଆଣ ଆକ୍ଷେପ ଅଭିଯୋଗ ହୋଇଛି। ତେବେ ପୋଲିସ ତଦନ୍ତ ନ କରି ତୁରନ୍ତ ମାମଲା ପଞ୍ଜୀକରଣ କରିଛି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ ଦାବି କରିଛନ୍ତି। ତେଣୁ ତାଙ୍କ ବିରୋଧରେ ହୋଇଥିବା ମାମଲାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ସୂଚନାଧିକାର କର୍ମୀ ସଂଯୁକ୍ତା ପାଣିଗ୍ରାହୀ, ସର୍ବେଶ୍ୱର ବେହୁରା, ଅବିନାଶ ମିଶ୍ର ଓ ତାରିଣୀ ପଟ୍ଟନାୟକ ପ୍ରମୁଖ ଏସ୍‌ପି ରାହୁଲ୍ ପିଆର୍‌ଙ୍କୁ ଭେଟି ମାମଲା ପ୍ରତ୍ୟାହାର ପାଇଁ ଦାବି କରିବା ସହ ଉକ୍ତ ଆରୋପ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

ସୂଚନା ମୁତାବକ, ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା, ଡଙ୍କାରୀ ଓ ବିଛାଖଣ୍ଡି ପାହାଡ଼ରେ ଚାଲୁଥିବା ବେଆଇନ ବ୍ଲାଷ୍ଟିଂ ସହ ଚୋରା ଖଣିଖନନ ବିରୋଧରେ ସୂଚନା ଅଧିକାର କର୍ମୀ ବେହୁରା ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଓ ସୁପ୍ରିମକୋର୍ଟରେ ଅଭିଯୋଗ କରିବା ପରେ ଲିଜଧାରୀମାନେ ୨୦୨୧ ମାର୍ଚ୍ଚ ୨୭ରେ ସର୍ବେଶ୍ୱରଙ୍କ ଗାଡ଼ିକୁ ବୋମାମାଡ଼ କରିଥିଲେ। ଏଥିରେ ସର୍ବେଶ୍ୱର ଗୁରୁତର ହୋଇଥିଲେ। ତେବେ ସେ ସୁସ୍ଥ ହୋଇ ଫେରିବା ପରେ ପୁଣି ବେଆଇନ ଖଣି ଖନନ ନେଇ ଲୋକାୟୁକ୍ତ, ଏନ୍‌ଜିଟି ଓ ସୁପ୍ରିମକୋର୍ଟଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ଅଭିଯୋଗକୁ ଗୁରୁତର ସହ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ନିୟନ୍ତ୍ରଣ ଶାଖାକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଭୟଭୀତ ହୋଇ କେତେଜଣ ଲିଜଧାରୀ ସର୍ବେଶ୍ୱରଙ୍କ ବିରୋଧରେ ଏପରି ଷଡ଼ଯନ୍ତ୍ର କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ପୋଲିସ ନଂ.୨୬୧/୨୨ ମାମଲା ରୁଜୁ କରିଛି। ତେବେ ପୋଲିସର ଏହା ଆକ୍ରୋଶ ମୂଳକ ପଦକ୍ଷେପ ବୋଲି ସୂଚନା ଅଧିକାର କର୍ମୀ କହିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

# ଜିଲା ବିଜେଡି ସମ୍ପାଦକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର

କଳିଙ୍ଗନଗର,୨୦।୫(ଡି.ଏନ.ଏ.):

ଯାଜପୁର ଜିଲା ବିଜେଡି ସମ୍ପାଦକ ତଥା ରାଛିପୁର ପଞ୍ଚାୟତ ସମିତିସଭ୍ୟ ସେକ୍ କମରୁଦ୍ଦିନ ଖାଁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛନ୍ତି ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର। ପଞ୍ଚାୟତ ନିର୍ବାଚନ ପୂର୍ବରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଶୁକ୍ରବାର ନିଲମ୍ବନ ଆଦେଶ ପ୍ରତ୍ୟାହାର ପରେ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ଦାନଗଦି ବ୍ଲକ ବିଜେଡି ସଭାପତି ଦିଲୀପ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ସୁରେଶ ଦାଶ, ଯୁବସଭାପତି ଚନ୍ଦନ କୁମାର କର, ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଜିଲାପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ସ୍ମୃତିରେଖା ରାଉତ, ଟିନା ହାଇବ୍ରୁ ଏବଂ ବରିଷ୍ଠ ବିଜେଡି ନେତା ତପନ କୁମାର ସାହୁ ପ୍ରମୁଖ ଏହାକୁ ସ୍ୱାଗତ କରିଛନ୍ତି। ତେବେ କମରୁଦ୍ଦିନ ଦଳୀୟ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ସହ ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଦରଦାମ ବୃଦ୍ଧିକୁ ଯୁବ କଂଗ୍ରେସର ବିରୋଧ

ଯାଜପୁର ଟାଉନ ୨୦।୫(ଡି.ଏନ.ଏ.):

ଯାଜପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ ଦର ଦାମ ବୃଦ୍ଧି ଓ ଯୁବମାରଣ ନୀତି ପ୍ରତିବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିସହିତ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ବାଇକ୍ ଯୋଗେ ଯୁବ କଂଗ୍ରେସର କର୍ମୀ ବିରଜା ମନ୍ଦିର ନିକଟରୁ ବାହାରି ସହର ପରିକ୍ରମା କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁବ ମାରଣ ନୀତି ଓ ଦରଦାମ ବୃଦ୍ଧି ବିରୋଧରେ ସ୍ଲୋଗାନ ଦେଇଥିଲେ। ପେଟ୍ରୋଲ, ଡିଜେଲ ଓ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ନିୟମିତ ଦର ବୃଦ୍ଧି ପାଇଁ ସାଧାରଣ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ଦିନ ମଜୁରିଆ ଓ ଶ୍ରମିକ ଶ୍ରେଣୀର ଲୋକମାନେ ତେଲ, ଆଳୁ ଓ ପନିପରିବାର ମୂଲ୍ୟ ଅହେତୁକ ବୃଦ୍ଧି ଯୋଗୁ ଓଳିଏ ଖାଇଲେ ଆର ଓଳିକି ଉପବାସ ରହୁଛନ୍ତି। ସରକାରଙ୍କ ପକ୍ଷରୁ ଦରଦାମ ନିୟନ୍ତ୍ରଣ ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ ଏବଂ ଦେଶରେ ବେକାରି ସମସ୍ୟା ବଢ଼ି ଚାଲିଥିଲା ବେଳେ କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ନ ଦେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଯୁବ କଂଗ୍ରେସ କହିଛି। ରାଲି ସହର ପରିକ୍ରମା କରିବା ପରେ ସ୍ଥାନୀୟ ଗାନ୍ଧୀ ଛକଠାରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପ୍ରତିବାଦ ସଭାରେ ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ଜ୍ଞାନରଞ୍ଜନ ରାଉତ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କର, ସନ୍ତୋଷ କୁମାର ନନ୍ଦ, ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ଦୁର୍ଯ୍ୟୋଧନ ବେହେରା, ବିଶ୍ୱପ୍ରକାଶ ସାମଲ, ଶ୍ରଦ୍ଧେନ୍ଦୁ ପତି, ଉତ୍କଳ କେଶରୀ ପାଣିଗ୍ରାହୀ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିକ୍ରମ ସେନାପତି, ଯଯାତି ନାୟକ, ସନ୍ତୋଷ ରାଉତ, ଭରତ ସେଠୀ, ବଳଭଦ୍ର ଦାସ, ନିକୁଞ୍ଜ ସାମଲ, ପରିମଳ ବିଶ୍ୱାଳ, ଗଦାଧର ଦାସ, ବିଭୂତି ମହାପାତ୍ର, ନିକୁଞ୍ଜ ସାମଲ, ସରୋଜ ନାୟକ, ସଂଗ୍ରାମ ଜେନା ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ।



ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଅଟକ ଅଭିଯୁକ୍ତ ମେଡିକାଲରେ ଭର୍ତ୍ତି

**ରାଜସ୍ୱ ନିରୀକ୍ଷକଙ୍କୁ ଅପହରଣ ଘଟଣା**

ଚଣ୍ଡିଖୋଲ,୨୦।୫(ଡି.ଏନ.ଏ.):

ଦର୍ପଣ ତହସିଲ ଅଧୀନ ବନ୍ଦରେଶ୍ୱର ରାଜସ୍ୱ ନିରୀକ୍ଷକ ସୋମନାଥ ସାମଲଙ୍କୁ ଅପହରଣ ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ବିକ୍ରମତିରଣ ଗ୍ରାମର ଅନନ୍ତ ନାରାୟଣ ଧଳ ଓରଫ୍ ନାଣ୍ଟୁଙ୍କୁ ଗୁରୁବାର ଅଟକ ରଖିଥିଲା। ଶୁକ୍ରବାର ନାଣ୍ଟୁ ଅସୁସ୍ଥ ଦର୍ଶାଇବାପରେ ପୋଲିସ ତାଙ୍କୁ କଟକ ବଡମେଡିକାଲରେ ଭର୍ତ୍ତି କରିଛି। ତେବେ ତାଙ୍କ ନାମରେ ଦଫା ୩୪୧/୨୯୪/୩୨୩/୩୫୩/୩୬୫/୫୦୬ ଓ ୨୫ ଆର୍ମ ଆକ୍ଟରେ ମାମଲା ନଂ.୧୯୫/୨୨ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

ଗୁରୁବାର ରାଜସ୍ୱ ନିରୀକ୍ଷକ ସାମଲ କାର୍ଯ୍ୟାଳୟରେ କାମ କରୁଥିବା ବେଳେ ନାଣ୍ଟୁଙ୍କ ନେତୃତ୍ୱରେ ଅନ୍ୟ ୫ଜଣ ଆସି ଏକ ଉତ୍ତରାଧିକାରୀ ପ୍ରମାଣ ପତ୍ରରେ ତଦନ୍ତ ରିପୋର୍ଟକୁ ନିଜସ୍ୱ ମତରେ ବଦଳାଇବା ପାଇଁ ଚାପ ପକାଇଥିଲେ। ରାଜସ୍ୱ ନିରୀକ୍ଷକ ରାଜି ନ ହେବାରୁ ତାଙ୍କୁ ମାଡ଼ ମାରି ଏକ କାରରେ ଅପହରଣ କରିଥିଲେ। ବାଟରେ ବନ୍ଧୁକ ଦେଖାଇ କାମ ନ କଲେ ମାରିଦେବେ ବୋଲି ଧମକ ଦେଇଥିଲେ। ଅପହରଣ ପରେ ନାଣ୍ଟୁ ଅତିରିକ୍ତ ତହସିଲଦାରଙ୍କୁ ଫୋନ୍ କରି ଆମେ ତମ ଆର୍‌ଆଇଙ୍କୁ ଅପହରଣ କରି ନେଇଛୁ, କ’ଣ କରିବାର ଅଛି କର ବୋଲି କହିଥିଲେ। ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ତୁରନ୍ତ ଛାଡ଼ି ଦେବାକୁ ତାଙ୍କୁ କହିଥିଲେ। ତହସିଲଦାର ଏହା ଜାଣିବା ପରେ ବାଲିଚନ୍ଦ୍ରପୁର ଥାନାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପରେ ସେମାନେ ରାଜସ୍ୱ ନିରୀକ୍ଷକଙ୍କୁ ଛାଡ଼ି ଦେଇଥିଲେ। ଏହାପରେ ରାଜସ୍ୱ ନିରୀକ୍ଷକ ସାମଲ ଆସି ଥାନାରେ ଅଭିଯୋଗ କରିଥିଲେ। ନାଣ୍ଟୁଙ୍କ ସହ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ହେଲେ ଅଜୟ ଦାସ, ସୁନୀଲ ସାମଲ, ଉପେନ୍ଦ୍ର ଧଳ ଓ ଭରତ ଭୂୟାଁ। ଏମାନଙ୍କ ମଧ୍ୟରୁ ଅଜୟ ଜଣେ ସରକାରୀ ବିଦ୍ୟାଳୟର ଶିକ୍ଷକ ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ଥାନାଧିକାରୀଙ୍କୁ ପଚାରିବାରେ ସେ କହିଛନ୍ତି, ସମସ୍ତଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସ୍କୁଟି ଚାଳକଙ୍କୁ ବୁଲେଟ୍ ଫାଇନ୍ ନୋଟିସ

**ଟ୍ରାଫିକ ଥାନାଧିକାରୀଙ୍କ ବେଆଇନ କାର୍ଯ୍ୟ**

ଚଣ୍ଡିଖୋଲ,୨୦।୫(ଡି.ଏନ.ଏ.):

ଯାଜପୁର ଜିଲାର ଏକମାତ୍ର ଟ୍ରାଫିକ୍ ଥାନା ଚଣ୍ଡିଖୋଲରେ ରହିଛି। ତେବେ ଏହି ଥାନାର ଥାନାଧିକାରୀଙ୍କ ବେଆଇନ କାର୍ଯ୍ୟ ଯୋଗୁ ସେ ଚର୍ଚ୍ଚାର ପରିଧି ମଧ୍ୟକୁ ଆସିଛନ୍ତି। ବାରମ୍ବାର ତ୍ରୁଟିପୂର୍ଣ୍ଣ ଚାଲାଣ କାଟିବା ଯୋଗୁ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧା ଭୋଗିବା ସହ ଜରିମାନା ଦେବାକୁ ବାଧ ହେଉଛନ୍ତି। ଗତ ଫେବୃୟାରୀ ୧ ତାରିଖରେ ଯାଜପୁର ରୋଡ୍ ନିକଟରେ ଗାଡ଼ି ତନଖି କରୁଥିବା ସମୟରେ ଏକ ବୁଲେଟ୍ ମୋଟରସାଇକେଲ (ଓଡି-୦୨-ବିଭି-୯୮୫୪)ର ହେଲ୍‌ମେଟ ନ ଥିବା ଓ ଦ୍ରୁତଗତିରେ ଯାଉଥିବା ନେଇ ଗାଡ଼ିର ଫଟୋ ଉଠାଇଥିଲେ। ତେବେ ଫଟୋ ଉଠାଇବା ପରେ ସେ ଗାଡ଼ି ବିରୋଧରେ ଚାଲାଣ ନ କାଟି ଏକ ସ୍କୁଟି ନଂ.(ଓଡି-୦୨-ବିଭି-୯୮୪୭) ବିରୋଧରେ ଚାଲାଣ କାଟି ପଠାଇ ଦେଇଥିଲେ। ସ୍କୁଟିର ମାଲିକ ହେଉଛନ୍ତି ଭୁବନେଶ୍ୱରର ରାଜେଶ ପଲାଇ। ତେବେ ରାଜେଶଙ୍କଠାରୁ ୩ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ଯାଜପୁର ଟାଉନ ଆରଟିଓଙ୍କୁ ଟ୍ରାଫିକ୍ ଥାନା ଅଧିକାରୀ ଚିଠି ଲେଖିଛନ୍ତି। ଯେତେବେଳେ ଚାଲାଣଟି ରାଜେଶଙ୍କ ଘରେ ଫେବୃୟାରୀ ୧ତାରିଖ ପୂର୍ବାହ୍ନ ୧୦ଟା ୨୭ମିନିଟ୍‌ରେ ପହଞ୍ଚିଲା ସେ ତତ୍କାଳ ଏସମ୍ପର୍କରେ ଫୋନ ଯୋଗେ ଟ୍ରାଫିକ ଥାନାଧିକାରୀ ହୃଦାନନ୍ଦ ବେହେରାଙ୍କୁ ଜଣାଇଥିଲେ। ଏହାପରେ ସଂଶୋଧନ ପାଇଁ ଫେବୃୟାରୀ ୨ତାରିଖ ଅପରାହ୍ନ ୧ଟା ୦୩ମିନିଟ୍‌ରେ ଏକ ପତ୍ରଲେଖି ଥାନାଧିକାରୀଙ୍କ ମୋବାଇଲ ହ୍ୱାଟ୍ସଆପ୍‌ରେ ଅନୁରୋଧ କରିଥିଲେ ଯେ, ଯେଉଁ ଦିନ ଚାଲାଣ କଟାଯାଇଛି ସେଦିନ ସେ ଓ ତାଙ୍କ ଗାଡ଼ି ଭୁବନେଶ୍ୱରରେ ରହିଛି। ତାଙ୍କ ସ୍କୁଟି କେବେ ବି ଯାଜପୁର ଜିଲାକୁ ଯାଇନାହିଁ। ଯେଉଁ ଗାଡ଼ିର ଫଟୋ ଚାଲାଣ ମଧ୍ୟରେ ରହିଛି ତାହା ଏକ ବୁଲେଟ୍‌ର। ତେଣୁ ତାଙ୍କ ଗାଡ଼ି ନାଁରେ ଆସିଥିବା ଚାଲାଣକୁ ବାତିଲ କରିବାକୁ ସେ ଅନୁରୋଧ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ତାହା ବାତିଲ ହୋଇପାରିନାହିଁ। ରାଜେଶ ବାରମ୍ବାର ଏସମ୍ପର୍କରେ ସୂଚନା ଦେଇଥିଲେ ମଧ୍ୟ ଥାନାଧିକାରୀ କୌଣସି ସଂଶୋଧନ ଅଦ୍ୟାବଧି କରିନାହାନ୍ତି।

ସୂଚନାଥାଉ କି, ଏହା ପୂର୍ବରୁ ଚଣ୍ଡିଖୋଲ କୋର୍ଟର ଆଇନଜୀବୀ ଉଦୟନାଥ ସାହୁଙ୍କ ଗାଡ଼ି ଉପରେ ବେଆଇନ ଜରିମାନା କରି ଥାନା ଅଧିକାରୀ ବିବାଦୀୟ ହୋଇଥିଲେ। ଅନ୍ୟଗାଡ଼ିର ଚାଲାଣ କାଟିବା ବଦଳରେ ସାହୁଙ୍କ କାରର ଚାଲାଣ କାଟିଥିବା ହେତୁ ଚଣ୍ଡିଖୋଲ ଜେଏମ୍‌ଏଫସି କୋର୍ଟରେ ସେ ଏକ ମାମଲା ରୁଜୁ କରିଥିଲେ। ନଂ.୨୪୭/୨୧ରେ କୋର୍ଟରେ ମାମଲା ହେବା ପରେ ତାଙ୍କ ବିରୋଧରେ କୋର୍ଟ ତରଫରୁ ବ୍ୟକ୍ତିଗତ ହାଜିରା ନ ହେବାରୁ ଗିରଫ ପରୱାନା ଜାରି କରାଯାଇଥିଲା। ତେବେ ସ୍କୁଟିର ବେଆଇନ ଚାଲାଣ କଟିଯିବା ସମ୍ପର୍କରେ ଥାନାଧିକାରୀ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଭୁଲ୍‌ବଶତଃ ଏଭଳି ଚାଲାଣ କଟାହୋଇଛି। ତେଣୁ ଖୁବ୍‌ଶୀଘ୍ର ସେ ଯାଜପୁର ଟାଉନସ୍ଥିତ ଆରଟିଓ ଅଫିସକୁ ଯାଇ ଏହାର ସଂଶୋଧନ କରିଦେବେ।

TATA ଉତ୍ପାଦନ
TANISHQ
ଆପଣଙ୍କ ପୁରୁଣା ଗହଣା ଲକର୍‌ରେ ବର୍ଷ-ବର୍ଷ ଧରି ରହିଛି ।

ପାଆନ୍ତୁ 100%*
ଏକ୍ସଚେଞ୍ଜ୍ ମୂଲ୍ୟ ଆପଣଙ୍କ ପୁରୁଣା ଗହଣା ଉପରେ ।
ଯେକୌଣସି ଗହଣା ଦୋକାନ ରୁ କିଣା ଯାଇଥିବା 22 କ୍ୟାରେଟ୍ ଏବଂ ଅଧିକ ଉପରେ ବୈଧ ।
‘ନିଜର ଲକର୍‌କୁ ଅନଲକ୍ କରନ୍ତୁ’
ଆଉ ଏକ ସ୍ମାର୍ଟ ଏକ୍ସଚେଞ୍ଜ କରି, ପାଆନ୍ତୁ ଆମ ହଲମାର୍କ ପ୍ରମାଣିତ ଗହଣା କଲେକଶନ ଭିତରୁ ଅସଂଖ୍ୟ ଚମତ୍କାର ଡିଜାଇନସ ।
#OldGoldNewDreams
To locate your nearest store and know more on 6366920017. Buy online at tanishq.co.in or Download our App *Conditions apply. Scan QR code
New stores now open at Grand Road-Puri & Chorda Road Bypass-Jajpur Road, Jajpur

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସିମେଣ୍ଟ ଦୋକାନରୁ ୨.୭୦ ଲକ୍ଷ ଚୋରି

**ବ୍ରହ୍ମପୁର ଅଫିସ, ୨୦।୫:** ସଦର ଥାନା ଅନ୍ତର୍ଗତ ଲୋଚାପଡା ମୁଖ୍ୟ ରାସ୍ତାରେ ଥିବା ଏକ ମା'ତାରାତାରିଣୀ ସିମେଣ୍ଟ ଦୋକାନରୁ ଶୁକ୍ରବାର ୨.୭୦ଲକ୍ଷ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଜୟଦେବ ସାହୁ ଉକ୍ତ ସିମେଣ୍ଟ ଦୋକାନର ମାଲିକ। ସେ ତାଙ୍କ କ୍ୟାସକାଉଣ୍ଟରରେ ଗୁରୁବାର ସିମେଣ୍ଟ ବିକ୍ରି କରି ୨ଲକ୍ଷ ୭୦ ହଜାର ଟଙ୍କା ରଖିଥିଲେ। ଶୁକ୍ରବାର କୌଣସି କାମରେ ଦୋକାନ ଖୋଲା ରଖି ଗାନ୍ଧିନଗର ଯାଇଥିଲେ। ସେଠାରୁ ଆସି ଦୋକାନ ବନ୍ଦ କରି ଖାଇବାକୁ ଯାଇଥିଲେ। ସନ୍ଧ୍ୟାରେ ଦୋକାନ ଖୋଲି କ୍ୟାସ୍‌କାଉଣ୍ଟର ଦେଖିବା ବେଳେ କେହି ଦୁର୍ବୃତ୍ତ କ୍ୟାସକାଉଣ୍ଟର ଭାଙ୍ଗି ସେଥିରେ ଥିବା ସବୁ ଟଙ୍କା ଚୋରି କରି ନେଇଥିଲେ। ଜୟଦେବଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି। ସିସିଟିଭି ଫୁଟେଜ ସଂଗ୍ରହ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ୨୪ରୁ ଜିଲାସ୍ତରୀୟ ଯୋଗ ଅଲିମ୍ପିୟାଡ୍ ପ୍ରତିଯୋଗିତା

**ଛତ୍ରପୁର, ୨୦।୫(ଡି.ଏନ୍.ଏ.):** ଗଞ୍ଜାମ ଜିଲାସ୍ତରୀୟ ଯୋଗ ଅଲିମ୍ପିୟାଡ୍ ପ୍ରତିଯୋଗିତା ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ବ୍ରହ୍ମପୁର ଆସ୍କାରୋଡସ୍ଥିତ ବିନାୟକ ଆଚାର୍ଯ୍ୟ ସ୍ମୃତି ମ୍ୟୁନିସିପାଲ ହାଇସ୍କୁଲ ପରିସରରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଜିଲାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେବେ। ଜିଲାରେ ଥିବା ପ୍ରତି ଉଚ୍ଚ ପ୍ରାଥମିକ ସ୍କୁଲ ( ଷଷ୍ଠରୁ ଅଷ୍ଟମ ଶ୍ରେଣୀ) ଏବଂ ଉଚ୍ଚ ବିଦ୍ୟାଳୟ (ନବମରୁ ଦଶମ ଶ୍ରେଣୀ)ରୁ ଜଣେ ଲେଖାଏ ଛାତ୍ରୀ ଓ ଛାତ୍ର ଏଥିରେ ଭାଗ ନେବେ। ଏଥିପାଇଁ ସମସ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଗାଇଡ୍ ସହ ପ୍ରତିଯୋଗିତାକୁ ପଠାଇବାକୁ ଜିଲାଶିକ୍ଷା ଅଧିକାରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆସନ୍ତା ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିୟାଡ୍ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ମିଳିଛି।

### ଚାଷୀଙ୍କୁ ରିହାତି ଦରରେ ଯୋଗାଉଛି ଧାନ ବିହନ

**ପାରଳାଖେମୁଣ୍ଡି, ୨୦।୫(ଡି.ଏନ୍.ଏ.):** ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ କୃଷି ବିଭାଗ ପକ୍ଷରୁ ଖରିଫ ଋତୁ ଚାଷ ୨୦୨୨-୨୩ ସକାଶେ ଚାଷୀଙ୍କୁ ରିହାତି ଦରରେ ଧାନ ବିହନ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ଯୋଜନା ରହିଛି। ଜିଲାରେ ମୁଖ୍ୟତଃ ୭ ବ୍ଲକ ମଧ୍ୟରୁ ଗୋଷାଣି, କାଶୀନଗର ଓ ଗୁମ୍ମା ଏହି ତିନୋଟି ବ୍ଲକରେ ଅଧିକ ଧାନ ଚାଷ ହୋଇଥାଏ। ଚଳିତ ବର୍ଷ ଜିଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦଶ ହଜାର କୁଇଣ୍ଟାଲ ଧାନ ବିହନ ରିହାତି ଦରରେ ଯୋଗାଇ ଦେବାର ଲକ୍ଷ୍ୟ ରହିଛି। ଚାଷୀଙ୍କ ଚାହିଦା ଅନୁସାରେ, ବିଭିନ୍ନ କିସମର ଧାନ ବିହନ ଏମ୍‌ଟିୟୁ ୧୦୦୧, ଏମ୍‌ଟିୟୁ ୧୦୭୫, ପୂଜା, ପ୍ରତୀକ୍ଷା, ସ୍ୱର୍ଣ୍ଣ ମସୁରି, ସ୍ୱର୍ଣ୍ଣ ସବ୍ୱାନ ଆଦି କିସମର ଧାନ ବିହନ ଥିବାର ବିଭାଗ ପକ୍ଷରୁ କୁହାଯାଇଛି। ଜିଲାରେ ମୁଖ୍ୟତଃ ଚାଷୀମାନଙ୍କର ପୂଜା, ୧୦୬୧, ୧୦୬୪, ଆର୍‌ଜିଏଲ୍ ବିହନର ଚାହିଦା ରହିଥିବାର ବିଭାଗୀୟ ଅଧିକାରୀ କହିଛନ୍ତି। ପଞ୍ଜୀକୃତ ହୋଇଥିବା ଚାଷୀଙ୍କୁ ଚଳିତ ବର୍ଷ ବସ୍ତା ପିଛା ଥିବା ଦରରେ ଧାନ ବିହନ କିଣିଲେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡେବିଟ ମାଧ୍ୟମରେ ସିଧାସଳଖ ରିହାତି ସବସିଡି ସରକାର ଯୋଗାଇ ଦେବାର ବ୍ୟବସ୍ଥା ରହିଛି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଆଜବେଷ୍ଟସ୍ ପଡ଼ି ନାବାଳକ ମୃତ

**ବ୍ରହ୍ମପୁର ଅଫିସ, ୨୦।୫:** ଘର ମରାମତି କାମ ଚାଲୁଥିବା ବେଳେ ଆଜବେସ୍ଷ୍ଟସ ଖସିପଡିବାରୁ ଜଣେ ନାବାଳକ(୧୦)ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ଗେଟବଜାର କେନାଲ ସାହିର ରାମ ବେହେରାଙ୍କ ପୁଅ କିଷାନ। କେନାଲ ସାହିର ଜଣେ ବ୍ୟକ୍ତିଙ୍କ ଘରେ ରାମ ଓ ତାଙ୍କ ପରିବାର ଲୋକେ ଭଡାରେ ରହୁଛନ୍ତି। କିଛି ଦିନ ହେବ ସେହି ଘରର ମରାମତି କାମ ଚାଲିଛି। ଗୁରୁବାର ରାତିରେ ରାମ ଓ ତାଙ୍କ ପରିବାର ଲୋକେ ଶୋଇଥିବା ବେଳେ ହଠାତ ଆଜବେସ୍ଷ୍ଟସ କିଷାନଙ୍କ ଉପରେ ପଡ଼ିଯାଇଥିଲା। ତାଙ୍କୁ ତୁରନ୍ତ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଶୁକ୍ରବାର ସକାଳୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ରେଫେର କରିଥିଲେ। ଆମ୍ବୁଲାନ୍ସ ଯୋଗେ କିଷାନଙ୍କୁ କଟକ ନିଆଯାଉଥିବା ବେଳେ ଛତ୍ରପୁର ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ କିଷାନଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଛତ୍ରପୁର ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୨ ଯନ୍ତ୍ରୀଙ୍କୁ ନିଲମ୍ବନ ଦାବିରେ କଂଗ୍ରେସର ଧାରଣା

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମେଶିନ ଲଗାଇ କାମ କରିବା ପ୍ରସଙ୍ଗ
- ନୟାଗଡ଼ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଶୁଣିଲେନି
- ପିଡି ଡିଆରଡିଏଙ୍କୁ ତଦନ୍ତ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

**ନୟାଗଡ଼ ଅଫିସ, ୨୦।୫**



ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ମେଶିନ ଦ୍ୱାରା କରାଯାଉଥିବାରୁ ୨ ଯନ୍ତ୍ରୀଙ୍କ ନିଲମ୍ବନ ଦାବିରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

ନୟାଗଡ଼ ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ବାଟ ହୁଡ଼ିଥିବା ଅଭିଯୋଗ ହୋଇ ଆସୁଥିଲା। ଜିଲା କଂଗ୍ରେସ ପକ୍ଷରୁ ନୟାଗଡ଼ ବ୍ଲକ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ପରେ ଏହା ସ୍ପଷ୍ଟ ହୋଇଛି। ଖୁଣ୍ଟୁବନ୍ଧ ପଞ୍ଚାୟତ ଷଠିଆପଲ୍ଲୀ ଗାଁର ଷଣ୍ଢଖୋଲ ପୋଖରୀ ଖନନରେ ମେଶିନ ବ୍ୟବହାରକୁ ନେଇ ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ନିଲମ୍ବନ ଲାଗି କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ହେଲେ ବିଡିଓ ଧାରଣାସ୍ଥଳକୁ ଆସି ନ ଥିଲେ କି ଆନ୍ଦୋଳନକାରୀଙ୍କଠାରୁ ସ୍ମାରକପତ୍ର ନେଲେ ନାହିଁ। ଏପରି କି ଧାରଣାସ୍ଥଳକୁ କୌଣସି ଅଧିକାରୀ ଅଥବା କର୍ମଚାରୀଙ୍କୁ ପଠାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କଲେନାହିଁ। ବରଂ ଧୀରେ ଧୀରେ ଅଧିକାରୀ ଓ କର୍ମଚାରୀ ବିଭିନ୍ନ ବାହାନାରେ ବ୍ଲକ କାର୍ଯ୍ୟାଳୟ ଛାଡ଼ି ପଳାଇଥିଲେ। ଏଭଳିସ୍ଥଳେ ଆନ୍ଦୋଳନକାରୀ ବିଡିଓଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ଧାରଣାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଧାରଣା ଦେବା ପରେ ଜିଲାପାଳ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କେଳେଙ୍କାରିର ତଦନ୍ତ କରିବାକୁ ପିଡି ଡିଆର୍‌ଡିଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଆନ୍ଦୋଳନକାରୀଙ୍କୁ କହିଥିଲେ। କଂଗ୍ରେସର ଅଭିଯୋଗ ଉପରେ ପିଡି ଡିଆର୍‌ଡିଏ ତଦନ୍ତ କରିବେ ବୋଲି ଉଲ୍ଲେଖ କରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ପଠାଇ ଦେଇଥିଲେ। ଜିଲାପାଳଙ୍କ ପ୍ରତିଶ୍ରୁତି ଓ ହସ୍ତକ୍ଷେପ ପରେ କଂଗ୍ରେସ ଧାରଣା ହଟାଇ ନେଇଥିଲା।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜବ୍‌କାର୍ଡଧାରୀଙ୍କ ବଦଳରେ ମେଶିନ କାର୍ଯ୍ୟ କରୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଆସୁଛି। ଏପରି କି କଂଗ୍ରେସ ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ଆଣିଛି। ହେଲେ ପ୍ରମାଣ ମିଳୁନି ଦର୍ଶାଇ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏଭଳିସ୍ଥଳେ ଷଠିଆପଲ୍ଲୀ ପୋଖରୀର ପୁନରୁଦ୍ଧାର ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଜବ୍‌କାର୍ଡଧାରୀ ବଦଳରେ ମେଶିନ ଦ୍ୱାରା କରାଯାଉଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏପରି କି ପୋଖରୀ ଖୋଳାର ଭିଡିଓ, ଫଟୋ ଥାଇ ବିଭିନ୍ନ ପ୍ରମାଣ ବିଡିଓଙ୍କ ସମେତ ଜିଲା ପ୍ରଶାସନକୁ ଅବଗତ କରାଇଥିଲା। ହେଲେ ପ୍ରଶାସନ ଚୁପ୍ ରହିବାରୁ ମେଶିନ କାମ କରିବା ବନ୍ଦ ହୋଇ ନ ଥିଲା। କଂଗ୍ରେସର ଅଭିଯୋଗ ଶୀତଳଭଣ୍ଡାରରେ ପଡିବା ପରେ ପୋଖରୀ କାର୍ଯ୍ୟରେ ଜବ୍‌କାର୍ଡଧାରୀ ନିୟୋଜିତ ଦର୍ଶାଇ ବିଲ୍ କରିବାକୁ ଚେଷ୍ଟା ହେଲା। ଏ ପରିପ୍ରେକ୍ଷୀରେ ପୋଖରୀ କାର୍ଯ୍ୟାଦେଶ ଥିବା ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିଲମ୍ବନ ଦାବି କରି ଶୁକ୍ରବାର ପୂର୍ବାହ୍ନ ୯ଟାରୁ ୧୦ଟା ଧାରଣା ଦିଆଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଥିଲା। କଂଗ୍ରେସର ଆନ୍ଦୋଳନ ଡାକରାକୁ ପ୍ରଶାସନ ହେୟ ଜ୍ଞାନ କରିଥିବା ଅଭିଯୋଗ ହୋଇଥିଲା। ଶେଷରେ ଖୁଣ୍ଟୁବନ୍ଧ ପଞ୍ଚାୟତ କଂଗ୍ରେସ ପକ୍ଷରୁ ନୟାଗଡ଼ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ, ପିସିସି ସମ୍ପାଦକ ହୁସେନ ଖାଁ, ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲ, ସେବାଦଳ ଜିଲା ସଂଯୋଜକ ବିମଳ ଦାଶ, ଯୁବ କଂଗ୍ରେସ ସଭାପତି ପ୍ରତୀକ ମହାପାତ୍ର ପ୍ରମୁଖ ଆନ୍ଦୋଳନରେ ବସିଥିଲେ। ହେଲେ ବ୍ଲକ ପ୍ରଶାସନ ଆନ୍ଦୋଳନକାରୀଙ୍କୁ ଅଣଦେଖା କରିବା ପରେ ଆନ୍ଦୋଳନ ଦ୍ୱରାନ୍ୱିତ ହୋଇଥିଲା।

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

### ଛାତ୍ରୀ ବଳାତ୍କାର ମାମଲା

**ବ୍ରହ୍ମପୁର ଅଫିସ, ୨୦।୫**

ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକସୋ ଜଜ ଗୁରୁପ୍ରସାଦ ସାହୁ ଶୁକ୍ରବାର ଏକ ବଳାତ୍କାର ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ରମ୍ଭା ଅଞ୍ଚଳର ସମ୍ପଦ ନାହାକ। ୨୦୨୧ ଜାନୟାରୀ ୨୯ରେ ଜଣେ ୯ମ ଶ୍ରେଣୀ ଛାତ୍ରୀ ତାଙ୍କର କେତେଜଣ ସାଙ୍ଗଙ୍କ ସହ ଟିୟୁସନ ଯାଇଥିଲେ। ଟିୟୁସନ ସରିବା ପରେ ଶିକ୍ଷକ ସମ୍ପଦ ଅନ୍ୟ ଛାତ୍ରୀମାନଙ୍କୁ ଚାଲିଯିବାକୁ କହି ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ଘର ପଛପଟ ଝାଡୁ କରିବାକୁ ପଠାଇଥିଲେ। ଛାତ୍ରୀ ଜଣଙ୍କ ଝାଡୁ କରୁଥିବା ବେଳେ ସମ୍ପଦ ତାଙ୍କୁ ବଳାତ୍କାର କରିଥିଲେ। ଝିଅଠାରୁ ଶୁଣି ଛାତ୍ରୀଙ୍କ ମା' ଏ ନେଇ ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ମାମଲା ନଂ.୨୭/୨୧ରେ ଟିୟୁସନ ଶିକ୍ଷକ ସମ୍ପଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନା ଏସ୍‌ଆଇ ସଂଗ୍ରାମ ଦେହୁରୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଶୁକ୍ରବାର ମାମଲାର ବିଚାର ବେଳେ ସମ୍ପଦଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୫ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ସମ୍ପଦଙ୍କୁ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ନରେଶ ପ୍ରସାଦ ପାତ୍ର ଓ ମୁଦୁଲାଙ୍କ ପକ୍ଷରୁ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ପ୍ରଶିକ୍ଷକମାନେ।

**ଭାପୁର, ୨୦।୫ (ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟଠାରେ ୧୬ତାରିଖଠାରୁ ଆରମ୍ଭ ହୋଇଥିବା ୫ଦିନ ଧରି ଚାଲିଥିବା ଜିଲା ସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଚାଲିଥିବା ପ୍ରଶିକ୍ଷଣ ଶିବିରର ପ୍ରଥମ ଦିବସରେ ଜିଲା ସହଶିକ୍ଷାଅଧିକାରୀ ବସନ୍ତ କୁମାର ନାୟକ ଓ ଜିଲା ଶିକ୍ଷା କାର୍ଯ୍ୟାଳୟର ରୂପାନ୍ତରଣ ଓ ମୋ ସ୍କୁଲ ତତ୍ତ୍ୱାବଧାରକ ନିରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଖଣ୍ଡପଡ଼ା ଓ ଭାପୁର ବ୍ଲକର ୧୭ ଗୋଟି ରୂପାନ୍ତରଣ ବିଦ୍ୟାଳୟର ୫୦ ଜଣ ସହକାରୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଯୋଗଦାନ କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନାର ବିଭିନ୍ନ ଦିଗ, ସରକାରୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନଙ୍କର ଭୂମିକା ସହ ରୂପାନ୍ତରଣ ପରେ ବିଦ୍ୟାଳୟର ଡିଜିଟାଲ ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷାଦାନ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଦ୍ୟାଳୟର ସ୍ମାର୍ଟବୋର୍ଡ, ଇ-ଲାଇବ୍ରେରୀ ଓ ବିଜ୍ଞାନ ପରୀକ୍ଷାଗାର ବ୍ୟବହାର ଡିଜିଟାଲ ଜ୍ଞାନ କୌଶଳ ଦ୍ୱାରା କିପରି କରାଯାଇପାରିବ ସେ ବିଷୟରେ ସମସ୍ତେ ପ୍ରଥମେ ପ୍ରଶିକ୍ଷଣ ନେଇଥିଲେ। ଉକ୍ତ ତାଲିମ ଶିବିରକୁ ପିରାମଲ୍ ଫାଉଣ୍ଡେଶନର ପ୍ରଶିକ୍ଷକ ରିଙ୍କୁ ଗୌୟର, ବଜେନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମାକାନ୍ତ ସେଠୀ, ସୋଲାପଟା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡ. ଗିରିଜା ଶଙ୍କର ମହାପାତ୍ର, ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ରଞ୍ଜନ କୁମାର ସାହୁ ପରିଚାଳନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ସମଗ୍ର ଶିକ୍ଷା ନୟାଗଡ଼ ଦ୍ୱାରା ଆୟୋଜନ କରାଯାଇଥିଲା।

## କୁସୁମୀ ସେତୁର ଆପ୍ରୋଚ ରାସ୍ତା ପ୍ରଶସ୍ତୀକରଣ ଦାବି

**ଖଣ୍ଡପଡା, ୨୦।୫(ସ୍ୱ.ପ୍ର.)**



ସେତୁକୁ ସଂଯୋଗ କରୁଥିବା ଅଣଓସାରିଆ ରାସ୍ତା।



କୁସୁମୀ ସେତୁ।

ବିଜୁ ସେତୁ ଯୋଜନାରେ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ କୁସୁମୀ ସେତୁକୁ ସଂଯୋଗ କରୁଥିବା ଉଭୟପାର୍ଶ୍ୱ ରାସ୍ତାର ପ୍ରଶସ୍ତୀକରଣ କରାଯାଇ ନ ଥିବାରୁ ଭାରି ଯାନ ଚଳାଚଳରେ ସମସ୍ୟା ସୃଷ୍ଟିହେବାର ଆଶଙ୍କା ପ୍ରକାଶ ପାଇଛି। ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ସାଧାରଣରେ ଦାବି ହେଉଛି। ଖଣ୍ଡପଡ଼ା ସହରର ଜେଲ୍‌ଖାନା ଛକଠାରୁ ନିକଟସ୍ଥ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଥିବା କୁସୁମୀ ସେତୁର ନିର୍ମାଣ କାର୍ଯ୍ୟ ଦୀର୍ଘ ୬ ବର୍ଷ ପରେ ଶେଷ ହୋଇଛି। ୩ ମାସ ହେଲା ଉକ୍ତ ସେତୁ ଉପର ରାସ୍ତା ଦେଇ କାର ଓ ବାଇକ୍ ଚାଳକ ଯାତାୟାତ କରୁଛନ୍ତି। ଖଣ୍ଡପଡାରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର କାଚେରାସାହି ଛକଠାରୁ ବନମାଳୀପୁର, ପଥୁରିଆ ଗ୍ରାମ ଦେଇ ଗୋଟିଏ ପାର୍ଶ୍ୱ ରାସ୍ତା ସେତୁକୁ ସଂଯୋଗ କରୁଥିବା ବେଳେ ଅପରପାର୍ଶ୍ୱ ରାସ୍ତାଟି ଖଣ୍ଡପଡା ସହରରୁ ଜେଲ୍‌ଖାନା ଛକକୁ ସଂଯୋଗ କରୁଛି। ଉଭୟ ଅଣଓସାରିଆ ରାସ୍ତାରେ ଭାରିଯାନ ଚଳାଚଳ କରିବାରେ ସମସ୍ୟା ହେଉଛି। ରାସ୍ତାର ଓସାର ଏବେ ୧୦ ଫୁଟ ଥିବା ବେଳେ ଉଭୟ ପାର୍ଶ୍ୱରେ ରାଜରାଜୁଡା ଅମଳରୁ ଲଗାଯାଇଥିବା ଆମ୍ବଗଛଗୁଡିକ ମଧ୍ୟ ଯାନବାହନ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ସେତୁର ଉଭୟପାର୍ଶ୍ୱ ରାସ୍ତା ପ୍ରଶସ୍ତୀକରଣରେ ପୁରୁଣା ଆମ୍ବଗଛ ସହ ଜବରଦଖଲକାରୀମାନେ ବାଧକ ସାଜିଥିବା ଜଣାପଡ଼ିଛି। ବନମାଳୀପୁର ଗ୍ରାମ ବଜାର ଓ ହାଟପଦା ଦେଇ ସେତୁର ଗୋଟିଏ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ଯାଇଥିବା ବେଳେ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ କବ୍‌ଜାରେ ତାହା ରହିଛି। ରାସ୍ତାପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ହଟାଇ କୁସୁମୀ ସେତୁକୁ ସଂଯୋଗ କରୁଥିବା ଉଭୟପାର୍ଶ୍ୱ ରାସ୍ତାର ପ୍ରଶସ୍ତୀକରଣ ଦିଗରେ ପ୍ରଶାସନ, ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଫାଷ୍ଟଫୁଡ୍ ଦୋକାନୀଙ୍କୁ ଆକ୍ରମଣ ଅଭିଯୋଗ

**ଗୋପାଳପୁର, ୨୦।୫(ଡି.ଏନ.ଏ.)**

ଗୋପାଳପୁର ଥାନା ଆରୁଆପଲ୍ଲୀ ଗାଁର ପ୍ରଭାକର ସାହୁଙ୍କୁ ମାରଣାସ୍ତ୍ରରେ ଆକ୍ରମଣ ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ପ୍ରଭାକର ଡୁରା ସ୍ଥିତ ସାହୁ ମଦ ଦୋକାନଠାରେ ଫାଷ୍ଟ ଫୁଡ୍ ଦୋକାନ ଖୋଲିଛନ୍ତି। ପୂର୍ବାହ୍ନରେ ଡୁରା ଗାଁର ଜିତୁ ଦାସ, ମୋହନ ଦାସ ଓ ଦୁଇ ସାଙ୍ଗ ମୋ ଅନୁପସ୍ଥିତିରେ ଦୋକାନକୁ ଆସି ଫାଷ୍ଟଫୁଡ୍ ଖାଇଥିଲେ। ଟଙ୍କା ମାଗିବାରୁ ଦୋକାନରେ ଥିବା ପିଲାଙ୍କ ସହ ଗଣ୍ଡଗୋଳ କରି ଚାଲି ଯାଇଥିଲେ। ପୁଣି ଅପରାହ୍ନରେ ଆସି ପ୍ରଭାକର ସହ ଝଗଡ଼ା କରି ଲୁହାରଡ଼ରେ ମୁଣ୍ଡକୁ ଆକ୍ରମଣ କରିବାରୁ ଗୁରୁତର ହୋଇଥିଲେ। ଉପସ୍ଥିତ ଥିବା ଲୋକେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ।

GOVT. OF INDIA
MINISTRY OF FINANCE
DEPTT. OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No.: C-71, Sector-7, CDA, Cuttack-14
NOTICE TO LEGAL HEIR / REPRESENTATIVE
(See Rule 85 of the Second Schedule as referred to in section 29 of the Recovery of Debts due to Bank and Financial Institutions Act, 1993)
R.P No. 079/2010/CTC
(Arising out of OA No.198/2009)
Next Date: 16.08.2022

**Andhra Bank, SSI Branch, Jagannathpur, Berhampur-760007, Dist.: Ganjam ...Certificate Holder Bank**
**Vs.**
**M/s. Saptagiri Rolling Private Limited Company & Others ...Certificate Debtors**
**To,**
3. **(a) Mutta Venkat Surya Sekhar,** Son of Late M.K.D.N.V Prasad Rao, At.: Hill Patna, 2nd Line, P.O.: Berhampur, P.S.: Gosani Nuagaon, Dist.: Ganjam.
3. **(b) Injeti Venkat Laxmi,** W/o.: Injeti Srinivas, Daughter of Late M.K.D.N.V Prasad Rao, At: Hill Patna, 2nd Line, P.O.: Berhampur, P.S.: Gosani Nuagaon, Dist.: Ganjam.

Whereas Recovery Certificate dt.22.12.2010 has been forwarded by the Hon'ble Presiding Officer, Debts Recovery Tribunal, Cuttack for the recovery of decretal dues amounting to **Rs. 4,09,50,379.00 (Rupees Four Crore Nine Lac Fifty Thousand Three Hundred Seventy Nine Only)** Plus interest as Per the certificate from M/s. Saptagiri Rolling Private Limited Company, Registered Office at Tulu Road, Konishi, Berhampur, Dist.: Ganjam Presently at Gandhi Nagar, 1st Lane Extension, Berhampur, Dist.: Ganjam, and Another.

And whereas the said **Sri M.K.D.N.V Prasad Rao,** S/o.: M. Rama Murty, At/P.O.: Hill Patna, Berhampur, P.S.: Baidyanathpur, Dist.: Ganjam, Certificate Debtor No.3, has since **died.**

You are hereby given notice that steps will be taken under all or any of the provisions of the Second Schedule to the Income Tax Act, 1961 read with Section 29 of the Recovery of Debts due to Bank & Financial Institution Act, 1993 to recover the said amount from you together with interest payable and the cost, charge and the expenses incurred in respect of warrants and other processes issued and all other proceedings taken for realising the amount unless the amount of **Rs. 4,09,50,379.00 (Rupees Four Crore Nine Lac Fifty Thousand Three Hundred Seventy Nine Only)** in respect of the certificate together with cost, charge and expenses so far amounting to **Rs. 4,93,42,655.00 (Rupees Four Crore Ninety Three Lakhs Forty Two Thousand Six Hundred Fifty Five Only)** with pendentelite and future interest @ 10% p.a. rests from the date of filing till realization of amount due until the full and final realization of the claim amount with cost and the interest aforesaid is paid by you, within 15 days of the service of the notice.

Given under my hand & seal at Cuttack on this **25th day of April, 2022.**

Sd/- (Saroj Kumar Biswal)
RECOVERY OFFICER

# ଜବ୍‌କାର୍ଡଧାରୀ ଖୋଳିଲେ ପୋଖରୀ

**ନୟାଗଡ ଅଫିସ, ୨୦।୫**



ପୋଖରୀ ଖନନ କାମରେ ନିୟୋଜିତ ଶ୍ରମିକମାନେ।

ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ଷଠିଆପଲ୍ଲୀ ପୋଖରୀକୁ ମେଶିନ ନୁହେଁ, ଜବ୍‌କାର୍ଡଧାରୀ ଖୋଳିଛନ୍ତି। କଂଗ୍ରେସର ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଗାଁର କେତେଜଣ ଲୋକ ପ୍ରତିବାଦ କରି କାମ କରିବା ସମୟର ଫଟୋ ପଠାଇଛନ୍ତି। ଆଉ କେତେଜଣ ଗାଁ ଲୋକ ନିଜ ନାଁ ଗୋପନ ରଖି କହିଛନ୍ତି କଂଗ୍ରେସର ଅଭିଯୋଗ ପରେ ବିଲ୍ ପାଇଁ ନୂଆ କୌଶଳ ଆପଣା ଯାଇଛି। କଂଗ୍ରେସକୁ ବଦନାମ୍ କରି କଳେବଳେ ବିଲ୍ କରିନେବାକୁ ଉଦ୍ୟମ ଚାଲିଛି ବୋଲି କହିଛନ୍ତି। ଏ ନେଇ କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ କୁହନ୍ତି, ଷଠିଆପଲ୍ଲୀ ପୋଖରୀ କିପରି ମେଶିନ ସାହାଯ୍ୟରେ ଖୋଳାଯାଉଛି ତା'ର ସ୍ପଷ୍ଟ ଚିତ୍ର ଓ ଭିଡିଓ ଆମ ପାଖରେ ଅଛି। ଏଥିସହ ଜବ୍‌କାର୍ଡଧାରୀ କାମ କରୁଥିବା ବେଳର ଯେଉଁ ଫଟୋ ଆସିଛି ତାହାକୁ ଭଲ ଭାବେ ନିରୀକ୍ଷଣ କଲେ ପୋଖରୀ ଭିତର ଖୋଳା ସମୟରେ ଜେସିବି ବ୍ୟବହାର ହୋଇଥିବାର ଚିହ୍ନ ଦେଖିବାକୁ ମିଳିଛି। 'ଲୁଚିଛି ନା ଗୋଡ଼ ଦୁଇଟା ଦିଶୁଛି' ନ୍ୟାୟରେ ଲୋକଙ୍କୁ ଭ୍ରମିତ କରି ବିଲ୍ କରି ନେବା ଏତେ ସହଜ ହେବନି। ଏ ନେଇ କଂଗ୍ରେସ ତା' ଆନ୍ଦୋଳନକୁ ଦ୍ୱରାନ୍ୱିତ କରିବ, ଯାହା ଶୁକ୍ରବାର କରିଛି। ଜିଲାପାଳଙ୍କ ନିର୍ଦ୍ଦେଶକୁ କେତେଦୂର କାର୍ଯ୍ୟକାରୀ କରାଯାଉଛି ଓ ତଦନ୍ତ ରିପୋର୍ଟ କ'ଣ ଆସିବ ସେନେଇ ଅପେକ୍ଷା କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

# ତପସ୍ୱିନୀ ମୃତ୍ୟୁ ମାମଲାର ନୂଆ ମୋଡ଼

## ବିଜେଡି ବ୍ଲକ ସଭାପତିଙ୍କ ନାମରେ ହତ୍ୟା ମାମଲା

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ଦୀର୍ଘ ୧୮ବର୍ଷ ତଳେ ନୟାଗଡ଼ର ତପସ୍ୱିନୀ ପଟ୍ଟନାୟକ ମୃତ୍ୟୁ ଘଟଣା ନୂଆ ମୋଡ଼ ନେଇଛି। ଭୁବନେଶ୍ୱର ଏସ୍‌ଡିଜିଏମ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କ୍ୟାପିଟଲ ଥାନା ପୋଲିସ ନୟାଗଡ଼ ଜିଲା ଭାପୁର ବ୍ଲକର ବିଜେଡି ସଭାପତି ଗୟାଧର ପରିଡାଙ୍କ ନାମରେ ଏକ ହତ୍ୟା ମାମଲା (ନଂ.୨୭୯/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଫଳରେ ଗୟାଧରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ତପସ୍ୱିନୀ ଓ ଗୟାଧରଙ୍କ ଘର ଫତେଗଡ଼ ଥାନା ଅନ୍ତର୍ଗତ ବିଜିପୁର ଗାଁର ସୁକପୋଖରୀ ସାହିରେ। ତପସ୍ୱିନୀଙ୍କୁ ଗୟାଧର ଅପହରଣ ଓ ବଳାତ୍କାର ପରେ ହତ୍ୟା କରିଥିବା ସମ୍ପର୍କରେ ସୂଚନା ପାଇ ବାପୁଜୀନଗରର ରବି ନାୟକ କ୍ୟାପିଟାଲ ଥାନାରେ ଗତ ଏପ୍ରିଲ ୬ରେ ଗୟାଧରଙ୍କ ନାମରେ ଏକ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏହାକୁ ଗ୍ରହଣ ନ କରିବାରୁ ସେ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁଯାୟୀ, ରବି ଗତ ଏପ୍ରିଲ ୫ତାରିଖରେ ଏୟାରପୋର୍ଟ ଛକ ନିକଟରେ ଛିଡ଼ା ହୋଇ ତାଙ୍କ ବନ୍ଧୁଙ୍କୁ ଅପେକ୍ଷା କରିଥିଲେ। ସେହି ସମୟରେ ୩ ଜଣ ବ୍ୟକ୍ତି ତାଙ୍କ ପାଖରେ ପହଞ୍ଚି ଏୟାରପୋର୍ଟ ପାଖ ଜଙ୍ଗଲ ଓ ବିଭିନ୍ନ ସ୍ଥାନ ବିଷୟରେ ପଚାରି ଥିଲେ। କାହିଁକି ଏପରି ପଚାରୁଛ ବୋଲି ରବି ବିଭିନ୍ନ ପ୍ରକାରେ ପଚାରିବାରୁ ସେମାନଙ୍କ ଜୀବନ ପ୍ରତି ଭୟ ଥିବା ଦର୍ଶାଇ ଅନେକ କଥା କହିଥିଲେ। ସେମାନେ ରବିଙ୍କୁ କହିଥିଲେ, ତପସ୍ୱିନୀଙ୍କୁ ଗୟାଧର ବିବାହର ପ୍ରତିଶ୍ରୁତି ଦେଇ ପ୍ରେମ ଜାଲରେ ଫସାଇବା ସହ ଶାରିରୀକ ସମ୍ପର୍କ ରଖିଥିଲେ। ଏପରି କି ଏକାଧିକ ଥର ବଳପୂର୍ବକ ବେଆଇନ ଗର୍ଭପାତ ମଧ୍ୟ କରାଇ ଥିଲେ। ହେଲେ ବିବାହ ନ କରିବାରୁ ତପସ୍ୱିନୀ ପ୍ରତିବାଦ କରି ଗୟାଧରଙ୍କ ସହ ସମ୍ପର୍କ କାଟି ଦେଇଥିଲେ। ତପସ୍ୱିନୀ ଜଣେ ଉଚ୍ଚଶିକ୍ଷିତ ଝିଅ ହୋଇଥିବାରୁ ସେ ଘଟଣା ବିଷୟରେ ପ୍ରକାଶ କରିଦେବାର ଗୟାଧରଙ୍କ ସନ୍ଦେହ ହୋଇଥିଲା। ତେଣୁ ଗୟାଧର ତାଙ୍କ ସହଯୋଗୀଙ୍କ ସହ ମିଶି ଗାଁ ପାଖରୁ ତପସ୍ୱିନୀଙ୍କୁ ଅପହରଣ କରିଥିଲେ। ତପସ୍ୱିନୀଙ୍କୁ ବଞ୍ଚାଇବାକୁ ଉପରୋକ୍ତ ୩ଜଣଙ୍କ ମଧ୍ୟରୁ ଜଣେ ଚେଷ୍ଟା କରି ବିଫଳ ହୋଇଥିଲେ।

ଗୟାଧର ଓ ସହଯୋଗୀମାନେ ଉକ୍ତ ବ୍ୟକ୍ତିଙ୍କୁ ହତ୍ୟା କରିବାକୁ ଧମକ ମଧ୍ୟ ଦେଇଥିଲେ। ପରେ ଉକ୍ତ ବ୍ୟକ୍ତିଜଣକ ତପସ୍ୱିନୀଙ୍କ ମା' ରାଜଲକ୍ଷ୍ମୀ ଓ ବାପା ଅଜୟଙ୍କୁ ଘଟଣା ବିଷୟରେ ଜଣେଇ ଥିଲେ। ତାର ୩ ଦିନ ପରେ ତପସ୍ୱିନୀ ମୃତ ବୋଲି ସେ ଜାଣିବାକୁ ପାଇଥିଲେ। ୨୦୦୩ ଜାନୁୟାରୀ ୧ରେ ମୃତ୍ୟୁ ହୋଇଥିବା ତପସ୍ୱିନୀଙ୍କ ସମାଧିରେ ଉଲ୍ଲେଖ ରହିଛି। ସେହିପରି ଉପରୋକ୍ତ ଅନ୍ୟଜଣେ ବ୍ୟକ୍ତିଙ୍କ କହିବା ହେଲା ସେ ଗୟାଧରଙ୍କ ଜଣେ ଭଲ ବନ୍ଧୁ ଥିଲେ। ଗତ ହୋଲି ପରଦିନ ସାମାନ୍ୟ ବଚସାକୁ କେନ୍ଦ୍ରକରି ଗୟାଧର ତାଙ୍କୁ ଜୀବନରେ ମାରି ଦେବାକୁ ଧମକ୍ ଦେଇଥିଲେ। ଏପରି କି ତପସ୍ୱିନୀଙ୍କୁ ଯେପରି ଏୟାରପୋର୍ଟ ପାଚେରୀ ପାଖ ଜଙ୍ଗଲରେ ହତ୍ୟା କରିଥିଲି, ସେପରି ତାଙ୍କୁ ହତ୍ୟା କରିବେ ବୋଲି ଧମକ୍ ଦେଇଥିଲେ। ଏହିସବୁ ଘଟଣା ଶୁଣିବା ପରେ ରବି କ୍ୟାପିଟାଲ ଥାନାରେ ଜଣାଇଥିଲେ ମଧ୍ୟ ପୋଲିସ କିଛି ଶୁଣି ନ ଥିଲା। ଏ ସମ୍ପର୍କରେ କ୍ୟାପିଟାଲ ଥାନାଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଶୁଣାଖବରକୁ ଆଧାର କରି ଏହି ଅଭିଯୋଗ ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୟାଧରଙ୍କ ନାମରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ବିଷୟରେ ସେ କିଛି ଜାଣି ନ ଥିବା ଗୟାଧର ପରିଡ଼ା କହିଛନ୍ତି। ଅପରପକ୍ଷରେ ଏହି ମାମଲା ରୁଜୁ ପରେ ଅଭିଯୋଗକାରୀ ରବିଙ୍କୁ ବିଭିନ୍ନ ନମ୍ବରରୁ ଧମକପୂର୍ଣ୍ଣ କଲ ଆସୁଥିବା ସେ କହିଛନ୍ତି।

# ଦୁର୍ନୀତି ବିରୋଧରେ ଭାଜପାର ତହସିଲ କାର୍ଯ୍ୟାଳୟ ଘେରାଉ




ଭାଜପା ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ବୁଗୁଡା,୨୦।୫(ଡି.ଏନ.ଏ.)

ବୁଗୁଡା ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ବିରୋଧରେ ଘୁମୁସର ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଶୁକ୍ରବାର ତହସିଲ କାର୍ଯ୍ୟାଳୟକୁ ଘେରାଉ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ଘୁମୁସର ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ତହସିଲଦାରଙ୍କ ବିରୋଧରେ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଶେଷରେ ବୁଗୁଡ଼ା ତହସିଲ କାର୍ଯ୍ୟାଳୟକୁ ଘେରାଉ କରି କାର୍ଯ୍ୟରତ ତହସିଲଦାରଙ୍କ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପ୍ରେରଣ କରିଛନ୍ତି। ଉକ୍ତ ଦାବିପତ୍ରରେ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କୁ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଭାବେ ସାବ୍ୟସ୍ତ କରି ଦର୍ଶାଯାଇଛି ଯେ, ତହସିଲଦାର ଦୀର୍ଘ ୪ ବର୍ଷ ହେଲା ବୁଗୁଡ଼ାରେ ପ୍ରଥମେ ଅତିରିକ୍ତ ତହସିଲଦାର ଭାବେ ଯୋଗଦେଇ ପରବର୍ତ୍ତୀ ସମୟରେ ପଦୋନ୍ନତି ପୁଣି ଏଠାରେ ତହସିଲଦାର ଭାବେ ନିଯୁକ୍ତି ପାଇବା ସହ ଉପ-ନିବନ୍ଧକ ଦାୟିତ୍ୱକୁ ମଧ୍ୟ ଅତିରିକ୍ତ ଭାବେ ଗ୍ରହଣ କରି ଦୁର୍ନୀତିର କାୟା ବିସ୍ତାର କରିଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ତହସିଲଦାର ବିଭିନ୍ନ ସ୍ଥାନରେ ବଡ ବଡ କୋଠା ନିର୍ମାଣ କରିଥିବା ଦର୍ଶାଇ ଭିଜିଲାନ୍ସ ତଦନ୍ତ ମଧ୍ୟ ଦାବି କରିଛନ୍ତି। ଶୁକ୍ରବାର ସ୍ଥାନୀୟ ଭାଜପା କାର୍ଯ୍ୟାଳୟରୁ ନଗର ସଭାପତି ସୂର୍ଯ୍ୟ ନାରାୟଣ ମହାନ୍ତି, ନିଳମଣି ବିଷୋୟୀ, ରଞ୍ଜନ ପଲାଇ, ଦୀପକ କୁମାର ପ୍ରଧାନ, ବିଷ୍ଣୁଚରଣ ପ୍ରଧାନ, ରଶ୍ମିତା ରଣା, କେଦାର ମହାରଣା, କୃଷ୍ଣଚନ୍ଦ୍ର ମହାପାତ୍ର, କାର୍ତ୍ତିକ କୁମାର ମଙ୍ଗାଳ, ପ୍ରକାଶ ମହାରଥାଙ୍କ ସମେତ ଭାଜପାର ଶତାଧିକ ମହିଳା ଓ ପୁରୁଷ କର୍ମୀ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତାହାଙ୍କୁ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ। ତହସିଲ କାର୍ଯ୍ୟାଳୟ ଘେରାଉ କାଳରେ ବ୍ୟାପକ ପୋଲିସ ମୁତୟନ ରହିଥିବା ବେଳେ ବିଡିଓ ତନ୍ମୟ ପାତ୍ର ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ। ଅନ୍ୟପକ୍ଷରେ ଭାଜପାର ଏହି ସମସ୍ତ ଅଭିଯୋଗ ମିଥ୍ୟା ବୋଲି ତହସିଲଦାର ସଂଗ୍ରାମ କେଶରୀ ଜେନା ପ୍ରକାଶ କରିଛନ୍ତି।

# ହାଡୁଭାଙ୍ଗି-ଗାଇବା ରାସ୍ତା ମରଣଯନ୍ତା



ରାସ୍ତାରୁ ପିଚୁ ଉଠିଯାଇଛି।

## ବିଭାଗୀୟ ଅଧିକାରୀଙ୍କ ଅବହେଳା ଅଭିଯୋଗ

ପାରଳାଖେମୁଣ୍ଡି, ୨୦।୫ (ଡି.ଏନ୍.ଏ.)

ଗଜପତି ଜିଲା ହାଡୁଭାଙ୍ଗି ଠାରୁ ଗାଇବା ୧୬ କି.ମି. ରାସ୍ତା ନିର୍ମାଣ ପରଠାରୁ ମରାମତି ହୋଇନି। ଏହି ରାସ୍ତାରୁ ପିଚୁ ଉଠି ଖାଲଖମାରେ ଭର୍ତ୍ତି ହୋଇଥବାରୁ ତାହା ମରଣଯନ୍ତା ପାଲଟିଛି। ଗୁମ୍ମା ବ୍ଲକ ସଦର ମହକୁମା ଏବଂ ପାରଳାଖେମୁଣ୍ଡି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ଗୁମ୍ମା ବ୍ଲକର ଗାଇବା, ପରିଡ଼ା, ବୃଷଭ ଓ ବାଇଖାଲ ପଞ୍ଚାୟତବାସୀ ନିର୍ଭରଶୀଳ। ରାସ୍ତା ଖରାପ ଯୋଗୁ ଅନେକ ସମୟରେ ରୋଗୀ କିମ୍ବା ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବା କଷ୍ଟକର ହେଉଛି। ଏପରିକି ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଦୁର୍ଘଟଣା ଘଟୁଛି। ଏ ନେଇ ୪ ପଞ୍ଚାୟତବାସୀ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦିବାକର ଦାସଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଛନ୍ତି। ତଥାପି ରାସ୍ତା ନିର୍ମାଣ ନିମନ୍ତେ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବା ତିସାନ ଭୂୟାଁ,ବାସନ୍ତୀ ପାଣି, ବୁଲୁ ଭୂୟାଁ, ସୁବାସ ଲିମା, କୁନା ବେବର୍ତ୍ତା, ବିନାୟକ ମାଛ ଓ ସୁଧାକର ଲିମା ପ୍ରମୁଖ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମନମାନି ଯୋଗୁ କାର୍ଯ୍ୟ ହୋଇପାରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଜନସାଧାରଣଙ୍କ ଅଭିଯୋଗକୁ ଏଡ଼ାଇ ଯିବାଯାଇ କିଛି ଦୂର ରାସ୍ତା ଖୋଳି ଦିଆଯାଇଛି। ହେଲେ କାମ ପାଇଁ ଠିକାଦାର କିମ୍ବା କୌଣସି ଯନ୍ତ୍ରୀଙ୍କ ଦେଖା ମିଳୁ ନଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ରାସ୍ତା ମରାମତି କାର୍ଯ୍ୟ ପାଇଁ ୩କୋଟି ୬୭ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଗତବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏହାର ସମୟ ଅବଧି ଥିବା ବେଳେ ଏ ଯାଏ କାର୍ଯ୍ୟ ସରିପାରୁନି। ଏନେଇ ସହକାରୀ ଯନ୍ତ୍ରୀ ଅଶୋକ କୁମାର ଦାସଙ୍କୁ ପଚାରିବାରେ ବ୍ରହ୍ମପୁରର ଜଣେ ଠିକାଦାର ଏହି କାମ ଠିକା ନେଇଥିବା ବେଳେ କାମ କରିବା ଉଦ୍ଦେଶ୍ୟ ନଥାଇ ଆଜି କାଲି ହେବ ବୋଲି କାମ ନ କରିବା ଯୋଗୁଁ ଏନେଇ ସମସ୍ତ ନଥିପତ୍ର କାର୍ଯ୍ୟ ଶେଷ ହୋଇଥିବା ବେଳେ ଆସନ୍ତା ଜୁନ ମାସ ୨୦୨୨ରେ ପୁନର୍ବାର ଟେଣ୍ଡର କରାଯିବ ବୋଲି ସୂଚନା ଦେଇଛନ୍ତି।

# ବାଇକ୍‌ରେ ମହିଳାଙ୍କ ଭାରତ ଭ୍ରମଣ

ବ୍ରହ୍ମପୁର ଅଫିସ,୨୦।୫:

କେରଳ କୋଚିର ବାସିନ୍ଦା ଅମ୍ବିକା କ୍ରିଷ୍ଣନ୍ ପେସାରେ ଆକାଶବାଣୀର ଜଣେ ଉପସ୍ଥାପିକା। ହେଲେ ନିଶା ତାଙ୍କର ବାଇକ୍ ଚାଳନା ଓ ଦେଶର ସମସ୍ତ ରାଜ୍ୟର ଲୋକଙ୍କ ସହ ମିଶି ସେଠାକାର ସଂସ୍କୃତି ଏବଂ ପରମ୍ପରା ସମ୍ପର୍କରେ ଜାଣିବା। ଅମ୍ବିକାଙ୍କ ସ୍ୱାମୀ ସେନାବାହିନୀରେ କାର୍ଯ୍ୟରତ ଥିବା ସମୟରେ ବାଇକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଜଣେ ସେନାଧିକାରୀଙ୍କ ବିଧବା ସ୍ତ୍ରୀ ଭାବେ ସେ ଭାରତୀୟ ସେନା ବାହୀନିକୁ ପାଖରୁ ଦେଖିଛନ୍ତି। ସେମାନଙ୍କ ତ୍ୟାଗ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବାକୁ ଅମ୍ବିକା ସୋଲୋ ବାଇକ ରାଇଡ଼ିଂରେ ଦେଶ ଭ୍ରମଣ କରିବା ଭଳି ଦୁଃସାହାସିକ ପଦେକ୍ଷେପ ନେବାକୁ ମନ ବଳାଇଛନ୍ତି। ପରିଭ୍ରମଣର ୩୯ ଦିନରେ ଶୁକ୍ରବାର ସେ ବ୍ରହ୍ମପୁର ରେଡ଼ିଓ ଷ୍ଟେଶନଠାରେ ପହଞ୍ଚିଛନ୍ତି। ବ୍ରହ୍ମପୁର ରେଡ଼ିଓ ଷ୍ଟେଶନ ଅଧିକାରୀ ଦାୟିତ୍ୱରେ ଥିବା ସୁଧାକର ଚନ୍ଦ୍ର ବେହେରା ତାଙ୍କୁ ସ୍ୱାଗତ ଜଣାଇଥିଲେ। ଅମ୍ବିକାଙ୍କ ଲକ୍ଷ୍ୟ ଭାରତରେ ଥିବା ସମସ୍ତ ଏଫଏମ ରନବୋ ଷ୍ଟେଶନ ଭ୍ରମଣ ସହ ବିଭିନ୍ନ ରାଜ୍ୟର ଲୋକଙ୍କ ସମ୍ପର୍କରେ ଜାଣିବା ଏବଂ ଭାରତୀୟ ଯବାନଙ୍କ ପ୍ରତି ସାଧାରଣ ଲୋକଙ୍କ ମନରେ ସମ୍ମାନ ସୃଷ୍ଟି କରିବା। ଅଦ୍ୟାବଧି ପ୍ରାୟ ୫ ହଜାର କି.ମି. ବାଇକରେ ଯାତ୍ରା କରି କେରଳ, ବେଙ୍ଗାଲୁରୁ, ଆନ୍ଧ୍ରପ୍ରଦେଶର କେତେକ ଆକାଶବାଣୀ କେନ୍ଦ୍ର ଓ ଏଫଏମ ରେନବୋ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି। ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ଅମ୍ବିକା ଦେଶର ସମସ୍ତ କେନ୍ଦ୍ର ଭ୍ରମଣ ସାରି ପୁଣି କେରଳ ପ୍ରତ୍ୟାବର୍ତ୍ତନ କରିବେ ବୋଲି କହିଛନ୍ତି।

# ବିଦ୍ୟାନିକେତନର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଚିକିଟି,୨୦।୫(ଡି.ଏନ.ଏ.)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ସାନ୍ଦୀପନି ବିଦ୍ୟାନିକେତନର ୨୦୨୧- ୨୨ ଶିକ୍ଷାବର୍ଷର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆପଡା ସରକାରୀ ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜି.ସଦାନନ୍ଦ ଯୋଗଦେଇ ଛାତ୍ରୀଛାତ୍ରମାନେ ଶରୀରର ସ୍ୱାସ୍ଥ୍ୟ ବଜାୟ ରଖିବାକୁ ହେଲେ କ୍ରୀଡାର ଆବଶ୍ୟକ ରହିଛି। ଏଣୁ ପାଠପଢା ସହିତ କ୍ରୀଡ଼ା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅନୁନିରୀକ୍ଷକ ମୁରଲୀ ପ୍ରଧାନ, କ୍ରୀଡ଼ା ଶିକ୍ଷକ ଟି. ଜଗନ୍ନାଥ ପାତ୍ର, ବିଦ୍ୟାଳୟର ସଭାପତି ଏସ. ନାଗଭୂଷଣ, ଶିଶୁମନ୍ଦିର ପରିଚାଳକ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶୁକ୍ରବାର ପ୍ରଥମ ଦିବସରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୫୦ ଓ ୧୦୦ମିଟିର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ଶନିବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆୟୋଜିତ କାର୍ଯ୍ୟକ୍ରମକୁ ନୂଆପଡା ସରକାରୀ ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଟି. ଜଗନ୍ନାଥ ପାତ୍ର ପରିଚାଳନା କରିଥିବା ବେଳେ ଶିଶୁମନ୍ଦିର ଗୁରୁମା ରଶ୍ମିରେଖା ପଣ୍ଡା, ସନ୍ଧ୍ୟା ବାଡ଼ତ୍ୟା, ଶିବାନୀ ସେଠୀ, ନୀଳାଦ୍ରି ପ୍ରଧାନ, ଗୀତାଞ୍ଜଳି ପାଢ଼ୀ, ରାଜେଶ୍ୱରୀ ପ୍ରଧାନ, ସସ୍ମିତା ଜେନା, ପି. ସୋନି, ଗୁରୁଜୀ ସନ୍ତୋଷ, ଅଜିତ, ଉମା ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**

No.O-268

No. 2099 e-mail: serwsbd2003@yahoo.com Date: 18.05.2022

**E-Procurement Notice for PMGSY Work**

1. Name of the work : Construction/Upgradation of Roads under Pradhan Mantri Gram Sadak Yojana and their Maintenance for Five years (01 No.)
2. Class of contractor : B Class & A Class contractor of (Odisha PWD) or relevant class of other licencing authorities.
3. Estimated Cost : **Rs.159.77 Lakhs (Approximately)**
4. Detail projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, R.W. Circle, Sunabeda | CCERWCSBD-Online-09/ 2022-23 | 21.05.2022 at 11.00 A.M. | 31.05.2022 up to 5.30 P.M. | 27.05.2022 Up to 2.00 P.M. | 01.06.2022 at 11.00 A.M. | To be intimated separately |

5. The details of PMGSY works can be seen from the website **https://www.pmgsytenders.gov.in**
6. Any Corrigendum/Addendum will be displayed in the above e-tender websites.

**Sd./- Chief Construction Engineer, Rural Works Circle, Sunabeda**
**OIPR-25182/11/0008/2223**



**e-Procurement Notice for Road Works Identification No.**
**01 / SERW/BLS/ 2022-23**

No.O-262:

1. Name of the Work : Roads
2. Total No. of Works : 10 Nos.
3. Estimated Cost : Estimated Cost Rs.7.96 Lakh to 39.78 Lakh
4. Class of Contractor : D', 'C' & 'B' Class
5. Time of Completion : 1 Month (One Calendar Month)
6. Other Details

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Balasore | 01/SERW/ BLS/ 2022-23 | 17.05.2022 at 11.00 A.M. | 26.05.2022 upto 5.00 P.M. | 25.05.2022 upto 1.00 P.M. | 27.05.2022 at 11.00 P.M. |

Further details can be seen from the website www.tendersodisha.gov.in.

**Sd./- Superintending Engineer, R.W.Division, Balasore**
**OIPR-25108/11/0001/2223**



**OFFICE OF THE DIRECTOR**
**ACHARYA HARIHAR POST GRADUATE INSTITUTE OF CANCER, CUTTACK**
**TENDER CALL NOTICE**

No. 1935 Dated: 18.05.2022

No. E-87: Sealed tenders are invited from intending highly qualified and experienced Chartered Accountant firms for conducting the audit of the accounts of the Institute for the Financial year 2022-23.
The terms of reference & details can be downloaded from the website of AHPGIC - **www.ahrcc.in**.

| | |
|---|---|
| Last date & time of tender submission (by Speed Post/Regd. Post only) | 09.06.2022 till 5.00 P.M. |
| Bid opening date and time | 10.06.2022 at 12.30 P.M. |
| Date & time of pre-bid meeting | 27.05.2022 at 12.30 P.M. |
| Date of opening of financial bids | Shall be intimated to qualified bidders only. |

OIPR-10171/11/0003/2223 Sd./- Director, AHPGIC, Cuttack



**ପୌର କାର୍ଯ୍ୟାଳୟ, ଜୟପୁର**
**MUNICIPAL OFFICE, JEYPORE**
Main Road, Jeypore, Dist.- Koraput, Odisha, Phone No. 06854-231098
e-mail: ulbjeypore@gmail.com

Letter No. 2747/JM Date: 18 May 2022

**QUOTATION CALL NOTICE FOR SUPPLY OF NEW PUSH CART**

No. C-322: Sealed quotations are invited from local Fabrication Units/ Manufacturers, who are operating their business in Jeypore, for supply of new push carts to Jeypore Municipality as per the specification detailed below.

**Specification:**
1.470 × .900 × .500 Ht. made out of MS angle 35 × 35 × 6mm base frame, top frame 25 × 25 × 6mm MS angle and covering of 1.6mm CR Sheet, sporting with 18 × 5mm MS flat, MS axle 25mm and Disk, Tyre & Tube Size - 3.50-8 and Painting of one coat primer & one coat enamel paint.

**TERMS AND CONDITIONS:**
1. The intending quotationer should have to file his quotation by purchasing the tender paper from Office of the undersigned on payment of Rs.2,000/- towards paper cost (non-refundable).
2. The successful bidder has to deposit 5% of the total cost as security deposit.
3. The tender paper has to be accompanied with the Registration Certificate of his unit/GST and Income Tax/Sales Tax uptodate clearance certificate.
4. Any correction in the tender paper should be attested by the bidder.
5. Quotations can be filed through Registered Post/Speed Post or in person.
6. The sale of quotation paper shall be commenced from 19.05.2022 to 31.05.2022 (during office hour).
7. The quotationer may submit the quotation from 19.05.2022 to 31.05.2022 (during office hour). The received quotations will be opened on 01.06.2022 at 12.00 Noon in presence of the quotationer or his/her authorised person.
8. The undersigned reserves the right to cancel any or all quotations without assigning any reason thereof.

**Sd./- Executive Officer**
**Jeypore Municipality**
**OIPR-13079/11/0020/2223**



**ZILLA SWASTHYA SAMITI, SUBARNAPUR**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR**
**DISTRICT PROGRAMME MANAGEMENT UNIT, NHM**
E-mail: nhm.subarnapur@gmail.com

Adv. No. 156/DPMU/NHM/22 Date: 18.05.2022

**REQUEST FOR PROPOSAL (RFP) FOR OUTSOURCING OF MANPOWER**

No. E-89: Sealed proposals as per the prescribed RFP document are invited from interested eligible bidders for engagement of Techno Managerial & Other manpower services on daily wage basis in different health institutions of Subarnapur districts. The eligibility criteria, the detail requirement and the formats for submission of proposals are set forth in the following RFP document which can be downloaded from the district website: **www.subarnapur.nic.in**.
RFP - 1 - Outsourcing of Techno Managerial Personnel.
RFP - 2 - Outsourcing of Other Manpower Services.
Interested bidders fulfilling the eligibility criteria may submit their proposal along with all required documents by Speed Post/Registered Post/ Courier only on or before 08.06.2022 till 1 P.M. Bidders have to submit separate proposal for RFP - 1 & RFP - 2. The technical proposal shall be opened on 09.06.2022 at 9 A.M. The undersigned reserves the right to reject any or all the proposals without assigning any reason thereof.

**Sd./- CDM & PHO cum DMD, Subarnapur**
**OIPR-10118/11/0004/2223**



**TRIBAL DEVELOPMENT CO-OPERATIVE CORPORATION OF ODISHA LTD (TDCCOL)**
ADISHA
Tel. 0674-2542475/2542617, Fax-2544828
Email:admin@tdccorissa.org., wesite: www.tdccorissa.org

No.1191/TDCCOL Date:18.05.2022

**Detail Tender Call Notice for Supply of Ceramic CUPS with Tribal Print**

**No.CAD-569:** Sealed Tender(s) are invited from suppliers/ firms for supply of ceramic cups with tribal print for retailing through TDCCOL outlets across the state. The bidder(s) should quote their basic rate of ceramic coffee mugs, taxes, other charges if any. The last date of submission of tender is on Date- 02.06.2022 till 3:00 PM. The bidder should submit the rate in the prescribed format (Annexure-I) under the firm's letter head. The detail of tender call notice, instruction and terms and conditions of the contract can be downloaded from the website www.tdccorissa.org.
The undersigned reserves the right to accept or reject any or all the tenders without assigning any reason thereof.

**Sd./- Manager (Administration)**
**TDCCOL, Bhubaneswar**
**OIPR-26005/11/0003/2223**



**OFFICE OF THE SUPERINTENDING ENGINEER**
**RURAL WORKS DIVISION-I,GANJAM,BERHAMPUR**
Phone:0680-2291405,Email:eerw_gm1@yahoo.co.in

**Government of Odisha e-Procurement Notice**
**Bid Identification No.Online Tender//02//SERWDG-I//2022-23**
**Letter No.1306//RWDG-I//BAM//Date:17.05.2022**

No.O-264:

| | | | |
|---|---|---|---|
| 1 | Name of the Work | :: | Road Works |
| 2 | Estimated Cost | :: | Rs.55.23 Lakh |
| 3 | Period of Completion | :: | 03 (Three) Calendar Months as shown in Column No.05 of Annexure. |
| 4 | Date & Time of availability of Bid documents in the Portal | :: | From 23.05.2022 at 10.30 A.M. to 06.06.2022 upto 3.00 P.M. |
| 5 | Last Date/Time for receipt of Bids in the Portal | :: | 06.06.2022 upto 3.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.

**Sd./- Superintending Engineer,**
**R.W.Division-I, Ganjam, Berhampur**
**OIPR-25085/11/0003/2223**



**OFFICE OF THE SUPERINTENDING ENGINEER**
**RURAL WORKS DIVISION-II,GANJAM,BERHAMPUR**
Phone:0680-2404096,Email:eerwgmt@yahoo.co.in

**Government of Odisha e-Procurement Notice**
**Bid Identification No.Online Tender//03//SERWDGM-II//2022-23**

No.O-261: **No.3446/SERWDGM-II/ Date:12.05.2022**

| | | | |
|---|---|---|---|
| 1 | Name of the Work | :: | Road & Building Works |
| 2 | Estimated Cost | :: | Rs.3.00 to 44.25 Lakh |
| 3 | Period of Completion | :: | 06 (Six) Months as per Annexure. |
| 4 | Date & Time of availability of Bid documents in the Portal | :: | From 23.05.2022 at 10.00 A.M. to 02.06.22 upto 4.00 P.M. |
| 5 | Last Date/Time for receipt of Bids in the Portal | :: | 02.06.2022 upto 4.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-Procurement portal website **https://www.tendersodisha.gov.in./nicgep/app.**

**Sd./- Superintending Engineer,**
**R.W.Division-II, Ganjam, Berhampur**
**OIPR-25073/11/0002/2223**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମେ ୨୧/୨୦୨୨ Bhubaneswar, Saturday, May 21/ 2022

# ଛେନାପୋଡ଼, କଂସାବାସନର ହେବ ଲୋଗୋ

ନୟାଗଡ଼ ଅଫିସ/ଖଣ୍ଡପଡ଼ା, ୨୦।୫(ସ୍ୱ.ପ୍ର.)



ଜିଆଇ ଟ୍ୟାଗ ପାଇଁ ଅନୁଷ୍ଠିତ ଜିଲାସ୍ତରୀୟ ବୈଠକରେ ପ୍ରଶାସନିକ ଅଧିକାରୀମାନେ।

ନୟାଗଡ଼ ଜିଲାରେ ପ୍ରସ୍ତୁତ ହେଉଥିବା ପ୍ରସିଦ୍ଧ ଛେନାପୋଡ ଓ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଥିବା କଣ୍ଟିଲୋର କଂସା ପିତଳ ବାସନକୁ ଜିଓ ଗ୍ରାଫିକାଲ୍ ଇଣ୍ଡିକେସନ(ଜିଆଇ) ଟ୍ୟାଗ୍ ମାନ୍ୟତା ଦେବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ଶୁଭସ୍ମିତ୍ରା ସେଠୀଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଓ ଉପଜିଲାପାଳ ଲଗ୍ନଜିତ ରାଉତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଶାନ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚେୟାରମ୍ୟାନ ପ୍ରମୋଦ କୁମାର ପଟ୍ଟନାୟକ, ଓରମାସ ପକ୍ଷରୁ ସହକାରୀ ନିର୍ବାହୀ ଅଧିକାରୀ ନଟବର ସ୍ୱାଇଁ, ନିଖିଳ ଉତ୍କଳ କଂସାରୀ ସମାଜ ଓଡ଼ିଶା କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, କଣ୍ଟିଲୋ ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତିର ସଭାପତି ଦଣ୍ଡପାଣି ସାହୁ, ୫ ନଂ. ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ଓ କଣ୍ଟିଲୋ ନାଗରିକ ମଞ୍ଚ ଉପଦେଷ୍ଟା ପ୍ରଭାକର ଶିରୋମଣି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗର ପ୍ରକଳ୍ପ ବୈଜ୍ଞାନିକ ଡ. ସୁଶାନ୍ତ କୁମାର ରାଉତ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ନୟାଗଡ଼ ଜିଲାର ପ୍ରସିଦ୍ଧ ଛେନାପୋଡ ଓ କଣ୍ଟିଲୋ କଂସା ପିତଳ ବାସନକୁ କାହିଁକି ଜିଆଇ ମାନ୍ୟତାର ଅନ୍ତର୍ଭୁକ୍ତ କରାଯିବ ଓ କି କି ପ୍ରକାର ପଦକ୍ଷେପ ଗ୍ରହଣ ନିଆଯିବ ସେ ସମ୍ପର୍କରେ ଭିଡିଓ ମାଧ୍ୟମରେ ଉଦାହରଣ ଦେଇ ବୁଝାଇଥିଲେ। ଜିଆଇ ଟ୍ୟାଗ ଦାବିକୁ ତ୍ୱରାନ୍ୱିତ କରାଯିବାକୁ ଜୁନ ପ୍ରଥମ ସପ୍ତାହ ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ କଂସା ପିତଳ ବାସନ ଓ ଛେନାପୋଡର ଲୋଗୋ ପ୍ରସ୍ତୁତ କରିବା ସହ ଏହାର ଗୁଣବତା ଦିଗରେ ତଥ୍ୟ ଉପସ୍ଥାପନ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଅଗ୍ରଗତି ସମ୍ପର୍କରେ ଆଲୋଚନା ପାଇଁ ଜୁନ ୩ ତାରିଖରେ ଆୟୋଜିତ ବୈଠକରେ ସମୀକ୍ଷା କରାଯିବାକୁ ଡେପୁଟି କଲେକ୍ଟର ସେଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ଜିଲାର ଦୁଇଟି ପ୍ରମୁଖ ଦାବି ନେଇ ବୈଠକ ବସିଥିଲେ ହେଁ ଏ ନେଇ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇନି। ଏପରି କି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମଧ୍ୟ ଜିଆଇ ଟ୍ୟାଗ ସମ୍ପର୍କୀତ ଦ୍ୱିତୀୟ ପର୍ଯ୍ୟାୟ ବୈଠକକୁ ଗଣମାଧ୍ୟମକୁ ସୂଚନା ଦିଆଯାଇନି। ଏ ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ବୈଠକ ନେଇ ପଚାରିବାରୁ ଶୁକ୍ରବାରର ବୈଠକ ନେଇ କହି ପାରି ନ ଥିଲେ। ଏହା ପରେ ଗଣମାଧ୍ୟମର ପ୍ରତିନିଧିମାନେ ଜିଲା ପ୍ରଶାସନ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

- ଜିଆଇ ଟ୍ୟାଗ ମାନ୍ୟତା ନେଇ ଜିଲାସ୍ତରୀୟ ବୈଠକ
- ଜୁନ ପ୍ରଥମ ସପ୍ତାହରେ କରାଯିବ ଆବେଦନ

### ଶୀତଳଭଣ୍ଡାରରେ ରହିଛି ଦାବି

ନୟାଗଡ଼ର ଛେନାପୋଡକ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ବିଭିନ୍ନ ସମୟରେ ଦାବି ଉଠିଛି। ମାନ୍ୟତା ମିଳିଲେ ଛେନାପୋଡର ସୃଷ୍ଟି ନୟାଗଡ଼ରୁ ବୋଲି ସରକାରୀ ସ୍ୱୀକୃତି ରହିବ। ଏ ନେଇ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ଶିଳ୍ପନୀତି ଓ ପ୍ରୋତ୍ସାହନ ବିଭାଗ ନିକଟରେ ଜିଆଇ ଟ୍ୟାଗ୍ ପ୍ରଦାନ ସମ୍ବନ୍ଧୀୟ ଆବଶ୍ୟକ କାଗଜାତ ଦାଖଲ କରାଯାଇଥିଲେ ମଧ୍ୟ ଏହି ଦାବି ଶୀତଳଭଣ୍ଡାରରେ ପଡି ରହିଛି। ଶୁକ୍ରବାରର ବୈଠକ ପରେ ଦାବି ତ୍ୱରାନ୍ୱିତ ହେଉଛି କି ନାଁ ସମୟ କହିବ। ୨୦୧୭ ମସିହାରେ ନୟାଗଡ଼ର କିଛି ବୁଦ୍ଧିଜୀବୀ ଛେନାପୋଡ଼ ସମେତ ଅନ୍ୟ ସାମଗ୍ରୀକୁ ଜିଆଇ ଟ୍ୟାଗ୍ ମିଳୁ ବୋଲି ଦାବି କରିଥିଲେ। ପରେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଜିଲା ଓରମାସ କାର୍ଯ୍ୟାଳୟକୁ ଏହାର ସ୍ଥିତି ବିଷୟରେ ଜଣାଇବାକୁ କୁହାଯାଇଥିଲା। ଜିଲା ଓରମାସ କାର୍ଯ୍ୟାଳୟ ୨୦୧୭ ଜୁନ୍ ୧୩ରେ ନୟାଗଡ଼ର ଛେନାପୋଡ଼ ସମେତ ଜିଲାର ପ୍ରସିଦ୍ଧ ଥିବା ରଣପୁର ବ୍ଲକର ଲୋଧାଚୁଆ, ନୟାଗଡ଼ ବ୍ଲକର ଇଟିକିରି, କିଦ୍ରାଶପୁର ଗାଁ ଓ ଦଶପଲ୍ଲା ବ୍ଲକର ବାଣିଗୋଛା ଗ୍ରାମର ମୁଗ, ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଗ୍ରାମର ପିତଳ ମୂର୍ତ୍ତି, ଦଶପଲ୍ଲା, ନୂଆଗାଁ, ଖଣ୍ଡପଡ଼ା ଏବଂ ଗଣିଆ ବ୍ଲକର ମେସିନ୍ ଦ୍ୱାରା ସିଲାଇ ହେଉଥିବା ଶିଆଳି ଖଲିପତ୍ର, ଖଣ୍ଡପଡ଼ା ଓ ଗଣିଆ ବ୍ଲକର ଧୂଆମଡ଼ା ଗାଁର କାଠ ହସ୍ତଶିଳ୍ପ ବିଷୟରେ ତଥ୍ୟ ପ୍ରଦାନ କରିଥିଲା। ଏହି ସମସ୍ତ ଦ୍ରବ୍ୟକୁ ଜିଆଇ ଟ୍ୟାଗ୍ ପାଇଁ ପଞ୍ଜୀକୃତ କରିବା ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗକୁ ଚିଠିରେ ଦର୍ଶାଯାଇଥିଲା। ଅନ୍ୟପକ୍ଷେ ନୟାଗଡ଼ ଛେନାପୋଡର ସ୍ରଷ୍ଟା ସୁଦର୍ଶନ ସାହୁଙ୍କ ୯୧ତମ ଜନ୍ମ ବାର୍ଷିକ ଏପ୍ରିଲ ୧୧କୁ ଛେନାପୋଡ ଦିବସ ଭାବେ ନୟାଗଡ଼ ଜିଲାରେ ପ୍ରଥମ ଥର ପାଇଁ ପାଳନ କରାଯାଇଛି। ଏହି ଦିବସ ଜିଲାର ବିଭିନ୍ନ ବ୍ଲକ, ଗାଁ, ୱାର୍ଡ, ରାଜ୍ୟ ଓ ଦେଶବିଦେଶରେ ପାଳନ କରାଯାଇଥିଲା। ଏଥିପାଇଁ ଦାବିଦାର କେବଳ ନୟାଗଡ଼ ଥିବାରୁ ସୁବିଧାରେ ଜିଆଇ ଟ୍ୟାଗ ମାନ୍ୟତା ମିଳିବ ବୋଲି କୁହାଯାଉଛି।

# ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ

## ଜାତିଆଣ ଆକ୍ଷେପ, ଘରପୋଡ଼ି ମାମଲା

ନୟାଗଡ଼ ଅଫିସ,୨୦।୫

ନୟାଗଡ଼ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ଜାତିଆଣ ଆକ୍ଷେପ ଅଭିଯୋଗ ଓ ଘରପୋଡି ମକଦ୍ଦମାର ରାୟ ପ୍ରକାଶ ପାଇଛି। ୧୦ ସାକ୍ଷୀଙ୍କ ବୟାନ, ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ, ସ୍ୱତନ୍ତ୍ର ସରକାରୀ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ଯୁକ୍ତିକୁ ବିଚାର କରି ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ରୂପଶ୍ରୀ ଚୌଧୁରୀ ଅଭିଯୁକ୍ତ ଦଶପଲ୍ଲା ଥାନା ମହାନ୍ତିପଲ୍ଲୀ ଗାଁର ବାସୁଦେବ ବେହେରା(୬୨)ଙ୍କୁ ୫ବର୍ଷ ଜେଲଦଣ୍ଡ ଓ ୫ ହଜାର ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ୬ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ରହିଛି। ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରେମାନନ୍ଦ ନାୟକଙ୍କ ସୂଚନା ଅନୁସାରେ, ୨୦୧୫ ନଭେମ୍ବର ୧୭ ସନ୍ଧ୍ୟାରେ ଦଶପଲ୍ଲା ମହାନ୍ତିପଲ୍ଲୀ ଦଳିତସାହିର ପ୍ରମୋଦ ନାୟକ(୪୦) ବସ୍ତିରେ ବୁଲୁଥିଲେ। ସେହି ସମୟରେ ମହାନ୍ତିପଲ୍ଲୀର ବାସୁଦେବ ବେହେରା ଏକ ଦେଶୀ ବନ୍ଧୁକ ଧରି ଦଳିତ ବସ୍ତିରେ ପହଞ୍ଚି ଥିଲେ। କିଛି ସମୟ ପରେ ବସ୍ତିବାସିନ୍ଦାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରି ଭୟର ବାତାବରଣ ସୃଷ୍ଟି କରିଥିଲେ। ପ୍ରମୋଦ ନାୟକ ଏହାର ପ୍ରତିବାଦ କରିବାକୁ ବାସୁଦେବ ଉତ୍ତେଜିତ ହୋଇ ଗୁଳିଚାଳନା କରିଥିଲେ। ଏଥିରେ ପ୍ରମୋଦ ଆହତ ହୋଇଥିଲେ। ପରେ ବାସୁଦେବ ଦଳିତ ବସ୍ତିରେ ନିଆଁ ଲଗାଇ ଦେବାରୁ ୧୨ ବଖରା ଘର ଜଳି ଯାଇଥିଲା। ବାସୁଦେବଙ୍କ ଉତ୍ପାତ ବଢୁଥିବାରୁ ଗାଁ ଲୋକ ଏକାଠି ହୋଇ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଅନ୍ୟପକ୍ଷେ ଏ ନେଇ ଦଶପଲ୍ଲା ଥାନାରେ ଅଭିଯୋଗ ପରେ ପୋଲିସ ଦଫା ୨୯୪, ୪୩୩, ୫୦୬, ୨୭ ଆର୍ମସ ଆକ୍ଟ, ୩ ଏସ୍‌ସିଏସ୍‌ଟି ଆକ୍ଟରେ ନଂ. ୧୯୭/୧୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ଅଟକ ଥିବା ବାସୁଦେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ବାସୁଦେବ ଜେଲରେ ଥିଲେ। ବାସୁଦେବ ୨୦୧୫ ଡିସେମ୍ବର ୪ରୁ ଡିସେମ୍ବର ୨୨ ପର୍ଯ୍ୟନ୍ତ ଜେଲରେ ରହିଛନ୍ତି। ଜାମିନ ମଞ୍ଜୁର ହେବା ପରେ ଡିସେମ୍ବର ୨୩ରେ ଘରକୁ ଫେରିଥିଲେ। ହେଲେ ୱାରେଣ୍ଟ ଜାରି ହେବାରୁ ୨୦୨୧ ନଭେମ୍ବର ୧୬ରୁ ପୁଣି ଜେଲରେ ଅଛନ୍ତି।

# ଖଣ୍ଡପଡ଼ା ଏନ୍‌ଏସି ପକ୍ଷରୁ ଜାଗା ସମ୍ପର୍କ କାର୍ଯ୍ୟକ୍ରମ



ଭୂମିହୀନମାନଙ୍କୁ ଜାଗା ମିଶନ ପକ୍ଷରୁ ଜମି ପଟ୍ଟା ପ୍ରଦାନ କରାଯାଉଛି।

ଖଣ୍ଡପଡ଼ା,୨୦।୫(ସ୍ୱ.ପ୍ର.)

ଖଣ୍ଡପଡ଼ା ଏନ୍‌ଏସି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ପଠାଣି ସାମନ୍ତ କଲ୍ୟାଣମଣ୍ଡପ ପରିସରରେ ଜାଗା ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସହରର ବିଭିନ୍ନ ୱାର୍ଡରେ ବସବାସ କରୁଥିବା ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜାଗା ମିଶନ ଜରିଆରେ ଭୂମି ଅଧିକାର ପ୍ରମାଣପତ୍ର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପ୍ରଦାନ ସହ ସମସ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ସୂଚନା ପ୍ରଦାନ କରିଥିଲେ। ଏନ୍‌ଏସି ଅଧକ୍ଷା ଆରତି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରଘୁନାଥ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଖଣ୍ଡପଡ଼ା ସହରାଞ୍ଚଳର ୯ଟି ବସ୍ତିରେ ସର୍ବମୋଟ ୩୬୧ ଭୂମିହୀନ ପରିବାର ବସବାସ କରୁଛନ୍ତି। ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଆନ୍ଦୋଳନରୁ ଓହରିଲେ ଛାତ୍ରୀଛାତ୍ର



ପ୍ରଶାସନିକ ଅଧିକାରୀଙ୍କ ସହ କଲେଜ ଛାତ୍ରୀଛାତ୍ରଙ୍କ ଆଲୋଚନା କରୁଛନ୍ତି।

ଦଶପଲ୍ଲା,୨୦।୫(ଡି.ଏନ.ଏ.)

ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୁକ୍ରବାର ଆନ୍ଦୋଳନରୁ ଓହରି ଯାଇଛନ୍ତି। ସୂଚନା ଅନୁଯାୟୀ, ଚଳିତ ବର୍ଷ ୨ ଗୋଟି ନୂତନ ବିଷୟ ଯଥା– ଏଥିକ୍ସ ଏବଂ ଏନ୍‌ଭାରମେଣ୍ଟାଲ ଏଜୁକେଶନ୍ ଯୁକ୍ତ ୩ ପ୍ରଥମ ବର୍ଷର ପାଠ୍ୟକ୍ରମରେ ଯୋଡା ଯାଇଛି। କିନ୍ତୁ ସମୟ ଅଭାବରୁ ଉକ୍ତ ବିଷୟଗୁଡିକର ଠିକ୍ ଭାବେ କ୍ଲାସ୍ କରାଯାଇ ପାରିନାହିଁ। ତେଣୁ ଛାତ୍ରୀଛାତ୍ରମାନଙ୍କ ଅଭିଯୋଗ ହେଲା ଯେହେତୁ ସେ ବିଷୟଗୁଡିକ ଆମେ ଆବଶ୍ୟକ ଅନୁଯାୟୀ ପଢିବାର ସୁଯୋଗ ପାଇନୁ ତେଣୁ ଆମ ପରୀକ୍ଷା ଖାତାରେ କିଛି ଗ୍ରେସ୍ ମାର୍କ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଉ। ଏ ବାବଦରେ ଅଧକ୍ଷ ସୁବାସ ଚନ୍ଦ୍ର ନାୟକଙ୍କ କହିବା କଥା ଏଭଳି ପ୍ରତିଶ୍ରୁତି ଦେଇପାରିବି ନାହିଁ। ତେବେ ଏଇ କଥାକୁ କେନ୍ଦ୍ର କରି ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ଗୁରୁବାର କଲେଜ ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ ଆରମ୍ଭ କରିଥିଲେ। ସ୍ଥାନୀୟ ତହସିଲଦାର ଅର୍ଜୁନ ପ୍ରଧାନ, ଅଧକ୍ଷ ଏବଂ କେତେଜଣ ଅଭିଭାବକଙ୍କ ଉପସ୍ଥିତିରେ ପିଲାମାନଙ୍କୁ ଆନ୍ଦୋଳନ ବନ୍ଦ କରି ଶ୍ରେଣୀ ଗୃହକୁ ଯିବାକୁ ବୁଝାଇଥିଲେ। ଏ ବାବଦରେ ପରିଚାଳନା କମିଟି ଆବଶ୍ୟକ ପଦକ୍ଷେପ ନେବ ବୋଲି କହିବା ପରେ ପିଲାମାନେ ଆନ୍ଦୋଳନ ହଟି ଶ୍ରେଣୀରେ ଯୋଗ ଦେଇଥିଲେ।

# ପୋଖରୀରେ ବୁଡ଼ି ଯୁବକ ମୃତ

ଧରାକୋଟ,୨୦।୫ (ଡି.ଏନ୍.ଏ.)

ଧରାକୋଟ ବ୍ଲକ ଢଉଗାଁ ଗାଁର ନୀଳାଞ୍ଚଳ ବିଶାଳ(୩୫)ଙ୍କ ଶୁକ୍ରବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ଗାଧୋଇବାକୁ ଯାଇଥିବା ବେଳେ ଅଚାନକ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ସେଠାରେ ଉପସ୍ଥିତ ଲୋକ ବିଶ୍ୱାଳଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଦମକଳ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନୀଳାଞ୍ଚଳଙ୍କୁ ଉଦ୍ଧାର କରି ଆସିକା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦାଦନ ଖଟିବାକୁ ଯାଇ ଯୁବ ଶ୍ରମିକ ନିଖୋଜ

ନୟାଗଡ଼ ଅଫିସ/ଦଶପଲ୍ଲା, ୨୦।୫ (ଡି.ଏନ୍.ଏ.)

- ପରିବାର ଅଜ୍ଞାତରେ ଯାଇଥିଲେ ରାଜସ୍ଥାନ
- ଫୋନ ସୁଇଚ୍ ଅଫ୍ ଥିବାରୁ ଜଣାପଡୁନି ସତ୍ୟତା

ନୟାଗଡ଼ ଜିଲା ଦଶପଲ୍ଲା ଥାନା ତୁମାଣ୍ଡି ଗାଁର ଶିବ ନାୟକଙ୍କ ପୁଅ ସୁମନ୍ତ(୩୦) ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ପରିବାର ଅଜ୍ଞାତରେ ରାଜସ୍ଥାନ କାମ କରିବାକୁ ଯାଇଥିବା ସୁମନ୍ତଙ୍କର ଫୋନ ସୁଇଚ ଅଫ ରହିଥିବାବେଳେ ଯୋଗାଯୋଗ ହୋଇ ପାରୁ ନ ଥିବାରୁ ପରିବାର ଲୋକଙ୍କ ଚିନ୍ତା ବଢିଯାଇଛି। ଅନ୍ୟପକ୍ଷେ ସୁମନ୍ତଙ୍କୁ ରାଜସ୍ଥାନ ନେଇଥିବା ସେହି ଗାଁର ରବି ବେହେରାଙ୍କ ପରିବାର କେତେବେଳେ ସୁମନ୍ତଙ୍କ ମୃତ୍ୟୁ ହୋଇଥିବା କହୁଥିବାବେଳେ ଆଉ କେତେବେଳେ ସେ ଜୀବିତ ଅଛନ୍ତି କହୁଛନ୍ତି। ଏଭଳି ଘଟଣା ଜଣାପଡିବା ପରେ ପରିବାରରେ ଚୁଲି ଜଳୁନି। ସୁମନ୍ତଙ୍କ ସମ୍ପର୍କରେ ପ୍ରକୃତ ତଥ୍ୟ ଜାଣିବାକୁ ପରିବାର ପକ୍ଷରୁ ଦଶପଲ୍ଲା ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ, ସୁମନ୍ତ ନାୟକ ଗତ ୧୫ ତାରିଖରେ ନିଖୋଜ ହୋଇ ଯାଇଥିଲେ। ପରିବାର ପକ୍ଷରୁ ଖୋଜାଖୋଜି ପରେ ଟେର ମିଳି ନ ଥିଲା। ତେବେ ବୁଝାବୁଝିରୁ ଜଣାପଡିଥିଲା ସୁମନ୍ତ କାମ କରିବାକୁ ରାଜସ୍ଥାନ ଯାଇଛନ୍ତି। ଏପରି ସମୟରେ ସେହି ଗାଁର ରବି ବେହେରାଙ୍କ ସ୍ତ୍ରୀ ଶାରଦା ସୁମନ୍ତଙ୍କ ଘରକୁ ଯାଇ ରାଜସ୍ଥାନ ଯିବା ନେଇ କହିଥିଲେ। ସୁମନ୍ତ ରାଜସ୍ଥାନକୁ ରବିଙ୍କ ସହ ଯାଇଛନ୍ତି ବୋଲି କହିଥିଲେ। ପରିବାରର ଚିନ୍ତା କମି ଯାଇଥିବାବେଳେ ସତ ଜାଣିବାକୁ ଫୋନ ଯୋଗେ କଥା ହେବାକୁ କହିଥିଲେ। ଶାରଦା ହଁ କରି ଯାଇଥିଲେ ମଧ୍ୟ ଫୋନରେ କଥାବର୍ତ୍ତା କରି ନ ଥିଲେ। ଗତ ୧୭ ତାରିଖରେ ଶାରଦା ଘରକୁ ଆସି ସୁମନ୍ତଙ୍କ ମୃତ୍ୟୁ ଖବର ଦେଇଥିଲେ। ହେଲେ ମୃତ୍ୟୁର ସତ୍ୟାସତ୍ୟ ଜାଣିବାକୁ ପରିବାର ଚାହିଁ ଥିଲେ। ତେବେ ୧୯ ତାରିଖରେ ପୁଣି ଶାରଦା ଘରକୁ ଆସି ସୁମନ୍ତ ବଞ୍ଚିଥିବା ନେଇ କହିଥିଲେ। ସୁମନ୍ତ ମୃତ କି ଜୀବିତ ଜଣାପଡି ନ ଥିଲେ ହେଁ ଶରଦାଙ୍କ ଦୁଇ ପ୍ରକାରର କଥା ପରିବାର ପାଇଁ ଚିନ୍ତାର କାରଣ ପାଲଟିଛି। ଏ ନେଇ ଦଶପଲ୍ଲା ପୋଲିସ କେବଳ ଅଭିଯୋଗ ପାଇଛି। ମୃତ କି ଜୀବିତ ସୁମନ୍ତ ଜାଣିନି ବୋଲି ସୂଚନା ମିଳିଛି। ପ୍ରକାଶଥାଉ କି ଏପ୍ରିଲରେ ଉକ୍ତ ଗାଁର ଜଣେ ବ୍ୟକ୍ତି ହାଇଦ୍ରାବାଦ ଯାଇ ପ୍ରାଣ ହରାଇଥିଲେ।



ସୁମନ୍ତଙ୍କ ପରିବାର ଲୋକ ଥାନାରେ ଦେଇଥିବା ଅଭିଯୋଗ ପତ୍ର ଦେଖାଉଛନ୍ତି। (ଇନସର୍ଟ) ସୁମନ୍ତ ନାୟକ।

TATA ଉତ୍ପାଦନ
TANISHQ
ଆପଣଙ୍କ ପୁରୁଣା ଗହଣା ଲକର୍‌ରେ ବର୍ଷ–ବର୍ଷ ଧରି ରହିଛି।



ପାଆନ୍ତୁ 100%*
ଏକ୍ସଚେଞ୍ଜ୍ ମୂଲ୍ୟ ଆପଣଙ୍କ ପୁରୁଣା ଗହଣା ଉପରେ।
ଯେକୌଣସି ଗହଣା ଦୋକାନ ରୁ କିଣା ଯାଇଥିବା 22 କ୍ୟାରେଟ୍ ଏବଂ ଅଧିକ ଉପରେ ବୈଧ।
'ନିଜର ଲକର୍‌କୁ ଅନଲକ୍ କରନ୍ତୁ'
ଆଉ ଏକ ସ୍ମାର୍ଟ ଏକ୍ସଚେଞ୍ଜ କରି, ପାଆନ୍ତୁ ଆମ ହଲମାର୍କ ପ୍ରମାଣିତ ଗହଣା କଲେକଶନ ଭିତରୁ ଅସଂଖ୍ୟ ଚମତ୍କାର ଡିଜାଇନସ।
#OldGoldNewDreams
To locate your nearest store and know more on 6366920017. Buy online at tanishq.co.in or Download our App *Conditions apply. Scan QR code
New stores now open at Grand Road-Puri & Chorda Road Bypass-Jajpur Road, Jajpur



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ